

# ତପସ୍ୱିନୀ

( ପର୍ଯ୍ୟାପ୍ତ ମୁଖବନ୍ଧ ଓ ପାଦଟୀକା ସହ )

ସ୍ୱର୍ଗତ ଗଙ୍ଗାଧର ମେହେର

ବିନୋଦ ବିହାରୀ, କଟକ-୨

ପ୍ରକାଶକ

ନାଳନ୍ଦା

ବିନୋଦବିହାରୀ

କଟକ-୨

ପ୍ରଥମ ସଂସ୍କରଣ—୧୯୬୫

ଶ୍ରୀଗୁଣ୍ଡିଚା

ମୁଦ୍ରଣ :

କୃଟିକଳ୍ପ ପ୍ରେସ

କଟକ-୨

●

ପ୍ରଥମ ସର୍ଗ—୧
ଦ୍ୱିତୀୟ ସର୍ଗ—୧୫
ତୃତୀୟ ସର୍ଗ—୩୩
ଚତୁର୍ଥ ସର୍ଗ—୪୭
ପଞ୍ଚମ ସର୍ଗ—୫୭
ଷଷ୍ଠ ସର୍ଗ—୭୮
ସପ୍ତମ ସର୍ଗ—୮୧
ଅଷ୍ଟମ ସର୍ଗ—୧୦୪
ନବମ ସର୍ଗ—୧୨୦
ଦଶମ ସର୍ଗ—୧୩୫
ଏକାଦଶ ସର୍ଗ—୧୮୨

ମୂଲ୍ୟ—ଛଅ ଟଙ୍କା ମାତ୍ର

# ଉତ୍ସର୍ଗ

ଉତ୍କଳଜନନ ଶ୍ରୀମାନ୍ [illegible] ମିତ୍ର, M A.; B.L.

ମହୋଦୟେଷୁ

ଭବଦୀୟ ନିବେଦନମିଦମ୍

ମହାତ୍ମନ୍ !

ଆପଣ ଅନେକ ଦିନରୁ ଛାତ୍ରଙ୍କୁ ଅର୍ଥ ସାହାଯ୍ୟ କରି ସେମାନଙ୍କର ଶିକ୍ଷାର ପଥ ସୁଗମ ଓ ସୁଗମ କରୁଥିବାରୁ ମୁଁ ଉତ୍ସାହିତ ହୋଇଅଛି । ପଥପାର୍ଶ୍ୱରେ ରୋପଣ କରିବା ନିମନ୍ତେ ନାନାବିଧ ଫୁଲ ଗଛର ଆବଶ୍ୟକ ହୋଇଥାଏ, ଏହା ଭାବି ମୁଁ ଏହି ଉପଯୋଗି-ତାମୂଳ ପୁସ୍ତିକାକୁ ଆପଣଙ୍କ କରକମଳରେ ଅର୍ପଣ କଲି । ଫଳ ଦ୍ୱାରା ଅଣା ନ ଥିଲେ ହେଁ ଆପଣ ଏହାକୁ ସାମାନ୍ୟ ଗ୍ରନ୍ଥାଗାର ଉପଯୋଗୀ ବାଳ-ଚକ୍ଷୁ ଦୀପ୍ତି ଗ୍ରହଣ କରି ମୋତେ କୃତାର୍ଥ କରିବା ହେବେ ।

। ଇତି !

ପଦ୍ମପୁର
ତା ୫।୧୦।୧୯୧୪ଖ୍ରୀ

ଭବଦୀୟ ଚିର-କୃତଜ୍ଞ
ଶ୍ରୀ ଗଙ୍ଗାଧର ମେହେର

# ମୁଖବନ୍ଧ

ପିତୃସତ୍ୟ-ରକ୍ଷା ନିମନ୍ତେ ବନବାସୀ ହେବାରୁ ରାମଙ୍କର ଓ ସ୍ୱାମୀଙ୍କର ଅନୁଗାମିନୀ ହେବାରୁ ସୀତାଙ୍କର ଯେଉଁ ମାହାତ୍ମ୍ୟ ପ୍ରକଟିତ ହୋଇଥିଲା, ସୀତାଙ୍କର ନିର୍ବାସନରେ ତାହା ଗୌରବମୟ ହେଲା । ନିର୍ବାସନ-କଷ୍ଟ ସହିବାଦ୍ୱାରା ସୀତାଙ୍କର ସତୀତ୍ୱ ଯେପରି ତେଜୋମୟୀ ହୋଇଥିଲା, ତାଙ୍କର ସ୍ୱର୍ଣ୍ଣମୂର୍ତ୍ତି ପ୍ରତିକୃତି ରଖି ଅଶ୍ୱମେଧ-ଯଜ୍ଞ ସମ୍ପାଦନ କରିବାଦ୍ୱାରା ରାମଙ୍କର ପତ୍ନୀ-ପ୍ରେମ ସେହିପରି ପ୍ରମାଣ ହୋଇଥିଲା । ଉପଯୁକ୍ତ ସ୍ୱାମୀଙ୍କର ଉପଯୁକ୍ତ ପତ୍ନୀ ସୀତା ମିଥ୍ୟାପବାଦରେ ସ୍ୱାମୀକର୍ତ୍ତୃକ ପରିତ୍ୟକ୍ତା ହୋଇଥିଲେ ହେଁ ସ୍ୱାମୀଙ୍କ ହୃଦୟର ପ୍ରେମ ଲୁଟି ପାରିଥିଲେ । ସେ ନିର୍ବାସନକୁ ନିଜର ଭାଗ୍ୟଦୋଷ ବୋଲି ଗ୍ରହଣକରି କିପରି ଦୁଃଖଭାର ଓ ଉତ୍କଣ୍ଠା ଦୂର କରିଥିଲେ, ବନବାସକୁ ପାତି-ବ୍ରତ-ସାଧନା ତପସ୍ୟାରେ ପରିଣତ କରି ତପସ୍ୱିନୀରୂପେ କିପରି ଜୀବନ ଯାପନ କରିଥିଲେ, ତାହା ପ୍ରକଟ କରିବା ଏହି ପୁସ୍ତକର ପ୍ରଧାନ ଉଦ୍ଦେଶ୍ୟ । ସୀତା ଯେପରି ସ୍ୱାମୀଙ୍କର କରୁଣା ଲାଭର ଆଶା ତ୍ୟାଗ କରିଥିଲେ, ମୁଁ ସେହିପରି ତାଙ୍କର ଗୁଣ ଚରିତ ପ୍ରକଟ କରିବାରେ କୃତକାର୍ଯ୍ୟ ହେବାର ଆଶା ତ୍ୟାଗ କରିଅଛି ! ତେବେ ରାମ ତପସ୍ୱିନୀ ସୀତାଙ୍କ ପ୍ରତିମୂର୍ତ୍ତିରେ ହୃଦୟ ଦେବୀଙ୍କୁ ମନୋହାରିଣୀ ମୂର୍ତ୍ତି କରି ଯଜ୍ଞ ସମାଧାନ କରିଥିଲେ । ସେହିପରି ପାଠକବୃନ୍ଦ, ଏଥିରେ ମୋର ତ୍ରୁଟିକୁ ଲକ୍ଷ୍ୟ ନ କରି ନିଜ ନିଜର ହୃଦୟସ୍ଥ ସୀତାଙ୍କର ଉଜ୍ଜ୍ୱଳ, ନିର୍ମଳ ଓ ପବିତ୍ର ଚରିତ୍ର-ଛବି-ଚିତ୍ର-ପଟକୁ ଅନ୍ତରେ ଅନ୍ତରେ ଉଦଘାଟନ କରି ନିଜ-ହୃଦୟର ତୃପ୍ତି ବିଧାନ କରିବେ, ଏତିକିମାତ୍ର ଆଶା ।

ଉପସଂହାରରେ ବକ୍ତବ୍ୟ ଏହି ଯେ, ମୋର ପ୍ରିୟ ସୁହୃଦ ଶ୍ରୀଯୁକ୍ତ ଧନମୋହନ ପଣ୍ଡା ଏହି ପୁସ୍ତକ-ରଚନା ନିମନ୍ତେ ମୋତେ ଯେଉଁ ଉତ୍ସାହ ଦେଇଅଛନ୍ତି, ତାହା ସର୍ବଥା ଅତୁଳନୀୟ । ମୁଁ ତହିଁ ନିମନ୍ତେ ତାଙ୍କଠାରେ ଗଭୀର କୃତଜ୍ଞତା ପ୍ରକାଶ କରୁଅଛି । ଇତି ।

ବରପାଲି
ତା ୫ । ୧୦ । ୧୯୧୪

ଲେଖକ
ଶ୍ରୀ ଗଙ୍ଗାଧର ମେହେର

# ମୁଖବନ୍ଧ

## ଗଙ୍ଗାଧରଙ୍କ ମାନସକନ୍ୟା "ତପସ୍ୱିନୀ"

କବି ଗଙ୍ଗାଧର ମେହେରଙ୍କର ସର୍ବଶ୍ରେଷ୍ଠ କୃତି ତପସ୍ୱିନୀ । ମାତ୍ର ଏହାର ଜନ୍ମକାହାଣୀ ପରୀକ୍ଷା କଲେ କବିଙ୍କର ସର୍ବାଙ୍ଗୀଣ ସାଧନାପୂତ ଜୀବନର ଇତିବୃତ୍ତ ସମ୍ପର୍କରେ ଅନେକ ସୂଚନା ମିଳିଥାଏ । କବି ଥିଲେ ଅତ୍ୟନ୍ତ ଦରିଦ୍ର ପରିବାରର ସନ୍ତାନ । ତେଣୁ ଜୀବନରେ ଅନ୍ନଚିନ୍ତା ଥିଲା ପ୍ରଧାନ ସମସ୍ୟା । ଉଚ୍ଚ ଶିକ୍ଷାଲାଭ କରିବାପାଇଁ ସେ ଆଦୌ ସୁଯୋଗ ଲାଭ କରିପାରି ନ ଥିଲେ । ତେବେ ଏ ସବୁ ସତ୍ତ୍ୱେ ତାଙ୍କର ମନୋରାଜ୍ୟରେ ଭବଭୂତିର ଅନାଗତ "ତପସ୍ୱିନୀ" ପାଇଁ ସତେ ଯେପରି ଏକ ପରିବେଶ ସୃଷ୍ଟି ହୋଇ ଯାଉଥିଲା ।

୧୮୭୫ ଖ୍ରୀଷ୍ଟାବ୍ଦରେ ବରଗଡ ତହସିଲଦାରଙ୍କ ପ୍ରଚେଷ୍ଟାରେ ଗଙ୍ଗାଧର ବରପାଲି ସ୍କୁଲରେ ଭର୍ତ୍ତି ହୋଇଥିଲେ । ଏହି କାଳର ଅନୁଭୂତି କବି ନିଜର ସଂକ୍ଷିପ୍ତ ଆତ୍ମଜୀବନୀରେ ଏହିପରି ଲେଖିଥିଲେ:—

"ପ୍ରଥମେ ନୂଆ ସ୍କୁଲକୁ ଯିବାକୁ ଅନିଚ୍ଛାରୂପେ ଗଲି । ପରେ ମଧ୍ୟାହ୍ନ ସମୟରେ ପଢ଼ାରେ ବଳରାମ ଦାସଙ୍କ ରାମାୟଣ ପାଠ ହେଉ-ଥିବାରୁ ତାହା ଶୁଣିବାର ଲୋଭରେ ଓ ଅବହେଳାରେ କହିବାକୁ ଅନୁପସ୍ଥିତ ନ ହେଲି । କିନ୍ତୁ ପିତାଙ୍କର ପ୍ରେରଣାରେ ପୁନର୍ବାର ଉପସ୍ଥିତ ହେଲି । ନୂଆ ସ୍କୁଲ ଶିକ୍ଷକ ଆମ୍ଭମାନଙ୍କୁ ପଢ଼ାଉଥିବା ସମୟରେ ଆମ୍ଭମାନଙ୍କୁ ପାଠ ଶୁଣିବାକୁ ଏହି କେତେକ ଦିନ "ସୀତା ବନବାସ" (ଈଶ୍ୱରଚନ୍ଦ୍ର ବିଦ୍ୟାସାଗରଙ୍କ ବଙ୍ଗଳା ପୁସ୍ତକ, ଯାହା ବଡ଼ଜେନା ପଟ୍ଟନାୟକଙ୍କ ଦ୍ୱାରା ଓଡ଼ିଆରେ ଅନୁବାଦିତ ହୋଇଥିଲା) ପାଠ କରି-ଥିଲେ । ମୁଁ ତାହା ଶୁଣି ତହିଁରୁ ଅନେକ କଥା ବୁଝିପାରିଥିଲି ।"—

(ଆତ୍ମଜୀବନୀ—ଗ୍ରନ୍ଥାବଳୀ)

ଏ ଦେଶରେ ପ୍ରାଚୀନ ସ୍ମରଣ ଗ୍ରନ୍ଥ ପ୍ରଚଳିତ ହୋଇଥାଏ । ବିଶେଷତଃ ରାମାୟଣ ମହାଭାରତର ଆଦର୍ଶ ଯୁଗ ଯୁଗ ଧରି ଭାରତୀୟ ସମାଜକୁ ଅନୁପ୍ରେରିତ ଓ ଅନୁପ୍ରାଣିତ କରିଆସିଛି । ତେଣୁ ଏ ଦେଶର ଶିଶୁ ବାଳକମାନଙ୍କୁ ପୁରାଣର କାହାଣୀ ଶୁଣିବାକୁ ଆଗ୍ରହ ହୋଇଥାଏ । ଆଲୋଚ୍ୟ ଆତ୍ମଜୀବନୀ ପାଠକଲେ ଜଣାଯାଏ ଯେ ଅତି ବାଲ୍ୟକାଳରୁ ଗଙ୍ଗାଧର ରାମାୟଣ-ପାଠ ଶ୍ରବଣ କରିବାରେ ଆଗ୍ରହୀ ହୋଇ ସ୍କୁଲପାଠ ପ୍ରତି ଅମନୋଯୋଗୀ ହୋଇଥିଲେ ଏବଂ ସେହି ସ୍କୁଲରେ ମଧ୍ୟ ପାଠ୍ୟପୁସ୍ତକ ଲୁଚାଇବରେ ରାମାୟଣ କଥା "ସୀତା ବନବାସ" ପାଠ କରୁଥିଲେ । ତେଣୁ ପ୍ରଥମରୁ ତାଙ୍କର ମନରେ ସୀତାଙ୍କର ଆଦର୍ଶ ଜୀବନର ଉଜ୍ଜ୍ୱଳ କାହାଣୀ ଗଭୀର ଭାବରେ ରେଖାପାତ କରିଥିଲା । ପ୍ରକୃତ ଦୃଷ୍ଟିରୁ ସେହିଦିନୁ ତାଙ୍କର ମାନସ-ଭୂମିରେ ରାମାୟଣ-କଥାର ବୀଜ ବପିତ ହୋଇଥିଲା । ପରବର୍ତ୍ତୀକାଳରେ ଏହି ବୀଜ ବୃକ୍ଷ ହୋଇ "ତପସ୍ୱିନୀ" ରୂପକ ମନୋହର ବୃକ୍ଷରେ ପରିଣତ ହେବାପାଇଁ ଅନୁକୂଳ ପରିବେଶ ସୃଷ୍ଟି ହୋଇଥିଲା । ସେହି କାରଣଗୁଡ଼ିକ ଏହି ଗ୍ରନ୍ଥରେ ସ୍ପଷ୍ଟ ଭାବରେ ପ୍ରକାଶ କରିଥିଲେ, ସେଥିମଧ୍ୟରୁ ଏହା ଏକ କାରଣ ହୋଇପାରେ କାଳିଦାସଙ୍କର ସାହିତ୍ୟର ପ୍ରଭାବ ।

"ମୋର ପଢ଼ା ଏକବର୍ଷ ପୂର୍ଣ୍ଣ ହେଲାରୁ ଶିକ୍ଷକ ମହାଶୟ ନିଜ ଇଚ୍ଛାରେ ୬ଷ୍ଠ ଶ୍ରେଣୀର ଉତ୍ତୋଳନ କଲେ । ୬ଷ୍ଠରେ ସାହିତ୍ୟ ରଘୁବଂଶ, ମେଘଦୂତ, ବୀଜଗଣିତ ପଢ଼ାଇଲେ । କିନ୍ତୁ ଅଳ୍ପଦିନ ପରେ ଅବକାଶ ନେଇ ଘରକୁ [illegible]ରିବାକୁ ସ୍କୁଲ କର୍ତ୍ତୃପକ୍ଷଙ୍କର ନିୟମାନୁସାରେ ୫ମ ଶ୍ରେଣୀ ପର୍ଯ୍ୟନ୍ତ ରହିଲି । ମୋର ପଢ଼ା ମଧ୍ୟ ଶେଷ ହେଲା ।"—

(ଆତ୍ମଜୀବନୀ—ଗ୍ରନ୍ଥାବଳୀ)

ତେବେ ସୁଯୋଗକ୍ରମେ ଗଙ୍ଗାଧର କାଳିଦାସଙ୍କ ରଚିତ ରାମାୟଣ ଅବଲମ୍ବିତ କାବ୍ୟ "ରଘୁବଂଶ" ମଧ୍ୟ ପାଠ କରିଥିଲେ ବାଲ୍ୟଜୀବନରେ । ଓଡ଼ିଆ ରାମାୟଣ, ବିଦ୍ୟାସାଗରଙ୍କ 'ସୀତା ବନବାସ' ସହିତ ମହାକବି କାଳିଦାସଙ୍କର ମନୋଜ୍ଞ କାବ୍ୟରସ ପାନ କରିବା ଫଳରେ ମେହେରଙ୍କ

କବିପ୍ରାଣ ଉଦ୍ବେଳିତ ହୋଇ ଉଠୁଥିଲା । ତାଙ୍କର ମାନସ-ହ୍ରଦରେ ସେତେବେଳେ ଯେଉଁ ତରଙ୍ଗ ସୃଷ୍ଟ ହୋଇଥିଲା, ତାହାର ବର୍ଣ୍ଣନା-ରୂପଚ୍ଛଟା ସ୍ୱତେଜୋପର "ତପସ୍ୱିନୀ" କାବ୍ୟରୂପେ ରୂପ ପରିଗ୍ରହ କଲା ।

## "ତପସ୍ୱିନୀ"ର ଆଦ୍ୟ ଝଙ୍କାର

ସେ ହେଉଛି ୧୮୯୬ ଖ୍ରୀଷ୍ଟାବ୍ଦର କଥା । ଗଙ୍ଗାଧରଙ୍କ କବିପ୍ରାଣ ଉଚ୍ଛୁସି ଉଠିଲା । ସେ ସଂସ୍କୃତ ସାହିତ୍ୟ ଦ୍ୱାରା ପରିପୁଷ୍ଟ ହୋଇଥିଲେ । ତେଣୁ ସେତିକି ପାଣ୍ଡିତ୍ୟର ଶାର୍ଦ୍ଦୂଳ ବିକ୍ରୀଡ଼ିତ ଛନ୍ଦରେ "ଅହଲ୍ୟାସ୍ତବ" ରଚନା କରିଥିଲେ । ଏଥିରେ ପୁରୁଷୋତ୍ତମ ରାମଚନ୍ଦ୍ରଙ୍କର ମହତ୍ତ୍ୱ କୀର୍ତ୍ତିତ ହୋଇଥିଲା । ଭକ୍ତପ୍ରାଣ କବି ଅହଲ୍ୟା ଉଦ୍ଧାରକର୍ତ୍ତା ରାମଚନ୍ଦ୍ରଙ୍କର ଗୁଣଗାନ କରିବାପାଇଁ ଆଗ୍ରହୀ ହୋଇଥିଲେ । ରାମଚନ୍ଦ୍ରଙ୍କର ଦୁଃଖପୂର୍ଣ୍ଣ ଜୀବନ କବିଙ୍କ ମନକୁ ବିଚଳିତ କରିଥିଲା । ଦଶାନନ କୃତ ସୀତାଙ୍କ ଅପହରଣ ଯୋଗୁ ତାଙ୍କ ହୃଦୟରେ ଯେଉଁ ମର୍ମନ୍ତୁଦ ଯାତନା ଅନୁଭବ କରିଥିଲେ ତାହା ଥିଲା କଳ୍ପନାତୀତ । ଏହି କଥାବସ୍ତୁ ଅବଲମ୍ବନରେ ସେ ଲେଖିଲେ "ବିରହବ୍ୟଥିତ ରାମ" । ସଂସ୍କୃତ ଶାର୍ଦ୍ଦୂଳ ବିକ୍ରୀଡ଼ିତ ଛନ୍ଦରେ ଲେଖା "ଅହଲ୍ୟାସ୍ତବ" କବି ମେହେର ରାଧାନାଥଙ୍କ ଅଭିମତ ପାଇଁ ପ୍ରେରଣ କରିଥିଲେ ଏବଂ ୧୮୯୭ ସାଲ ଜାନୁଆରୀ ମାସ ୩୧ 'ତାରିଖରେ ରାଧାନାଥ ତାହାର ପ୍ରାପ୍ତି ସ୍ୱୀକାର କରିଥିଲେ । ମାତ୍ର ସଂସ୍କୃତର ଏହି ଛନ୍ଦ ଲୋକପ୍ରିୟ ହୋଇ ପାରିବ ନାହିଁ ବୋଲି ରାଧାନାଥ ମନ୍ତବ୍ୟ ପ୍ରକାଶ କରିଥିବାରୁ ପରେ କବି ଗଙ୍ଗାଧର "ଅହଲ୍ୟାସ୍ତବ" 'ଲେଖିଥିଲେ ବଙ୍ଗଳାଶ୍ରୀ ବୃତ୍ତରେ । ସେହିପରି 'ବିରହବ୍ୟଥିତ ରାମ' ମଧ୍ୟ ଏହି କାଳରେ ଶାର୍ଦ୍ଦୂଳ ବିକ୍ରୀଡ଼ିତ ବୃତ୍ତରେ ଲିଖିତ ହୋଇଥିଲା । ଉଦାହରଣ ସ୍ୱରୂପ—

"ହେ ଆର୍ଯ୍ୟ ପ୍ରିୟ ଶତ୍ରୁଙ୍କ କପଟେ ମୋ
ଜାନକୀ ନେଇଗଲା,
ଆନନ୍ଦେ ତେଜି ମୋ ନନ୍ଦାକୁଣ୍ଡ ପଟେଶ
ଭୂଲଣି ବର୍ଷା କଲା,

ତାହାଙ୍କୁ କହିବ       ମନୋଗତ କଥା
ମୋ ଦୁଃଖ କେ ବୁଝିବ
ଶାନ୍ତ ବାକ୍ୟ       ଶୋକତପ୍ତ ହୃଦରେ
ଅହ୍ଲାଦେ କେ ସିଞ୍ଚିବ ।
ହା ଶିରୀଷ       ସୁକୋମଳାଙ୍ଗି ! ନଳିନ—
କେଣି ! ଧର୍ମ୍ମମଣ୍ଡନେ !
ହା କର୍ମ୍ମଧୀରେ !       ହା ଚତୁର ଶୋଭନେ !
ଦୁଃଖଦଳନୀ ଖଣ୍ଡନେ !
ହା ପ୍ରିୟେ ! ସୁଚାରୁହାସିନି ! ସୁବଚନେ !
ହା ପୂର୍ଣ୍ଣଚନ୍ଦ୍ରାନନେ ।
ବନ୍ଧୁ ତୋ ବିନୁ       ଶୋକସିନ୍ଧୁ ଜଳରେ
ଭାସିଲି ମୁଁ ଜୀବନେ ।"

ଊନବିଂଶ ଶତାବ୍ଦୀର ଶେଷ ଦଶକରେ ଯେଉଁ କବିତ୍ୱ-ଧାର ବହିତ ହୋଇଥିଲା, ତାହା ଉପର 'ତପସ୍ୱିନୀ'ର ବିଶାଳ ମହାହ୍ରଦରେ ପରିଣତ ହୋଇ ରାମ ହୃଦୟର ଉଚ୍ଛ୍ୱାସକୁ ଅତ୍ୟନ୍ତ ସଫଳ ଏବଂ ମାର୍ମିକ ଭାବରେ ରୂପାୟିତ କରିପାରିଥିଲା ବିଂଶ ଶତାବ୍ଦୀର ଦ୍ୱିତୀୟ ଦଶକରେ, (ତପସ୍ୱିନୀ କାବ୍ୟ ୧୯୧୫ ସାଲରେ ପୁସ୍ତକ ଆକାରରେ ପ୍ରକାଶିତ ହୋଇଥିଲା ।) ତାହା ଏହି କାବ୍ୟର କେବଳ ରାମଙ୍କ ବିରହ-ବ୍ୟଥା ସମ୍ପର୍କରେ କେତେକ ପଂକ୍ତି ଉଦାହରଣ ଦେଲେ ହୃଦୟଙ୍ଗମ ହୋଇପାରିବ ।

"କାନ୍ଦି ଥିବା 'ଘରେ,       ହୃଦ-ପ୍ରେମ-ସରେ
'ମୋ ପ୍ରିୟା-କମଳ-ଦଳ
ଫୁଟିଥିଲୁ ଫୁଟି,       ମକରନ୍ଦ ଲୁଟି
ଭୁଲୁଥିଲା ମନ-ଅଳି ।
ନିଷ୍ଠୁର ଯୁଗଳ       କାହିଁକ ପବନ
ହୋଇ ଛୁଟୁଅଛି ଜଳ,
ଶୁଖିଗଲେ ସର       କମଳିନୀ ମୋର
ହୋଇଯିବ ଛଳ ଛଳ ।

ବଣ ରୁ ପଥର— ବନ୍ଧ ହୋଇ କର
ଭୁଲି ଦେଶ-କାଳ-ନାଳୀ,
ନାଶିକା_ପବନ ନ ବହୁରୁ ଘନ
କମ୍ପିବ ପ୍ରାଣ-ସଙ୍ଗୀତ ।"
(ତପସ୍ୱିନୀ_ଚତୁର୍ଥ ସର୍ଗ)

'ତପସ୍ୱିନୀ'ର ପରିକଳ୍ପନା—

ଗଙ୍ଗାଧର ୮୯୪-୧୯୦୪ ଖ୍ରୀଷ୍ଟାବ୍ଦ ମଧ୍ୟରେ 'ମହିମା' ଓ 'କୀଚକ-ବଧ' ପ୍ରକାଶ କରିଥିଲେ । ଏ ଦୁଇଟି କାବ୍ୟ ଓଡ଼ିଶାର ରସିକ ପାଠକମଣ୍ଡଳୀ ନିକଟରେ ତାଙ୍କୁ ଚିହ୍ନାଇ ଦେଇଥିଲା । ବାସ୍ତବିକ ସେ କାଳର ସାହିତ୍ୟରଥୀଙ୍କ ଉତ୍ଫୁଲ୍ଲସ୍ୱରର ଏବଂ ଦଣ୍ଡ ଅବହେଳିତ କବି ପ୍ରତିଭାର ଭାବ_କଳ୍ପନା ଦର୍ଶନ କରି ଅତ୍ୟନ୍ତ ମୁଗ୍ଧ ହୋଇ ପଡ଼ିଥିଲେ ଏବଂ ଏହି ବ୍ୟକ୍ତି ଯେ ଦିନେ ଓଡ଼ିଆ ଭାଷା ଓ ସାହିତ୍ୟର ମୁଖ ଉଜ୍ଜ୍ୱଳ କରିବ ଏପରି ଆଶା ପୋଷଣ କରିବା ମଧ୍ୟ ସ୍ୱାଭାବିକ ହୋଇଥିଲା । ପରବର୍ତ୍ତୀ କାଳରେ ଏହି ପ୍ରତିଭା ଯେ ବାସ୍ତବିକ ବିକଶିତ ହୋଇଥିଲା, ଏହା ତାଙ୍କର ସାହିତ୍ୟ-ସୃଷ୍ଟି ପ୍ରମାଣିତ କରିଅଛି ।

୧୯୦୯ ସାଲ ପୂର୍ବରୁ କେହି କେହି ବନ୍ଧୁ ତାଙ୍କୁ ରାମାୟଣର ଅନୁବାଦ କରିବା ପାଇଁ ପ୍ରସ୍ତାବ କରିଥିଲେ । ସେମାନେ ମନେ କରିଥିଲେ, ଗଙ୍ଗାଧର ନିଜର ସ୍ୱଚ୍ଛସୁନ୍ଦର ଶୈଳୀ ମାଧ୍ୟମରେ ଯଦି ଜନପ୍ରିୟ ରାମାୟଣର ଅନୁବାଦ କଲେ ତାହା ପାଠକ କୁଳର ଅଧିକ ପ୍ରିୟ ହୋଇ ପାରିବ । ମାତ୍ର ଗଙ୍ଗାଧର ଥିଲେ ବାସ୍ତବିକ ମୌଳିକ ସ୍ରଷ୍ଟା । ସେ ରାମାୟଣ ମହାସାଗରରୁ ତପସ୍ୱିନୀ-ରତ୍ନ ସଂଗ୍ରହ କରିବାକୁ ଇଚ୍ଛା କରିଥିଲେ । ରାମାୟଣର ଉତ୍ତାଳ ତରଙ୍ଗ ବିକ୍ଷୁବ୍ଧ ଗର୍ଭରେ ସେ ଦିଗ୍‌ଭ୍ରାନ୍ତ ହୋଇ ଆସନ୍ତେ କାହିଁକି ?

୨୭-୧୨-୧୯୦୯ ଖ୍ରୀଷ୍ଟାବ୍ଦରେ ସେ ତାଙ୍କର ବନ୍ଧୁଙ୍କ ନିକଟକୁ ଯେଉଁ ପତ୍ର ଲେଖିଥିଲେ, ତହିଁରୁ ତାଙ୍କର କଳ୍ପନା ରାଜ୍ୟର ଆନ୍ଦୋଳନ ସମ୍ପର୍କରେ ସମ୍ୟକ ପରିଚୟ ମିଳିପାରିବ ।

"ମୁଁ ନିଜର ଦୁରବସ୍ଥା, ମନଃପୀଡ଼ା ଓ ସ୍ୱଭାବର ପ୍ରତିକୂଳତା ଯୋଗୁ କିଛି ଲେଖିପାରି ନାହିଁ । ରାମାୟଣ ଅନୁବାଦ କରି ନାହିଁ କି କରୁନାହିଁ । ଫକୀରମୋହନ ବାବୁ ରାମାୟଣ ଅନୁବାଦ କରି ପ୍ରକାଶ କରି ସାରିଥିବାରୁ ମୋର ଆଉ ସେହି ଅନୁବାଦର ବିଶେଷ କିଛି ଫଳ ହେବ ବୋଲି ବୋଧ କରୁନାହିଁ । ଶ୍ରୀକୃଷ୍ଣଚନ୍ଦ୍ର ପଟ୍ଟନାୟକଙ୍କ ଅନୁବାଦିତ ରାମାୟଣ ମଧ୍ୟ ଅତି ସୁନ୍ଦର ଅଛି । ମହାଭାରତର କଥା ମଧ୍ୟ ତାହିଁ । ତେବେ ଉତ୍କଳୀୟ ଦ୍ୱାରା କୌଣସି ଉପାଖ୍ୟାନ ସୁନ୍ଦରତର କଲେ କିଛି ଫଳ ଲାଭ ହୋଇପାରେ ।"

(ଗଙ୍ଗାଧର ପତ୍ରାବଳୀ—ଶିବପ୍ରସାଦ ଦାସ—୧୯୫୬)

ଅନ୍ତତଃ ଚିଠିରୁ ଗଙ୍ଗାଧରଙ୍କର ରସଗ୍ରାହୀ ମନ କିପରି ଚିନ୍ତାଶୀଳ ସ୍ରଷ୍ଟାଙ୍କ ରୂପରେ ଆତ୍ମପ୍ରତିଷ୍ଠା କରୁଥିଲା, ତାହାର ପ୍ରମାଣ ମିଳେ । ଏହି ଚିନ୍ତା ଓ ଚିନ୍ତନରୁ ପରବର୍ତ୍ତୀ କାଳରେ ବାସ୍ତବିକ ମହାଭାରତ ଓ ରାମାୟଣ କଥା ଅଧିକ ସୁନ୍ଦରତର ହୋଇ ପ୍ରଣୟବଲ୍ଲରୀ ଓ ତପସ୍ୱିନୀ ରୂପରେ ଆତ୍ମପ୍ରକାଶ କରିପାରିଥିଲା ।

## ତପସ୍ୱିନୀର ଐଶ୍ୱର୍ଯ୍ୟ -

କାବ୍ୟରେ କବିର ଜୀବନଦର୍ଶନ ପ୍ରତିଫଳିତ ହୁଏ । ତାହାହିଁ ଥିଲା ପ୍ରାଚୀନ ଭାରତର ଆଦର୍ଶ । ତପସ୍ୱିନୀର କାବ୍ୟ-ପୀଠିକା ଆଲୋଚନା ପ୍ରସଙ୍ଗରେ କବି ଗଙ୍ଗାଧରଙ୍କର ସାତ୍ତ୍ୱିକ ମନୋଭାବକୁ ଉପେକ୍ଷା କରାଯାଇପାରିବ ନାହିଁ । କବି ଦରିଦ୍ର କୁଳରେ ଜନ୍ମଗ୍ରହଣ କରିଥିଲେ । ନାନା ଦୁଃଖ ଦୁର୍ଦ୍ଦିନ ମଧ୍ୟରେ ତାଙ୍କର ଜୀବନ ଅତିବାହିତ ହୋଇଥିଲା । ତଥାପି ସେ କେବେହେଲେ ଭୌତିକ ଐଶ୍ୱର୍ଯ୍ୟ ଓ ପ୍ରତିପତ୍ତିକୁ ବଡ଼ ମନେ କରି ନ ଥିଲେ । ଭାରତୀୟ ପ୍ରାଚୀନ ସଂସ୍କୃତିର ଉଜ୍ଜ୍ୱଳ ଆଦର୍ଶ ତାଙ୍କୁ ସର୍ବଦା ପ୍ରେରଣା ଯୋଗାଇ ଆସିଥିଲା । କଠୋର ତ୍ୟାଗପୂତ ଶୃଙ୍ଖଳିତ ଜୀବନ ଏବଂ ନୈତିକ ଜୀବନର ମୂଲ୍ୟବୋଧ ସେମାନଙ୍କର କବିଙ୍କ ପକ୍ଷରେ ଥିଲା ଅତ୍ୟନ୍ତ ମୂଲ୍ୟବାନ । ତେଣୁ ଥରେ ପ୍ରସଙ୍ଗକ୍ରମେ ନିଜ ମନୋଭାବ ବ୍ୟକ୍ତ କରି ସେ ୧୧-୧-୧୯୧୦ ଚିଠିରେ ଲେଖିଥିଲେ ।

"…ଅର୍ଥ ବଡ଼ ନୁହେଁ, ଆଉ ବଡ଼ ଅଟେ । ଯେଉଁମାନଙ୍କର ଧନର ସମବ୍ୟବହାର ହେଉଅଛି ସେମାନେ ପ୍ରକୃତ ଧନୀ ; ଦୈବଧନ ଓ ଅସୁର ଧନ—ଏପରି ଦୁଇ ପ୍ରକାର ଧନ ଅଛି । ଦୈବଧନରେ ସଂସାର କଲ୍ୟାଣ ସାଧିତ ହୁଏ । ଜଗତ ସେହି ଧନରେ ଆଶ୍ରିତ ; ଆଉ ଅସୁର ଧନରେ ଲୋକର ଭୁକ୍ତି ଭୁକ୍ତି ଅନନ୍ତ ହୁଏ । ତହିଁରେ ଜଗତ ସ୍ୱତ । ଦୈବଧନର ଅଧିକାରୀଙ୍କୁ ସଜ୍ଜନମାନେ ପୂଜା କରନ୍ତି ।" (ଗଙ୍ଗାଧର ପତ୍ରାବଳୀ—

ଶିବପ୍ରସାଦ ଦାସ—୧୯୫୪)

ଏହି ଚିଠି ଲେଖିବାର ସ୍ମୃତି ବର୍ଷ ପରେ ତପସ୍ୱିନୀ କାବ୍ୟ ପ୍ରକାଶିତ ହୋଇଥିଲା । କେଉଁ ପଣ୍ଡକଲ୍ପନା ହୃଦୟରେ ରଖି ତପସ୍ୱିନୀ କାବ୍ୟର କଙ୍କାଳ ନିର୍ମିତ ହୋଇଥିଲା, ସେଇ କଥାର ସୂଚନା ପ୍ରଦାନ କରି କବି ମୁଖବନ୍ଧରେ ଲେଖିଥିଲେ ଏହିପରି—

"ପିତୃସତ୍ୟ—ରକ୍ଷା ନିମନ୍ତେ ବନବାସୀ ହେବାକୁ ରାମଙ୍କର ଓ ସ୍ୱାମୀଙ୍କର ଅନୁଗାମିନୀ ହେବାକୁ ସୀତାଙ୍କର ଯେଉଁ ମାହାତ୍ମ୍ୟ ପରିସ୍ଫୁଟ ହୋଇଥିଲା, ସୀତାଙ୍କର ନିର୍ବାସନରେ ତାହା ଗୌରବମଣ୍ଡ ହେଲା । ନିର୍ବାସନ-କଷ୍ଟ ସହିବା ଦ୍ୱାରା ସୀତାଙ୍କର ପତିଭକ୍ତି ଯେପରି ତେଜୋମୟୀ ହୋଇଥିଲା, ତାଙ୍କର ହିରଣ୍ମୟୀ ପ୍ରତିକୃତି ରଖି ଅଶ୍ୱମେଧ-ଯଜ୍ଞ ନିର୍ବାହ କରିବା ଦ୍ୱାରା ରାମଙ୍କର ପତ୍ନୀପ୍ରେମ ସେହିପରି ପ୍ରଦୀପ୍ତ ହୋଇଉଠିଲା । ଉପଯୁକ୍ତ ପତିଙ୍କର ଉପଯୁକ୍ତ ପତ୍ନୀ । ସୀତା ମିଥ୍ୟାପବାଦରେ ସ୍ୱାମୀକର୍ତ୍ତୃକ ପରିତ୍ୟକ୍ତା ହୋଇଥିଲେ ହେଁ ସ୍ୱାମୀଙ୍କର ହୃଦୟର ପ୍ରେମ ଲୁଟିପାରିଥିଲେ । ସେ ନିର୍ବାସନକୁ ନିଜର ଭାଗ୍ୟଦୋଷ ବୋଲି ପତିଭକ୍ତିକୁ ଅଧିକ ଦୃଢ଼ତର ଓ ଉଜ୍ଜ୍ୱଳତର କରିଥିଲେ—ବନବାସକୁ ପତି-ହିତ-ସାଧନ ତପସ୍ୟାରେ ପରିଣତ କରି ତପସ୍ୱିନୀ ରୂପେ ଜଗଦ୍ ହିତ ସାଧନ କରିଥିଲେ, ତାହା ପ୍ରକଟିତ କରିବା ଏହି ପୁସ୍ତକର ପ୍ରଧାନ ଉଦ୍ଦେଶ୍ୟ ।"

ମହାମୁନି ବାଲ୍ମୀକି ସୀତାଙ୍କୁ ବର୍ଣ୍ଣନା କରି ଲେଖିଥିଲେ—
ଧର୍ମପତ୍ନୀ ପ୍ରିୟା ନିତ୍ୟଂ ଭର୍ତ୍ତୁଃ ପ୍ରିୟହିତେ ରତା ।"

ରାମଚନ୍ଦ୍ର ବନବାସ ଉଦ୍ଦେଶ୍ୟରେ ସୀତାଙ୍କ ମନ୍ଦିରରେ ପ୍ରବେଶ କରି ତାଙ୍କଠାରୁ ବିଦାୟ ମାଗିଲେ । ଏହି ସମୟରେ ସେ ଦୀର୍ଘ ଚଉଦ ବର୍ଷକାଳ ବ୍ରତ, ଉପବାସ, ଦେବପୂଜା ପ୍ରଭୃତି କରି ଆତ୍ମନିୟୋଗ କରିବେ, ଏ ସମ୍ପର୍କରେ ରାମଚନ୍ଦ୍ର ପରାମର୍ଶ ଦେଇଥିଲେ । ମାତ୍ର ଏହି ପ୍ରସ୍ତାବର ଉତ୍ତରରେ ସତୀ ସୀତା ତାଙ୍କୁ କହିଥିଲେ ଯେ ଶାସ୍ତ୍ରୀୟ ସ୍ମୃତି ଓ ସଦାଚାର ପରମ୍ପରାରେ ନାରୀ ନିଜ ସ୍ୱାମୀର କର୍ମଫଳ ଭୋଗ କରେ ବୋଲି ସେ ବିଶ୍ୱାସ କରନ୍ତି । ଏଣୁ ପତିଙ୍କ ସହିତ ବନବାସ ହିଁ ତାଙ୍କର ଏକମାତ୍ର ଧ୍ୟେୟ । ଏହି ଦୃଷ୍ଟିରୁ ବନବାସ କ୍ଳେଶକୁ ସୀତା ଅକାତରେ ସହ୍ୟ କରି ପାରିଥିଲେ ।

ତେବେ ଅଶୋକ ବନରେ ବନ୍ଦିନୀ ଅବସ୍ଥାରେ ସୀତା ଅତ୍ୟନ୍ତ ମର୍ମାହତ ହୋଇ ଏପରି କେତେକ ଭାବ ପ୍ରକାଶ କରିଥିଲେ, ଯାହା ତାହାଙ୍କୁ ସାଧାରଣ ମାନବୀ ସ୍ତରକୁ ଓହ୍ଲାଇ ଆଣିଛି । ଏକଦା ବିଳାପ କରୁ କରୁ ସୀତାଙ୍କ ମୁଖରେ ଏହିପରି ବାକ୍ୟ ରାମାୟଣକାର ମହର୍ଷି ବାଲ୍ମୀକି ଶୁଣାଇଛନ୍ତି—

ପିତୁର୍ନିର୍ଦ୍ଦେଶଂ ନିୟମେନ କୃତ୍ୱା
ବନାନ୍ନିବୃତ୍ତଶ୍ଚରିତବ୍ରତଶ୍ଚ
ସ୍ତ୍ରୀଭିସ୍ତୁ ମନ୍ୟେ ବିପୁଳେକ୍ଷଣାଭିଃ
ସଂରଂସ୍ୟସେ ବୀତଭୟଃ କୃତାର୍ଥଃ । ଇତ୍ୟାଦି

ହେ ବୀର ରାମଚନ୍ଦ୍ର, ମୋର ମନେ ହେଉଛି, ପିତାଙ୍କ ଆଦେଶ ପାଳନ ପୂର୍ବକ ବନରୁ ଫେରିଆସି ତୁମେ ଅତ୍ୟନ୍ତ ସନ୍ତୋଷ ସହକାରେ ସୁନ୍ଦରୀ ରମଣୀମାନଙ୍କ ସହିତ କାମକ୍ରୀଡ଼ାରେ ରତ ରହିବ । ମୁଁ କେବଳ ଆପଣଙ୍କର ଅନୁରକ୍ତା । ମୋର ଭାଗ୍ୟ ଓ କୃତ ଦେବାର୍ଚ୍ଚନ ବିଫଳ ହୋଇଅଛି । ଏହି ଦୁଃଖରେ ମୁଁ ଜୀବନ ହାରିଦେବି ।”

ସେ ଯାହାହେଉ, ଏଠାରେ ବାଲ୍ମୀକିଙ୍କ ସୀତା ରାମଙ୍କ ପବିତ୍ର ଚରିତ୍ରରେ ସନ୍ଦେହ ଆରୋପ କରିଛନ୍ତି । ଅଜାଣତରେ ବନ ମଧ୍ୟରେ ଲକ୍ଷ୍ମଣଙ୍କୁ

ମଧ୍ୟ ସେ ସନ୍ଦେହ କରିଥିଲେ । କାରଣ ସ୍ୱର୍ଣ୍ଣମୃଗ ଶିକାର କରିବା ପାଇଁ ରାମଚନ୍ଦ୍ର ବହିର୍ଗତ ହେବା ପରେ ମାୟାବୀ ମାରୀଚର "ଲକ୍ଷ୍ମଣ ରକ୍ଷ" ଶବ୍ଦ ଶୁଣି ସୀତା ବ୍ୟାକୁଳିତା ହୋଇପଡ଼ିଲେ ଏବଂ ସେ ଲକ୍ଷ୍ମଣଙ୍କୁ ରାମଙ୍କ ସମୀପକୁ ଯିବାପାଇଁ ଅନୁରୋଧ କଲେ । ମାତ୍ର ଲକ୍ଷ୍ମଣ ତାହା ରାମଙ୍କର ବାକ୍ୟ ଲଙ୍ଘନ ହେବ ବୋଲି ଯେତେବେଳେ ସ୍ୱୀକାର ନକରିଲେ ମଧ୍ୟ ବ୍ୟାକୁଳିତା ସୀତା ଇତର ନାରୀଙ୍କ ପରି ଲକ୍ଷ୍ମଣଙ୍କୁ ଅତ୍ୟନ୍ତ ଅଭିଯୋଗ ବାକ୍ୟମାନ ଶୁଣାଇଥିଲେ ।

ବାଲ୍ମୀକି ଲେଖିଛନ୍ତି ଏହିପରି—

ତମୁବାଚ ତତ ସ୍ତତ୍ର କୁପିତା ଜନକାତ୍ମଜା
ସୌମିତ୍ରେ ମିତ୍ରରୂପେଣ ଭ୍ରାତୁସ୍ତ୍ୱମସି ଶତ୍ରୁବତ୍ ।

ଲକ୍ଷ୍ମଣଙ୍କୁ ଅବିଚଳିତ ଦେଖି ସୀତା ଅତ୍ୟନ୍ତ କ୍ରୋଧ ପରବଶ ହୋଇ କହିଲେ —ହେ ଲକ୍ଷ୍ମଣ ! ଏହି ପ୍ରକାର ବିପଦରେ ତୁମେ ବଡ଼ଭାଇଙ୍କର ସାହାଯ୍ୟ ପାଇଁ ଅଗ୍ରସର ହେଉ ନାହିଁ । ଏଥିରୁ ଜଣାଗଲା ତୁମେ ପ୍ରକାଶ୍ୟରେ ମିତ୍ରଭାବ ଅବଲମ୍ବନ କରି ଗୋପନରେ ତାଙ୍କର ପରମ ଶତ୍ରୁତା ଆଚରଣ କରୁଅଛ । ବୋଧହୁଏ ମୋ ପ୍ରତି ଲୋଭପରବଶ ହୋଇ ତୁମେ ରାମଙ୍କୁ ବିନାଶ କରିବାକୁ ଇଚ୍ଛା କରୁଛ ।

ପୁନର୍ବାର ସେ କହିଛନ୍ତି—

ଅନାର୍ଯ୍ୟ କରୁଣାରମ୍ଭ ନୃଶଂସ କୁଳପାଂଶନ
ଅହଂ ତବ ପ୍ରିୟଂ ମନ୍ୟେ ରାମସ୍ୟ ବ୍ୟସନଂ ମହତ୍"

ସୀତାଙ୍କୁ ଏକାକୀ ବନରେ ରଖି ଲକ୍ଷ୍ମଣ ଯିବେ ନାହିଁ ବୋଲି କହିବାରୁ ସୀତାଦେବୀ ଲକ୍ଷ୍ମଣଙ୍କୁ ନିର୍ଦ୍ଦୟ, ଅନାର୍ଯ୍ୟ ବୋଲି ସମ୍ବୋଧନ କରିଛନ୍ତି । ଏପରି ଅନୁକମ୍ପା ପ୍ରଦର୍ଶନ ମୂଳରେ ସେ ଲକ୍ଷ୍ମଣଙ୍କର ନିଶ୍ଚୟ ଅସତ୍ ଅଭିପ୍ରାୟ ନିହିତ ଅଛି, ଏହାହିଁ ସୀତାଙ୍କର ଅଭିଯୋଗ । ତାଙ୍କପରି କଦର୍ଯ୍ୟ ଗୁପ୍ତ ଶତ୍ରୁ ମନରେ ଯେ ନିଶ୍ଚୟ ଅସଦ୍ ଅଭିପ୍ରାୟ ଲୁକ୍କାୟିତ ଥାଏ ଏଥିରେ ବିଚିତ୍ରତା କଣ ଅଛି ।

ଲଙ୍କାଯୁଦ୍ଧର ଅବସାନ ପରେ ରାମ ଅଙ୍ଗଦ ଓ ବାନରଗଣ, ଦେବତାଙ୍କ ସମ୍ମୁଖରେ ସୀତାଙ୍କ ଚରିତ୍ରରେ ସନ୍ଦେହ ପ୍ରକାଶ କରି ତାହାଙ୍କୁ ପରିତ୍ୟାଗ

କରୁଛନ୍ତି ବୋଲି କହୁଥିଲେ ! କାରଣ ସେ ଏତେକାଳ ଅସୁର ନିକଟରେ ବନ୍ଦିନୀ ଥାଇ ଦୂଷିତା ହୋଇପଡ଼ିଥିବା ସ୍ତ୍ରୀଲୋକ । ଏଥିରେ ବାଲ୍ମୀକିଙ୍କ ସୀତା ଅତ୍ୟନ୍ତ ଲଜ୍ଜା ଓ କ୍ରୋଧରେ ରାମଚନ୍ଦ୍ରଙ୍କୁ ଧିକ୍କାର କରିଛନ୍ତି—

କିଂ ମାମସଦୃଶଂ ବାକ୍ୟମୀଦୃଶଂ ଶ୍ରୋତ୍ରଦାରୁଣମ୍
ରୁକ୍ଷଂ ଶ୍ରାବୟସେ ବୀର ପ୍ରାକୃତଃ ପ୍ରାକୃତାମିବ ।”

ହେ ବୀର ରାମଚନ୍ଦ୍ର ! ନିମ୍ନ ଶ୍ରେଣୀର ପୁରୁଷ ନିମ୍ନଶ୍ରେଣୀର ନାରୀକୁ ଯେରୂପେ କହିଥାଆନ୍ତି, ଆପଣ ମୋତେ ସେହିପରି କଠୋର, ଅନୁଚିତ ଓ ଶ୍ରୁତିକଟୁ ବାକ୍ୟ ଶୁଣାଉଛନ୍ତି । ମୁଁ ଶପଥ କରି କହୁଛି । ମୋ ଚିତ୍ତ ଆପଣଙ୍କ ପ୍ରତି ସ୍ଥିର ରହିଅଛି ।

ଯାହାହେଉ, ସେ ଲକ୍ଷ୍ମଣଙ୍କୁ ଉଦ୍ଦେଶ୍ୟ କରି କହୁଛନ୍ତି ଯେ ସ୍ୱାମୀ ପରିତ୍ୟକ୍ତା ଓ ଅପବାଦଗ୍ରସ୍ତା ସୀତାର ଜୀବନରେ ରହିବାର ଆଉ କି ମୂଲ୍ୟ ଅଛି । ହେ ଲକ୍ଷ୍ମଣ ! ତୁମେ ଅଗ୍ନି ପ୍ରସ୍ତୁତ କର । ତହିଁରେ ପ୍ରବେଶ କରି ମୋର କର୍ମଫଳ ଭୋଗ କରିବି ।

ରାମାୟଣରେ ଉପସଂହାର ଅତ୍ୟନ୍ତ ଦୁଃଖପ୍ରଦ । ଦୁଃଖିନୀ ସୀତା ଦୀର୍ଘ ବାରବର୍ଷ କାଳ ବାଲ୍ମୀକି ଆଶ୍ରମରେ ପରିତ୍ୟକ୍ତା ହୋଇ ଜୀବନ ଯାପନ କଲାପରେ ଅଶ୍ୱମେଧ ଯଜ୍ଞ ସ୍ଥଳରେ ବାଲ୍ମୀକି ମହର୍ଷି ତାଙ୍କର ସତୀତ୍ୱ ଏବଂ ନିଷ୍ପାପ ଜୀବନ ସମ୍ପର୍କରେ ସାଧାରଣ ସଭାସ୍ଥଳରେ ବକ୍ତୃତା ଦେବାକୁ ମନେ କରୁଥିଲେ, ବୋଧହୁଏ ଏଣିକି ସୀତାଙ୍କର ଦୁଃଖଭଣ୍ଡାର ଅପସରିଯିବ । ମାତ୍ର ସେଠାରେ ମଧ୍ୟ ରାମଚନ୍ଦ୍ର ପ୍ରଜାନୁରଞ୍ଜନ ଉଦ୍ଦେଶ୍ୟରେ ସୀତାଙ୍କର ସତୀତ୍ୱର ପରୀକ୍ଷା ମାଗିଲେ । ତେଣୁ ସେ ଦାରୁଣ ଅଭିମାନରେ ପୃଥିବୀ ଗର୍ଭରେ ଲୀନ ହୋଇଗଲେ ବୋଲି ରାମାୟଣକାର ଲିପିବଦ୍ଧ କରିଯାଇଅଛନ୍ତି ।

“ଯଥାହଂ ରାଘବାଦନ୍ୟଂ ମନସାପି ନ ଚିନ୍ତୟେ
ତଥା ମେ ମାଧବୀ ଦେବୀ ବିବରଂ ଦାତୁମର୍ହତି
ମନସା କର୍ମଣା ବାଚା ଯଥା ରାମଂ ସମର୍ଚୟେ
ତଥା ମେ ମାଧବୀ ଦେବୀ ବିବରଂ ଦାତୁମର୍ହତି

ଯଦୈତସ୍ୱନ୍ୟମୂଲ୍ୟଂ ମେ ଦେବ ରାମାତ୍ ପରଂ ନ ଚ
ତଥା ମେ ମାଧବୀ ଦେବୀ ବିବରଂ ଦାତୁ ମର୍ହତି ।

ସୀତା କହୁଛନ୍ତି—ରାମଚନ୍ଦ୍ରଙ୍କ ଭିନ୍ନ ଅନ୍ୟ କୌଣସି ପୁରୁଷଙ୍କୁ ସ୍ୱପ୍ନରେ ସୁଦ୍ଧା ସ୍ଥାନ ଦେଇନାହିଁ । ମନରେ, ବଚନରେ, କର୍ମରେ କେବଳ ରାମଙ୍କର ଆରାଧନା କରିଆସିଛି । ରାମଚନ୍ଦ୍ରଙ୍କ ବିନା ଆଉ କାହାକୁ ଜାଣେ ନାହିଁ । ଯେବେ ଏହା ସତ୍ୟ, ତେବେ ହେ ପୃଥିବୀମାତା ମୋତେ କୋଳରେ ସ୍ଥାନ ଦିଅ ।

## ରଘୁବଂଶରେ ସୀତାଙ୍କର ଆକ୍ଷେପ

ବାଚ୍ୟସ୍ତ୍ୱୟା ମଦ୍‌ବଚନାତ୍ ସ ରାଜା ବହ୍ନୌ ବିଶୁଦ୍ଧାମପି ଯତ୍ସମକ୍ଷମ୍
ମାଂ ଲୋକବାଦ ଶ୍ରବଣାଦହାସୀଃ ଶ୍ରୁତସ୍ୟ କିଂ ତତ୍ସଦୃଶଂ କୁଳସ୍ୟ
(ରଘୁବଂଶ)

ଲକ୍ଷ୍ମଣ ଅତ୍ୟନ୍ତ ଦୁଃଖପୂର୍ଣ୍ଣ ହୃଦୟରେ ସୀତାଙ୍କୁ ରାମଚନ୍ଦ୍ର ପରିତ୍ୟାଗ କରିଛନ୍ତି ବୋଲି ଜଣାଇଲେ । ଲୋକାପବାଦ ଭୟରେ ରାମଚନ୍ଦ୍ର ପତ୍ନୀଙ୍କୁ ବିସର୍ଜନ କରିଥିବାରୁ କାନ୍ଦଣାସ୍ୱରରେ ସୀତା ପ୍ରବଳ ପ୍ରତିବାଦ କରିଛନ୍ତି । ସେ ଲକ୍ଷ୍ମଣଙ୍କୁ ଅନୁରୋଧ କରିଛନ୍ତି ରାମଚନ୍ଦ୍ରଙ୍କୁ ଏହି ବାର୍ତ୍ତା ଜଣାଇବା ପାଇଁ - "ରାମଚନ୍ଦ୍ର ଲଙ୍କାଦ୍ୱୀପରେ ସୀତାଙ୍କୁ ଅଗ୍ନିରେ ପରୀକ୍ଷା କରିଥିଲେ । ଅଗ୍ନିସ୍ନାନ କରି ସୀତାଦେବୀ ନିଜର ପବିତ୍ରତା ସମ୍ପର୍କରେ ଦେବତା, ବାନର ଏବଂ ଋଷିମାନଙ୍କ ଆଗରେ ରାମଚନ୍ଦ୍ରଙ୍କୁ ପ୍ରମାଣ ପ୍ରଦାନ କରିଥିଲେ । ଏ ସବୁ ସତ୍ତ୍ୱେ ଜନ ଅପବାଦ ଭୟରେ ରାମଚନ୍ଦ୍ର ସୀତାଙ୍କୁ ପରିତ୍ୟାଗ କରିବା ଆଦୌ ସମୀଚୀନ ହୋଇନାହିଁ । ରାମଚନ୍ଦ୍ର ବିଖ୍ୟାତ ସୂର୍ଯ୍ୟବଂଶର ରାଜା । ସେହି ବଂଶର ଅଧିକାରୀ ହୋଇ ଏପରି ଅନ୍ୟାୟ କର୍ମ କରିବା ଆଦୌ ବିଧିସଙ୍ଗତ ହୋଇନାହିଁ ।

ରାମାୟଣରେ ମଧ୍ୟ ସୀତା ରାମଚନ୍ଦ୍ରଙ୍କୁ ନଟକାଠର ପୁରୁଷ ପରି ରୂକ୍ଷ ବଚନ କହୁଛନ୍ତି ବୋଲି ଅଭିଯୋଗ କରିଥିଲେ । ମାତ୍ର ଗଙ୍ଗାଧର ମେହେରଙ୍କ ତପସ୍ୱିନୀରେ ସୀତାଙ୍କୁ ଅତ୍ୟନ୍ତ ନମ୍ରସ୍ୱଭାବା ଏବଂ ଆଦର୍ଶସ୍ଥାନୀୟା ରମଣୀ ରୂପରେ ଚିତ୍ରଣ କରିଛନ୍ତି ।

## ତପସ୍ୱିନୀର ସୀତାଙ୍କର ଆଦର୍ଶ

ସମଗ୍ର ବାଲ୍ମୀକି ରାମାୟଣ ଏକ ଦୁଃଖାତ୍ମକ କାବ୍ୟ । ଏଥିରେ ରାମଚନ୍ଦ୍ର କେବଳ କେବଳ ଦୁଃଖର ସାଗରରେ ବିଚଳିତ ହୋଇ ସ୍ୱାର୍ଥବାଦୀ ହୋଇ ପଡ଼ିଛନ୍ତି । ରାମାୟଣର ପ୍ରାୟ ପ୍ରତ୍ୟେକଟି ଚରିତ୍ର ଏଥିରୁ ମୁକ୍ତ ହୋଇ ପାରି ନାହାନ୍ତି । କିନ୍ତୁ ତପସ୍ୱିନୀ ସୀତା ଏଥିରେ ସମ୍ପୂର୍ଣ୍ଣ ବ୍ୟତିକ୍ରମ କହିଲେ ଅତ୍ୟୁକ୍ତି ହେବ ନାହିଁ । ସେ ଧୀରଚିତ୍ତରେ ନିଜ ଜୀବନର ଦୁଃଖରାଶିର ସମ୍ମୁଖୀନ ହୋଇଛନ୍ତି । ଏଥିପାଇଁ ଗଭୀର ଆତ୍ମସମୀକ୍ଷା କରି ନିଜର କ୍ରିୟାକଳାପର ଦୋଷାନ୍ୱେଷଣ କରିଛନ୍ତି । ସେଠାରେ ଅନ୍ୟକୁ ଅଭିଯୋଗ କରି ସେ ମାନସିକ ଦୁର୍ବଳତା ଅଥବା ଚିତ୍ତ-ଚଞ୍ଚଳତା ପ୍ରକାଶ କରି ନାହାନ୍ତି ବରଂ ଅନୁତାପ-ଅଗ୍ନିରେ ବାରମ୍ବାର ନିଜକୁ ଦଗ୍ଧ କରିଛନ୍ତି ।

ସେଥିପାଇଁ ଆଶ୍ରମରେ ଋଷି ଆଗରେ ନିଜର ଜୀବନର କାହାଣୀ ବର୍ଣ୍ଣନା କରୁବେଳେ ସୀତା ଘୋଷଣା କରିଛନ୍ତି—

"ହୋଇଲେ ପତି, ସଖି, ମୋ' ଦୁର୍ବିପାକ
ଘଟାଇଅଛି ଏକା ମୋ' ଦୁଃଖପାକ;
ମୋ କର୍ମ ପାଇଁ ଦୋଷୀ ନୁହନ୍ତି ସାଧି,
କାନ୍ତ ତ ଥିଲେ ମୋ କରୁଣା-ନିଧି ଗୋ ।"

ମୋଟଉପରେ ସୀତାଙ୍କ ଦୃଷ୍ଟିରେ ରାମଚନ୍ଦ୍ର କରୁଣାର ଅବତାର । ସେ କେବେହେଲେ କାହାରି ପ୍ରତି ଅବିଚାର କରିବା ସମ୍ଭବ ନୁହେଁ । ପରିତ୍ୟକ୍ତା ଜୀବନର ଦୁଃଖରେ ସୀତା ଜର୍ଜରିତା ହେଉଥିଲେ ହେଁ ଆଦୌ ସ୍ୱାମୀ-ନିନ୍ଦା କରିନାହାନ୍ତି । ବରଂ ଏଥିପାଇଁ ସେ ନିଜର କର୍ମକୁ ଦାୟୀ କରିଛନ୍ତି । ପ୍ରିୟସଖୀ ଆଶ୍ଚର୍ଯ୍ୟ ହୋଇ ମତାମତ ଦେଇଛି—

"ତୋ ପର ସାଧ୍ୱୀ ପାଇ ଦାରୁଣ ବ୍ୟଥା
ନ ନିନ୍ଦୁ ବିଧି, ଏ ତ ଅଦ୍ଭୁତ କଥା ଗୋ ।"

ସୀତା ପତିକୁଳର ଉତ୍କର୍ଷ ମହାନତା ନାସ୍ତି । ସେ ଅନେକ ଆଦର୍ଶ ହୋଇଛନ୍ତି ସେତେବେଳେ ଯୁବକ ତାଙ୍କୁ ଉପହାସ କରିଦେଲେ,

ରାମଙ୍କର ଅବର୍ତ୍ତମାନରେ ସେ ଦେହକୁ ଧାରଣ କରି ବଞ୍ଚିଲେ କିପରି ? ଏହି ପାପର ଦୁଃଖ ସେ ଭୋଗ କରୁ ନାହାନ୍ତି କି ? ସତୀ ସୀତା ସର୍ବଦା ରାମଗତପ୍ରାଣା ଥିଲେ । ଅଶୋକବନ ତାଙ୍କର ଏହି ନିଷ୍ଠା ଚରମୋତ୍କର୍ଷ ଥିଲା । ତେଣୁ ସେ ସ୍ମରଣ କରିଛନ୍ତି—

"ଯାବତ ଜୀବନେ ମୋ ଥିବ ସ୍ମରଣ
କୌଶଲ୍ୟାସୁତ ଏକା ମୋର ଶରଣ ।"

ଭାରତୀୟ ସଂସ୍କୃତିରେ ସତୀ ସ୍ତ୍ରୀ ପକ୍ଷରେ ପତିଅନୁରକ୍ତି ଓ ସ୍ୱାମୀ ସେବା କାର୍ଯ୍ୟରେ ସର୍ବଶ୍ରେଷ୍ଠ ସାଧନା । ସୀତା ଏହି କ୍ଷେତ୍ରରେ ସର୍ବଶ୍ରେଷ୍ଠ ସାଧିକା ।

ସୀତା ଏଠାରେ ଶକ୍ତିରୂପିଣୀ ଦୁର୍ଗା । ସେ ସାଧାରଣ ଦୁର୍ବଳା ନାରୀପରି ବିଚଳିତା ହୋଇ ନାହାନ୍ତି କିମ୍ବା ଅଭିଯୋଗ କରିନାହାନ୍ତି । ସୂର୍ଯ୍ୟବଂଶର ଯୋଗ୍ୟ ଦାୟାଦ୍ ରୂପେ କୀର୍ତ୍ତି ପ୍ରତିଷ୍ଠା କରିଛନ୍ତି ବୋଲି ସେ ରାମଙ୍କୁ ପ୍ରଶଂସା କରି ଗର୍ବିତା ହୋଇଛନ୍ତି । ତେଣୁ ନିର୍ବାସିତା ସୀତା ଜଗତ ସମକ୍ଷରେ କହୁଛନ୍ତି—

"କୀର୍ତ୍ତି-ଅନୁରୋଧେ ପିଆ କଲ ମୋତେ ତ୍ୟାଗ
ଏ ରଘୁର ଉପଯୁକ୍ତ କର୍ମ ମହାଭାଗ ।"

ବରଂ ରାମଚନ୍ଦ୍ରଙ୍କ ସହଧର୍ମିଣୀ ରୂପରେ ସେ ତାଙ୍କର ବହୁ ଦୁଃଖର କାରଣ ହୋଇଥିବାରୁ ବିଚଳିତା ହୋଇଛନ୍ତି । ମର୍ଯ୍ୟାଦା ପୁରୁଷୋତ୍ତମ ରାମଚନ୍ଦ୍ର ଅକଳଙ୍କ ହୋଇଲେହେଁ ତାଙ୍କର କୀର୍ତ୍ତିରୂପକ ପତାକାରେ ସୀତାଙ୍କର କଳଙ୍କିତ ଜୀବନର ଦାଗ ଲିପିବଦ୍ଧ ହୋଇଯିବାର ଆଶଙ୍କା ପୋଷଣ କରି ସେ ନିଜକୁ ଧିକ୍କାର କରିଛନ୍ତି । ବସ୍ତୁତଃ ସୀତାଙ୍କର ସ୍ୱାମୀଅନୁରକ୍ତି ବାସ୍ତବିକ ଅନନ୍ୟ ସାଧାରଣ । ସେ ନିଜର ଅପବାଦ ବିଷୟରେ ଆଦୌ କ୍ଷୁବ୍ଧ ହୋଇ ନାହାନ୍ତି । ଅଗ୍ନି ପରୀକ୍ଷା ଦ୍ୱାରା ନିଜର ସତୀତ୍ୱର ପରାକାଷ୍ଠା ପ୍ରଦର୍ଶିତ ହୋଇଛି ବୋଲି ସେ ସର୍ବଦା ସଚେତନ । ବରଂ ସ୍ୱାମୀଙ୍କ ପାଇଁ ସେ ଯେ କୌଣସି ପ୍ରକାର ଦୁଃଖ ବରଣ କରିବେ ବୋଲି ପ୍ରସ୍ତୁତ ହୋଇଛନ୍ତି । ତାଙ୍କର କାମନା ଏହିପରି—

"ମୁଁ କି ସ୍ମର, ଯେହ୍ନ ତୁମ୍ଭ ପ୍ରକୃତି-ରଞ୍ଜନ
ମୁଁ ମଲେ, ତୁମ୍ଭର ସେହ୍ନ କଳଙ୍କ-ଭଞ୍ଜନ ।"

ସୀତା ଜାଣନ୍ତି ଯେ ରାମଚନ୍ଦ୍ର ତାଙ୍କର ଅବର୍ତ୍ତମାନରେ ଅତ୍ୟନ୍ତ ଦୁଃଖ ଅନୁଭବ କରୁଥିବେ । କର୍ତ୍ତବ୍ୟର ଅନୁରୋଧରେ ସୀତାଙ୍କୁ ପରିତ୍ୟାଗ କଲେ ହେଁ ସେ ବାରମ୍ବାର ବିବେକ-ଦଂଶନ ଦୁଃଖରେ ବିଚଳିତ ହୋଇପଡ଼ୁଥିବେ । ରାମଙ୍କର ସେହି ଦୁଃଖାନୁଭୂତି "ଉତ୍ତର ରାମଚରିତରେ"ରେ ସାର୍ଥକ ଭାବରେ ବର୍ଣ୍ଣିତ ହୋଇଅଛି ।

"ଶୋକେ ବିଦଳିତ ହୃଦୟ ଯାଉନାହିଁ ତ ଫାଟି"
ମୋହେ ବାରମ୍ବାର ପୀଡ଼ିତ ସଂଜ୍ଞା ନ ଯାଏ ତୁଟି ।
ଅନ୍ତର୍ଦାହେ ସଦା ସନ୍ତପ୍ତ ଭସ୍ମ ନୋହିଲା ତନୁ
ମର୍ମ କାଟୁଛି ଦଇବ ମାରୁନାହିଁ ଜୀବନ୍ତୁ ।"

(ଅନୁବାଦ—ମଧୁସୂଦନ ରାଓ)

ତେଣୁ ମେହେରଙ୍କର ସୀତା ରାମଙ୍କୁ ତାଙ୍କର ଖବରେ ଅନୁରୋଧ କରିଛନ୍ତି ତାଙ୍କୁ ସଂପୂର୍ଣ୍ଣ ଭୁଲିଯିବାପାଇଁ । ରାମଙ୍କର ଦୁଃଖ ତାଙ୍କ ପକ୍ଷରେ ଏକାନ୍ତ ଅସହ୍ୟ ।

ମୂଳ ରାମାୟଣ ଓ ଅନ୍ୟତର ରାମାୟଣ-କଥା ଗୁଡ଼ିକରେ ସୀତା ରାମଚନ୍ଦ୍ରଙ୍କୁ ଧିକ୍କାର କରିବାବେଳେ ଗଙ୍ଗାଧର ସୀତାଙ୍କୁ କରିଛନ୍ତି ସହନଶୀଳତା ଓ ଉଦାରତାର ଅପୂର୍ବ ଦେବୀମୂର୍ତ୍ତି । ବରଂ ତାଙ୍କ ଦୃଷ୍ଟିରେ ରାମଚନ୍ଦ୍ର ଅନ୍ତର ଦେବତା । ସୀତା-ଅପବାଦ ସଂବାଦ ଶ୍ରବଣ କଲେ ହେଁ ଏବଂ ସେଥିପାଇଁ ହୃଦୟରେ ଅପାର ଅଶାନ୍ତି ଭୋଗ କଲେ ହେଁ ସେ ସୀତାଙ୍କ ପ୍ରତି ଅଦୌ କଠୋର ବାକ୍ୟ ପ୍ରୟୋଗ କରିନାହାନ୍ତି । ବରଂ ମଧୁମୟୀ କଥା ଶୁଣାଇ ସେ ସୀତାଙ୍କୁ ବିଦାୟ ପ୍ରଦାନ କରିଛନ୍ତି । ମନୁଷ୍ୟ ହେଉଛି ଅବସ୍ଥାର ଦାସ ଏବଂ ସର୍ବଦା କର୍ମଫଳ ଭୋଗ କରିବାକୁ ବାଧ୍ୟ । ସୀତା ଏହି ଦର୍ଶନରେ ସର୍ବଦା ବିଶ୍ୱାସ କରିଆସିଛନ୍ତି । ତେଣୁ ଭାଗ୍ୟକୁ ନିନ୍ଦା ନ କରି ସେ କହୁଛନ୍ତି —

"ମୋ ଅର୍ଜିତ ପାପ ମୋର ଦୁଃଖର କାରଣ
ସେହି ପାପ ଏବେ ମୋର ହେଉଛି ପୂରଣ ।"

କାରଣ ଉଭୟଙ୍କର ଦୁର୍ବଳତାବଶତଃ ସେ ଯେ ରାମଚନ୍ଦ୍ରଙ୍କ ପରି ଅଲୌକିକ ବ୍ୟକ୍ତିତ୍ୱ ସମ୍ପନ୍ନ ପୁରୁଷୋତ୍ତମଙ୍କୁ ସାଧାରଣ ମାନବ ବୋଲି ଭାବୁଥିବା ଏକ ଗର୍ହିତ ଅପରାଧ । ସ୍ତ୍ରୀସୁଲଭତୀ ଅସୁର ଯେ ତାଙ୍କର କିଛି କ୍ଷତି ସାଧନ କରିପାରିବେ, ଏକଥା ସୀତା ଭାବିପାରିଲେ ନାହିଁ । ପୁନଶ୍ଚ ଅବଳାଙ୍କ ଲକ୍ଷ୍ମଣଙ୍କୁ ଲଜ୍ଜିତ କରିବାର ପ୍ରତିଫଳ ଭୋଗ କରୁଛନ୍ତି ବୋଲି ସେ ସ୍ୱୀକାର କରୁଛନ୍ତି । ଦେଖନ୍ତୁ ସୀତା କହୁଛନ୍ତି—

"ଦୋଷଶୂନ୍ୟ ଲକ୍ଷ୍ମଣଙ୍କୁ, ଯେଉଁ ତିରସ୍କାର
ଦେଇଥିଲି, ପାଇଲି ତା' ଯୋଗ୍ୟ ପୁରସ୍କାର ।'

କେବଳ ସେତିକି ନୁହେଁ, ଲଙ୍କାପୁରୀରେ ଅଶୋକ ବନରେ ବନ୍ଦିନୀ ସୀତାଙ୍କୁ ପ୍ରବଞ୍ଚିତ ଅସୁର ମାୟା ପ୍ରଦର୍ଶନ ପୂର୍ବକ ରାମଙ୍କର ଛିନ୍ନଶିର ପ୍ରଦର୍ଶନ କରିଥିଲା । ସେଥିରେ ସୀତା ଭୂତଳଗତ ହୋଇ ରୋଦନ କରିଥିଲେ । ସାମାନ୍ୟ ଅସୁର ଯେ ରାମଙ୍କର କିଛି କ୍ଷତି କରିପାରିବ ନାହିଁ, ସୀତା ଏକଥା ସେହି ଦୁର୍ବଳ ମୁହୂର୍ତ୍ତରେ ହୃଦୟଙ୍ଗମ କରିପାରିଲେ ନାହିଁ । ସେଥିପାଇଁ ଅବା ସୀତାଙ୍କର ଜୀବନ ଦୁଃଖ ହେଲା କି ?

"ସ୍ୱାମୀଙ୍କର ଛିନ୍ନ ଶିର ବୋଲି ମୁଁ ଅଧୀରେ
କାନ୍ଦିଲି ବିକଳ ପ୍ରାଣେ ଭାସି ନେତ୍ରନୀରେ
ସେ ଶିର ଅନାଇ ସାଙ୍ଗୁ ନ ମଲି ଦହନ
ସେହି ପାପେ ହେଲି ଏବେ ଜୀବନ୍ତ ଦହନ ।"

କେବଳ ସେତିକି ନୁହେଁ, ସତୀ ସ୍ତ୍ରୀ ପକ୍ଷରେ ସ୍ୱାମୀ ହେଉଛନ୍ତି ସ୍ୱର୍ଗ, ସମସ୍ତ ସୁଖର ମୂଳାଧାର । ଅଥଚ ସୀତା ଆଶ୍ରମ-ଦର୍ଶନ-ସୁଖ ଅଭିଳାଷ କରି ରାମଚନ୍ଦ୍ରଙ୍କର ଅନୁମତି ପ୍ରାର୍ଥନା କରିଥିଲେ । ସେହି ଦୋଷରୁ ବୋଧହୁଏ ତାଙ୍କୁ ପରିତ୍ୟକ୍ତାର ଦୁଃଖମୟ ଜୀବନ ଯାପନ କରିବାକୁ ହୋଇଥିଲା । ତେବେ ସୀତା ଯେଉଁଠାରେ ଅବସ୍ଥାନ କରନ୍ତୁ ନା କାହିଁକି, ରାମଙ୍କ ସ୍ୱାର୍ଥପାଇଁ ସେ ଚରମ ତ୍ୟାଗ ସ୍ୱୀକାର କରିବାକୁ ପ୍ରସ୍ତୁତ । ସେ ତାଙ୍କର ଉପଯୁକ୍ତ ସହକର୍ମିଣୀ ଏବଂ ସହଧର୍ମିଣୀ ହେବାକୁ ଇଚ୍ଛା କରୁଛନ୍ତି । ସୀତାଙ୍କୁ ପରିତ୍ୟାଗ କରିବା ଫଳରେ ଯଦି ପ୍ରଜାରଞ୍ଜନ

ଆଦର୍ଶ ନରପତି ରାମଚନ୍ଦ୍ରଙ୍କର ବ୍ରତ ରକ୍ଷା ହୁଏ, ତାହା ହେବ ସୀତାଙ୍କର ସର୍ବଶ୍ରେଷ୍ଠ ଆନନ୍ଦ ।

ସୀତା ଥିଲେ ଧର୍ମପରାୟଣା, ଧର୍ମପଥରେ ନ୍ୟାୟ-ନିଷ୍ଠ ସାଧିକା । ସତୀତ୍ୱ ଆଲୋକର ଉଜ୍ଜ୍ୱଳ ମହିମାରେ ସେ ଉଦ୍ଭାସିତ । ପୂତ ଆଚରଣ ଏବଂ ନିଷ୍ଠାପର ଜୀବନ ଥିଲା ତାଙ୍କର ସ୍ୱୀୟ ତପସ୍ୟା । ତେଣୁ ରାମଚନ୍ଦ୍ର ସୀତାଙ୍କର ମହତ୍ତ୍ୱ କୀର୍ତ୍ତନ କରି କହିଥିଲେ ଅଯୋଧ୍ୟାର ରାଜଲକ୍ଷ୍ମୀ ସୀତାଙ୍କର ପଦବନ୍ଦନା କରି ଧନ୍ୟ ହେବ ।

“ସେ ବୋଇଲେ, ‘ସ୍ୱସ୍ତିକ ହେଉଲି ହେଁ ସେ କଥା
ସୀତା: ପଦେ ନତ ହୁଏ ରାଜଲକ୍ଷ୍ମୀ-ମଥା ।’”

ପର୍ବତ ପ୍ରମାଣେ ତୂଳା ଥିଲେ ହେଁ ସାମାନ୍ୟ ସ୍ଫୁଲିଙ୍ଗ-ଅଗ୍ନିରେ ତାହା ଭସ୍ମୀଭୂତ ହୋଇଯାଏ । ତେଣୁ ସୀତାଦେବୀ ଅଗ୍ନି-ପ୍ରବେଶକୁ ଆଦୌ ଭୟ କରି ନ ଥିଲେ । ଅଗ୍ନି-ସ୍ନାନ ପାଇଁ ତାଙ୍କର ଆଦୌ କୁଣ୍ଠା ଭାବ ପ୍ରକାଶିତ ହୋଇନାହିଁ ।

ବାଲ୍ମୀକି ଅଗ୍ନିପ୍ରବେଶ କାଳରେ ସୀତା ଏହିପରି ପ୍ରାର୍ଥନା କରୁଥିବା ଜଣାଇଛନ୍ତି—

“ଯଥା ମେ ହୃଦୟଂ ନିତ୍ୟଂ ନାପସର୍ପତି ରାଘବାତ୍
ତଥା ଲୋକସ୍ୟ ସାକ୍ଷୀ ମାଂ ସର୍ବତଃ ପାତୁ ପାବକଃ ।” ଇତ୍ୟାଦି

ସୀତାଙ୍କର ପ୍ରାର୍ଥନା ହେଲା—ମୋର ମନ ଯଦି କେବେହେଲେ ରାଘବଙ୍କଠାରୁ ବିଚଳିତ ହୋଇନାହିଁ, ତେବେ ହେ ଲୋକସାକ୍ଷୀ ଅଗ୍ନିଦେବ, ମୋତେ ସର୍ବତୋଭାବରେ ରକ୍ଷା କର ! ମୋର ଚରିତ୍ର ଯଥାର୍ଥ ବିଶୁଦ୍ଧ ସତ୍ତ୍ୱେ ପ୍ରଭୁ ରାମଚନ୍ଦ୍ର ମୋତେ ଯଦି ସନ୍ଦେହ କରନ୍ତି, ତେବେ ସକଳ ପାପପୁଣ୍ୟର ସାକ୍ଷୀ ଅଗ୍ନିଦେବ ମୋତେ ରକ୍ଷା କର । କାୟମନୋବାକ୍ୟରେ ରଘୁନନ୍ଦନଙ୍କ ବ୍ୟତୀତ ଅନ୍ୟ କାହାକୁ ଚିନ୍ତା କରିନାହିଁ । ତେଣୁ ହେ ଅଗ୍ନିଦେବ, ମୋତେ ରକ୍ଷା କର । ସମସ୍ତ ଦିଗ୍‌ପାଳ, ସୂର୍ଯ୍ୟ ଚନ୍ଦ୍ର ଇତ୍ୟାଦି ଯଦି ମୋତେ ପତିବ୍ରତା ବୋଲି ଜାଣନ୍ତି, ତେବେ ହେ ଅଗ୍ନିଦେବ, ମୋତେ ରକ୍ଷା କର ।

କିନ୍ତୁ 'ତପସ୍ୱିନୀ' କାବ୍ୟରେ ସୀତା ନିଜର ତନୁ ବିସର୍ଜିବା ପାଇଁ ଆଦୌ ବ୍ୟାକୁଳ ହୋଇ ନାହାନ୍ତି । ସେ ଆଜୀବନ ଧର୍ମ ଓ ସତ୍ୟ ପଥର ପଥିକା ! ସେହି ଲକ୍ଷ୍ୟରେ ଅଟଳ ଥାଇ ଯଦି ତାଙ୍କର ଦେହର ଅବସାନ ହୋଇଯାଏ ଚିରକାଳ ପାଇଁ, ତେବେ ସେ ନିଜକୁ ଧନ୍ୟା ମନେ କରିବେ । ସେ ଅନୁଭବ କରୁଥିଲେ ଯେ ସତ୍ୟ ଓ ଧର୍ମର ଅନୁରୋଧରେ ନିଜର ଏହି ମାଟିର ଦେହକୁ ଯଦି ପୁଣି ଅଗ୍ନିଗର୍ଭରେ ଆହୁତି ଦେଇ-ପାରିଲେ ସେ ପରମପୁରୁଷ ଶ୍ରୀରାମଚନ୍ଦ୍ରଙ୍କର ଅଙ୍ଗରେ ଲୀନ ହୋଇଯିବେ, ତାଙ୍କର ଅପାର କରୁଣାର ଅଧିକାରିଣୀ ହୋଇପାରିବେ । କାରଣ ରାମଙ୍କର ସାହଚର୍ଯ୍ୟ କରିବା ପାଇଁ ଯଦି ସେ ଯୋଗ୍ୟା ହେଲେ ନାହିଁ, ତେବେ ବଞ୍ଚିରହିବା ନିରର୍ଥକ । ସତୀ ନାରୀର ପତିସେବା ହେଉଛି ପରମ ସାଧନା । ଯଦି ସେ ସୌଭାଗ୍ୟ ନ ମିଳିଲା, ତେବେ ବରଂ ରାମଙ୍କୁ ଦର୍ଶନ କରି ଅଗ୍ନିଗର୍ଭରେ ଝାସ ଦେଲେ ତାଙ୍କର ଜୀବନ ସାର୍ଥକ ହୋଇଯିବ । ସୀତାଙ୍କର ଏ ଆତ୍ମତ୍ୟାଗର ତୁଳନା ନାହିଁ ।

"ଦେଖିବ ଦେଖ ପୁଣି ପୁଣି ଶ୍ରୀମୁଖ
ଏଥୁଁ ଅଧିକ ମୋର କି ଅଛି ସୁଖ ?
ଦଗ୍‌ଧ ହେଲେ ଦେହ, ଅବଶ୍ୟ ପ୍ରାଣ
ପ୍ରଭୁ ଶ୍ରୀଅଙ୍ଗେ ଯାଇ ପାଇବ ସ୍ଥାନ ସେଠା !"

ଅବଶ୍ୟ ସୀତା ଦୁଃଖବାଦିନୀ ନୁହଁନ୍ତି । ନା ହତାଶ ଓ ଅବସାଦରେ ସେ ଭାଙ୍ଗିପଡ଼ି ନାହାନ୍ତି । ତାଙ୍କର ହୃଦୟକୁ କୌଣସି ପ୍ରକାର ଗ୍ଲାନି ସ୍ପର୍ଶ କରି ନାହିଁ । ସାରା ଜଗତ ଯଦି ବି ତାଙ୍କୁ ଅବିଶ୍ୱାସ କରେ, ସେ ଜାଣନ୍ତି ଯେ ପ୍ରଭୁ ରାମଚନ୍ଦ୍ର ହିଁ ତାଙ୍କର ଏକମାତ୍ର ତପସ୍ୟା । ଏହି ତପସ୍ୟାରେ ଦେହ ଧ୍ୱଂସ ହେଲେ ସେଥିରେ ଲାଭ, ରକ୍ଷା ହେଲେ ମଧ୍ୟ ସେଥିରେ ଲାଭ । ତେଣୁ ଧର୍ମରେ ଆସ୍ଥା ସ୍ଥାପନ କରି ସେ କାମନା କରୁଛନ୍ତି —

"ଧରମ ବଳେ ଯେବେ ରହିବ ଦେହ
ଲଭିବ ପ୍ରଭୁଙ୍କର ଦ୍ୱିଗୁଣ ସ୍ନେହ ।"

ସେମାନେ ନିଜ ସ୍ୱତନ୍ତ୍ର ଧର୍ମର ଜୟଜୟକାର ଘୋଷଣା କରିଛନ୍ତି । ସୀତାଦେବୀଙ୍କର ଐକାନ୍ତିକ କାମନା, ଯଦି ବାସ୍ତବିକ ଲଙ୍କାପୁରୀରେ ତାଙ୍କର ମନ ତିଳେମାତ୍ର କଳୁଷିତ ହୋଇଥାଏ, ଯଦି ରାମଚନ୍ଦ୍ରଙ୍କ ବିନା ସେ ମୁହୂର୍ତ୍ତିକ ପାଇଁ ଆଉ କାହାକୁ ହୃଦୟରେ ସ୍ଥାନ ଦେଇଥାଆନ୍ତି, ତେବେ ହେ ଅଗ୍ନିଦେବ, ତୁମେ ମୋତେ ଜାଳିପୋଡ଼ି ଧ୍ୱଂସ କରିଦିଅ । କିନ୍ତୁ ସେ ଜାଣନ୍ତି ସେ ଅଗ୍ନି, ଜଳ, ଆକାଶ ଯେଉଁଠାରେ ରହନ୍ତୁ, ସ୍ୱକୀୟ ଧର୍ମରେ ତାଙ୍କ ଶକ୍ତି ଅକ୍ଷୁଣ୍ଣ ରହିବ । ସେହି ଧର୍ମ ବଳରେ ସେ ଏହି ମହାନ୍ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବେ ବୋଲି ବିଶ୍ୱାସ କରିଛନ୍ତି । ପରିଶେଷରେ ସମାଜର ପରାକାଷ୍ଠା ଘୋଷିତ ହୋଇଛି ।

"ଅଚଳ ଧର୍ମ-କଣେ ହେଲୁ ଜଣାଣି
ବହିଲୁ ଧର୍ମବଳେ ଭକ୍ତି ମୋ ପ୍ରାଣ ଗୋ"

**ଆଦ୍ୟାରଣ୍ୟରେ ସ୍ୱକୀୟ ମହିମା :**

ସୀତା ଅଗ୍ନିସ୍ତରେ କବିତା, ନାଟକ, ଗୀତ, ଚଳଚ୍ଚିତ୍ର, ଗଳ୍ପବର୍ଣ୍ଣିତ ହେବା ସମ୍ଭବ ନୁହେଁ । ତେଣୁ ଗଙ୍ଗାଧରଙ୍କର କାବ୍ୟଲହରୀ ଯଦି କାହାରି ଅଗ୍ନିସ୍ତରେ ପ୍ରତିପାଳିତା ହୁଏ, ଏଥିରେ କେବଳ ପରଂପରାର ସ୍ୱୀକୃତି ଲକ୍ଷ୍ୟ କରାଯାଏ । ଉପନ୍ୟାସର କଥାବସ୍ତୁ ଭାରତୀୟ ସମାଜରେ ନୂତନ ନୁହେଁ । ପୁରାଣସମ୍ମତ ଭାରତବର୍ଷରେ ରାମାୟଣ କଥାକୁ ଅବଲମ୍ବନ କରି ଅନେକ ପ୍ରକାର ଗଳ୍ପ କାବ୍ୟ, ନାଟକ, ପୁରାଣ ରଚିତ ହୋଇ ସାରିଅଛି । ଗଙ୍ଗାଧର ବାଲ୍ମୀକିଙ୍କ ରଚନା ଦ୍ୱାରା କେବଳ ପ୍ରଭାବିତ ହୋଇ ନାହାନ୍ତି, ସେ ମହାକବି କାଳିଦାସ ଏବଂ ଭକ୍ତକବି ତୁଳସୀଦାସଙ୍କ ଦ୍ୱାରା ରଚିତ ରାମକଥା ଅବଲମ୍ବିତ କାବ୍ୟାବଳୀ ଦ୍ୱାରା ମଧ୍ୟ ଅନୁପ୍ରାଣିତ ହୋଇଛନ୍ତି । ନିମ୍ନରେ କେତେକ ସମଧର୍ମୀ ପଦ ତୁଳନାତ୍ମକ ବିଷୟରେ ଉଦ୍ଧାର କରାଗଲା—

"ଦେଖି ବାଲ୍ମୀକି ଋଷି ଆସିଥିଲେ ବନେ
ସଂଗ୍ରହ କରିବା ପାଇଁ କୁଶ ହୋମ କାଠ

ଶୁଣି ସମୀପରେ ଏଡୁ ସ୍ପନ୍ଦନର ଧ୍ୱନି
ସୀତାଙ୍କ ନିକଟେ ଆସି ହେଲେ ଉପସ୍ଥିତ ।"

(ରଘୁବଂଶ – ବଳଭଦ୍ର ଗ୍ରନ୍ଥାବଳୀ)

କାଳିଦାସ ବାଲ୍ମୀକି ଆଶ୍ରମରେ ସଙ୍କଟାପନ୍ନା ସୀତାଙ୍କ ସହିତ ପ୍ରଥମେ ବାଲ୍ମୀକିଙ୍କୁ ଭେଟ କରାଇଛନ୍ତି ।

ସ୍ୱୟଂ ବାଲ୍ମୀକି ତାଙ୍କ ରାମାୟଣରେ ପ୍ରଥମେ ମୁନିକୁମାରମାନଙ୍କ ସହିତ ସୀତାଙ୍କୁ ଭେଟ କରାଇଛନ୍ତି । ସେମାନେ ମୁନିଶ୍ରେଷ୍ଠ ବାଲ୍ମୀକିଙ୍କୁ ଅନୁରୋଧ କରନ୍ତେ ସେ ଆସି ସୀତାଙ୍କୁ ଆଶ୍ୱାସନା ପ୍ରଦାନ କରିଥିବା ଜଣାଯାଏ ।

"ଶୁଣି ସେ ବିଳାପଧ୍ୱନି ତାପସ-ସନ୍ତାନେ
ଦେଖିଲେ କାନ୍ଦଇ ଏକ ନାରୀ ସେ ବିଜନେ
ଚଳିଲେ ସତ୍ୱରେ ତହୁଁ ବାଲ୍ମୀକିଙ୍କ ପାଶେ
ଭଣିଲେ ପ୍ରଣମି ତାଙ୍କ ଶ୍ରୀପଦ-ସରସେ—
ନାରୀ ଏକ କାହୁଁ ଆସି ହେ ମୁନିପ୍ରବର
କାନ୍ଦୁଛି ଅକୂଳେ ଏଥି ତଟେ ତୋଳି ସ୍ୱର ।"

(ସାରସ୍ୱତ ରାମାୟଣ– ଉତ୍ତରକାଣ୍ଡ)

ମାତ୍ର କବି ଗଙ୍ଗାଧର ଏ ଦୃଶ୍ୟ କଥାବସ୍ତୁର ବ୍ୟତିକ୍ରମ କରିଛନ୍ତି । ତାଙ୍କର ଋଷିକୁମାରୀମାନେ ପ୍ରଥମେ ଆସି ଦୁଃଖିନୀ ସୀତାଙ୍କୁ ସାକ୍ଷାତ କରିଛନ୍ତି । ନାରୀର ଦୁଃଖ ନାରୀଗଣ ଅଧିକ ବୁଝନ୍ତି । ଏଥିପାଇଁ ବୋଧହୁଏ ସୀତାଙ୍କ ଦୁଃଖରେ ସମଦୁଃଖିନୀ ହେବା ପାଇଁ କବି ମେହେର ଲେଖିଛନ୍ତି—

"କୁମାରୀଏ ଯାଇ ଅନତିଦୂରରେ କଲେ ଦର୍ଶନ
ଅପୂର୍ବ ନାରୀଏ କରୁଛି ଘୋର ଅଶ୍ରୁ ବର୍ଷଣ ।"

× × × ×

ଶୁଣି ଶୁଣି ମୁନିସୁତାଏ ଗଲେ ଜାନକୀ ପାଶ
ସାନ୍ତ୍ୱନା ନ ହେଲା ଦେବାକୁ କିନ୍ତୁ ତାଙ୍କୁ ଆଶ୍ୱାସ ।"

× × × ×

ଯଷ୍ଣ ଏକ ଶବ୍ଦ ନ ପାରି ଯାଇ ବାଲ୍ମୀକି ପାଶେ
ଜଣାଇଲା ଖେଦପୂରିତ କ୍ରନ୍ଦନ ଉଚ୍ଛଳା ଭାଷେ ।

ଜନକର ଶିଷ୍ୟଶିଷ୍ୟା ପରିବେଷ୍ଟିତ ହୋଇ ମହର୍ଷି ବାଲ୍ମୀକି ଆଶ୍ରମର ଉପବନରେ ସୀତାଦେବୀଙ୍କୁ ସ୍ୱାଗତ କରିଛନ୍ତି । ରାମାୟଣରେ ଲେଖାଯାଇଛି—

ସ୍ନୁଷା ଦଶରଥସ୍ୟ ତ୍ୱଂ ରାମସ୍ୟ ମହିଷୀ ପ୍ରିୟା
ଜନକସ୍ୟ ସୁତା ରାଜ୍ଞି ସ୍ୱାଗତଂ ତେ ପତିବ୍ରତେ ।

(ଉତ୍ତରକାଣ୍ଡ)

ହେ ପତିବ୍ରତେ ! ତୁମେ ଦଶରଥଙ୍କର ପୁତ୍ରବଧୂ ଅଛ । ପୁରୁଷୋତ୍ତମ ରାମଚନ୍ଦ୍ରଙ୍କର ପ୍ରିୟ ପଟ୍ଟମହିଷୀ ଏବଂ ରାଜର୍ଷି ଜନକଙ୍କର କନ୍ୟା ଅଛ । ମୁଁ ତୁମକୁ ସ୍ୱାଗତ କରୁଅଛି ।

ମହାକବି କାଳିଦାସ ରଘୁବଂଶରେ କହିଛନ୍ତି—

ତବୋରୁକୀର୍ତ୍ତିଃ ଶ୍ୱଶୁରଃ ସଖା ମେ
ସତାଂ ଭବୋଚ୍ଛେଦକରଃ ପିତା ତେ
ଧୁରି ସ୍ଥିତା ତ୍ୱଂ ପତିଦେବତାନାଂ
କିଂ ତନ୍ନ ଯେ ନାସି ମମାନୁକମ୍ପ୍ୟା ।”

ଗଙ୍ଗାଧର 'ତପସ୍ୱିନୀ' କାବ୍ୟରେ କବି କାଳିଦାସଙ୍କୁ ଅନୁସରଣ କରିଥିବା ମନେ ହୁଏ ।

“ଶ୍ୱଶୁର ତୋ ମୋର ସୁହୃଦ,
ଯେହ୍ନପରି ତୋ ପିତା ;
ଅସଙ୍କୋଚେ ରହ ଆଶ୍ରମେ
ମଣି ସଖାର ପିତା ।

ତପସ୍ୱିନୀରେ ବାଲ୍ମୀକିଙ୍କର ଏହି କଥାଗୁଡ଼ିକ ଅଧିକ ଆନ୍ତରିକତା ପୂର୍ଣ୍ଣ ଏବଂ ଦୁଃଖିନୀ ମନରେ ଶାନ୍ତିର ପ୍ରଲେପ ଦେବା ପାଇଁ ଅଧିକ କ୍ଷମ ।

ପରିବେଶପରେ ରମାସ୍ପଦର କଥା କହିଛନ୍ତି—

ଆଶ୍ରମସ୍ୟାବିଦୂରେ ମେ ତାପସ୍ୟସ୍ତପସି ସ୍ଥିତାଃ
ତା ସ୍ତ୍ୱାଂ ବତ୍ସେ ଯଥା ବତ୍ସଂ ପାଳୟିଷ୍ୟନ୍ତି ନିତ୍ୟଶଃ ।

(ଉତ୍ତରକାଣ୍ଡ)

ମୋ ଆଶ୍ରମ ନିକଟରେ ଅନେକ ତପସ୍ୱିନୀ ତପଃ କରୁଛନ୍ତି । ସେମାନେ କନ୍ୟାସମ ତୋତେ ପାଳନ କରିବେ । ତେଣୁ ଏହି ଆଶ୍ରମକୁ ନିଜର ଘର ପରି ମନେ କରି ରହ । କବି ଗଙ୍ଗାଧର ଅନ୍ୟାନ୍ୟ ତରୁଲତାର ସହିତ ମୃଗପକ୍ଷୀମାନଙ୍କ କଥା ଏଡ଼ାଦେଇ ଋଷିଙ୍କ ମୁହଁରେ ଶୁଣାଇଛନ୍ତି—

"ସୁଜନ୍ତ ବୋଇଲେ, "ଆସ ମା,
ଆଉ ନ କର ମଠ !
ଭୂମାସ୍ୱମଣ୍ଡଳ ମଧ୍ୟରେ
ରହି ମଣ୍ଡ ତୋ ମଠ ।"

ନିଜର ଶାନ୍ତସ୍ୱଗୀମାନଙ୍କ ଗହଣରେ ରହିବା ପାଇଁ ସୂଚନା ଦିଆଯାଇଛି । ସ୍ୱଭାବତଃ ନିଜର ବନ୍ଧୁଗହଣରେ ମନ କଥା କହି ଲୋକେ ଦୁଃଖ ଭୁଲିଥାଆନ୍ତି, ତପସ୍ୱିନୀଙ୍କରେ ଏହିପରି କଣେ ଦୁଃଖୀ ଆଗରେ ସମସ୍ତ ଜୀବନଚରିତ ବର୍ଣ୍ଣନା କରି ସୀତା ଶାନ୍ତି ଲାଭ କରିଛନ୍ତି ।

ଦୁଃଖ ଭୁଲିବାକୁ ହେଲେ ସର୍ବଦା କର୍ମରତ ହେବା ଆବଶ୍ୟକ । ଆଶ୍ରମର ଉପବନରେ ପ୍ରକୃତିର କୋଳରେ ଏଥିପାଇଁ ଅଯୁତ ସୁଯୋଗ ପଡ଼ି ରହିଛି ବୋଲି ମହର୍ଷି ଉପଦେଶ ଦେଇଛନ୍ତି । କାଳିଦାସ କହିଛନ୍ତି—

"ପୟୋଘଟୈରାଶ୍ରମବାଳବୃକ୍ଷାନ୍ ସଂବର୍ଦ୍ଧୟନ୍ତୀ ସ୍ୱବଳାନୁରୂପୈଃ
ଅସଂଶୟଂ ପ୍ରାକ୍ ତନୟୋପପତ୍ତେଃ, ସ୍ତନନ୍ଧୟ-ପ୍ରୀତି-ମବାପ୍ସ୍ୟସି ତ୍ୱମ୍ ।"

(ରଘୁବଂଶ-୧୪ । ୭୮)

ତୋର ଶବ୍ଦ ଅନୁସାରେ ମାଟିଆରେ ପାଣି ବନ୍ଧନ କରି ଆଶ୍ରମବାସୀ ଶିଶୁ ବୃକ୍ଷମାନଙ୍କୁ ପାଳନ କରିବୁ । ତେଣୁ ସନ୍ତାନବତ ସ୍ନେହାସ୍ପଦଙ୍କୁ ନିଃସନ୍ଦେହ ରୂପେ ସନ୍ତାନ ପାଳନର ସୁଖ ଉପଲବ୍ଧ ହୋଇ ପାରିବ ।

ଭକ୍ତକବି ମଧୁସୂଦନ ଏହି ଭାବକୁ ଚମତ୍କାର ଭାବରେ ଉନ୍ମେଷ କରିଛନ୍ତି—

"ଆଶ୍ରମର ତରୁଣ ତରୁ ନିକର
ସଞ୍ଚନେ ବଢ଼ାଇଣ ଘଟ ଜଳର
ନିରେଖିବା ଆଶାରୁ ତନୟ ମୁଖ
ଲଭିବୁ ତନୟର ପାଳନ ସୁଖ ।"

(ସୀତା ବନବାସ)

ଗଙ୍ଗାଧର ଦେହରେ ପଥର ପଥିକ ହେଲେ ହେଁ ସେ ସାମାନ୍ୟ ଅନ୍ତରର ହୋଇ ଅବଲମ୍ବା ସୀତାଙ୍କ ଅଦ୍ଭୁତ ସାହାଯ୍ୟ କରିବା ପାଇଁ ପଦେ ପଦେ ବୃକ୍ଷ ତପସ୍ୱିନୀ ଅନୁକମ୍ପା ଥିବେ ବୋଲି ଭରସା ଦେଇଛନ୍ତି । ପରିତ୍ୟକ୍ତା ସୀତାଙ୍କ ପାଇଁ ଏହି ବୃକ୍ଷମାନଙ୍କର ସ୍ନେହ ଏବଂ ଅନୁକମ୍ପାଙ୍କର ମାତୃବତ୍ସଳତା ଦୁଃଖ ଲାଘବ କରିବାରେ ଯଥେଷ୍ଟ ସାହାଯ୍ୟ କରିଅଛି । ତେଣୁ 'ତପସ୍ୱିନୀ'ର କଳନା ଅଧିକ ମୂଲ୍ୟ ହୋଇଅଛି ।

"ନନ୍ଦନ ! ତୁ ଏ ଆଶ୍ରମ — ପାଦପଙ୍କୁ ସ୍ନେହ ଭ୍ରମ
ସୁସ୍ନେହେ ନନ୍ଦନୋପମ କର ଯତନ,
ସେ ସବେ ତୋ ଅନୁଭବ ସ୍ୱଚ୍ଛେ ହେବ ସମ୍ଭବ
ଭବେ କେମନ୍ତ ଦୁର୍ଲଭ ସୁତ-ରତନ,
ଅନୁକମ୍ପା ଥିବେ ଅଦ୍ଭୁତ
ସକଳ ଅଙ୍କୁର ତୋର ମୋଡ଼ନେ ରତ ।"

ଗଙ୍ଗାଧର ଥିଲେ ପ୍ରତିଭାଶାଳୀ କବି । ସେ ସଂସ୍କୃତ କାବ୍ୟମାନଙ୍କରେ ଭ୍ରମଣ କରି ଯେଉଁ ରସୋପଲବ୍ଧି କରିଥିଲେ ତାହା ଉତ୍କଳୀୟ ପାଠକମାନଙ୍କ ସ୍ୱଦେଶରେ ପରିବେଷଣ କରିଅଛି ।

ତପସ୍ୱିନୀ କାବ୍ୟରେ ପ୍ରକୃତ ପ୍ରାଣତା ଅନବଦ୍ୟ । ସେଠାରେ ପ୍ରକୃତି ଚଳନଶୀଳ ବ୍ୟକ୍ତିତ୍ୱ । ମନୁଷ୍ୟର ସୁଖ ଦୁଃଖରେ ସେମାନେ ହୋଇଛନ୍ତି ସମଦୁଃଖୀ । ଏ କ୍ଷେତ୍ରରେ ସ୍ୱଧାନାଥ ମଧୁସୂଦନ, ନନ୍ଦକିଶୋର ପ୍ରଭୃତି ଆଧୁନିକଯୁଗର କବିଗଣ ପାଶ୍ଚାତ୍ୟ ସାହିତ୍ୟଦ୍ୱାରା ପ୍ରଭାବିତ ହୋଇଥିବା ଜଣାଯାଏ । ମାତ୍ର ଗଙ୍ଗାଧର ପାଶ୍ଚାତ୍ୟ ଶିକ୍ଷାରୁ ବଞ୍ଚିତ ଥିଲେ । ତାଙ୍କ ପାଇଁ ସଂସ୍କୃତ ସାହିତ୍ୟ ପ୍ରଚୁର ପ୍ରେରଣାର କ୍ଷେତ୍ର ଯୋଗାଇ ଦେଇଥିଲା । ଏଠାରେ ଉଦାହରଣ ପାଇଁ ରାମାୟଣର ଏକ ଉଦାହରଣ ଦିଆଯାଇ ପାରେ ।

“ଜଲପ୍ରପାତା ତ୍ରୁମୁଖାଃ ଶୃଙ୍ଗୈରୁଚ୍ଛ୍ରିତବାହବଃ
ସୀତାୟାଂ ହ୍ରିୟମାଣାୟାଂ ବିକ୍ରୋଶନ୍ତୀବ ପର୍ବତାଃ ।”

(ଅରଣ୍ୟକାଣ୍ଡ)

ରାବଣ ବଳପ୍ରୟୋଗ କରି ସୀତାଙ୍କୁ ଅପହରଣ କରି ନେଉଥିଲା । ସେ ଅନୁଶୋଚନାରେ କ୍ରନ୍ଦନ କରି ସମଗ୍ର ପ୍ରକୃତି ସଂସାରକୁ ବିଚଳିତ କରିଦେଲେ । ସେମାନେ ମଧ୍ୟ ସହାନୁଭୂତି ପ୍ରଦର୍ଶନ କରି ଅଶ୍ରୁ ବର୍ଷଣ କଲେ । ଏଠାରେ ଦୁଃଖୀ ପର୍ବତଶ୍ରେଣୀ ଶିଖରରୂପକ ଭୁଜଟେକି ନିର୍ଝର ଛଳରେ ଅଶ୍ରୁମୋଚନ କରୁଛନ୍ତି ବୋଲି କବି କଳ୍ପନା କରିଛନ୍ତି । ତପସ୍ୱିନୀରେ ପ୍ରକୃତିର ଏହିପରି ସମଦର୍ଶିତାର ଭୂରି ଭୂରି ଉଦାହରଣ ଦିଆଯାଇପାରିବ । ଗଙ୍ଗାଧରଙ୍କ କଳ୍ପନାରେ କେବଳ ଆଶ୍ରମର ପ୍ରକୃତି ବାଙ୍ମୂକ ହୋଇନାହାନ୍ତି । ଅଲସାଧା, ତମସା, ଚିତ୍ରକୂଟ, ଗୋଦାବରୀ, ମହାନଦୀ ପ୍ରଭୃତି ସମସ୍ତ ବ୍ୟକ୍ତିତ୍ୱମୟୀ ହୋଇଛନ୍ତି ।

କବିତ୍ୱ, କଳ୍ପନାବିଳାସ, ଉପମା, ଅନୁପ୍ରାସ ଓ ଅଳଙ୍କାରର ଯଥାର୍ଥ ସଂଯୋଜନା ଏବଂ ବିଭିନ୍ନ ରସର ଅବତାରଣା ପାଇଁ ତପସ୍ୱିନୀ ଏକ ଅନବଦ୍ୟ କାବ୍ୟରୂପେ ସ୍ୱୀକୃତି ଲାଭ କରିଅଛି । ବିଶେଷକରି ତପସ୍ୱିନୀ ଏକ ଟ୍ରାଜିକ କାବ୍ୟ । ଏଥିରେ ଶୋକଗୀତି ପ୍ରଚୁର । ତଥାପି ପ୍ରାଚୀନ ପାରିଭାଷିକ ଆଦର୍ଶ ଅନୁସରଣ କରି ସେ କାବ୍ୟଟିକୁ ବିୟୋଗାନ୍ତକ କରିନାହାନ୍ତି । ସୀତାଙ୍କର ମହାଯାତ୍ରା ହିଁ ସର୍ବଶେଷ କଥା ହୋଇଥିଲେହେଁ ଗଙ୍ଗାଧର ଯୋଗମାୟାଙ୍କର ଅବତାରଣା କରି ରାମସୀତାଙ୍କର ଏକ

ଅପୂର୍ବ ମିଳନର ଚିତ୍ର ଉପସ୍ଥାପନ କରିଛନ୍ତି । ଦୁଃଖିନୀ ସୀତାଙ୍କ ସ୍ୱପ୍ନର ଇନ୍ଦ୍ରଜାଲ ମଧ୍ୟରେ ଅଲୌକିକ ବସ୍ତୁର ଅର୍ପଣ କରିଛନ୍ତି ଯୋଗମାୟା । ତେଣୁ ସୀତାଙ୍କର ସ୍ୱପ୍ନ ଏହିପରି ସାର୍ଥକତା ଲାଭ କରିଅଛି—

"ଦଶିଲୁ ଜାନକୀ ହୋଇଛନ୍ତି ଜ୍ୟୋତିର୍ମୟୀ
ତାଙ୍କ ଜ୍ୟୋତି ଆଲୋକିତ କରୁଅଛି ମଞ୍ଚ ।
ଜ୍ୟୋତିର୍ମୟ ରାମଚନ୍ଦ୍ର ରତ୍ନ-ସିଂହାସନେ
ବସିଛନ୍ତି ଦେଖି ତାଙ୍କୁ ପ୍ରସନ୍ନ ଆନନେ ।
ରାମଚନ୍ଦ୍ର-କୋଳେ କୁଶ । ସୀତା କୋଳେ ଲବ
ଛତ୍ର ଧରି ପାଖେ ଠିଆ ଉର୍ମିଳା-ବଲ୍ଲଭ ।

ଦୁଃଖିନୀ ସୀତାଙ୍କର ମନରେ ସ୍ୱାଧ୍ୟ ଉକୁଟାଇ କବି ଏହି କାବ୍ୟର ଉପସଂହାର କରିଛନ୍ତି ।

ଏହି ପ୍ରସଙ୍ଗରେ ମହାକବି ଭବଭୂତିଙ୍କର ନିର୍ଦ୍ଦେଶ ଅଧିକ ସ୍ମରଣୀୟ । କାବ୍ୟ ସଂସାରରେ ଗୋଟିଏ ରସ ହେଉଛି ମୁଖ୍ୟ । ତାହା ହେଉଛି କରୁଣ । ଏହି ରସପରି ଦ୍ୱିତୀୟ ଏବଂ ସ୍ୱାଦ୍ୟ ରସ ଆଉ ନାହିଁ ।

"ଏକୋରସଃ କରୁଣ ଏକ ନିମିତ୍ତ ଭେଦାତ୍
ଭିନ୍ନଃ ପୃଥକ୍ ପୃଥଗିବ ଶ୍ରୟତେ ବିବର୍ତ୍ତାନ
ଆବର୍ତ୍ତ ବୁଦ ବୁଦ୍ ତରଙ୍ଗ ମୟାନ ବିକାରାନ୍
ଅମ୍ଭୋ ଯଥା ସଲିଳମେବ ତୁ ତତ୍ ସମସ୍ତଂ ।

(ଭବଭୂତି)

ଜଳ ଏକ ମାତ୍ର, ରୂପଭେଦରେ ତାହା ଆବର୍ତ୍ତ, ବୁଦ୍‌ବୁଦ୍‌, ତରଙ୍ଗ ଆଦି ନାମରେ କଥିତ ହୋଇଥାଏ । ସେହିପରି ରସ ମଧ୍ୟ ଗୋଟିଏ । ତାହା ହେଉଛି କରୁଣ ରସ । ବସ୍ତୁ ଭେଦରେ ତାହା ଭିନ୍ନ ରୂପ ଧାରଣ କରିଥାଏ ମାତ୍ର ।

ବାସ୍ତବରେ 'ତପସ୍ୱିନୀ' କରୁଣରସାତ୍ମିକ ଏକ ସାର୍ଥକ କାବ୍ୟ ଓଡ଼ିଆ କାବ୍ୟ ସଂସାରରେ ଏହାର ସ୍ଥାନ ଅନନ୍ୟସାଧାରଣ ।

# ତପସ୍ୱିନୀ

## ଟୀକା

### ପ୍ରଥମ ସର୍ଗ

[ ରାଗ—ମଙ୍ଗଳ ଗୁର୍ଜରୀ ]

କିଏ ଗୋ ତୁ ଜ୍ୟୋତିର୍ମୟୀ ଶୁଭ୍ର-ଶୁଭ୍ର-ବେଶୀ,
ଇନ୍ଦ୍ରନୀଳ-ଦ୍ୟୁତି-ଜିତ-ମନୋହର-କେଶୀ ? ୧ ।
ଚନ୍ଦ୍ରକାନ୍ତ ଭେଦ ତୋର ଶୁଭ୍ର ସୂକ୍ଷ୍ମ ବାସ,
ଆହ୍ଲାଦ ଦେଉଛି ଦୂରେ ହୋଇ ସୁପ୍ରକାଶ । ୨ ।
କୌମୁଦୀ କି ଘନ ହୋଇ ବହୁଛି ଶରୀର ?
କେଶଛଟେ ତରଙ୍ଗେ ତୋ ଖେଳୁଛି ସମୀର । ୩ ।
ପ୍ରବାଳ ସମ୍ପୁଟ କି ଦୁଇ ତାଳ୍ଭିନ୍ନ,
ମଣିରତ୍ନ-ରଞ୍ଜି-ଭୂଷା-ଭୂପେ ତୋ ବପୁକୁ । ୪ ।

---

୧ । ଜ୍ୟୋତିର୍ମୟୀ—ଆଲୋକମୟୀ, ଶୁଭ୍ର—ଧବଳ, ଇନ୍ଦ୍ରନୀଳ-ଦ୍ୟୁତି-ଜିତ—ଇନ୍ଦ୍ରନୀଳ ମଣିକୁ ଜିଣିଥିବା କେଶ ।

୨ । ଚନ୍ଦ୍ରକାନ୍ତ—ଚନ୍ଦ୍ରର ଜ୍ୟୋତି, ସୂକ୍ଷ୍ମବାସ—ଅତି ସରୁ ଲୁଗା ।

୩ । କୌମୁଦୀ—ଚନ୍ଦ୍ରକିରଣ, ସମୀର—ପବନ ।

୪ । ପ୍ରବାଳ—ଲଡ଼ାଙ୍କୁର, ରତ୍ନଭୂଷା—ସ୍ୱର୍ଣ୍ଣ ଅଳଙ୍କାର, ବପୁ—ଶରୀର ।

ଅସଂଖ୍ୟ ଧବଳ ପୁଷ୍ପହାର ଶୋଭେ ଗଳେ,
ଭୂଷିତ ହୋଇଛି ଶୁଭ୍ର ଅଙ୍ଗ ତ କୌଶଳେ । ୫ ।
ଶ୍ରୀଅଙ୍ଗ-ସୌରଭେ ମୁଗ୍ଧ ହୋଇଛି ଜଗତ,
ଦେବସୁତା ହୋଇଅଛୁ ପ୍ରାଣେ ଉପଗତ । ୬ ।
ଏ ତାଙ୍କୁ କରେ ଧରି, ସେବେ କରି ପାନ,
ଦୈବତ ସଦୃଶ ହେଉଛନ୍ତି ତେଜସ୍ୱାନ । ୭ ।
ଏ ମନ୍ତ୍ର ଦେଇଛୁ ସ୍ୱର୍ଗୀ ଦାଣ୍ଡି ବାଛି ଲୋକ,
ତମ ନାଶି ଦୂରକୁହନ୍ତି ନଶ୍ୱମାନେ ଅଭେଲିକ । ୮ ।
ପଦାଙ୍କେ ତୋ ଫୁଟିଅଛି ଶ୍ୱେତ ଶତଦଳ,
କୌମୁଦୀ ବୋଲିବା ତେଣୁ ଦେଖୁଛୁ ସଫଳ । ୯ ।
ଦେଶଦ୍ରୋହ-ପଙ୍କ-ଦୂଷ୍ଟ ମୋ' ଜୀବନ-ସର,
କଣ୍ଟାଳି-ଜାଲନ୍ଦ-ଜଳେ ଆବିଳ ହୃଦର । ୧୦ ।
ଶାରଦ ସଦୃଶ ତୋତେ ଭଗ ପରଶନ,
ତୋହଲେ ଯାଉଅଛି ଦେଖ ତ ମୁଖ ପରସନ୍ନ । ୧୧ ।
ବିକଶିତ ହୋଇଅଛି ହୃଦୟ-କମଳ,
ପଡ଼େ କି ପାଇବ ତେବେ, ତୋ ପଦ-ସମ୍ବଳ ? ୧୨ ।
ପଙ୍କିଳ-ବିବରେ ପ୍ରାଣ ହୋଇଲାଣି ମୋହିତ,
ରଙ୍ଗମନେ କର ମାତ୍ର ବିପ୍ଳବୁ ବହିତ । ୧୩ ।

---

୫ । ଭୂଷିତ—ଭୂଷା ହୋଇଛି ।
୬ । ଉପଗତ—ପ୍ରାପ୍ତ ।
୭ । ଦୈବତ—ଦେବତାଙ୍କ ପରି ।
୯ । ଶତଦଳ—ପଦ୍ମ, ପଦାଙ୍କେ—ପାଦ ଚିହ୍ନରେ ।
୧୦ । ଜୀବନ-ସର—ଜୀବନ ରୂପକ ପୁଷ୍କରିଣୀ, ଜାଲନ୍ଦ—ଦେଦ, ଆବିଳ—କଳୁଷିତ ।
୧୧ । ଶାରଦ—ଶରତକାଳୀନ, ପରସନ୍ନ—ପ୍ରଫୁଲ୍ଲ ।
୧୩ । ପଙ୍କୁଳ—ପାଦ, ବହିତ—ଉପଯୁକ୍ତ ।

ବାଲ୍ମୀକି ଆଶ୍ରମକୁ ଧାଇଁଅଛୁ ମନ,
କହିବାକୁ ନିର୍ବାସିତା ସୀତାକୁ ଦର୍ଶନ । ୧୪ ।
କେମନ୍ତେ ସେ କଲେ କଷ୍ଟେ ଦୁଃଖ ଜୀବନ ?
କାହା ସଙ୍ଗେ କେମନ୍ତେ ବା ରାଖିଲେ ଯାପନ ? ୧୫ ।

କୃପା କର କୃପାମୟୀ, ଶ୍ରୀ ଦାନ କର,
ପବିତ୍ର ହେଉ ମୋ ମନ ଦେଖି, ଲେଖି ଭଲ । ୧୬ ।

ବହୁଅଛୁ ଭାଗୀରଥୀ ବିପିନ ଭିତରେ,
ତହିଁ ତାନ୍ତି ତରଙ୍ଗ ତା ପଶ୍ଚିମ ତଟରେ । ୧୭ ।

ବନ-ଭୂଷଣ ଦେଖିବାକୁ ହୋଇ ଅବସର,
ସକଳ ଶୋଭନ କେତେ ସୁନ୍ଦର ପ୍ରସ୍ତର । ୧୮ ।

ସେହି କୂଳେ ବୈଦେହୀ ଥାଇ ମନୋଦୁଃଖେ,
ଭିନ୍ନ ହୋଇ ରହୁଁଥିଲେ ପୂର୍ବ-ଅନୁରାଗେ । ୧୯ ।

ଅବିରତ ବହି ତାଙ୍କ ନେତ୍ର-ନୀର-ଧାର,
ଅନାବୃତ ପଡୁଥିଲା ବକ୍ଷର ଉପର । ୨୦ ।

ଛୁଟି ଯେସନ୍ତେ ଜଳଧର ପଶ୍ଚିମ-ଆଶାରେ,
ଅସ୍ତାଚଳ ଶୃଙ୍ଗ ଦିଏ ଅଜସ୍ର-ଆସାରେ । ୨୧ ।

---

୧୪ । ନିର୍ବାସିତା—ପରିତ୍ୟକ୍ତା ।
୧୫ । କଷ୍ଟେ—ଅଶ୍ରୁବର୍ଷଣରେ, ଜୀବନ—ଯାପନ ।
୧୭ । ଭାଗୀରଥୀ—ଗଙ୍ଗା, ବିପିନ—ବଣ ।
* ବାଲ୍ମୀକି ଆଶ୍ରମ ଗଙ୍ଗାକୂଳ ନିକଟରେ ଗଙ୍ଗା ଦକ୍ଷିଣବାହିନୀ । ସେଠାରୁ ଅଯୋଧ୍ୟା ପୂର୍ବଦିଗ ।
୧୯ । ବୈଦେହୀ—ବିଦେହ ରାଜକନ୍ୟା ସୀତା ।
୨୦ । ଅବିରତ—ଅନବରତ ।
୨୧ । ଜଳଧର—ମେଘ, ପଶ୍ଚିମ-ଆଶାରେ—ପଶ୍ଚିମ ଦିଗରେ, ଅସ୍ତାଚଳ—ଅସ୍ତପର୍ବତ, ଆସାରେ—ଜଳଧାରରେ ।

ନୟନ-ଜଳ-ଶୀକର ଶର୍ବରୀ-ହରଷେ,
ପଡ଼ି ଝିଲ୍ଲିକରେ ଜଳେ ପ୍ରଦୋଷ-ସାରସେ ! ୧୧ ।

"ହା ନାଥ" ଶୁଭିଲା ଦେଖ ବ୍ୟାକୁଳେ କୋମଳେ,
ଅବଶରେ ବସୁଁ ବସୁଁ ବସୁନ୍ଧରା ତଳେ । ୧୩ ।

ସଂଜ୍ଞାବିରହିତ ହୋଇ ପଡ଼ିଲେ ଉଶ୍ୱାସେ,
ନ ଥିଲେ ଧରିବା ପାଇଁ କେହୁ ଗଲି ପାଶେ । ୧୪ ।

ଶତ ଶତ ସେବିକା ଯା ସେବୁଥିଲେ ପଦ,
ଜଣେ ନ ଦେଖିଲେ ତାଙ୍କ ଦାରୁଣ ଆପଦ ! ୧୫ ।

ଅହେ ! ନିୟତିର ଏହୁ ଅଦ୍ଭୁତ ଗତି,
ଦେଖିଲେ କାହାର ହୃଦେ ନ ଜାଗିବ ଭୀତି ? ୧୬ ।

ତା ଶୁଣି ବିହଙ୍ଗ-ମୁଖେ ଜାଗିଲା ସେ ବନ,
ବହିଲା ନିଶ୍ୱାସ ରୂପେ ପ୍ରଖର ପବନ । ୧୭ ।
ଶୁଭିଲା ପଶ୍ଚାତ ରୂପେ ସର ସର ସ୍ୱର:
କାରୁଣ୍ୟ-ନିଦର୍ଶେ ଗଛୁ ଗଳିଲେ ପତର । ୧୮ ।
ଏ ଦୁଃଖେ ଯେ ବନେ ଶୁଣି ଚକିତ-ଲୋଚନେ,
ମୃଗମାନେ ରହିଗଲେ ଚିତ୍ରିତ ମନେ । ୧୯ ।
ଜନନୀ-ରୋଦନ ଶୁଣି ନ ବୁଝି ତା ମାନେ,
ବ୍ୟସ୍ତ ଯଥା ହୋଇଥାନ୍ତି ତା ସନ୍ତାନମାନେ । ୨୦ ।

---

୧୧ । ନୟନ-ଜଳ-ଶୀକର—ଅଶ୍ରୁବିନ୍ଦୁ ଜଳ, ଶର୍ବରୀ—ଯାମିନୀ, ପ୍ରଦୋଷ-ସାରସେ—ସନ୍ଧ୍ୟାକାଳୀନ ପଦ୍ମ ଉପରେ ।
୧୩ । ଅବଶ—ନିସ୍ତେଜ, ବସୁନ୍ଧରା—ପୃଥିବୀ ।
୧୪ । ସଂଜ୍ଞାରହିତ—ଚେତାଶୂନ୍ୟ, ଉଶ୍ୱାସେ—ଦୀର୍ଘଶ୍ୱାସେ ।
୧୫ । ଦାରୁଣ ଆପଦ—ଭୟଙ୍କର ଦୁଃଖ ।
୧୬ । ନିୟତି—ଭାଗ୍ୟ ।
୧୭ । ବିହଙ୍ଗ—ପକ୍ଷୀ ।

କରିବାକୁ ଅମ୍ବରର ସମ୍ଭ୍ରମ ସମର,
ତୃଣଧ୍ୱଜ ଶୃଙ୍ଗାଗ୍ର-କରେ ଟେକିଲା ପ୍ରସ୍ତର ।୩୧।
ବାଂଶୁବିଦ୍ଧା ଭୂଶାୟୀଙ୍କୁ ଧାଡ଼ି ବାରମ୍ବାର,
ପଞ୍ଚ-କଙ୍କପତ୍ର କଲୁ କି ଅବା ବାହ୍ୟାର ।୩୨।
କମ୍ପିତ ଶରତ-ଘନ-ଛିନ୍ନଭିନ୍ନ ଶୀକର,
ପଡ଼ିଲା ଦୁକୂଳେ କେତେ ତରଙ୍ଗ-ଶିଖର ।୩୩।
ଭଗି କି ସୀସକ-ଗୁଳି ଭଙ୍ଗାର ତୋଡ଼େ
ଜନ୍ମୁଥିବ ଭଗୀରଥୀ ପ୍ରସ୍ଥାଙ୍କୁ କୋପେ ? ୩୪ ।
କମ୍ପିଲା ଧକାରି ବେଳାର ଜଳକର ଘଡ଼େ,
ପଦ୍ମ-ବ୍ୟୂହ ଭଗ ସ୍ତୂପ କଲେ ଅଳି ଶରେ ।୩୫।
ବନଫୁଲେ ଭୃଙ୍ଗ କେତେ ଭ୍ରମିଥିଲେ ପଡ଼ି,
ଧୂଳି ମାଖି ମଲ୍ଲଯୁଦ୍ଧେ ହେଲେ ଗଡ଼ାଗଡ଼ି ।୩୬।
ଲତା ଲୂତା-ତନ୍ତୁ-ରୂପ ଅମ୍ବୁଦ-ବନ୍ଧନ'
ଛିନ୍ନ କରି କ୍ରୋଧଭରେ କଲୁ ଅସ୍ଫାଳନ ।୩୭।
ବ୍ୟାକୁଳ ହୃଦୟୁ ଶାନ୍ତି ଶଙ୍କର ବାଦଳ,
ବହିଛି ଅଶିନୁ କୋପେ ଯେଉଁ ଦଳବଳ ।୩୮।
ତନ୍ତ୍ର ଚମକାଇ, କରି ଉଗ୍ର ଗର୍ଜନ,
ଦେଖାଇଲା ଅମ୍ବରର ଉପରେ ତର୍ଜନ ।୩୯।
ଘନ-କୁନ୍ତେ ପୂଣାଲା ବନ୍ଧୁ ବନ୍ଧୁ ପାଣି,
ସିଞ୍ଚି ସିଞ୍ଚି ଜଳଦରେ ଫାଶ ଦେଲା ଟାଣି ।୪୦।

---

୩୧ । ତୃଣଧ୍ୱଜ—ତାଳବୃକ୍ଷ, ଶୃଙ୍ଗାଗ୍ର—ଖଡ୍ଗମୃଗ ।
୩୨ । କଙ୍କପତ୍ର—ବାଣ ।
୩୩ । ଶୀକର—ଜଳକଣା, ଦୁକୂଳେ—ଦୁଇକୂଳରେ ।
୩୫ । ପଦ୍ମ-ବ୍ୟୂହ—ପ୍ରାଚୀନକାଳରେ ସୈନ୍ୟ-ସଜ୍ଜାର କୌଶଳ ।
୩୭ । ଲୂତା—ମାକଡ଼ସା ।

ସାଧ୍ୱୀ କୁଳବଧୂଙ୍କର ଦୁର୍ବିପାକ ଦୃଷ୍ଟି,
ଲଜ୍ଜାଭରେ ଭାନୁ ଦେଲେ ବଦନ ଲୁଚାଇ । ୪୧ ।

ସନ୍ଧ୍ୟାପ୍ରକଳା ବସି ବସନ୍ତ ବଦନେ
କଲା ନେଇଁ ତ ଜଗେ ସ୍ତନିତ ନିସ୍ୱନେ । ୪୨ ।

ଖଙ୍ଖ ଲକ୍ଷ ମନ୍ତ୍ରାଦେଶ ନେଭେକାଲ ଯେବେ
ଅନାଇଲେ ଦଶ ଦିଗ ଜୟଶେଷ କାଳରେ । ୪୩ ।

ଦର୍ଶିଲ ପକଳ ଦଶ ସୁମନ୍ତ୍ରେମଣ୍ଡ ।
ଦର୍ଶିଛନ୍ତି ପ୍ରଭୁ ଶୋଭାଇ ବସନ୍ତ ହୃଦୟ । ୪୪ ।

ଅଗ୍ରଜରେ ଆରେଶ ଦେଇ ସୁଧୀର ଲକ୍ଷ୍ମଣ,
ଚାହାଁଇଛି ଦୂର୍ବିଙ୍କ ଦେଖି ଲୋକଜନଙ୍ଗରଣ । ୪୫ ।

ନ ପାଉଣ୍ଟି ପୃଚ୍ଛି ରାମ ସୀତାର ଖବର,
ଜଗିବାକୁ ଚାର୍ଯ୍ୟ ତ୍ରୁଟି ନାହିଁ ଲକ୍ଷ୍ମଣର । ୪୬ ।
ରବି କି ଷୁହାଁରେ, ରବି ଦେଖିଲେ ରଘୁନାଥ
ନତମୁଖେ ବସିଛନ୍ତି ଶିରେ ଦେଇ ହାତ । ୪୭ ।
ଦର୍ଶିଲ ପଞ୍ଚଟେ ଦେଖ ସୁଗ୍ରୀବଙ୍କ ଧର,
ଗୁଳନ୍ତି ଭଗୀରଥ ପଛେ ଚପୁଦୁଶ୍ଚ । ୪୮ ।
ଗଙ୍ଗାଧାର ସମ ରାମଦେହ-ଜଳ-ଦ୍ୟୁତି,
କହି ପାରୁ ସମ ଅଟେ ମଣି, ଅଟେ ଜ୍ୟୋତି, ୪୯ ।
ଚେଙ୍କରାଇ ଚକ୍ଷୁକୁ ଧରି ଚର୍ଦ୍ଧେ ଦେଇ ଦୃଷ୍ଟି
ଅନର୍ଗଳ ଧାରେ ନରେ କଲେ ଅଶ୍ରୁ ବୃଷ୍ଟି । ୫୦ ।
ଶ୍ୟାମଦୁର୍ବା ଖୁଣ୍ଟି ସୀତା ଶୋଭାଇ ସକ୍ରେତର
ଯାତ୍ରାଙ୍କୁ ଶିବାଯାଇଁ ବଳାଇଲେ ଚକ୍ଷୁ । ୫୧ ।

---

୪୧ । ସାଧ୍ୱୀ—ସତୀ, ଦୁର୍ବିପାକ—ବିପଦ, ମନ୍ଦ ଅବସ୍ଥା, କୁଳବଧୂ—ସୂର୍ଯ୍ୟବଂଶର ବୋହୂ, ସୀତା, ଭାନୁ—ସୂର୍ଯ୍ୟ ।
୪୨ । ସ୍ତନିତ—ମେଘ ଗର୍ଜନ ।

ନ ଚଳେ ତେଜୀର ମଧ୍ୟ ମନରେ କି ଶଙ୍କା;
ନ ପାରିଲେ ସେବକର ଅନେକ ସାନ୍ତ୍ୱନା । ୫୨ ।
ଅଲିଭ ଶକଳ ହୃଦେ ବଦଶୂଧ ଲିପଟେ
ବନ ସୁନ୍ଦ୍ର କରିଦେଲେ ସେ ର ବଳାପରେ । ୫୩ ।
ବୋଲୁଦାନ୍ତି ସେ ଦୁଃଖିନୀ, "ହା ହା ପ୍ରାଣେଶ୍ୱର !
କରୁଣା-ପର୍ବତ-ପଦ, ସ୍ନେହ ଜଳଧର, ୫୪ ।
କି ଭୁଲଟେ ଧରିଥିଲ ଅଗ୍ରିମା କର ।
ତଃ କିମ୍ପି ଆଃ ନଷ୍ଟ ଦେଲ ଦାରୁଣ ଦୁଃଖର । ୫୫ ।
ନ ଜାଣି ମୁଁ ପଣ୍ଡିତର ପ୍ରଭୃତ ମହିମା,
ଧନୁଷ୍ଟିଏ ଗଢିଥିଲ ଆଦରି ଗରିମା । ୫୬ ।
ଭାଙ୍ଗିଦେଇ ସେ ଧନୁକୁ ଇଷ୍ଟ-ଦଣ୍ଡପରି,
ଜାଣିଥିଲ—ମାଂଧର୍ମ ସେବିକ ଥିଲ ମନେ ଜାଣି । ୫୭ ।
କି ଜନ୍ମ ଭ୍ରମରେ ପଦ-ଶୃଙ୍ଖଳ ନ ମଣି,
ସ୍ନେହେ ସଙ୍ଗେ ନେଲ ମୋତେ ସାଥୀ ବୃନ୍ଦାମଣି । ୫୮ ।
ପଦ ଟାଙ୍କୁଲିକ୍ କରି ଦୁଷ୍ଟପୁର ଦ୍ୱାର,
କଲ ଦୁର୍ଗ-ଦର୍ପ ପୁଣି-ଆଶ୍ରମ ବାହାର । ୫୯ ।

ତପତେ ସ୍ନେହ ଭୁଲୁଥିଲ ଦେବା ପ୍ରଣରେ ବଦନ,
କେମନ୍ତେ ଭୁଲିବି ତାହା ସେବିବୁଝ ମାଦଦେ । ୬୦ ।

ଘୁର ଦାଘୀ ହେବ ବୋଲି କ୍ଷୁଧାରେ ଆକୁଳ,
ଜଙ୍ଗଲ ସହିଲେ ଖାଉଥିଲ ଫଳମୂଳ । ୬୧ ।

---

୫୩ । ଲିପଣ—ମୁଖ ।

୫୪ । ଅଗ୍ରିମା—ସ୍ୱର୍ଣ୍ଣାଞ୍ଜଳୀ ।

୫୫ । ଅଳକ୍ଷ୍ମୀ—ରୁଦ୍ଧ ।

୫୭ । ରେଣୁ—ଧନୁର୍ବାଣ ।

୬୧ । ଜଙ୍ଗଲ — ଜଙ୍ଗଲ, ସନ୍ଧ୍ୟା—ବାଣକ ।

ଚକ୍ଷୁ-ଆନନେ ସୃଷ୍ଟି ହେଉଥାଉ ବୋଲି,
ଅଙ୍କ-ପଲଙ୍କେ ତା ପାଇଁ ସାଜୁଥିଲ ଦୋଳି । ୬୨ ।

ଶୁର ମୋକ୍ଷ ସ୍ନେହେ ପଡ଼ି ଲିଭିଂ ମହାର୍ଣ୍ଣବ
ଦଶବଦନର ଧନେ ଜଳି ମହାହବ । ୬୩ ।

ସହଗା ତନ୍ତ୍ରୀର କେତେ ମଧୁର-ପ୍ରହ୍ଲାଦ,
ମଣ୍ଡୁଥିଲ ତା' ଶ୍ରବଣକୁ ହୃଦୟର ଦ୍ୱାର । ୬୪ ।

ସେ ଦ୍ୱାର-ପଦକ ପାଇଁ ଉପଯୁକ୍ତ ମଣି ।
ମୋତେ ବସୁଥିଲ ତହିଁ କରି ମଧ୍ୟ-ମଣି । ୬୫ ।

ଶତ-ଚନ୍ଦ୍ର-ସ୍ପର୍ଦ୍ଧୀ ମୋର ଶୋଭା ଦେଖିଲେ ନୟନେ,
ତୋଷୁଥିଲ ସଦା ସୁଧା-ସୁରଭି ବଚନେ । ୬୬ ।

ବୋଲୁଥିଲ, 'ଉମେଶଙ୍କୁ ଦେଇ ଅକ୍ଳାନ୍ତେ
ଲଭିଅଛୁ ଯତ୍ନ ତୋତେ ଦୁର୍ଲଭ ବସ୍ତୁତ !' ୬୭ ।

ସେଣେ ନାହିଁ ଅଦ୍ୟାପି ସେ ଶର-ନୃଣ-ଚିତ୍ତ,
ମୁହିଁ ଅଲକ୍ଷଣୀ କୁଷ୍ଟ ହୋଇଗଲି ଭିନ୍ନ ! ୬୮ ।

ମୋ ଦୃଷ୍ଟି ସେଣ୍ଣାଇ ଦେବ ହୃଦୟ-ଫଳକେ,
ତା' ନ କଲି ଦୁଃଖ ଦେବ ପଳକେ ପଳକେ । ୬୯ ।

ମୁଁ ନ ଶୁଣି, କେଉଁ ଭୂପ ପ୍ରକୃତି-ରଞ୍ଜନ;
ମୁଁ ମରେ, ଘୁଞ୍ଚୁର ହେବ କଳଙ୍କ-ଅଞ୍ଜନ । ୭୦ ।

ଏଥିରୁ ଜାଣି ବ ସେହି ଅସ୍ୱସ୍ଥ କାରଣ,
ହୃଦେ ରଖ ଶଢ଼ି ତୋର ଫଳାସ୍ତୁ ମୂରତି ' ୭୧ ।

---

୬୨ । ସୃଷ୍ଟି – ଜନ୍ମ ।

୬୩ । ମହାର୍ଣ୍ଣବ—ମହାସାଗର, ମହାହବ—ଘୋରତର ଯୁଦ୍ଧ ।

୬୯ । ଫଳକ – ପଟ୍ଟ, ପଳକେ – କ୍ଷଣମାତ୍ର ।

୭୦ । ପ୍ରକୃତି_ରଞ୍ଜନ—ପ୍ରଜାମାନଙ୍କର ସୁଖବିଧାନ ।

ବଂଶର ଜନକ ତୁମ୍ଭ ଏହି ଦିବାକର,
ଭୁବନ-ମଙ୍ଗଳ ଦାନେ ସଦା ମୁକ୍ତକର ।୭୨।
ଧର୍ମ-ଧାରଣୀ-ସ୍ୱରୂପିଣୀ ଏହି ଭାଗୀରଥୀ;
ତୁମ୍ଭର ବଂଶର କୀର୍ତ୍ତି-ଖ୍ୟାତି ଗାଉଛି ।୭୩।
କୀର୍ତ୍ତି ଅନୁରୋଧେ ସିନା କଲ ମୋତେ ତ୍ୟାଗ,
ଏ ତୁମ୍ଭର ଉପଯୁକ୍ତ କର୍ମ ମହାଭାଗ ।୭୪।
ଏହି କୀର୍ତ୍ତି—ପତାକାରେ ପାପିନୀର ଚିହ୍ନ,
ରହୁଥିବ, ଏହା ଚିନ୍ତୁ ବିଷମ ବିପଦ ।୭୫।
ଧିକ ମୋ ଜୀବନ, ନାଥ ! ଏକା ମୋହ ଲାଗି,
ଅକଳଙ୍କ ଥାଇ ହେଲ ଅପଯଶଭାଗୀ ।୭୬।
ତୁମ ଶ୍ରୀଚରଣ ତେଜି କାହିଁରେ ରହିବି ?
ଅନଳ ନ ଦହେ ତନୁ, କାହିଁରେ ଦହିବ ? ୭୭ ।
ତୁମ୍ଭ କାନ୍ତି ଧରିଛନ୍ତି ଏହି ଦୂର୍ବାଦଳ;
ତାଙ୍କୁ ଖୁଣ୍ଟି ଚରେ ନେଇ କାହାର ଆଶ୍ରୟ ? ୭୮ ।
ପାଷାଣେ ଜୀବନ ଦେଇ ତୁମ୍ଭ ଅନୁଗ୍ରହ;
ମୋତେ ଦେଇ କାହିଁକି ତେବେ ଲଭୁଛ ନିଗ୍ରହ ! ।୭୯।
ଗର୍ଭେ ମୋର ଥୋଇଅଛ ଯେ ରତ୍ନନିଧାନ,
ନ ଜାଣିଲ ତା' ରକ୍ଷଣେ କି ପ୍ରତିବିଧାନ ।୮୦।

---

୭୨ । ଦିବାକର—ସୂର୍ଯ୍ୟ ।

୭୩ । ଧର୍ମ-ଧାରଣୀ-ସ୍ୱରୂପିଣୀ—ପୃଥିବୀର ଧାରଣା ସ୍ୱରୂପ:, ସୂର୍ଯ୍ୟ-ବଂଶର ପୂର୍ବପୁରୁଷ ଭଗୀରଥ ତପସ୍ୟା ବଳରେ ଗଙ୍ଗାଙ୍କୁ ଆନୟନ କରିଥିଲେ ।

୭୭ । ଲଙ୍କାରେ ଅଗ୍ନି ପରୀକ୍ଷାରେ ସୀତା ଦଗ୍ଧ ହୋଇ ନ ଥିଲେ ।

୭୯ । ରାମଚନ୍ଦ୍ର ପାଷାଣ ପାଲଟିଥିବା ଅହଲ୍ୟାଙ୍କୁ ଉଦ୍ଧାର କରିଥିଲେ, ନିଗ୍ରହ—ଦଣ୍ଡ ।

୮୦ । ପ୍ରତିବିଧାନ—ପ୍ରତିକାର ।

ଦୃଢ଼ ଆଶା ଥିଲା ମୋର ହୃଦୟେ ପୋଷିତ,
ପ୍ରଭୁକୋଳ କରଥାନ୍ତୁ ଏ ରତ୍ନେ ଭୂଷିତ । ୮୧ ।
ଆକାଶ-କୁସୁମ ହେଲା ଆଶା-ପରିଣାମ,
ଧନ୍ୟ ରେ ଦଇବ ତୋତେ ସହସ୍ର ପ୍ରଣାମ । ୮୨ ।
ପିତା ଘରେ ମନ୍ଥାରିକି ମନ୍ତ୍ର-ମନ୍ଥାୟଶା,
କି କରନ୍ତୁ ବିଧି ତାଙ୍କ କୁମରର ଦଶା ! ୮୩ ।
ଭିନ୍ନ-ଅଙ୍ଗେ ହୁଏ ଯେବେ ବଜ୍ରର ପ୍ରହାର,
ହା ହା ତହିଁ ସଙ୍ଗେ ଭିନ୍ନବାଣୀର ସଞ୍ଚାର । ୮୪ ।
ଧନ୍ୟ ନାଥ, ମୁଖ ତୁମ୍ଭ ପୀୟୂଷ-ନିର୍ଝର,
ହୃଦଗ୍ରାବ୍, ସୁଧା ତୁମ ଶୀଳାର ଆକାର । ୮୫ ।
ହେଲେ ହେଁ ସେ ହୃଦୟରେ ସନ୍ତାପ ପତିତ,
ଧନ୍ୟ ନ ବାହାରେ ମୁଖେ ଅମୃତ ବ୍ୟତୀତ । ୮୬ ।

ସହସା ଶୁଣିଲ ମୋର ଅପବାଦ କଥା,
ଅବଶ୍ୟ ହୃଦୟେ ଲଭିଥିବ ମହାବ୍ୟଥା । ୮୭ ।

ତଥାପି ନ କହ ପଦେ ନିଦାରୁଣ ଭାଷା,
ତ୍ୟାଗକଲ ଦେଇ ମୋତେ ମଧୁମୟୀ ଆଶା । ୮୮ ।

ମୋ ଅର୍ଜିତ ପାପ ମୋର ଦୁଃଖର କାରଣ,
ସେହି ପାପ ଏବେ ମୋର ହେଉଛି ସ୍ମରଣ । ୮୯ ।

ମନୁମାଂସାଶର ନାଦେ ମଣି ମୁଁ ଉତର,
"ଯାଅ ରେ ଲକ୍ଷ୍ମଣ" ରୂଢ଼ ମଣିଲି ତାଙ୍କର । ୯୦ ।

---

୮୩ । ବିଧି—ଦୈବ, ନିୟତି ।
୮୫ । ପୀୟୂଷ—ଅମୃତ, ହୃଦଗ୍ରାବ୍—ହୃଦୟ ରୂପକ ପର୍ବତ ।
୮୬ । ସନ୍ତାପ—ଦୁଃଖ ।
୮୮ । ନିଦାରୁଣ—ନିଷ୍ଠୁର ।
୯୦ । ଉତର—ପର ।

ମାତ ମଦେ ଲକ୍ଷ୍ମଣଙ୍କୁ କରି ନାନା ଛଳ,
ବଳାତ୍କାରେ ପଠାଇଲି ପ୍ରଭୁ ସନ୍ନିଧାନ । ୯୧ ।

ସେହି ପାପେ ସେ ତାଆଙ୍କ ମହିମା ବର୍ଦ୍ଧନ,
ଲଭି ହେଲ ପାପିନୀର ଚିର ବିସର୍ଜନ । ୯୨ ।

ଦୋଷଶୂନ୍ୟ ଲକ୍ଷ୍ମଣଙ୍କୁ ଦେଇଁ ତିରସ୍କାର,
ଦେଇଥିଲି, ପାଇଲି ତା' ଯୋଗ୍ୟ ପୁରସ୍କାର । ୯୩ ।

ଲକ୍ଷ୍ମଣଙ୍କୁ କରିବାକୁ ମୋ ନିକଟୁ ଦୂର,
ହୃଦେ ତାଙ୍କ ମାରିଥିଲି ବଚନ-କ୍ଷୁର । ୯୪ ।

ଭକ୍ତିଭରେ ସେ ଲକ୍ଷ୍ମଣ ପଡ଼ି ମୋ ଚରଣେ,
ଦୂର କରିଦେଲେ ମୋତେ ବିନମ୍ର ବଚନେ । ୯୫ ।

ତୁମ୍ଭ ଶିରଚ୍ଛିଏ ଅତି ପାପୀ ଦଶାନନ,
ମୋ ପାପ ନୟନ ଅଗ୍ରେ କଲା ପ୍ରଦର୍ଶନ । ୯୬ ।

ସ୍ୱାମୀଙ୍କର ଛିନ୍ନ ଶିର ବୋଲି ମୁଁ ଅଧୀରେ,
କାନ୍ଦିଲି ବିକଳ ପ୍ରାଣେ ଲୁଣ୍ଠି ଚେତନାରେ । ୯୭ ।
ସେ ଶିର ଅନାଇ ଯାହା ନ ମଲି ତକ୍ଷଣ,
ସେ ପାପେ ହେଲି ଏବେ ଜୀବନ୍ତ ଦହନ । ୯୮ ।
ତୁମ୍ଭ ପଦ-ସେବା-ସୁଖ ନହିଁ ମୁଁ ଉଲ୍ଲାସ,
ଆଶ୍ରମ-ଦର୍ଶନ ସୁଖ କଲି ଅଭିଳାଷ । ୯୯ ।
ସେହି ପାପ ଶ୍ରୀଚରଣୁ କରଇ ଅନ୍ତର,
ବୋଲୁଛି, 'ପାପିନୀ', ଯାହା ଇଚ୍ଛା ତାହା କର । ୧୦୦ ।
ଅଯୋଧ୍ୟାର ରାଜଲକ୍ଷ୍ମୀ-ପୀଠତଳେ ବସି,
ନ ହୋଇ ମୋ ସଙ୍ଗେ ଥିଲି ବଞ୍ଚିତ ଦିବସ । ୧୦୧ ।

---

୯୩ । ତିରସ୍କାର—ଗାଳି, କ୍ଷୁର—ଛୁରି, ବଚନ-କ୍ଷୁର—ଅତ୍ୟନ୍ତ ନିଷ୍ଠୁର କଥା ।

୯୯ । ଉଲ୍ଲାସ—ତୁଚ୍ଛ ।

ଅସୂୟାରେ ରାଜଲକ୍ଷ୍ମୀ ଦେଉଥିଲା ଦାହ,
ବକ୍ଷଧନ ସନ୍ତାନ ତା' ନ ପାଉଥିଲା ଅହ । ୧୦୨ ।
ତା' ଦୁଃଖର ସଙ୍ଗୀ ଥିଲେ ଯେଉଁ ସୁରଜନେ,
ତାଙ୍କୁ ଦେଖୁ କରୁଥିଲା ମୋର ବର୍ଜନେ । ୧୦୩ ।
ଅଯୋଧ୍ୟାରେ ସପତ୍ନୀର ଶତ୍ରୁ ତପସ୍ୱିନୀ,
ନ ପାରିଲି ତାଙ୍କୁ ପତି-ଶତ୍ରୁ ମନସ୍ୱିନୀ । ୧୦୪ ।
କୈକେୟୀଙ୍କ ପରାକ୍ରମ ଫଳଧାରି ଶେଷେ,
ରାଜଲକ୍ଷ୍ମୀ ବନ ଯାତ୍ରା ହେଲା ଦେଖୁ ଦେଶେ । ୧୦୫ ।
"ପ୍ରକୃତି-ରଞ୍ଜନେ ଯେବେ ହୁଏ ପ୍ରୟୋଜନ,
କରିପାରେଁ ପ୍ରାଣସମା ସୀତା ବିସର୍ଜନ" । ୧୦୬ ।
ଅଷ୍ଟାବକ୍ର ମୁଖ ଅଗ୍ରେ ଯାହା କହିଥିଲା,
ପୁତ୍ରବଧୂ ସେ ପ୍ରତିଜ୍ଞା ନ କରି ଶିଖିଲା । ୧୦୭ ।
ପିତୃ-ବାକ୍ୟ ପାଳନରେ ତୁମ୍ଭେ ଅବମୁଖ,
ପତିବାକ୍ୟ ପାଳନରେ ନ ହେଲି ମୋ ଦୁଃଖ, । ୧୦୮ ।

---

୧୦୨ । ଅସୂୟା—ଦ୍ୱେଷ, ଦାହ—ପ୍ରତିଶୋଧ ନେବା ।

୧୦୪ । ସପତ୍ନୀ – ସହଧର୍ମିଣୀ, କୈକେୟୀଙ୍କ କଥାରେ ପରିଚାଳିତ ହୋଇ ରାଜା ଦଶରଥ ଜ୍ୟେଷ୍ଠପୁତ୍ର ରାମଚନ୍ଦ୍ରଙ୍କ ବନବାସର କାରଣ ହୋଇଥିଲେ ।

୧୦୭ । ଅଷ୍ଟାବକ୍ର—ମହାଭାରତ ମତରେ ଋଷି ଅଷ୍ଟାବକ୍ର କହୋଡ଼ ଋଷିଙ୍କ ଔରସରେ ସୁଜାତାଙ୍କ ଗର୍ଭରୁ ଜନ୍ମ । ଗର୍ଭରେ ଥାଇ ପିତାଙ୍କ ଅଧ୍ୟାପନାକୁ ସମାଲୋଚନା କରିବାରୁ ପିତୃ ଅଭିଶାପରେ ତାଙ୍କର ଶରୀର ଆଠଟି ସ୍ଥାନରେ ବଙ୍କା ହୋଇ ଯାଇଥିଲା । ପରେ ପିତା କହୋଡ଼ ଜନକଙ୍କ ରାଜସଭାରେ ବନ୍ଦୀ ହେବାରୁ ଅଷ୍ଟାବକ୍ର, ରାଜସଭାରେ ଶାସ୍ତ୍ରତର୍କ କରି ପିତାଙ୍କୁ ଉଦ୍ଧାର କରିଥିଲେ ତାହା 'ଅଷ୍ଟାବକ୍ର—ସଂହିତା' ନାମରେ ପରିଚିତ ।

୧୦୮ । ଅବମୁଖ—ପ୍ରସନ୍ନ ।

ତେବେ ସିନା ତୁମ୍ଭ ପତ୍ନୀ ପଦର ଭାଜନ,
ମୁଁ ହେବି, ଏକଥା ନିତ୍ୟେ ବୁଝିବ ମୋ ମନ । ୧୦୯ ।

ପରଜାରଞ୍ଜନ ବ୍ରତେ ଅଟ ତୁମ୍ଭେ ବ୍ରତୀ,
ମୁଁ ସହଧର୍ମିଣୀ ତୁମ୍ଭ ପଦାଙ୍କେ ମୋ ମତି । ୧୧୦ ।

ହେଉ ମୋର ନିର୍ବାସନ ପ୍ରକୃତିର ତୋଷ,
ତୁମ୍ଭଙ୍କର ବ୍ରତ ହେଉ ସମ୍ପୂର୍ଣ୍ଣ ନିର୍ଦ୍ଦୋଷ" । ୧୧୧ ।

ସୀତାଙ୍କ ବେଦନେ ଗଢ଼ ମୂର୍ଚ୍ଛିଲ ବାତୁର,
ଜଳ ସ୍ଥଳ ଯେତେ ହେଲେ ନିସର୍ଗ କାତର । ୧୧୨ ।

ମୂର୍ଚ୍ଛିଗଲା ଜାହ୍ନବୀର ତରଙ୍ଗ ଆବଳୀ,
ବନ୍ଦ ହୋଇଗଲା ବନେ ବିହଙ୍ଗ କାକଳି । ୧୧୩ ।

ନ ହଲିଲା ପାଦପର ଗୋଟିଏ ପତ୍ର,
ନ ଚଳିଲା ଲତା-ଶିଳା-ବଲ୍ଲୀ-କଳେବର । ୧୧୪ ।

ଡାଳେ ଡାଳେ ବସି ପକ୍ଷୀ ପାଡ଼ିଲେ ଶ୍ରବଣ,
ତାଳେ ତାଳେ ପ୍ରାଣେ ଭଣି ଶୋକ-ପ୍ରସ୍ରବଣ । ୧୧୫ ।

ମୃଗଶିଶୁ-ଜନନୀର ସ୍ତନ ମୁଖେ ଧରି,
ରହିଲେ ଚାହିଁଣ କ୍ଷୀର ଶୋଷଣ ନ କରି । ୧୧୬ ।

---

୧୦୯ । ଭାଜନ—ଯୋଗ୍ୟ ।

୧୧୧ । ପ୍ରକୃତିର ତୋଷ— ପ୍ରଜାମାନଙ୍କର ସନ୍ତୋଷ ବିଧାନ ।

୧୧୨ । ବେଦନେ— ବେଦନରେ, ମୂର୍ଚ୍ଛିଲ— ଅସ୍ଥିର ।
ନିସର୍ଗ—ସୃଷ୍ଟି, କାତର - ବ୍ୟାକୁଳ ।

୧୧୩ । ଜାହ୍ନବୀ—ଗଙ୍ଗା, ଜହ୍ନୁ ଋଷିଙ୍କ ଅଙ୍ଗରୁ ଜାତ ହୋଇଥିବାରୁ ଗଙ୍ଗାଙ୍କ ଅନ୍ୟନାମ ଜାହ୍ନବୀ । ଆବଳୀ—ସମୂହ । ବିହଙ୍ଗ-କାକଳି—ପକ୍ଷୀମାନଙ୍କର କଳରବ ।

୧୧୫ । ପାଡ଼ିଲେ ଶ୍ରବଣ—କାନ ଡେରିଲେ, ପ୍ରସ୍ରବଣ—ଝରଣା ।

ମୃଗ-ଦର୍ଭ ମୁଖେ ଧରି ମୃଗମୃଗୀମାନେ,
ଗ୍ରୀବା ଭଙ୍ଗି ରହିଥିଲେ ଶୋକ-ଧ୍ୟାନ-ଧ୍ୟାନେ । ୧୭ ।

ମୟୂର-ମୟୂରୀଗଣ ଶାବକ ସହିତ,
ଚକିତ ପକ୍ଷ୍ମେ ହେଲେ ସ୍ପନ୍ଦରହିତ । ୧୮ ।

କରଭ କରିଣୀ କଣ୍ଠ ବେଢ଼ାଇ ଶୁଣ୍ଡ ପରି,
ଘଟେ ରହିଥିଲେ ଗଙ୍ଗା-ଗମନ ବିସ୍ମରି । ୧୯ ।

---

୧୭ । ଦର୍ଭ - କୁଶ, ଗ୍ରୀବା - ବେକ ।

୧୮ । ଶାବକ - ଶିଶୁ, ଚକିତ ପକ୍ଷ୍ମେ - ଚଞ୍ଚଳ ।

୧୯ । କରଭ—ହାତୀଛୁଆ, କଣ୍ଠ—ଗଳା, ଶୁଣ୍ଡ—ନାଠଣ୍ଡା
ବିସ୍ମରି—ଭୁଲିଗଲେ ।

# ଦ୍ୱିତୀୟ ସର୍ଗ

## ( ସଭ—ରାମଦେଖା )

ବାଲ୍ମୀକି-ଆଶ୍ରମ-ପ୍ରାନ୍ତରେ
　　　　ଶାନ୍ତି ବିରାଜୁ କରେ,
କୋଟି ସୂର୍ଯ୍ୟ ଜଳ ପାଦପ—
　　　　ବକ୍ଷ ସୁଶୋଭା ଧରେ । ୧ ।
ଅକପଟେ ତାହା ବଢ଼ନ୍ତି,
　　　　ସେହୁ ପାଦପମାନେ,
ଅଯାଚିତେ ନିଜ ଶରୀର—
　　　　ମାନଦଣ୍ଡର ମାନେ । ୨ ।
ପ୍ରକୃତି-ସମରେ ସେମାନେ
　　　　ପୂର୍ଣ୍ଣି ହୁଅନ୍ତି ସେନା,
ଆବରଣ କରି ଶରୀରେ
　　　　ଘନ-ପଲ୍ଲବ-ସେଲ୍ହା । ୩ ।
ଜଳ ବରଷାର ବ୍ୟାପ୍ତାରେ
　　　　ଅଙ୍ଗ-ପୁଷ୍ଟି-ସାଧନ,
ଆତପକୁ କରି ଆଂଶୁ
　　　　ଭାର ଅଶେଷ-ଧନ । ୪ ।

---

୧ । ବାଲ୍ମୀକି—ସେହି ପ୍ରସିଦ୍ଧ ରାମାୟଣ ରଚୟିତା ମହାମୁନି, ଭାରତର ଆଦିକବି ରୂପେ ପରିଚିତ । କଥିତ ତମସାନଦୀ ତଟରେ ତାଙ୍କର ଆଶ୍ରମ ଥିଲା । କୋଟି —ଧନାଗାର, ପାଦପ—ବୃକ୍ଷ ।

୨ । ଅକପଟ—ସରଳ ।

୩ । ସେଲ୍ହା—କବଚ ।

୪ । ଆଂଶୁ—ସୂର୍ଯ୍ୟ କିରଣ ।

ଶୀତ-ଅନ୍ତମସ୍ତ କରିବା
ପାଇଁ ସୂର୍ଯ୍ୟଙ୍କୁ କ୍ଷୀଣ,
ଧୂମରୂପେ ଦୃଷ୍ଟି ହୁଅନ୍ତି
କେବଳ ଅନଳ ପ୍ରାଣ । ୫ ।

ଜଳଜ ପ୍ରକୃତି ସମସ୍ତ
ଜାଣି ସମୀରେ ତୋଷ,
ପାଦପଙ୍କ କରେ ସମର୍ପି
ଫଳ-ପୁଷ୍ପ-କୋଷ । ୬ ।

ଗର୍ଭେ ଧରି ଭାଗ୍ୟ-ରତନ
ପୂର୍ଣ୍ଣ-ଗଗନ-ସିନ୍ଧୁ,
ଅଗସ୍ତ୍ୟ-ଚାରିମାଃ ଶୋଷନ୍ତି
ପ୍ରତି ଶିଶିର-ବିନ୍ଦୁ । ୭ ।

ସାଗର ଗରଭେ ପାଦପ
ଆଲବାଳର ଜଳ,
ଶୋଷି ରଖିଥିଲେ ଗରଭେ
ସୁଧାକର ମଣ୍ଡଳ । ୮ ।

---

୬ । ସମୀରେ - ଝଞ୍ଜାବାୟୁ ଜରେ ।

୭ । ଅଗସ୍ତ୍ୟ—ମିତ୍ରାବରୁଣ ଋଷିଙ୍କର ପୁତ୍ର । ତାଙ୍କୁ କୁମ୍ଭସୂତ ମଧ୍ୟ କୁହାଯାଏ । ବୃତ୍ରାସୁରର ନିଧନ ପରେ କାଳକେୟ ଅସୁରଗଣ ସମୁଦ୍ରରେ ଆତ୍ମଗୋପନ କରି ସ୍ୱର୍ଗପୁରକୁ ବାରମ୍ବାର ଆକ୍ରମଣ କଲେ ଏବଂ ମର୍ତ୍ତ୍ୟଭୂମିର ଋଷିମାନଙ୍କୁ ପରାଭବ ଦେଲେ । ଦେବତାମାନଙ୍କ ଅନୁରୋଧକ୍ରମେ ମହାତପସ୍ୱୀ ଅଗସ୍ତ୍ୟ ସମୁଦ୍ରକୁ ଚଳୁ କରି ଦେବାରୁ ଲୁଚିଥିବା ଅସୁରଗଣଙ୍କୁ ହତ୍ୟା କରିବା ସହଜ ହୋଇଥିଲା । ଇଲ୍ୱଲ ଓ ବାତାପି ଦୁଇ ନାମ୍ନା ଅସୁରଙ୍କୁ ମଧ୍ୟ ଅଗସ୍ତ୍ୟ ଧ୍ୱଂସ କରି ଦେଇଥିଲେ ।

୮ । ଆଲବାଳ—ଗଛମୂଳର ମଣ୍ଡା, ସୁଧାକର—ଚନ୍ଦ୍ର ।

ଅକସ୍ମାତ ଧର ପ୍ରସ୍ରବଣ
ଶ୍ରମବନ୍ଧୁ-ସ୍ୱେଦନ
ଘନ ଘନ ଜଳ୍ପ ଗର୍ଜିତ
ଶାନ୍ତି-ଦେବୀ-ସଦନ । ୯ ।
ଜଗନ୍ନାଥ ହୋଇ କରୁଣା-
ବଶ ଶାନ୍ତି ବାନ୍ଧବ,
ଲେଢ଼ିଲେ ସେ ସ୍ୱେଦନ-ଲକ୍ଷ୍ୟରେ
ଶିବାପାର୍ଶ୍ୱ ବନ୍ଧନ । ୧୦ ।
ମୃଗ-ଲୁମାସ୍ଥେ ବାଲ୍ମୀରି
ଲଗିଥିଲେ ବେଶ ଅଶେଷ,
ବାଲ-ବସ୍ତ୍ର ଜବ ବହିଗି-
ଜଣ୍ଟୀ ପର୍ଯ୍ୟବେକ୍ଷଣ । ୧୧ ।
ନବ ରବ ଏକ କର୍ଣ୍ଣରେ
ତାଙ୍କ ପିବାକୁ ଲାଗି,
ମନ ନଯୋଗିଲେ ତାହାକୁ
ଧଣ ଶୁଣିବା ଲାଗି । ୧୨ ।
ଧରି ମନ ତାଙ୍କୁ ଦେଖିଲା
ନୁହେଁ କପୋତ-ସ୍ୱନ,
ନୁହଇ କୋକିଳ-କାକଳି,
କିମ୍ବା ବୀଣା-ନିକ୍ୱଣ । ୧୩ ।
ନୁହେଁ ଶଙ୍ଖନାଦ, ନୁହଇ
ଧ୍ୱନି ମୟୂର କେକା,
ନିଳକା କରୁଣ-କଣ୍ଠର
ସ୍ୱର-ନିର୍ଝର ଏକା । ୧୪ ।

---

୯ । ଶ୍ରମବନ୍ଧୁ—ଶୀତା ।

୧୧ । ଇତପୂର୍ବେ ପ୍ରଖର ପବନ ପ୍ରବାହିତ ହୋଇଥିବା କଥାର ଉଲ୍ଲେଖ ଅଛି !

କାନ୍ଦୁଚନ୍ତି ବିଷ୍ଣୁ-ବୀରହେ
ଥିବା ହେଲାରେ ଆରତ ! ୨୬ ।

ଥର ଥର ମୂର୍ଚ୍ଛିତଭାବେ
ଗଲେ ଜାନକୀ ପାଖ,
ସାନ୍ତ୍ୱନ କ ହେଲ ଦେବାକୁ
ଉଲ୍ଟା ତାଙ୍କୁ ଆଶ୍ୱାସ । ୨୭ ।

କଠୋର ମନ୍ଦାକିନୀର
ଗାଢ଼ ଅବିଳ ଜଳ,
ସ୍ୱଚ୍ଛ କରିବାକୁ କି ରୂପେ
କେଉଁ କର୍ମିଳା ଫଳ ? ୨୮ ।

ଲବ, ଅଙ୍ଗ ତେଲ ପଙ୍କରେ
ଯେଉଁ ନଦୀ ବେଷ୍ଟନ,
କୁମାରଙ୍କି ପାଇ ବଢ଼ିଲା
ସୀତା-ଶୋକ ବେଦନ । ୨୯ ।

ନିଜ ନ ପଚୁଣି କୁମାର-
ମାନେ ଲବଲେ ବେଢ଼ି,
ଆଉ ନ ପାରିଲେ ଯେତେକେ
କେଉଁ ପାଦକୁ ବେଢ଼ି । ୩୦ ।

---

୨୬ । ଆରତ—ପରିଶ୍ରମ, ଅଁଲୁଣ-ବିହ୍ୱଳ ହେବାର ।

୨୭ । ଜାନକୀ—ଜନକ ମହର୍ଷିଙ୍କର କନ୍ୟା ସୀତା, ଆଶ୍ୱାସ-ସାନ୍ତ୍ୱନା ।

୨୮ । ଅବିଳ—ଘୋଳିଆ, କର୍ମିଳା-ଏକପ୍ରକାର ଫଳ ।

୨୯ । ଲବ, ଅଙ୍ଗ, ତେଳ, କାଶ, ତପ, କମେଇ, ରଣ—ଏହି ସବୁଟି ମନ୍ଦାକିନୀର ପ୍ରଧାନ ଉପନଦୀ ସ୍ୱରୂପରେ ଖ୍ୟାତ ।

୩୦ । ବେଢ଼ି—ଘେରିକ ।

କିଏ ବା ଭାବିଲା, "ଜାହ୍ନବୀ
ଏବେ ମୂର୍ତ୍ତିମତୀ କି,
ଶ୍ୱେତକ କଲ୍ଲୋଳ ଉପାନ୍ତ-
ଛନ୍ନ ବପୁମତୀ କି ? ୨୧ ।

କରକା ପର୍ବତେ କରୁଣା
ଜନ୍ମା ହର୍ବୁ ଗଲା,
ପର-ଦୁଃଖ ଭାରେ ଏମନ୍ତ
ଭବେ ଯାଉଛୁ ଗଲା ? ୨୨ ।

ନ ଦେଖିଲେ ଏ ଘନ-କୁନ୍ତଳା
ଘନ ସନ୍ନିଭ ଭାବି,
ଝସି ପଡ଼ିବାକୁ ଧର୍ମରେ
ଚଞ୍ଚଳାଭରୁ ଧାଇଁ । ୨୩ ।

ଦୋଳିଆସ୍ରା ଶତ ବେଦନ-
ଧ୍ୱନି ଚମକପ୍ରଦା,
ବୋଲାନ୍ତୁ ଆସିରୁ ଜଳଦ-
ସଙ୍ଗେ ଏ ଶତହ୍ରଦା । ୨୪ ।

ଶିଶିର-ବର୍ଷିଣୀ ଚନ୍ଦ୍ରିକା
ପିକ-ସ୍ୱର-ମୁଖରୀ,
କାହିଁ, କାହିଁ ବିଶ୍ୱୀ- ସ୍ୱାବଣୀ
ଖର ନିଦାଘ ଶର୍ବରୀ ? ୨୫ ।

ବାଣୀ ଆସ୍ୟା ଶତ ସ୍ତୁତିରେ
ଦୋଳିଆନ୍ତୁ ସ୍ୱରତୀ,

---

୨୨ । କରକା—କୁଆପଥର, ଏଥୁ। ଭୂମିରେ ପଡ଼ିବା ସଙ୍ଗେ ସଙ୍ଗେ ମିଳାଇ ଯାଏ ।

୨୩ । ଘନ—କୁନ୍ତଳା-ମେଘବର୍ଣ୍ଣର କେଶ ଯାହାଙ୍କର ।

୨୪ । ଶତହ୍ରଦା —ବିଜୁଳି ।

୨୫ । ଖର—ତୀବ୍ର, ନିଦାଘ-ଗ୍ରୀଷ୍ମକାଳ ।

ପଞ୍ଚ-ଗୁଣ, ପଞ୍ଚ-ବାଣୁଙ୍କ
ଶୁଦ୍ଧ ଅଛି ଏକାନ୍ତେ । ୩୬ ।
ଲଳିତ ବଳୁଛି ଲଲାଟେ
ତାର ସିନ୍ଦୂର-ବିନ୍ଦୁ,
ମୁଖ-କମଳକୁ ଦେଖାଉଛି
ସେତିକି ପୂର୍ଣ୍ଣିମା ଇନ୍ଦୁ । ୩୭ ।
କରପଲ୍ଲବରେ ଶୋଭୁଛି
ସ୍ୱଳ୍ପ ରତନ ଚୂଡ଼ି,
ବିଷାଦ-ସାଗର-ସଲିଳେ
ଯାଇଅଛି ନ ବୁଡ଼ି । ୩୮ ।
ଦରବିକଶିତ କମଳେ
ବରାଟକ ପରାଏ,
ଶତଦଳ-ରୁଚି ରୁଚିର
ତେଜେ ସେ ଶୋଭାପାଏ । ୩୯ ।
ଚମ୍ପାଇ ଦେଉଛି ବାସକୁ
ତାର ନୟନ-ବାରି,
ଦେଖି କି ମାନସୀ ଚକ୍ଷୁରେ
ବାରିହେଉ ନାହିଁ ତ ବାସ ।" ୪୦ ।
ଶୁଣି ମୃଦୁଳର ମଧୁରେ
ନିମୀଳିତ ଲୋଚନେ,
କାନ୍ଧ, ଶିର, ଗ୍ରୀବା, ପଲକି
ବସି ରହିଲେ କ୍ଷଣେ । ୪୧ ।

---

୩୬ । ଏକାନ୍ତେ—ନିର୍ଜନରେ ।

୩୯ । ବରାଟକ—ପଦ୍ମର ବୀଜକୋଷ, ଶତଦଳ-ପଦ୍ମ, ରୁଚି-କାନ୍ତି, ରୁଚିର-ସୁନ୍ଦର, ତେଜେ-ପରିଚ୍ଛଦ ।

୪୦ । ବାସ – ପିନ୍ଧାଲୁଗା, ବାରିହେଉ ନାହିଁ-ଜଣାଯାଉ ନାହିଁ ।

୪୧ । ନିମୀଳିତ ଲୋଚନେ—ଆଖି ବୁଜି କରି ।

ଇତି ଶୁଣି "ବୁଲି ଦେଖିବା"
ବୋଲି ହେଲେ ବାହାର,
ମୃଗ ପଛେ ପଛେ ବୁଲିଲେ
ବନ୍ଧୁ ମୃଗ କୁମାର ।୪୨।
କୌତୂହଳେ ଗଲେ ଯେ ଥିଲେ
ମଠେ ମୃଗ ନନ୍ଦନୀ,
ଡାକ ଆସିଥିଲା ଯେ ହଂସୀ
ହୋଇ ତାର ସଙ୍ଗିନୀ ।୪୩।
ବୁଲିଲେ ହରିଣ ହରିଣୀ
ତାଙ୍କ ସଙ୍ଗେ ଶାବକ,
ବୃକ୍ଷୁଁ ବୃକ୍ଷେ ଡେଇଁ ଚଳିଲେ
ପିକ, ମୟୂର, ବକ ।୪୪।
ସମୀର-ସାଗରେ ଛାଡ଼ିଲେ
ନିଜ ଶରୀର-ପୋତ,
ନୟନ-ରଞ୍ଜନ ଖଞ୍ଜନ,
ଶୁକ, ଶାରୀ, କପୋତ ।୪୫।
ଅଭିଯାନ କଲା ଶାନ୍ତିର
ଏଥି ନୀରବାହିନୀ,
ସୀତା-ଶୋକ-ଶିଳା ଶ୍ରେଣୀକୁ
ଯେବେଠୁ ଦୋଳ ବାହିନୀ ।୪୬।
ମହାତ୍ମା ମହାନଦୀର
ମହା ପ୍ରବାହ ଆସି,
ଘଣ୍ଟେଶ୍ୱର-ଶିଳା-ପୁଞ୍ଜକୁ
ଦେଲେ ପାଣିରେ ଗ୍ରାସି ।୪୭।

---

୪୫ । ଖଞ୍ଜନ—ପକ୍ଷୀବିଶେଷ ।

୪୬ । ବାହିନୀ—ସେନା, ବାହିନୀ-ନଦୀ ।

୪୭ । ସମ୍ବଲପୁର ନିକଟସ୍ଥ ମହାନଦୀର ଏକ ଭୟଙ୍କର ବିଷମ ସ୍ଥାନ ।

ଦୁଃଖରେ ଅନାଇ ଦେବକୀ
ତାଙ୍କ ଶାନ୍ତ ନୟନ,
ଜନ୍ମ ଦୁଃଖ-ଦୁଷ୍ଟ-ଦେବତା-
ଶାନ୍ତି-ଜଳ-ମୋଚନ । ୩୯ ।

ନେତ୍ର-ପ୍ଳାବିତା-ଭୂମାଙ୍କ-
ଦୂର ମଣ୍ଡଳେ ପଶି,
ଶୀତଳ ପଲ୍ଲବେ ଆସି
ଶୋକ-ଜଳେ ଭାସନ୍ତ ! ୪୦ ।

ଉଦ୍ବେଗ-ଜାତ ସ୍ତମ୍ଭିତ-
ପ୍ରାଣ ଶକ୍ତ ଜନନେ,
ଜଳଭଣ୍ଡଙ୍ଗମା ଦୂଷଣ
ଦିବା ଅଭିଷେକ-ସ୍ନାନ ? ୪୧ !

ଧର୍ମ ଏହି ଶାସ୍ତ୍ର ନ ଯାଉ
ଧାଇଁ ବାଲ୍ମୀକି ଯାଉଛି,
କଣାକାଳ ଚେଳସୂଚିତ
ଦୁଃଖ ନିନ୍ଦିଶୀ ଭାଷିଲା ସ୍ଵପ୍ନେ । ୪୨ ।

"ହେ ସ୍ଵାମୀ ! ଏବେନ ନାହିଁ
ଦେବଦତ୍ତ-ଅନ୍ତର୍ଗୀ,
ଧୂଆ କରେ, ଅଇଁ ଖଣ୍ଡିଙ୍କୁ
ଦେଖେକ୍ତୁ ଦେଇଛି ବାର୍ତ୍ତାଳୀ । ୪୩ ।

ଶୁଦ୍ଧେୟଧନ ଜଣି ଅଜ୍ଞାନୁ
ଅଣ ଭୀ, ଶ୍ରୀଶ୍ରୀ କାନ୍ତେ,

---

୪୦ । ପ୍ଳାବିତ—ପ୍ଳବନ କରି ।

୪୧ । ସ୍ତୁପଡ—ଜଳାଶୟୀ, ଅନ୍ତତ ପ୍ରଦେଶ-ଦ୍ଵାରକା ଘନ ଉତ୍ତରାଞ୍ଚ—ଦ୍ଵାରିକାଭୂ ।

୪୨ । ଦେବଦତ୍ତ—ନିସ୍ତୁର୍ଣ୍ଣା ।

ଜାହ୍ନୁଚନ୍ଦ୍ର ବିମ୍ବ—ବିରହେ
        ଅବା ହୋଇ ଅାରକ୍ତ ! ୨୬ ।

ଶୁଣ ଶୁଣ ମୁକ୍ତସୂତାଏ
        ଗଲେ ଜାନକୀ ପ୍ରାଣ,
ସାନ୍ତ୍ୱନ ନ ହେଲା ଦେବାକୁ
        କିଛୁ ତାଙ୍କୁ ଆଶ୍ୱାସ । ୨୭ ।

ଝରପାର ମହାନଦୀର
        ଗାଢ଼ ଆବିଳ ଜଳ,
ସ୍ୱଚ୍ଛ କରିବାକୁ କି ରୂପେ
        ହେବଂ ନର୍ମଳୀ ଫଳ ? ୨୮ ।

ଇବ, ଅଙ୍ଗ ତେଲ ସଙ୍ଗରେ
        ସେହୁ ନଦୀ ଯେସନ,
ତୁମାଙ୍କି ପାଇ ବଢ଼ିଲା
        ସୀତା-ଶୋକ ତେସନ । ୨୯ ।

କିନ୍ତୁ ନ ପାସୁରି ତୁମାସ-
        ମାନେ ରଖିଲେ ବେଢ଼ି,
ଯାଇ ନ ପାରିଲେ ସେତେକ
        ହେଲା ପାଦକୁ ବେଢ଼ି । ୩୦ ।

---

୨୬ । ସୁରକ୍ତ—ଅବସ୍ଥା, ଅରକ୍ତ-ବହୁଳ ହୋଇ ।

୨୭ । ଜାନକୀ – ଜନକ ମହର୍ଷିଙ୍କର କନ୍ୟା ସୀତା, ଆଶ୍ୱାସ-ସାନ୍ତ୍ୱନା ।

୨୮ । ଆବିଳ—ଗୋଳିଆ, ନର୍ମଳୀ- ଏକପ୍ରକାର ଫଳ ।

୨୯ । ଇବ, ଅଙ୍ଗ, ତେଲ, ଜିରା, ହସ, ଜଟେମଣି, ଲୁଣ—ଏହି ଛଅଟି ମହାନଦୀର ପ୍ରଧାନ ଉପନଦୀ ରୂପରେ ଖ୍ୟାତ ।

୩୦ । ବେଢ଼ି—ଶିକୁଳି ।

ଦୁଃଖରେ ଅନାଇ ଦେଖଇ
ତାଙ୍କ ଶାନ୍ତ ଚେତନ,
କାନ୍ତ କ୍ଷୁଦ୍ର-ଦୁଃଖ-ଦ୍ୱନ୍ଦ୍ୱ-ବେଦନା-
ଶାନ୍ତି-ଜଳ-ସେଚନ । ୩୧ ।
ନୈତନ-ସ୍ଫୁରିତା-ଦୂର୍ବାଙ୍କ-
ବୃନ୍ଦ ମଧ୍ୟରେ ସତୀ,
ଧରିଲ ଘସ୍ରେଣ ଏକଟି
ଶୋଭ-ଶିରେ ଭୂପିତ୍ର । ୩୨ ।
ତପସ୍ୱିନୀ-କାନ୍ତ ପୁଷ୍ପିତ-
ସ୍ପନ୍ଦିତ ଅଧର କହନ୍ତେ,
କଳିଯୁଗସ୍ୱର୍ଗୀ ଦୁଲାର
ଶୋଭା ଅରୁଣ-ସ୍ତନ ? ୩୩ ।
ସଦ୍ୟ ଏବେ ବୁଝି ନ ପାରି
ଧୀର ଭାଷ୍ୟ ପାଦରେ,
ବିଷାଦିନୀ ବେଦାଭୂତି
ତନ୍ଦ୍ରିଲୀ ଚଳିଲା ମୁଖେ । ୩୪ ।
"ହେ ଦେବ ! ଏବେନ ନାହିଁ
ନବନୀତ-ପିଣ୍ଡୁଳୀ,
ଘୃଷ୍ଟ ଦେଶେ,ଆସି ଆଖୁତି
ତେତେବ୍ରୁ ବେଷ୍ଟ ବାବୁଲୀ । ୩୫ ।
ସ୍ୱେଚ୍ଛାୟନ କର ଅଭିଷ୍ଟ
ଅର ଭାଁ, ଦ୍ରିଷ୍ଟ କାହେ,

---

୩୨ । ଜାନଶୀ—ଶଶିଜ ଶଶୀ ।

୩୩ । ପୁଷ୍ପିତ—କଳିକଶୀ, ଅଧରରେ ପ୍ରେମ-ହସନ ସ୍ୱ ତପସ୍ୱାତ—ସ୍ୱର୍ଗୀବାସ୍ତୁ ।

୩୫ । ନବନୀତ—ନ୍ୟୁନୀ ।

ଘଣ୍ଟ-ଶୁଣ, ଘଣ୍ଟ-ବାଦ୍ୟ
ଯୁକ୍ତ ଅଛୁ ଏକାନ୍ତେ । ୩୬ ।
ଲଳିତ ଧୂସୂର ଲଲାଟେ
ତାର ସିନ୍ଦୂର-ବିନ୍ଦୁ,
ମୁଖ-କମଳକୁ ଶୋଭାଉଛି
ଯେସନ୍ତ ପୂର୍ଣ୍ଣିମା ଇନ୍ଦୁ । ୩୭ ।
କରପଲ୍ଲବରେ ଶୋଭୁଛି
ସ୍ୱର୍ଣ୍ଣ ରତନ ଚୂଡ଼ୀ,
ବିଷାଦ-ସାଗର-ସ୍ମୃତିକେ
ଦ[illegible]ଅଛି ନ ଶୁଝି । ୩୮ ।
ଦରବିକଶିତ କମଳେ
ବସୁଛି ଷଟ୍‌ପଦ,
ଶତଦଳ-ଭୃଙ୍ଗ ଭ୍ରମର
ଦେଲେ କି ଦେଖ ଶୋଭାପାଏ । ୩୯ ।
ଚନ୍ଦ୍ରାଲି ଦେଖୁଛି ବାସକୁ
ତାର ନୟନ-ବାରି,
ଦେଖି କି ମାନସୀ ପ୍ରଭାବେ
ହେଉ ନାହିଁ ତ ବାରି ।'' ୪୦ ।
ଶୁଣି ମୁରଲୀର ମନ୍ତ୍ରନେ
ଉନ୍ମୀଳିତ ଲକ୍ଷଣେ,
କାନ୍ତ, ଶିର, ଗ୍ରୀବା, ଧଳଣି
ବସି ରହିଲେ କ୍ଷଣେ । ୪୧ ।

---

୩୬ । ଏକାନ୍ତେ—ନିର୍ଜନରେ ।

୩୯ । ଷଟ୍‌ପଦ—ପଦ୍ମର ସାଜକୋଷ, ଶତଦଳ-ପଦ୍ମ, ଭୃଙ୍ଗ-ଭ୍ରମର, ଭ୍ରମର-ଭ୍ରମର, ଦେଲେ-ପଞ୍ଚଛିଦ ।

୪୦ । ବାସ – ଚିନ୍ତାକୁଳା, ବାରହେଉ ନାହିଁ-ଜଣାଯାଉ ନାହିଁ ।

୪୧ । ଉନ୍ମୀଳିତ ଲକ୍ଷଣେ—ଅର୍ଦ୍ଧ ଖୁଲା କରି ।

ଛୁଟି ପୁଣି "ଘୂଲ ଦେଖିବା"
ବୋଲି ବୋଲେ ବାଳ୍କାଏ,
ମୁନି ପଛେ ପଛେ ଘୂଲିଲେ
ବହୁ ମୁନି କୁମାର ।୪୨।
କୌତୂହଳେ ଗଲେ ଯେ ଥିଲେ
ମଠେ ମୁନି ନନ୍ଦନୀ,
ଡାକ ଆସିଥିଲା ଯେ ସଖୀ
ଛୋଟଇ ତାର ସଙ୍ଗିନୀ ।୪୩।
ଘୂଲିଲେ ହରିଣ ହରିଣୀ
ତାଙ୍କ ସଙ୍ଗେ ସାଦର,
ବୃକ୍ଷୁଁ ବୃକ୍ଷେ ଡେଇଁ ଚଳିଲେ
ପିକ, ମୟୂର, ବକ ।୪୪।
ସମୀର-ସାଗରେ ଛୁଡ଼ିଲେ
ନିଜ ଶରୀର-ପୋତ,
ନୟନ-ରଞ୍ଜନ ଖଞ୍ଜନ,
ଶୁକ, ଶାରୀ, କପୋତ ।୪୫।
ଅଳ୍ପଥାକ ଜଳ ଶାନ୍ତିର
ଏକା ସାରବାହିନୀ,
ସୀତା-ଶୋକ-ଶିଳା ଶ୍ରେଣୀରୁ
ଭେଦେନ୍ତ ଘୋର ବାହିନୀ ।୪୬।
ମହାର୍ଘା ମହାନଦୀର
ମହା ପ୍ରବାହ ଆସି,
ଘଟେଶ୍ୱର-ଶିଳା-ସନ୍ଧୁରୁ
ଦେଲେ ସଶିରେ ଛୁଆଁସି ।୪୭।

---

୪୫ । ଖଞ୍ଜନ—ପକ୍ଷୀବିଶେଷ ।

୪୬ । ବାହିନୀ—ସେନା, ବାହିନୀ-ନଦୀ ।

୪୭ । ସମ୍ବଲପୁର ନିକଟସ୍ଥ ମହାନଦୀର ଏକ ଭୟଙ୍କର ଦୁର୍ଗମ ସ୍ଥାନ ।

ଟଳିବେ କି ଶିଳା! ସକଳ
ସ୍ରୋତ କମ୍ପି ବ ଯିବା,
ବନସ୍ପତି ଶିରେ ପଡ଼ିବ
ଚଣ୍ଡ ପବନ ବଳା । ୪୮ ।
ସେ ଦଶା ଦେଖିବ କାହିଁ ତ
ଶାନ୍ତି ଏ ଆଶ୍ରମବନେ ?
ମିତ୍ର, ଲକ୍ଷ୍ମଣ ତ ପ୍ରମତ୍ତ
ହୋଇ ସୁ-ଅଶ୍ରୁମାନେ । ୪୯ ।
ଜଣେ ଦୂରେ ଯାଇ ମିଳିଲେ
ମୁନି ଜାନକୀ ପାଶେ,
ଆଶ୍ରମାନେ ଦେଖି ରହିଲେ
ଭଲେ, ଡାଲେ, ଅକାରଣେ । ୫୦
ଶ୍ୱେତ ଶ୍ମଶ୍ରୁ-କେଶ-ବିଭୂଷ-
ବପୁ ସୌମ୍ୟ-ମୂରତି
ବାଲ୍ମୀକି ମହର୍ଷି ସମୀପେ
ହେମଗନ୍ଧସ୍ୱ ସତୀ । ୫୧ ।
ବସିଲେ ଯେମନ୍ତ ତୁଷାର-
ତନୁ ସୁମାନ୍ତି-ତଳେ,
ତପସ୍ୱିନୀ ଉମା ମହତେ
ରହିଛନ୍ତି କଷ୍ଟରେ । ୫୨ ।
ମୁନି ଆଗମନେ ଜାନକୀ
ଶୋକ କଲେ ନିବର୍ତ୍ତି,
ହୃଦୟରେ ହେଲା ସ୍ଫୁରିତ
ଶାନ୍ତା-ରସ-ଆବର୍ତ୍ତି । ୫୩ ।

---

୫୨ । ଉମା—ପାର୍ବତୀ ।
୫୩ । ନିବର୍ତ୍ତି—ଶାନ୍ତ, ବିରତ, ଆବର୍ତ୍ତି-ଜଳଭଉଁରୀ ।

ବୋଇଲେ ମହର୍ଷି ସୀତାଙ୍କୁ,
"ବତ୍ସେ, ଯାଉଛୁ ଜାଣି,
ସୁଗନ୍ଧ-ସମ୍ପଦ କୋଳେ ଧରି
ବହୁଅଛୁ ଉଜାଣି । ୫୪ ।

ସ୍ରୋତସ୍ୱତୀ ଯେତେ ସହନ୍ତି
ଥାଏ ସାଗର ଅଙ୍ଗେ,
ଲଙ୍ଘେ ଶିଳା-ଶୈଳ-ସଙ୍କଟ,
ଯେବେ ବାଧକେ ଅଙ୍ଗେ । ୫୫ ।

ବାରିଧି-ସଙ୍ଗମେ ବିଘୁରେ
ସହୁ ବିଘାତ କ୍ଲେଶ,
ଲୁଭସ୍ୱ ଜୀବନେ ନ ରହେ
ଅଣୁ ପ୍ରଭେଦ ଲେଶ । ୫୬ ।

ଶଶିବଂଶ ଅଟି ମଧ୍ୟରେ
ସେବେନ ଉର୍ଦ୍ଧ୍ୱଙ୍କୁ ଭେଦ,
ବାଳାସ୍ତ୍ରୁପ ଦାଏ ସଙ୍ଗତ
ସିନ୍ଧୁ-ହୃଦୟ ଭେଦ । ୫୭ ।

ଶରିତ ମଣି ତ ନ ଯାରେ
ତାର ଜୀବନ-ସାର,
ହୃଦୟ ପ୍ରଧାନ ରଖଇ
ଦେଖାଇ ଛୁଦ୍ର ଆକାର । ୫୮ ।

ଅବିକଳ ସେହି ଦଶା ମା
ଭବେ ଘଟିଛି ତୋର,

---

୫୫ । ସ୍ରୋତସ୍ୱତୀ—ନଦୀ ।

୫୬ । ବାରିଧି—ସାଗର, ବିଘୁରେ—ଭୁଲିଯାଏ ।

୫୮ । ଓଡ଼ିଶାରେ ପତିତ ନଦୀମାନଙ୍କର ଅବସ୍ଥା ଏହାର ପ୍ରମାଣ ।

ଚନ୍ଦ୍ରାକୁ ତୁ ବୃଥା ନ କର
ଚିତା ସ୍ୱରୂପ ଘୋର ।୫୯।
ସ୍ୱଶୁର ତୋ ମୋର ସୁହୃଦ,
ସେହିପରି ତୋ ପିତା,
ଅପକୋଟେ ରହ ଆଶ୍ରମେ
ମଣି ଏଥାରୁ ପିତା ।୬୦।
ମୋ, ଆଶ୍ରମେ ତୋର ନ ଥିବ
କଷ୍ଟଲେଶ ଭାବନା,
ଜନମିବ ଯେଉଁ ସନ୍ତାନ
ତାର ପାଇଁ ଭାବନା ।” ୬୧ ।
ମୁନି-ବାଣୀ ଶୁଣି ଜାନକୀ
ମୁନି-ଚରଣ-ତଳେ,
ପଡ଼ି, ଉଠି ଗଣ୍ଡ ପୋଛିଲେ
ନିଜ ବସନାଞ୍ଚଳେ ।୬୨।
“ବୀର ପ୍ରସବିନୀ ହୁଅ ମା,”
ବୋଲି ଶୁଭ ଆଶିଷ,
ଦେଇ ଆଶ୍ୱାସିଲେ ମଧୁରେ
ମୁନି-ମଣ୍ଡଳାଧୀଶ ।୬୩।
ପୁନଶ୍ଚ ବୋଇଲେ, “ଶୁଣ ମା,
ଆଉ ନ କର ମଠ;
କୁମାରୀମଣ୍ଡଳୀ ମଧ୍ୟରେ
ରହି ମଣ୍ଡ ମୋ’ ମଠ ।” ୬୪ ।

---

୫୯ । ଚିତା – ଶ୍ମଶାନ, ଚିତା ସ୍ୱରୂପ ଘୋର—ଶ୍ମଶାନ ପରି ଭୟଙ୍କର ।
୬୦ । ସୁହୃଦ—ପରମ ବନ୍ଧୁ, ପିତା–ବାପା, ପିତା–ତାଙ୍କୁ ମନେକର ।
୬୩ । ମୁନି-ମଣ୍ଡଳାଧୀଶ—ମୁନିମାନଙ୍କ ମଧ୍ୟରେ ଶ୍ରେଷ୍ଠ ।
୬୪ । ମଣ୍ଡ—ଶୋଭାଯୁକ୍ତ କର ।

କଣ କଣ ଅଛ ଧରି ଗୋ
ଦେବେଶ କୁମାରୀମାନେ,
ବୋଲନ୍ତେ ମହର୍ଷି, କନ୍ୟାଏ
ତାହା କଲେ ଦର୍ଶାନେ ।୬୫ ।

ଝଣାଝଣି ହୋଇ ତାଙ୍କ
ଲୁଚୁ ପେଟିକାମାନ,
ଧରି ଦେଲି ତାଙ୍କ ପାଦରେ
କରାଇଲେ ପ୍ରସ୍ଥାନ ।୬୬ ।

ପୁଷ୍ପାଜି ପୁଷ୍ପାଣ୍ଡ ପାଦୁକା
ମୁନି ଦୁର୍ଗନ୍ଧ-ଶିରେ,
ସୁମ-ଦୁଦ-ପ୍ରେମ-ପ୍ରତିମା
ଆଗେ ଚାଲିଲେ ଧୀରେ ।୬୭ ।

କଷାୟ-ବସନ ମହର୍ଷି
ହେଲେ ଅରୁଣସମ,
ପଛେ ବଇଦେହୀ ଶୋଭିଲ
ଭାନୁ-ମୟୂଖ-ସମ ।୬୮ ।

ଭୁଞ୍ଜିଥିଲା ସେହି ମୟୂଖ
ଦୁଃଖ-ଅମ୍ବୁଦ-ଅନ୍ତେ,
ଅନ୍ତୁ ତର୍ଣ୍ଡିରେ ଦିଶନ୍ତୁ-
ଥିଲେ ଉଜ୍ଜ୍ୱଳ ବର୍ଣ୍ଣେ ।୬୯ ।

ମହାସତ୍ତ୍ୱ ମହାସତୀଙ୍କ
କଥାବାର୍ତ୍ତା ସକଳ,

---

୬୮ । କଷାୟ —ବସନ-ଗେରୁଆ ଲୁଗା, ଅରୁଣ-ସୂର୍ଯ୍ୟଙ୍କର ସାରଥି, ବଇଦେହୀ-ସୀତା, ଭାନୁ-ସୂର୍ଯ୍ୟ, ମୟୂଖ-କିରଣ ।

୬୯ । ଅମ୍ବୁଦ—ମେଘ, ଅମ୍ବୁ-ଜଳ ।

- ଶୁଣୁଥିଲେ ବସି ବୃକ୍ଷ-
 ଡାଳ ନ କରି କଳ । ୭୦ ।
ଦେଖିଲେ ତାହାଙ୍କ ଆଶ୍ରମ-
 ଅଭିମୁଖେ ଗମନ,
ପ୍ରମୋଦରେ କଲେ କିପ୍ତନ
 ହୋଇ ପ୍ରଫୁଲ୍ଲ ମନ । ୭୧ ।
ବାଜିଗଲା ଘଣ୍ଟା ଶାନ୍ତିର
 ରଣ-ବାଜନ୍ତ୍ର-ଘୋଷ !
ନାଚି ନାଚି ମୃଗ-ଶାବକେ
 କଲେ ପ୍ରକାଶ ତୋଷ । ୭୨ ।
କବି ଅତିଥିଙ୍କ ମୁଖକୁ
 ମଣି ସ୍ନେହ-ସାଗର,
ସତୃଷ୍ଣ ନୟନେ ଅନାଇ-
 ଥାନ୍ତି ଅଧିକୁ ଅଧି । ୭୩ ।
ଜୟ-ଲକ୍ଷ୍ମୀ-ରୂପେ କରାନ୍ତି
 ଶାନ୍ତି-ସ୍ୱରକୁ ବରେ,
ଅଶାନ୍ତି-ସାଗର-ଉତ୍ଥିତା
 ବୀର-ରମଣୀ ଜଣେ । ୭୪ ।
ଟେକି ଚନ୍ଦ୍ରକାନ୍ତ ବର୍ହ
 ବେଢ଼ି ବୀଥିରେ ରଙ୍ଗେ,
ବୁଲିଲେ ଉଭୟ ପାର୍ଶ୍ୱରେ
 ଶତ ଶତ ବର୍ହୀ । ୭୫ ।

---

୭୦ । କଳ—ପକ୍ଷୀମାନଙ୍କର ରବ ।

୭୩ । ସତୃଷ୍ଣ ନୟନେ—ଅତ୍ୟନ୍ତ ଆଗ୍ରହଯୁକ୍ତ ଦୃଷ୍ଟିରେ ।

୭୫ । ବର୍ହ—ମୟୂର ପୁଚ୍ଛ, ବର୍ହୀ-ମୟୂର, ଚନ୍ଦ୍ରକାନ୍ତ-ମୟୂରପୁଚ୍ଛର ଚନ୍ଦ୍ର ଚିହ୍ନ, ବୀଥି—ଉଭୟ ପାର୍ଶ୍ୱରେ ବୃକ୍ଷ ଥିବା ପଥ ।

ସୁକୁମାର କର-ଶାବକେ
କରେ ଟେକି କମଳ,
ଟେଳଟେଳ ହୋଇ ଗୁଳିଲେ
ସଙ୍ଗେ ଦଳକୁ ଦଳ । ୭୬ ।

ପାଦପେ ଫୁଲ୍ଲ ପଲ୍ଲବ
ଶୋଭେ ପୁଷ୍ପ-ସ୍ତବକେ,
ଧାଡ଼ି ଧାଡ଼ି ଶ୍ୱେତ ପତାକା
ଉଡ୍ଡୀ ହୋଇଲେ ବକେ । ୭୭ ।

ମଧୁରେ ଗାଇଲେ କୋକିଳ
ଶୁଭ ମଙ୍ଗଳ-ଗୀତ,
ଅଳି-ସ୍ୱନେ ଜୟ-ଶଙ୍ଖର
ଧ୍ୱନି ହେଲା ବାଞ୍ଛିତ । ୭୮ ।

ବାରମ୍ବାର ହୃଷ୍ଟ ଭୂଷକୁ
ହୋଇ ପ୍ରକୃତି-ମୂର୍ତ୍ତି,
ଶୁଭ୍ର ଶାଖା ଦଳ ମାର୍ଗରେ
କଲେ କୁସୁମ-ବୃଷ୍ଟି । ୭୯ ।

ବନ୍ଦାପନା-ପଥ ଜଳିଲା,
ଏଣେ ଗୋଧୂଳି-ଭାସ,
ଖାଲିକଲେ ସୃଷ୍ଟି-ଅଗ୍ରେ
ଶ୍ୟାମ-ବସ୍ତ୍ର-ଭାସ । ୮୦ ।

ବାର୍ଦ୍ଧକ୍ୟ ନିବେଦନ ଘଟକେ
ସବୁ ଚେଳିକା ଯୋଗ,
କନ୍ୟା ଏକ ହେଲୁ ସଙ୍ଗଙ୍କ
ମୁଖ-ମଣ୍ଡଳ ଧୋଇ । ୮୧ ।

୮୧ । ଘଟକେ - କୁଞ୍ଜଆଡ଼େ, ଜଡ଼େଶଡ଼-ଆଡ଼େଶରେ ।

କନ୍ୟା ଏକ ଜଳ-କଳସ
ଢାଳୁଁ ଢାଳୁଁ ଚରଣେ,
ତା' କୁନ୍ତଳ-ନେଇ ସପଦ
ପ୍ରକ୍ଷାଳିଲେ ଆପଣେ । ୮୨ ।
ଯତୀଙ୍କି ବସାଇ ସୁଖାଏ
ମୃଦୁ ପତ୍ରବାସନେ,
ଫଳମୂଳ ଆଣି ସମକ୍ଷେ
ଦେଲା ପର୍ଣ୍ଣବାସନେ । ୮୩ ।

ଅନୁକମ୍ପା ଜାଗେ ହୃଦାଏ
ଦେଖି ଯତୀଙ୍କି ଦୋଳିଲା,
ପୋଛି ଦେଲେ କର ଚାମରେ
ତାଙ୍କ ଶ୍ରମ ଦରଘାଲ । ୮୪ ।
ମମତା-ପ୍ରପାତ-ନେତ୍ରେ
ଦୁଇ ଉଚ୍ଛୁଳ ଜଳ,
ପଖାଳି ଯତୀଙ୍କ ପଦ୍ମଣି
ପ୍ଲାବି କଲା ଶୀତଳ । ୮୫ ।

ମୁନି ସ୍ନିଗ୍ଧ-ମୁଗ୍ଧ ହୋଇଲେ,
ଧୀରେ କୋମଳ ସ୍ୱରେ,
"ମୋ ଭାଗ୍ୟକୁ ମାଆ ଆସିଛୁ
ଆଜି ତୁ ମୋର ପାଶେ । ୮୬ ।
ରାଜ ରାଜେଶ୍ୱରୀ ମାଆ ତୁ
ସ୍ୱର୍ଣ୍ଣ ମନ୍ଦିର ତୋର,
ତମପୂର୍ଣ୍ଣ କର ଉଜ୍ଜ୍ୱଳ
ଜୀର୍ଣ୍ଣ କୁଟୀର ମୋର । ୮୭ ।

---

୮୨ । ପ୍ରକ୍ଷାଳିଲେ—ଧୋଇଲେ ।

ଦିନଯାକ କରି ନ ଥିଲୁ
ଘଞ୍ଚ ଭିଜୁ ଆନ୍ଧାର,
ସୁଅ କରୁଥିବ ଗରବେ
ତଳ ପାଦ-ପ୍ରହାର । ୮ ।
ଖାଆ ମା’ ! ଖାଅ ମା’ ! ମା’ ଘରେ
ତୋର କି ଅଛି ଲାଜ,
ଦୁହେଁ ବହୁଛନ୍ତି ତୋ’ତେ ତୋ’
ଏଣୁ ସଖୀସମାଜ ।” । ୯ ।
ବୋଲି କିଛୁ ଦେଇ ଧରଣ
ଦେଲେ ନାରଙ୍ଗୀ-କଳି,
ଗୋଟି ଗୋଟି କରି କର୍ପୂର-
କାନ୍ତି ପକ୍ୱ କଦଳୀ । ୧୦ ।
ଖାଜ ଭିନ୍ନ ଭରି କୁଳକ
ଖଣ୍ଡ ଖଣ୍ଡ ପନସ,
ସୁମଧୁର ପିଣ୍ଡ ଖର୍ଜୁର
ଖଣ୍ଡକାର ସରସ । ୧୧ ।
ବାରମ୍ବାର ବୋଲି ମଧ୍ୟରେ
“ଧୀରେ ଭୁଞ୍ଜ ମା, ଭୁଞ୍ଜ”
କରିରେ ଦେଲେ ଖୁଣ୍ଟି କରକ-
ମଞ୍ଜି ସୁକ୍ତକୁ ଦେଇ । ୧୨ ।
ଅବଶେଷେ “ଆଉ ଖଣ୍ଡିକି,
- ଆଉ ଖଣ୍ଡିକି” ବୋଲି;

---

୮ । ତଳି—ସ୍ୱରରେ ।
୧୦ । କିଛୁ—ଚେଷ୍ଟା ଛଡ଼ାଇଦେଇ ।
୧୧ । କୁଳକ - ତେନ୍ଦୁ, ଖଣ୍ଡକାର – ଅମୃ ।
୧୨ । କରକ—ଦାଳିମ୍ବ ଫଳ ।

ଭୁଞ୍ଜାଇଲେ ସେହୁ ସତୀଙ୍କି
　　ଅଠ ଦଶଗୋଟି କୋଳି । ୧୩ ।
ମାତୃ-ସ୍ନେହ-ସୁଖ ନ ଥିଲେ
　　ଭୁଞ୍ଜି ବାଲ୍ୟ-ଜୀବନେ,
ସେହୁ ସୁଖ ଯଥ ଭୁଞ୍ଜିଲେ
　　ଆଜି ବାଲ୍ମୀକି-ବନେ । ୧୪ ।
ଆଚମନ କରି ଜାନକୀ
　　ଫଳ-ଭୋଜନ-ଶେଷେ,
କାଷ୍ଠ ଆସନରେ ବସିଲେ
　　ତାପସୀଙ୍କ ନିଦେଶେ । ୧୫ ।
କୁମାରୀ ଏ ଦେଲେ କୋରଙ୍ଗୀ
　　ଫଳ ଦେବୀଙ୍କ କରେ,
ମୁଖେ ପକାଇଲେ ସୁମୁଖୀ
　　ତାହା ଯେଣୁ ସାଦରେ । ୧୬ ।
କନ୍ୟା ଏକ ଆଣି କୋମଳ
　　ଶୁଷ୍କ ଶବାର ଜାଳ,
ଶଯ୍ୟା କରିଦେଲେ ତହିଁରେ
　　ପାରି କୁରଙ୍ଗ-ଛାଲ । ୧୭ ।
ସଖୀ ଦୁଇ ତହିଁ ରହିଲେ
　　ବଇଦେହୀଙ୍କ ପାଶେ,
ଆଉମାନେ ହେଲେ ଅନ୍ତର
　　ନିଜ ନିଜ ଆବାସେ । ୧୮ ।

---

୧୫ । ଆଚମନ - ଆଚମ୍ବିବା, ସୀତା ଗର୍ଭବତୀ ଥିବାରୁ ଏଣୁ ସ୍ଥାନ-ଆବଶ୍ୟକ ।

୧୬ । କୋରଙ୍ଗୀ—ବୃନ୍ଦୁର, ସାଦରେ—ଅତ୍ୟନ୍ତ ଆଦରରେ ।

୧୭ । ଶବାର—ତୃଣ, ଜାଳ—ପତ୍ରକାଣ୍ଡ ।

୧୮ । ଅନ୍ତର—ଅଲଗା ହୋଇଗଲେ ।

# ତୃତୀୟ ସର୍ଗ

( ରାଗ-ବଙ୍ଗଳାଶ୍ରୀ )

ଭାଗୀରଥୀ-କୂଳେ ଲକ୍ଷ୍ମଣ ଯେ କାଳେ
ବୈଦେହୀଙ୍କୁ ବର୍ଜି ଗଲେ,
ବ୍ୟାପିଥିଲା ଘୋର ସନ୍ଧ୍ୟାରଶ୍ମି ଧର
ନିର୍ମଳ ଅମ୍ବର ତଳେ । ୧ ।

ସ୍ୱଦେବ-ବଧୂର ନିର୍ଯ୍ୟାତନ ପୁର-
ପୁରକୁ ପଶିଲେ ଲଜ୍ଜା
ଦେବ ବୋଲି ଯାହା- ନାଥଙ୍କ ଯେ କଥା
ଶୁଭ୍ର ଯବନିକା-ସ୍ୱଚ୍ଛା । ୨ ।

ଜାଣି ଯେ ରହସ୍ୟ କହିବାକୁ ତୂର୍ଣ୍ଣ
ସୂର୍ଯ୍ୟ-ବଂଶର ଦୋଷ,
ଅନ୍ତରେ ଅବନୀ ପୁଷ୍ପେ ଯେ ଯବନୀ
ଉଠାଇ ଦେଲା ପ୍ରଦୋଷ । ୩ ।

ବନ୍ଧୁଗଣମଣି ଭାବନ୍ତେ ଗଗନ-
ପ୍ରାଙ୍ଗଣେ ତାରକାକୁଳ,
ଏକ ପଛେ ଏକ ତା ପଛେ ଅନେକ
ଆସି ହୋଇଗଲେ ଠୁଳ । ୪ ।

---

୧ । ଭାଗୀରଥୀ—ଗଙ୍ଗା, ଅମ୍ବର—ଆକାଶ ।

୨ । ସ୍ୱଦେବ—ବଧୂ—ସୀତା, ପୁରନ୍ଦର—ଇନ୍ଦ୍ରଙ୍କ ରାଜ୍ୟ, ସ୍ୱର୍ଗ ଭୁବନ । ନିର୍ଯ୍ୟାତନ—ଦୁଃଖ, ପୀଡ଼ା, ଯବନିକା—ପର୍ଦ୍ଦା ।

୩ । ଯବନୀ—ପରଦା, ପ୍ରଦୋଷ—ସନ୍ଧ୍ୟା,

ଦେଖିଲେ ନୟନେ      ପ୍ରଶସ୍ତ ପ୍ରାଙ୍ଗଣେ
ରାମଚନ୍ଦ୍ର ରଘୁ-ବଂଶୀ,
ବିପନ୍ନ ବଦନେ      ସଜଳ-ନୟନେ
ଏକାକୀ ଅଛନ୍ତି ବସି । ୫ ।

ଭାବୁଥିଲେ ରାଜ-      ଅଧିକାର ବ୍ୟାଜ
ଅଟେ ମହାଦାସତ୍ୱର,
ଏଣୁ ଘୃଣ ଘଟେ      ପ୍ରକୃତିର ପଦେ
ଖଟିବା ହୁଏ ମାତର । ୬ ।

ମିଥ୍ୟା କଥା ଯେବେ      ପ୍ରଜାଏ କହିବେ
ମେଲା ହୋଇ ଶତ ଶତ,
ମିଥ୍ୟା ଜାଣି ଜାଣି      ତାହାକୁ ମାନି ମାନି
ବୋଲାଯାଏ ସତ ସତ । ୭ ।

ପ୍ରକୃତିର ଶାନ୍ତି-      ଯଜ୍ଞରେ ନୃପତି-
ସୁଖଟି ପଶୁହେବ ବଳି,
ଦୃଢ଼ ଧର୍ମ-ଦାମେ      ବଦ୍ଧ ନୃପ ନାମେ
ପାରେ ନ ପାରଇ ଚଳି । ୮ ।

ଅଭିଷେକ ଯାହା      କରିଥାନ୍ତି ତାହା
ପ୍ରୋକ୍ଷଣ ମାତର ସିନା,
ଗୁମର ଢାଳିବା      ଅନ୍ୟ କି ବୋଲିବା
ମଣ୍ଡିବା ଡଣ୍ଡିବା ବିନା ? ୯ ।

ସୁଖେ ନିରାଲସ୍ୟ      ନ ଥିବ ଅବଶ୍ୟ
ଦେବତା ହୃଦସ୍ଥ ସୁଖ,
ସେ ହେତୁରୁ ମନ୍ଥରୀ      ଦେବତା ନୃପତି
ସେବନ୍ତି ଝରଣ-ସୁଧା । ୧୦ ।

---

୭ । ବ୍ୟାଜ—ଛଳ ।

୮ । ଦାମ—ଦଉଡ଼ି ।

୯ । ପ୍ରୋକ୍ଷଣ—ଶୁଦ୍ଧି ନିମିତ୍ତ ଜଳସେଚନ, ଗୁମର-ଗର୍ବ ।

ଛୁଟା ରକ୍ତ ଜଳ— ବର୍ଷିବା ପାଟଳ
ଶିଳା ଛିନ୍ନାସନ ପାଇ,
ଜଳଧର ରୂପ ଦେଖାଇଥାଏ ନୃପ
ପରଜାଙ୍କ ହିତ ପାଇଁ । ୧୧ ।
ଭୂମିଜଲେ ବଜ୍ର ନ ଥାଏ, ସଜ୍ଜନ
ମାତ୍ର ତାହା ଜଳଧରେ,
ପ୍ରଜା_ଜନ-ଦଣ୍ଡ ନ ହୁଏ ପ୍ରଚଣ୍ଡ
ପ୍ରଚଣ୍ଡ ନୃପତି କରେ । ୧୨ ।
ସୁଧା ପଡ଼େ ନୃଲେ ବିଦ୍ୟୁତ-ଅନଳେ
ଜଳଦାନେ ଘନ ବାଧି,
ସୁଖ ତେଜ ରଜା ତେଜିବ-ପରଜା
ଦେବେ କି ପରମାଶ୍ରୟ । ୧୩ ।
ସ୍ୱର୍ଣ୍ଣକଶ୍ରେଣୀର ସମୁନ୍ନତ ଶିର
ଶିଳାପଦ ଭୂମଣ୍ଡଳେ,
ଦେଖିଲେ ଲକ୍ଷାଭୂତ, ପଡ଼ି ହୁଏ ନଷ୍ଟ
ନୃପତି ଗମ୍ଭୀର ଭଲେ । ୧୪ ।
ମାସ୍ତାଙ୍କର ପର ଦଣ୍ଡ,କୋଟି ଧନ
ସମ ଦୃଷ୍ଟି ସମ ସ୍ନେହ,
ରାଜବୃ ରଜ୍ଜୁରେ ଖଳପି ଗ୍ରନ୍ଥିରେ
ଜନ ଜୀବନ ନ ଛେଦ । ୧୫ ।
ଗଦା ବାଣକର ରଜ୍ଜୁରେ ପଞ୍ଝର
ଦେଖିଲୁ ନ ଶିବ ବୁଝି,

---

୧୧ । ଜଳଧର—ମେଘ ।
୧୩ । ଘନ—ମେଘ ।
୧୪ । ଭୂମଣ୍ଡଳ—ପୃଥିବୀ ।
୧୫ । ଋଜୁ—ସରଳ, ଖଳପି—ଶୀଘ୍ରାକରି ।

ତାଲି ମାରି ଥୋକେ — ହସିବେବେ ଲୋକେ
ବାଜୀକାର ଦେଖ ଖେଳ । ୧୬ ।
ପ୍ରିୟା ମଉଳିଲି- — ସରସେ ଶିଖିଲି
କୁତ କଳ ପ୍ରାଣ ଯେବେ,
ନ କରବ କାର୍ଯ୍ୟ — ମାନବ-ସମାଜ
ଆହୁରି ଗଞ୍ଜିବେ ତେବେ । ୧୭ ।
ଜୋଲବ ସଂସାର — ଶ୍ରମ କାରାଗାର
ଜନ୍ମ ଲଭି ଉପଦ୍ରବେଶ,
ବସ୍ତୁର କୁଟୀ — ହୋଇ ଗୃହପଶ
ତ୍ୟାଗ କଲି ବଧୂବଶେ । ୧୮ ।
ବାନପ୍ରସ୍ଥାଶ୍ରମ — ହେଲେ ହେଁ ଆଶ୍ରମ
ସମସ୍ତ ସେମା ହୋଇ ନାହିଁ,
ସେ। କାର୍ଯ୍ୟେ ଭରତ — ହେବାକୁ ଭରତ
ସମ୍ମତ ବା ହେବ କାହିଁ । ୧୯ ।
ଅଙ୍କାଦ୍ରବ୍ୟ ପ୍ରୀତ — ହୁଏ କତ କତ
ଦେଖି ଦେଖି ପୁନଃ ପୁନଃ,
ହେଲେ ଶୂନ୍ୟ ଅଙ୍କ — ଶୂନ୍ୟ ଯୋଡେ ଅଙ୍କ
ପର ଦ୍ବନ୍ଦ୍ବପ୍ରୀତ ଗୁଣ । ୨୦ ।
ସ୍ଥୂଳ କଳେବର — ନୁହଇ ଅମର,
ଅମର କେବଳ ମନ,
ମନେ ଯେବେ ଶଙ୍କା — ହୋଇ ନାହିଁ ଭଙ୍ଗା
ଦେହ ସୁଖ ଦୁଃଖେ ସଣ୍ୟ । ୨୧ ।

---

୧୬ । ବାଜୀକର—ଐନ୍ଦ୍ରଜାଲିକ, ନେଳା ।

୧୭ । ଗଞ୍ଜିବେ—ନିନ୍ଦା କରିବେ, ପୀଡ଼ା ଦେବେ ।

୧୯ । ବାନପ୍ରସ୍ଥାଶ୍ରମ—ପଞ୍ଚାଶ ବର୍ଷପରେ ସଂସାର ଜଞ୍ଜାଳରୁ ମୁକ୍ତ ହୋଇ ବନବାସ କରିବା । ଭରତ—ନିଯୁକ୍ତ ।

କେ ରହନ୍ତି ଭବେ ବାନ୍ଧବ ସ୍ୱଭବେ
ସୁବର୍ଣ୍ଣ ମୁକୁଟ ବାଂଛ ?
ଘଣ ଅପଘଣ କୋଣ୍ଢ ଜାଳବଣ
ଛୁଅନ୍ତି ତା ପ୍ରଭବାଘ । ୨୨ ।
ସ୍ୱରଗ-ନରକ- ଘଣ୍ଟ-ଅର୍ଦ୍ଧାରଭ
ପ୍ରସ୍ୱେ ଜଗତ-ଜନ,
ଏଡ଼େ ଜନରବ ଅନର୍ଥ୍ୟ ବାସ୍ତବ
ସୁଖ ଗଲେଟେ ମୀତ ମନ । ୨୩ ।
କାନ୍ଦି ଦିନା ଘରେ ହୃଦ_ପ୍ରେମ-ସରେ
ମୋ ପ୍ରିୟା-କମଳ_କଳି,
ପଡ଼ିଅଛୁ ଫୁଟି, ମକରନ୍ଦ ଲୁଟି
କରୁଅଛୁ ମନ-ଅଳି । ୨୪ ।
ନୟନ-ଯୁଗଳ କାଢ଼ିକ ଉଜଳ
ଦେଖାଇ ଶୁଭ୍ର ଅଶ୍ରୁ ଜଳ,
ଶୁଖିଗଲେ ସର କମଳିନୀ ମୋର
ହୋଇଥିବ ଟଳଟଳ । ୨୫ ।
ବଣ ସୁ ପଥର- ବଣ ହୋଇ କର
ଲୁଣ ନେତ୍ର-ଜଳ_ନାଳୀ,
ନାସିକା-ପବନ ନ ବହୁବ ଘନ
କମ୍ପିବ-ପ୍ରାଣ-ଶୃଙ୍ଖଳି । ୨୬ ।
ଲକ୍ଷ୍ମଣ ଆସିବ ସମସ୍ତ କହିବ
କାନନ-ପ୍ରବେଶ କଥା,
ଶ୍ରବଣ ଯୁଗଳ ନ ସୁଝ ତଥିଲ
ଶୁଣିବ ମୃତ୍ୟୁକ ବ୍ୟଥା । ୨୭ ।

---

୨୨ । ଭବେ—ସଂସାରରେ, ବଭବ_ଐଶ୍ୱର୍ଯ୍ୟ, ପ୍ରଭବାପେ_ସ୍ୱଭାବୀ ।
୨୩ । ଜନରବ—ଗୁଜବ, ଲୋକ ପ୍ରବାଦ ।
୨୪ । ମକରନ୍ଦ—ପଦ୍ମମଧୁ, ମନ_ଅଳି—ମନ ରୂପକ ଭ୍ରମର ।

ରେ ସନ୍ତପ୍ତ ଚର୍ମ ! ନାଶିବ ତୋ ଘର୍ମ
ସମୀର ଆସୁଛି ବହି,
ସନ୍ତାପ ନାଶିନୀ ସରୋଜ ଗାମିନୀ
ଶ୍ରୀଅଙ୍ଗ-ସୌରଭ ବହି । ୧୮ ।
ଆଉ ଏକ କଥା କହୁଛି, ଏକଥା
ବାନ୍ଧ ଗ୍ରନ୍ଥ ମନ ସଙ୍ଗେ,
ସ୍ୱର୍ଗ ଭୁବନରେ ଅନନ୍ତ ବାସରେ
ବିଳସିବ ରଙ୍ଗରସେ । ୧୯ ।
ମୋ ପ୍ରାଣ-ସଙ୍ଗିନୀ ନବ କମଳିନୀ
ଫୁଟି ରହିଅଛି ତହିଁ,
ସ୍ୱର୍ଣ୍ଣ-ଖଣ୍ଡର ଚାରି ତେଜସ୍କର
ଅସ୍ତ ଭାବ ନାହିଁ ଯହିଁ । ୨୦ ।
ମୋ ବୋଲେ ରସନା ନୁ ତହିଁ ରସ ନା,
ଖାଇଛି ସରଳା ବଧୂ:
ଯା ଅଧେ ପାଳିତ- ତା ନାମେ ସ୍ୱକୃତ
ହେବାରେ ନୁହ ସ୍ୱବଶ । ୨୧ ।
ଟେକିବ ଚେକନ୍ତ- ସାଧନ ବସ୍ତୁତ
ବୋଲି ପିଣ୍ଡା ଅଛି ପ୍ରାଣ,
ନ ହେଲେ କି ସନ୍ତ— ଦ୍ରବ କରି ଲବ-
ପ୍ରାଣେ କରିଆନ୍ତା ପାନ । ୨୨ ।
ଚିନ୍ତନ୍ତୁ ବାହାର ହୀରେ ଶୁକ ସାରୀ,
ଗୁଣ୍ଡିବେ ଘଣ୍ଟ ପାଞ୍ଚ,
ଚୋଟେ ଉଷ୍ଣେଜିତ କରିବା ଉଚିତ
ନ ବୋଲିବେ 'ସୀତା' ଆଉ । ୨୩ ।

---

୧୭ । ଶ୍ରବଣ - କାନ, ପୂରିବ—ପୂର୍ଣ୍ଣ ହେବ ।
୧୮ । ଘର୍ମ - ଝାଳ, ସମୀର-ପବନ, ସନ୍ତାପ-ଦୁଃଖ, ସରୋଜ-ପଦ୍ମ ।
୨୧ । ସନ୍ତ—ବନ୍ତ୍ର, ଲବ-ଘଡ, ଦ୍ରବ-ତରଳ ।

ସ୍ୱର୍ଣ୍ଣ-ଶାବକ ଥିବ ସେ ଯାବକ—
ରଞ୍ଜିତ ଚରଣ ପାଶ,
ଅଲକ୍ତକ ଧାରୁ ଅଙ୍କେ ତା ଗଳାର
ରଙ୍ଗ ପାଟ-ଡୋର-ଫାଶ । ୫୪ ।

ମୟୂର-ଯୁଗଳ ସୁଖ ଅନର୍ଗଳ
ନାଚିବ ରଙ୍ଗବେ ଆସି,
ଜିଜ୍ଞାସିବ ସୁଖ କା' ଅନୁକରଣ
କର, ଶ୍ୟାମଶିଳ ପାଖୁ । ୫୫ ।

ସଙ୍ଗୀତ-ପ୍ରବଣା କଣ୍ଠ ସଙ୍ଗ ସନା
ପାଇବ କାହିଁ ଗୌରବ ?
ଶୁଣା ଭାଷା ଜାଣି ଶ୍ରୁତି-ଦୋଷ ମାନ
ରହୁବ ହୋଇ ନୀରବ । ୫୬ ।

ତନ୍ତୁଁ ସୁମ ଅଣେ ମୁଦ୍ରିତ ଲୋଚନେ
ବିନ୍ଧ୍ୟାଚଳ-ଚୂଳେ ଚଢ଼ି,
ଦେଖିଲେ କାଳର ସ୍ରୋତ ଭୟଙ୍କର
ବେଗେ ଯାଉଅଛୁ ଗଡ଼ି । ୫୭ ।

ତରୁତଳ ଶବ୍ଦେ ତା ଗମ୍ଭୀର ଗର୍ଭେ
ଉର୍ମି ହେଉଛନ୍ତି ଲୀନ,
ବୁଦ୍‌ବୁଦ୍ ପରାଏ କେତେ ଖଣେ ଥାଏ
କେବା ରହେ ଚିର ଦିନ । ୫୮ ।

ଭାରତ-ଶକଳ ସେ ଘୋର ସଲିଳ—
ସ୍ରୋତ ମଧ୍ୟେ ହେଲା ଲୀନ,

---

୫୪ । ଯାବକ—ଅଲତା, ଅଲକ୍ତକ—ଅଲତା ।

୫୫ । ଶ୍ୟାମଶିଳ—କ୍ଷୁଦ୍ରବର୍ଣ୍ଣ ପକ୍ଷୀ ବିଶେଷ ।

୫୮ । ବୁଦ୍‌ବୁଦ—ପାଣି ଫୋଟକା ।

ନ ଗଣି ଅପଦ     ଚୁମ୍ବି ବିଷ୍ଣୁପଦ
ରହିଅଛୁ ହୋଇ ଛିଡ଼ା । ୩୯ ।
ଶୈଳ-ସାନୁଦେଶେ     ଜ୍ୟୋତିର୍ମୟ ବେଶେ
ସନ୍ଥ ସଙ୍ଗେ ସନ୍ନ୍ୟାସୀ,
ହୋଇ ଯୁଗ ଯୁଗ     ସୁଖେ ଯୁଗ ଯୁଗ
କରୁଛନ୍ତି ବିଚରଣ । ୪୦ ।
ଅନେକ ନୃପତି     ଉର୍ଦ୍ଧ୍ୱ ଦନ୍ତ ପନ୍ତ
ରତ୍ନମୟ-ସିଂହାସନେ,
ଅଛନ୍ତି ସୁଜିତ     ହୋଇ ବସ୍ତ୍ରକୃତ
ଅମର ପୁଷ୍ପ-ଭୂଷଣେ । ୪୧ ।
ଅସାଧ୍ୟ ସାଧନ—     ନିର୍ଦ୍ଦୋଷ ପୁଣ୍ୟଧନ
ବହୁଛ ଯା' ତନୁ-ତଳ,
ଶଇଳ-ନିବାସୀ     କରବଦ୍ଧ ଆସି
ନେଉଛନ୍ତି କର ଧରି । ୪୨ ।
ଧର୍ମ ନ ବତ୍ସର     କେତେ ପୁରସ୍କର
ଆବେଶିଷ୍ଟ ଚର୍ଚ୍ଚିକ ବଦନ,
କବନ୍ଧର ପଦ—     ସମ ପୁଣ୍ୟି ଲଭ
ରହୁଛନ୍ତି ନଳବଦନେ । ୪୩ ।
ତାଙ୍କ ଦେଖ ଦୁର୍ଦ୍ଦଶା     ଅନାଇ ସନ୍ନ୍ୟାସୀ
ଧଅନ୍ତେ ନୟନ ଫେଡ଼ି,
ଦେଖିଲେ ଶ୍ରୀରାମ     ବସୁନ୍ଧରା-ଧାମ
ରହୁଛି ତମିର ବେଢ଼ି । ୪୪ ।
ସୁନୀଳ ଗଗନ     ମଣ୍ଡି ତାରାଗଣ
ଅଛନ୍ତି ଉଜ୍ଜ୍ୱଳ ମୁଖେ,

---

୩୯ । ବିଷ୍ଣୁପଦ—ଆକାଶ ।
୪୦ । ସାନୁ ଦେଶ—ପର୍ବତର ଉପତ୍ୟକା ସମତଳ ଭୂମି ।
୪୧ । ସୁଜିତ—ଶୋଭାଯୁକ୍ତ, ବସ୍ତ୍ରକୃତ—ଝଲ୍‌କଳୀକୃତ, ଯନ୍ତ୍ର ।

ନାହିଁ ସୁଧାକର           କିନ୍ତୁ ତାହାଙ୍କର
ବାଧା ହୋଇନାହିଁ ସୁବେଶ ।୪୫।

ହୋଇଲେ, "ହେ ଭାଗ୍ୟ-           ଗୁଣା ପ୍ରେମଭାଗ୍ୟ-
ବତୀ ନୋହୁ ଚନ୍ଦ୍ରମାର,
ବଧିର ବଧାନ-           ଦେଇ ଗ୍ରୀବାଦାନ
ତଳେ ଭ୍ରମ ଶିଶୁମାର ।୪୬।

ବଲ୍ଲଭ ବିରହ—           ବେଦନା ଦୁଃସହ
ହେଲେ ହେଁ ଜଗତ ଲାଗି,
ସେ ଦୁଃଖ ବାସୁରି           ଧର୍ମ ଅନୁସରି
ଦ୍ୟୁତି-ଦାନେ ଅଛି ଲାଗି ।୪୭।

ଶୁଭ୍ର ଧର୍ମ-ଦୀକ୍ଷା           ଦେବେ ଜଥ ଶିକ୍ଷା
ବାଲ୍ମୀକି-ଆଶ୍ରମେ ଥାଇ,
ସେମା ଦୂର-ଚନ୍ଦ୍ରିକା           ତହିଁ ବସି ଏକା
ଜାଣୁଥିବ ମୋତେ ଥାଇ ।୪୮।

ଏ ସ୍ୱପ୍ନ ସମୟେ           ବ୍ୟାକୁଳ ହୃଦୟେ
ଶୁଣୁଥିଲେ ଜନବାଣୀ,
କରୁଣା-ପ୍ରବଣା           ହୋଇ ଜନବଣା
ପ୍ରାଣ ନ ରହିବ ଜାଣି ।୪୯।

ସର ପ୍ରଦର୍ଶନ           କରି ଅଦର୍ଶନ
ହେବ କୁମୁଦିନୀ ବନ,
ଚନ୍ଦ୍ରମା ଉଦୟୁ           ନ ହେଲେ ଏଥିକୁ
ନ ଜାଣି ଧରେ ଜୀବନ ।୫୦।

---

୪୬ । ଶିଶୁମାର   ତାରାଚକ୍ର ।
୪୭ । ବଲ୍ଲଭ – ସ୍ୱାମୀ, ବାସ୍ତ୍ରି—ଦ୍ୱିଭିଧାଇ, ଦ୍ୟୁତି—ଆଲୋକ ।

ପୁନଃ ସମାଗମ — ବସନ୍ତ ଆଗମ
ସମସ୍ୟା ମଣିବ ନାହିଁ
ହୃଦୟ-ସଙ୍ଗମ ଅତି ମନୋରମ
ଜାଣ ତ, କେବେ ବୁଝାଇ ।୭୧।

ଏ କଥାରେ ଦ୍ୱିଧା ସ୍ୱଭାବ ସୁବିଧା
ନ ପାଇବ ପ୍ରାଣସାକ୍ଷୀ
ନକ୍ଷତ୍ର ନକ୍ଷତ୍ର ମୋ' ଭାବ ନଭସ୍ୱ
ଦେଖୁଛୁ ତ କେବେ ସାକ୍ଷୀ ।୭୨।

ଅଧିକନ୍ତୁ ତାର ଉର୍ଦ୍ଧେ ମୋ ଅପାର
ସ୍ତୋତ୍ର ଲଗିଅଛୁ ଯାହିଁ
କହୁଛେଲ ଏ କଥା କଦାଚ ଅଯଥା
ବୋଲି ସେ ଭାଷିବ ନାହିଁ ।୭୩।

ଏଥିରେ ସଂଶୟ ହୃଦୟ ଲୟବ
ସ୍ମରଣେ ଥିଲା କି ଭ୍ରମ ?
ବୃଥା ବାକ୍ୟଜାଳ କହିଲ କଳ୍ପିତ
ଦୃଷ୍ଟି ସଙ୍ଗେ ଅଶ୍ରୁ ତମ ।୭୪। ଆସିଲ

ଗୁଣୀର ସଦ୍‌ଗୁଣ ନ ଲୁଚି କପଣ
ହେଲେ ଦୋଷ-ଦାରଣରେ,
ବାଧ୍ୟ ବିଡ଼ମ୍ବନା ଶୋଭା ସମ୍ଭାବନା
ହୁଏ ତାର ଖଣ୍ଡାପରେ ।୭୫।

ଦେଖି ସ୍ୱସ-ଦୋଷ ପାଇବ ସନ୍ତୋଷ
ଲୁଚିଥିଲେ ତାର-ତତ୍ତ୍ୱ,
ହୃଦୟ-ଲୁଚିତା ସ୍ନିଗ୍ଧ ପୋଡ଼ ମଥା
ଲୁପ୍ତ କଲେ ମନ ତତ୍ତ୍ୱ ।୭୬।

---

୭୫ । ବିଡ଼ମ୍ବନା—ପ୍ରତାରଣା ।
୭୬ । ତତ୍ତ୍ୱ—ସମ୍ମୁଖ ।

ଦାଶରଥି-ହୃଦେ- ଦର୍ଶନ-ବିମୁଖ
ଖେଦ-ଖଣ୍ଡ-ଦୃଢ-ବଧୂ,
ଜଣାଅ ସମସ୍ତ ହେଳାକୁ ହୃଦସ୍ଥ
ହେଲେ କେଜ ଶୀରଷିତ୍ ।୫୭।
ନୀଳଗ୍ରୀବ ତାଳ ଦେଲା ତଫତାଳ-
ପ୍ରୀତି କର ଉପହାସ,
ନ ଖାଲ, ନ ଭୁଲ ଲେଖାଅଛୁ ଖାଲ-
ପଟେ ତୋର ଉପହାସ ।୫୮।
କର୍ମା ନ ଜାଣିବ ଦେଖୁଛୁ ଦାଢବ
ତା' ମୁଖେ ଅମୃତ ତାଳ
ପରର ବିପତ୍ତି ଶୁଣିଲେ ସମ୍ପତ୍ତି-
ଶାଳିଏ ମାରନ୍ତି ତାଳ ।୫୯।
ଏଣେ ବାରହ୍ନୀ ଶ୍ରୀରାମ ଜନନୀ
ମଣି ପୁଷ୍ଟି ମସ୍ତୁ ପୂର,
ରବେନ୍ଦ୍ର-ଦର୍ଶନ— ରମ୍ୟ ସୁଖାସନ
ଦୁଃଖ ଦେଖୁଁ ହୋଇ ଦୂର ।୬୦।
ସ୍ତୁତ ସଲଲିତ ପଲ୍ଲବ ରଚିତ
ଉଠେନେ ଅଙ୍ଗନାସନେ,
ଖଣ୍ଡ ଅବସ୍ଥାନ ସ୍ତୁତ କଥା ମାନ
ଆବୃଛନ୍ତି ମନେ ମନେ ।୬୧।
ପ୍ରାଣନାଥଙ୍କର ପ୍ରେମ-ଜରଜର
ମଧୁମୟ ସମ୍ଭାଷଣ,
ସୁଦ ଫେନୋଚ୍ଛାସେ ପରଦେଶୀ ଆସେ
ତୋଳ୍ପିରୁ ନର୍ମିଳ ସ୍ୱନ ।୬୨।

---

୫୭ । ଦାଶରଥି—ରାମଚନ୍ଦ୍ର ।
୫୮ । ନୀଳଗ୍ରୀବ—ଡକେକାର ।
୬୧ । ଅଜିନ—ମୃଗଚର୍ମ ।

ସଙ୍ଗ ଭଗ୍ନ-ହୃଦ ସରଳ ହୃଦର
ମରକତ-ପ୍ରଭ ଦାନ୍ତ,"
ମାନସିକ ଧ୍ୟାନେ ସ୍ଥିର ସନ୍ନିଧାନେ
ବଣ୍ଟିଅଛୁ ଦାନ୍ତ ଦାନ୍ତ ।୭୩।
ନିଦ୍ରା ପରିହରି ଆଶାନ୍ତ ପ୍ରହରୀ
ଯେ ରୂପେ ଲକ୍ଷ୍ମଣ ସଙ୍ଗୀ,
ସ୍ୱର୍ଣ୍ଣ-ମୁକୁରେ ଦଶନ୍ତି ଅଦୂରେ
ଯେ ରୂପେ ଦ୍ୱାର- ନିଷଙ୍ଗୀ ।୭୪।
ଯେ ସ୍ୱାମୀ ଦେବର କରିଛନ୍ତି ଦୂର
ଏ କଥା ଦେବାକୁ ଖବ,
ହେମାଭ୍ର ନଳିନ ସଦୃଶ ମଳିନ
ନେଣ ହୋଇଲା ଶାରସ୍ୱା ।୭୫।
ଧଳୁରିଅଃ ଜଳ— ଦ୍ୱିଷତ୍ତ ଗର୍ଜ୍ଜର
ନୀରବେ ନିଶ୍ଚଳେ ଯଥା,
ରସ ତ୍ୟାଗ କରେ ଶୋକ ଆଘାତରେ
ସତୀ ଦଶା ହେଲା ତଥା ।୭୬।
ଏହି ରୂପେ ପ୍ରିୟ ପ୍ରିୟାଙ୍କର ପ୍ରିୟ-
ଖବ ପ୍ରିୟା ପୁର ପୁର,
ଦୁଃଖାସନେ ବସି ଧରି ଧୈର୍ଯ୍ୟ-ଅସି
କାଟୁଥିଲେ ବଳବଣ ।୭୭।
ଆସ୍ଥା ସ୍ଥିର-ଶ୍ରମ ସମ୍ଭୂତ ଧର୍ମ
ବର୍ମ ବନ୍ଧୁ ଅବିରଳ,
ପକ୍ଷ ଶୁକ୍ଳ-ଶଶୀ ଯୌବନ କଳ ଆସି
ପୂରାଉଥିଲା ମଣ୍ଡଳ ।୭୮।

---

୭୪ । ମୁକୁର—ଦର୍ପଣ, ନିଷଙ୍ଗୀ—ଧାନୁଷ୍କ ।
୭୭ । ବଳବଣ—ସୈନ୍ୟ ।
୭୮ । ମଣ୍ଡଳ—ସୈନ୍ୟ ।

ସ୍ୱବଳ ଗର୍ବସ୍ୱ ସେପ୍ତ୍ରୁ-ଦେଶ ଶତ୍ରୁ
ଏବେ ଦେଖାଇ ଷୀଣପ୍ରାଣ,
ରକତେଭ ତରଙ୍ଗ ପ୍ଲାବି ପଳାସ୍ତନ
ଭୂପାଦେଶ ପାଇଲା ଶାନ୍ତ ।୬୯।
ପ୍ରେମିକ ପ୍ରେମିକା ସଦେ ଅସ୍ମିକା
ଭିନ ଦେଇ ଭାଗ୍ୟଘଣ,
ସୁପ୍ତ ଦେବଦେଶ ହିଁ ଅବକାରେ ପଣ୍ଡି
ନେଲିଣ୍ଡେ ତାଙ୍କ ଶରଣ ।୭୦।
ଶରଣ-ବତ୍ସଳ ରଘୁନାଥ ଛଳ
ନ ଧରି ରଖିଲେ ମାନ,
ଦେଲେ ଏହି ବର— "ସ୍ୱର୍ଗ ସ୍ୱର୍ଗାଳୟ
ମସ୍ତକେ ପାଇବ ସ୍ଥାନ ।"୭୧।

---

୭୧ । ଅସ୍ମିତା—ଅହଂକାର ।

# ଚତୁର୍ଥ ସର୍ଗ

## ( ଋତୁ-ଶ୍ରେଣି )

ମଙ୍ଗଳେ ଅଇଲା ଋତୁ।    ବିକଚ-ରାଜୀବ ତୃଷା।
ଜୀବନ୍ତ-ଦର୍ଶନ-ତୃଷ୍ଣା ହୃଦୟେ ବହି,
କରପଲ୍ଲବେ କହ୍ଲାର—    ମୁକ୍ତା ଧରି ଉପହାର
ସତୀଙ୍କ ବାସ-ବାହ୍ଲାର-ପ୍ରାଙ୍ଗଣେ ରହି,
କଳକଣ୍ଠ-କଣ୍ଠେ-କହିଲା,
"ଦରଶନ ଦିଅ ସତୀ, ଋତୁ ଯାଉଛି" । ୧ ।

ଅରୁଣ କଷାୟବାସ,    କୁସୁମ କାନ୍ତି-ବିକାଶ
ମୃଣାଳ-ରୂପ, ବାହୁ ଦିଶନ୍ତି ମନେ,
କେତେ ଯୋଗେଶ୍ୱରୀ ଆସି    ମଧୁର ସ୍ୱରେ ଆଶୀଷି
ଡାକୁଛନ୍ତି ଦୁଃଖଶ୍ରାନ୍ତି-ଉପଶମନେ,
ଦେବୀ ଯାଇଁ ନବ ବନ
ସ୍ୱାମୀଙ୍କ ଓହ୍ଲାଇଛନ୍ତି ମଣ୍ଡିତବନେ । ୨ ।

---

୧ । ବିକଚ—ପ୍ରସ୍ଫୁଟିତ, ରାଜୀବ—ପଦ୍ମ, ତୃଷା—ଇଚ୍ଛା, କହ୍ଲାର—କାକର ବିନ୍ଦୁ, ପ୍ରାଙ୍ଗଣ—ଅଗଣା, କଳକଣ୍ଠ—କୋକିଳ ।

୨ । କଷାୟ—ରକ୍ତବର୍ଣ୍ଣବିଶିଷ୍ଟ, ଉପଶମ—ଦୂର କରିବା, ଯୋଗେଶ୍ୱରୀ—ଦେବୀ ।

ସମୀର ସଙ୍ଗୀତ ଗାଏ,   ଭ୍ରମର ବୀଣା ବଜାଏ,
ସୁରଭି ନର୍ତ୍ତକେ ଆଏ ଶୋଭା ନିବେଶେ,
କୁମ୍ଭାଟୁଆ ହୋଇ ସୂତ   ଆରମ୍ଭିଲା ସ୍ତବ ପାଠ
କଳିଙ୍ଗ ଅଇଲା ପାଞ୍ଚ ମାଗଧ ବେଶେ,
ଲଳିତ ମଧୁରେ କହିଲା,
"ଉଠ ସତୀ ରାଜ୍ୟ-ରାଣୀ, ରାତ ପାହିଲା" । ୩ ।

ମୃଗ-ମୁଖ-ବେଦ-ଘନ   ମୂର୍ତ୍ତି କଲା ଶ୍ୟାମବନ
ଉଠିଲା ବେଦ ଗହନ ଉଚ୍ଚ ଓଁକାର,
ବୈକୁଣ୍ଠେ ଦେଖି ତୃପତ   ଅନନ୍ତ ଶ୍ରୁତିର ରତ
ବାହିଲା କି ଶରସ୍ୱତୀ ବୀଣା ଝଙ୍କାର;
ବେଣୁଁ ଦେଲ ବନ ଉଜ୍ଜ୍ୱଳ,
ମନ୍ତ୍ରବଳେ ଦେହେ ବହି ଆସିଲା ବଳ । ୪ ।

ଏକାଳେ ବ୍ରହ୍ମଚାରିଣୀ   ଅନୁକମ୍ପା ତପସ୍ୱିନୀ
ଅସି ଜନକନନ୍ଦିନୀ ପାଶେ ଗମ୍ଭୀରେ,
କହିଲେ, "ଉଠ ବୈଦେହି ! ଶୋଭା ସୁକୁମାର ଦେହ
ଆସିଛି, ଦର୍ଶନ ଦେଇ ତୋଷ ବଧୂରେ,
ତମସା ରହିଛି ଅନାଇ
କୋଳ କରି ଅବେ ସୁଖ ନାହିଁବା ପାଇଁ ।"* ।

---

୩ । ସୁରଭି—ସୁଗନ୍ଧ, ସୂତ—ସ୍ତୁତିପାଠକ, କଳିଙ୍ଗ—କଜଳପାତି ପକ୍ଷୀ, ପାଞ୍ଚ—ଶ୍ରେଷ୍ଠ, ମାଗଧ—ଭାଟ ।

୪ । ବୈକୁଣ୍ଠ—ବିଷ୍ଣୁ, ବଳ—ଶକ୍ତି, ଅନନ୍ତ—ଅସଂଖ୍ୟ, ରତ ମୁଗ୍ଧ ।

* । ତମସା – ବାଲ୍ମୀକି ଆଶ୍ରମ ନିକଟରେ ପ୍ରବାହିତ ପବିତ୍ର ନଦୀ ।

ପଦ୍ମ-ନାଳ-ତୁଲ୍ୟ-ଶିଶିର-          ସନ୍ତୁରେ ଖର-ରଶ୍ମି ର
ପ୍ରତନ୍ମ ପଣ, ଖାର ଶ୍ୟାମ-ମୂରତି,
ଶୋକ କର୍ଜରିତ ତନୁ-          ଫଳକେ କର ଚାପି ତ
ଦେଖିଲେ ଆପଣ ଚିତ୍ରିତ ଜାନକୀ-ସତୀ;
ନମି ଅନନ୍ୟା ପଶୁରେ
ବସିଲେ ପ୍ରିୟାର ପଦ ସନ୍ନିଧରେ । ୬ ।

ବୋଲିଲେ ତାଙ୍କୁ ପ୍ରଣମି,          "ତୁମ୍ଭେ ଜନନୀ-ବସୁମତୀ
ରତ-ଅଗମନ-ଶଂସୀ ଦୁଃଖ ସମାରେ,
ତୁମ୍ଭ କୋମଳ ଚରଣ          କରେ କେଉଁ ଆସ୍ତରଣ
ଉଭି ଯାଉଛି ଶରଣ ତୁଚ୍ଛ ଆଶାରେ,
ଶୁଭ୍ର-ସଅଭଞ୍ଜ ରସିକେ,
ଶୁଭ ସମ୍ବାଦନା ଦୁଃଖ ରଘୁବଂଶିକେ । ୭ ।

ଲମ୍ବୁକ ଚୁଚୁକେ ଶ୍ରେଣୀ          ଶୋଭରେ ଅଶ୍ରୁମ ଧାରୀ
ତମସା ନିର୍ମଳ-ଶାଢ଼ୀ ପରିଧ-ଧାରୀ
ପ୍ରାଙ୍ଗଣେ କୁସୁମ ବସ୍ତ୍ର          ସୁବାସିତ ଗାତ୍ର ଶିଖ୍ୟ
ମଙ୍ଗଳପ୍ରଦାଧ ରଚି ପ୍ରଷ୍ପିତ ଗାତ୍ର,
ମୁହୁର୍ମୁହୁଃ ମୀନ-ନୟନେ
ସ୍ୱର୍ଗ ଶୁଭ ସୀତା-ସତୀ-ଶୁଶ୍ରୂଷାମନେ । ୮ ।

ଜିତେନ୍ଦ୍ର ଭାଗ୍ୟ-କନ୍ୟା-          ସର୍ବଙ୍କ ଆଦର ଧନ୍ୟା
ସ୍ନାତକେ କଣ୍ଠ-ଧନ୍ୟା-ଶଶ-ରଞ୍ଜନ

---

୬ । ଖରରଶ୍ମି—ସୂର୍ଯ୍ୟ, ପ୍ରତନ୍ମ—ଛାୟା, ଫଳକେ—ପଟାରେ ।
୭ । ଆସ୍ତରଣ—ଆଚ୍ଛାଦନ, ଶୁଭ୍ର—ମଙ୍ଗଳ ।
୮ । ଲମ୍ବୁକ—ଲମ୍ବିତ, ଦୀର୍ଘ ।

ବାଲ୍ମୀକି ଅବଗାହନେ     ଅନୁକମୀଙ୍କ ଗହଣେ
ତମସା ଧାରୁ ବସ୍ତେନ କଲେ ଗମନ;
ସନ୍ତଙ୍କି ତମସା ଅଙ୍କରେ
ଯେଣୁ ସ୍ନେହେ ଆଲିଙ୍ଗିଲ ତରଙ୍ଗ-କରେ । ୯ ।
ଅମୃତ ମଧୁର ସ୍ୱରେ     କହିଲ ପରିତୋଷରେ,
"ମାଆ ଗୋ, ମୋ ମାନସରେ ନ ଥିଲା ଆଶା,
କରିବ ଅଙ୍କେ ବିହାର     ରାଜଲକ୍ଷ୍ମୀ ହୃଦୟାର
ଶୀତା କରୁ ପରିହାର କ୍ଲେଶ ପିପାସା,
ଭାଗ୍ୟବଶ ମୋତେ ସଦାରେ
ଦୋଳିବେ ତୋ' ପୋଷୁଁ ଏକା ପରଶଂସାରେ ।୧
ବନେ ବନେ ଭ୍ରମି ଭ୍ରମି     ଚଣ୍ଡ ବୃକ୍ଷକେ ନ ଭ୍ରମି
ବହୁ ବାଧା ଅନ୍ତଗମୀ ସ୍ୱଚ୍ଛ କାନନେ,
ଅନ୍ଧାରୁ ଦୁଃଖ ନ ଗଣି     ଆଲୋକ ସୁଖ ନ ମଣି
ଭୁଞ୍ଜିଛି ଦୂର ସରଣୀ ନତ ବଦନେ;
ଜନମ କରୁଛି ସଫଳ
ତୋଷୁ ଦାନେ ତୋଷି ନରବାସୀ ସକଳ । ୧୧ ।
ମନ୍ଦାକିନୀ, ଗୋଦାବରୀ     ଦେଖିବୁ ଗୁଣେ ମୋ' ସରି
ତଥାପି ବର୍ଦ୍ଧନ କରୁଛନ୍ତି ଗୌରବ
ଲଭି ତୋ ପବିତ୍ର ପଦ     ତନ୍ତ୍ର ଅଙ୍କୁ ଶମିଦ
ହରିପଦ-ପଦ-ପଦ୍ମ ଅଙ୍ଗ ସୌରଭ,
'ତାହା ଥିଲା ମୋର ବାଞ୍ଛିତ,
ତଦଧିକେ ହେଉଥିଲ ମନେ ଲଜ୍ଜିତ । ୧୨ ।

---

୯ । ଅବଗାହନେ – ସ୍ନାନ କରିବାପାଇଁ, ଗହଣେ—ସହିତ, ଅଙ୍କରେ—କୋଳରେ ।

୧୦ । ପରିହାର—ପରିତ୍ୟାଗ କର ।

୧୧ । ସ୍ୱଚ୍ଛ – ପରିଷ୍କାର, ନିର୍ମଳ, ସରଣୀ—ପଥ, ତୋୟ—ପାଣି ।

୧୨ । ମନ୍ଦାକିନୀ—ଚିତ୍ରକୂଟର ନିର୍ଝରୀ, ହରିପଦ—ଦେବତା ।

କରିଥିଲୁ ଶୁଭ କର୍ମ ବୋଲି ଆଶିଦେଲ ଧର୍ମ
ସମସ୍ତେ ବୋଲନ୍ତେ ମୋ ମର୍ମବାସନା ଜାଣି,
ପାଇଛୁ ଦୁର୍ଲଭ ଧନ କରିବ ତୃପ୍ତି ସାଧନ
ଝଟ କରି ସମ୍ବୋଧନ କୋଳକୁ ଆଣି;
ଅଙ୍ଗ ପରିମଳ ତୋହର
ହେବ ମୋର ଜୀବନର କଳୁଷ-ହର ୧୩ ।

ମୋ କୋଳ-କେଳି ଚପଳ ସାରସ ମରାଳଦଳ
କୋକ ଯୁଗଳ ଯୁଗଳ ବକ ସଂକଣ୍ଠ
ତୋ ସ୍ୱର୍ଣ୍ଣମୟ ଅଙ୍ଗର ଖେଳନ୍ତେ ଧୂଳି ମୋ' ଗର
ପାଦେ କହୁଥିବେ ଶରଧନ ମୋ କଣ୍ଠ,
କଳକଳ ଛଳେ ତୋ ଯଶଃ
ଗାଇ ମୋ ଗ୍ରୀବାକୁ ତୋଳୁଥିବେ ଅନନ୍ତ । ୧୪ ।

ପତିବ୍ରତା ଅଙ୍ଗେ ଲାଗି ପବିତ୍ର ହେବାର ଲାଗି
ବ୍ରତତି-ଦାମ-ବିସ୍ତାରୀ ପ୍ରସୂନମାନ
ଦୂରୁଁ ଦୂରୁଁ ଝାସି ଝାସି ଧାଇଁଥିବେ ଖସି ଖସି
ଲୁମୁଥିବେ ଆସି ଆସି ତୋ ସନ୍ନିଧାନ;
ସ୍ନାନ ସମସ୍ତେ ମୋ ପୟରେ
ଦୟାମୟି ! ନ ପେଲିବୁ ତାଙ୍କୁ ପଦରେ । ୧୫ ।

---

୧୩ । କଳୁଷ-ହର—ପାପହାରକ, ପରିମଳ—ପବିତ୍ର ସୌରଭଯୁକ୍ତ ।

୧୪ । ସାରସ—ଜଳଚର ପକ୍ଷୀ, ମରାଳ—ରାଜହଂସ, କୋକ—ଚକ୍ରବାକ, ବକ—ବଗ, ଖେଳନ୍ତେ—ଦୌଡ଼ିବା ଖେଳରେ, କଣ୍ଠ—ଝଙ୍କରେ, ଗ୍ରୀବା—ବର୍ଣ୍ଣ ।

୧୫ । ପ୍ରସୂନ—ଫୁଲ, ବ୍ରତତି-ଦାମ-ବିସ୍ତାରୀ—ଲତାରୁ ଝୁଲିପଡୁଥିବା, ସନ୍ନିଧାନ - ନିକଟ, ପୟରେ - ପାଣିରେ, ପଦରେ—ପାଦରେ ।

ମୋ କୁଟୀର ସ୍ଥଳ ଚରଣ		କରିଛୁ ମା ଅବତରଣ
ବ୍ୟୋମଦେଶେ ଅଙ୍ଗଣେ ଅମରକାନ୍ତ,
ତା' ଲକ୍ଷ ବନ ପାଦପ-		ଶ୍ରେଣୀ ହୋଇ ଦପଦପ
ଖଣ୍ଡିବେ ଅମର-ଦର୍ପ ବଢ଼ିବେ ଶାନ୍ତି,
ପଲ୍ଲବେ ପାଟଳ ଶ୍ୟାମଳ,
ଲୁଚର ଲୁଚ ରହିବ ତଳ କମଳ ।" । ୧୬ ।

ସୀତା ବୋଲଲେ, "ଝରଣ—		ମଧୁର ଏ ସ୍ୱଚ୍ଛ ନୀର;
ନାଶି କ୍ଲାନ୍ତି, ଜନନୀର କ୍ଷୀର ସଦୃଶେ,
ଶିଶୁ-ସ୍ତନ୍ୟ ବନସ୍ରୁତ		ହୋଇ ଅଛୁ ଅମୃତ
ଧାଇଁ ଯାଉ ପୀତାମୃତକଳଶୀ ଲକ୍ଷେ,
ଓହୋ! ତୁ ତ ମୋ ମା ଏ ଦେଶେ,
ମୋ' ଦୁଃଖେ ସ୍ୱର୍ଣ୍ଣ-ବର୍ଷା ଜନନୀ ବେଶେ ।୧୭।

ଛେଦ ଦେଉଅଛୁ ପୃଷ୍ଠ		ହେ ପାଷାଣ ହେଉଛୁ ଦୃଷ୍ଟ
ତଥାପି ସୀତାଙ୍କୁ ତୁଷ୍ଟ କରିବା ପାଇଁ
ଫିଟାଇ ସ୍ୱେଦ-ଲେଖନ		ପ୍ରୀତି-ମଧୁର-ବଚନ
ଶୁଣ୍ୟାରେ ଲୁଟି ରଚନ ତରୁ ବେଲ୍ଲାଇଁ,
ଧନ୍ୟ ଧନ୍ୟ ମା ତୋ ହୃଦୟ,
ମୋ'ଦୁଃଖ-ଆତପ ପାଇଁ ବାଲୁକାମୟ । ୧୮ ।

---

୧୬ । ବ୍ୟୋମଦେଶେ—ଆକାଶରେ, ଅଙ୍ଗଣେ— ଦାଣ୍ଡିରୁ, ଅମରକାନ୍ତ— ସ୍ୱର୍ଗୀୟ ବୃକ୍ଷ, ପାଦପଶ୍ରେଣୀ—ବୃକ୍ଷ ସମୂହ, ପାଟଳ— ଗୋଲାପୀ ରଙ୍ଗ ।

୧୭ । ଝରଣ—ନାଳକଳ ଜଳ, ବନସ୍ରୁତ—ସ୍ରବିଅଛି, ଲକ୍ଷେ—ଉଦ୍ଦେଶ୍ୟରେ, ପୀତାମୃତକଳସା— ମୃତକଳ୍ପ! ସୀତାଙ୍କ ପାଇଁ ।

୧୮ । ଆତପ—ଖରା, ଛେଦ-ପଥର କାଟିବା ।

ଶମ-ଶାସ୍ତ୍ରାଦ୍ୟେ ଯେ ସୀତା   ଲୋକ-ଲୋଚନେ ଦୂଷିତା
ହୋଇ ଥିଲୁ ଜଙ୍ଗାପିତା ଯେ ତୋର ମତେ ।
ନିଜ ପତିବ୍ରତା ଧର୍ମ-   ବଳେ ସ୍ଥାବରଜଙ୍ଗମ
ପଞ୍ଚଭୂତରୁଷେ ଶମ ହେବ ଜଗତେ;
ମାତା ତୁହେଁ ସୁତା ଯେବେ
ମାତା-ନେତ୍ର-ପଥେ ମୁଖୀ ଚନ୍ଦ୍ରବଦନା । ୧୯ ।

ତୋ' ଘର ଥିଲ ଅସ୍ତ୍ରମ୍ୟ   ହେଲଣି ମୋର ନନ୍ଦନ୍ତ;
ଲଭୁ ଥା ତୋ' ଶାନ୍ତିମୟ ପଦକମଳେ;
ଶୂନ୍ୟ ଥାଉ ତପୋବନ   ଜନନୀ କୋଳ ମାତର
ଭାଇ ଆଦର-ଆକର ମନ୍ଦମଣ୍ଡଳେ,
ଜନନୀ ଯା ସନ୍ନିଧାନସ୍ଥ,
କାନ୍ଦିଲି ଯେ ଅନ୍ୟ ସ୍ଥାନ ଲୋଡ଼ିବ ଅବା" । ୨୦ ।

ସୁଶୀତଳ ସୁନିର୍ମଳ   ପବିତ୍ର ତମସା-ଜଳ
ତଥା ସ୍ୱଭାବ ସକଳ ମୁନିସୁତାଙ୍କ,
ସ୍ନେହେ ତମସା ବହିଲ   କରି ସଂସ୍ପର୍ଶ ଶୀତଳ
ହୋଇଗଲା ଅବିକଳ ସ୍ୱରୂପ ତାଙ୍କ,
ଅଙ୍ଗୀକାରେ ତାଙ୍କ ଶ୍ରମରେ
କରନ୍ତ ମିଶାଇଦେଲୁ ଶୀଘ୍ର ଶାନ୍ତରେ । ୨୧ ।

ଭରତ ସୀତା ସକାଶ   ରଥ ଲୁଣ୍ଠିବା ସକାଶ
ପାଇ ଶୁଭ ଅବକାଶ ଏଥି ଉପାୟେ,
ହୋଇ ବହୁନେତ୍ରବତୀ   ବନ୍ଧୁ ଭୁତ ବନ୍ଧୁ ମତି
ନିଜ କଲା, ବୃଦ୍ଧିମତୀ, ଅନେକ ଭାବେ;

---

୧୯ । ଲୋକ—ଲୋଚନେ-ପ୍ରଜାମାନଙ୍କ ଦୃଷ୍ଟିରେ, ଦୂଷିତା-ଅପବାଦ ଯୁକ୍ତ । ସ୍ଥାବର—ଅଚଳ, ଜଙ୍ଗମ—ଚଳନଶୀଳ ।

୨୦ । ଆକର—ଖଣି, ଲୋଡ଼ିବ—ଇଚ୍ଛା କରିବ ।

ସମଧର୍ମି ସମଗୁଣରେ
ମିଶି ମନ ତୋଷ ଲଭେ ବନ୍ଧୁ ଗୁଣରେ । ୨୨ ।

ସୁମନ୍ତ୍ର ଅବଗାହନ ବଢ଼ାଇ ପ୍ରତ୍ୟାଗମନ
କରି ବାଲ୍ମୀକି ଚରଣେ କଲେ ବନ୍ଦନା;
ଆଶିଷେ ମୁନି-ପୁଙ୍ଗବ ତୋଷାଇଲେ; "ଜ୍ଞାନ ବିଭବ-
ଅର୍ଜ୍ଜନେ ପ୍ରୀତିକି ଲଭି କର ସାଧନ;"
ବିଶେଷେ ସୀତାଙ୍କୁ ସାଦରେ
ବୋଧାଇଲେ, ବାରମ୍ବ ହୁଅ ଅପ୍ରମାଦରେ । ୨୩ ।

ନନ୍ଦନ ! ତୁ ଏ ଆଶ୍ରମ- ପାଦପଙ୍କୁ ସ୍ନେହ-ଶ୍ରମ
ପ୍ରତ୍ୟୁଷରେ ଜଳସେଚନ କରି ଯତନ,
ସେ ସ୍ନେହେ ତୋ ଅନୁଭବ ବୁଝିବେ ହେବ ସମ୍ଭବ
ଭବେ କେମନ୍ତ ଦୁର୍ଲଭ ସୁତ-ରତନ;
ଅନୁକମ୍ପା ଥିବେ ନିୟତ
ସଜଳ ଅଶ୍ରୁ ତୋର ମୋଚନେ ରତ ।"୨୪ ।

ମୁନୀନ୍ଦ୍ର-ଆଦେଶ-ମତେ ତହୁଁ ଚଳିଲେ ସୁମନ୍ତ୍ର
କମଳ-କୋମଳ ହସ୍ତେ କଳସୀ ଧରି,
କନ୍ୟାମଣ୍ଡଳେ ଜନକ- ସୁତା-କାନ୍ତି ଜକଜକ
ସ୍ଫଟିକ ମଧ୍ୟେ ସ୍ୱରଣ-ପ୍ରତିମା ପରି,
ଉପବନେ କଲେ ଗମନ,
ବଢ଼ାଇଲା ବନ-ଶୋଭା ପାଇ ସେ ଧନ । ୨୫ ।

---

୨୨ । ସକାଶ—ନିକଟ, ସମୀପ ।

୨୩ । ପ୍ରତ୍ୟାଗମନ—ଫେରିଆସି, ବାରମ୍ବ—ବାରମ୍ବାର, ଅପ୍ରମାଦରେ—ନିର୍ବିଘ୍ନରେ ।

୨୪ । ମୋଚନେ—ଦୂର କରିବାପାଇଁ ।

୨୫ । ସ୍ଫଟିକ—ଶୁଭ୍ର ସ୍ୱଚ୍ଛ ପ୍ରସ୍ତର ବିଶେଷ ।

ବନ-ଲକ୍ଷ୍ମୀ-ଦ୍ୱାରେ ସୀତା ସ୍ୱଜନ୍ୟେ ସେ ଭୁଞ୍ଜିତା
ମଧରେ ହୋଇ ଲୁଣ୍ଠିତା ରବି-କିରଣେ,
ହାସ- ପଲ୍ଲବ ଅଧରେ ମଞ୍ଜୁ ମଧୁକର ସ୍ୱରେ
ମନ୍ତ୍ରି ଲଗିଲ ଆଦରେ ପକ୍ଷିବୃନ୍ଦଙ୍କେ;
ଅର୍ଘ୍ୟ ଦେଇ ରଙ୍ଗ ଶାଲ୍ମଳୀ,
ପାଦ୍ୟ ଦେଲା ଦୂର୍ବାଦଳ ଭୂମି-ପଦ୍ମିନୀ । ୧୬ ।

ଘନକମଳ ଆସନ— ଦେଲା, ପ୍ରୀତ ସମ୍ଭାଷଣ
କଲା, ଶାରିକା ସ୍ୱଗଣ ଛଳେ ମଧୁରେ;
ଶରଦ ସରସୀ ଜଳ ଫୁଟାଇ ନବକମଳ
ଅଳ୍ପନେ ଯଥା ଜଳହଂସ-ବଧୂରେ;
ବୋଇଲା, "ପାଇଲୁ ସଜନି,
ତୋ-ପଦ ଅଙ୍କୁଶେ ମୋର ଦେହ-ରଜନୀ । ୧୭ ।

ତୋତେ ମୁଁ ଭାଗ୍ୟବଶତଃ ଲଭି ଜଳସ୍ଥ ପଦ-
ଘଣ ଅଶୀମ ଭୂଷିତ ଅଙ୍ଗ୍ରକିରଣେ,
ଚିତ୍ରକୂଟ ଉପତ୍ୟକା ପିକ ସେବିତ ଧଣ୍ଡିକା
ପାରୁଥାଉ ପାରୁ ଲଙ୍କା ଅଶୋକାରଣ୍ୟେ,
ଅଜେ ଯୋଇ ତୋତେ ଆଦର୍ଶ,
ଗଢ଼ିଲ ପ୍ରୀତି ପ୍ରଥମ; ଚଉଦ ବର୍ଷେ । ୧୮ ।

ସେତେବେଳେ ପୁଷ୍ପକରେ ବାହୁଡ଼ିଲୁ ପୁଷ୍ପରେ
ଉଭା ହୋଇ ପୁଷ୍ପକରେ ମୁଦିତମନେ,
ଉର୍ଦ୍ଧ୍ୱେ ସୃଷ୍ଟି ଶୋଭାରେ ହୋଇ ତୋ ମୟୂରନାଦରେ
ତାଙ୍କୁ ଯେ ଥିଲି ସାଦରେ ପାଦ ଅର୍ପନେ,

୧୬ । ସ୍ୱଜନ୍ୟେ—ଶୋଭା ପାଇନ୍ତେ, ଦୂର୍ବାଦଳ_ପାଦ୍ୟ ; ମଧୁକ-ମହୁଲ
୧୭ । ଶରଦ—ଶରତକାଳୀନ ।

ସଖୀ କଥା ସ୍ମରି ମନରେ
ଆସିଲୁ କି ସଖି ! ଆଜ ଏତେ ରାତରେ । ୨୯ ।

ସର୍ଗ ବିରହ କ୍ଳେଶ    ସହୁ, ମୁଁ ନ ସହୁ ଶେଷ
ଚନ୍ଦ୍ରାରେ ତାପସୀ ବେଶ କରି ଧାରଣ,
ତୋ ହୃଦୟ ଆବରଣେ    ଗୁପତରୁ ସ୍ନେହଭରେ
ମଙ୍ଗାଇ ଦେ:ବେ ଫୁରସେ କଲୁ ବରଣ;
ଧନ୍ୟବାଦ କରୁ ଗ୍ରହଣ;
ଶ୍ରଦ୍ଧା ସହ କଲୁ ସାଂ ତମାଂ ବାଞ୍ଛା ପୂରଣ ।୩୦ ।

ପାଇଥିଲେ ସାଧୁ ସଙ୍ଗ    ସ୍ୱଭାବ ତରୁ ଅଭଙ୍ଗ
ରହେ, ସ୍ଥିର ନିଳରଙ୍ଗ ଯଥା ଗଗନେ,
ସାଧୁ ସିଦ୍ଧେ ମନୋରଥ    କଦାଚ ନ ହୁଏ ବ୍ୟର୍ଥ
ଦେଖୁ ମୁଁ ହେଲି ସମର୍ଥ ତୋର ଦର୍ଶନେ;
ଭାଗ୍ୟେ ଥିଲେ ହୁଏ ଏ ଲାଭ,
ସ୍ୱାଗତ କରୁ ସଖି ! ମୋତେ ତୋ ଭାବ" ।୩୧।

ବନଶ୍ରୀ ମଧୁ ମୋହନ    ଶୀତା ହୃଦୟ ଗହନ
ହରିଦ୍ର ଦାବ ଦହନ ଶାନ୍ତ କରନ୍ତେ,
ନବୀନ ଭ୍ରୂଦୟମାନ    ଘନ ପଲ୍ଲବ ସମାନ
ମାନସେ ଉଦୟମାନ ହେଲା ସେ କ୍ଷଣେ,
ଦେଖାଇଲେ ଜନକନନ୍ଦିନୀ"
"ଆଜୀବନ ହେଲି ତୋର ଦାସ ସ୍ୱଜନୀ" ।୩୨ ।

---

୨୯ । ସ୍ୱପ୍ନରେ—ସ୍ୱପ୍ନ ରଥରେ ଓ ପୁଷ୍ପ ଦୃଷ୍ଟିରେ, ସ୍ୱର—ଆକାଶ, ଅସ୍ପନେ—ମାର୍ଗରେ ।

୩୨ । ଦାବ—ଅଗ୍ନି, ଉଦୟମାନ—ବୋଧ ହେଉଅଛି ।

# ପଞ୍ଚମ ସର୍ଗ

( ରସକୁଲ୍ୟା )

ସୁରୋଦ୍ୟାନ-ଶୋଭା ସିନ୍ଧୁ ଲହରୀ
ଶିଖର-ଚୁମ୍ବି ଫେନପଟଳ ଧରି,
ଯା' ପଦମୂଳର ନନ୍ଦ-ମୁକୁତା
ଜ୍ୟୋତି ବେଦନରେ ଥିଲା ଯୁକୁତା,
ତାଙ୍କ ଶୁଭ ଆଗମନ
ସୃଷ୍ଟି ହରଷିଲେ ନନ୍ଦ-ଉଦ୍ୟାନର
ଧୂର୍ଜଟି-ବକ୍ଷୀ-ସ୍ପନ୍ଦନ । ୧ ।

ଏବେ ତ ମଧୁର ବସନ୍ତ କାଳ,
ଢାଳିଛନ୍ତି ପ୍ରେମ କିରଣ ଜାଲ,
ପ୍ରସର ଶିଶିରକର୍ଣ୍ଣର ପଂକ୍ତି,
ଝଳା ଦେଉଅଛି ବିବିଧ ବର୍ତ୍ତି,
ଶିଶିରବିନ୍ଦୁରେ ପଡ଼ି
ସ୍ୱର୍ଣ୍ଣ ମାଳା ମୋତି ମାଣିକ୍ୟପଟଳ
ରଚନ ଦେଉଛନ୍ତି ଗଢ଼ି । ୨ ।

( ସୁନ୍ଦର ଅମ୍ବର ମଣି ମଣ୍ଡନ,
ଏଣାବଦନର ଦଶବଦନ-

---

୧ । ଧୂର୍ଜଟି – ବଟବୃକ୍ଷ ।
୨ । ପ୍ରସର—ବିସ୍ତାରିତ ।

ଯୋଗୁ ଗର୍ବ କରିଥିଲା ଧରଣୀ
ସଗରସୁତଙ୍କ ଯେଉଁ ଚରଣ,
ଆଜି ସେ ଭାସ୍କର ଅଛି
ମୁନି ଉପବନେ ବସିଥିଲା କିବା
ସେହୁ ମଣି ଭାସ୍ୱରଟି ।୩।

ଯାହା ଦୂତ ଶ୍ୟାମ ଶ୍ରୀରାମମସ୍ତ,
ସେ ଦୃଶ୍ୟୁ ଧରା ପାଦପଦ୍ମ
ଜନମେ ହେଲେ ଘନ ଶ୍ୟାମବରଣ,
ପଣ୍ଡ ଏକା ପତ୍ନୀ ମଣ୍ଡ ଶରଣ
ଅବୟବ କାନ୍ତିମାନ
ଆକର୍ଷିତ ହୋଇ କ୍ରମେ କ୍ରମେ
ଜନମେ ପାଇ କଲେ ସ୍ଥାନ ।୪।

କେଶଜାଲୁ ମାଗି ନେଲା ଷଟ୍‌ପଦ,
ଚମ୍ପା ନେଲା ତନୁ କାନ୍ତି ସମ୍ପଦ,
ମନ୍ଦାରକୁ ଦେଲା ଅଧର ରୁଚି,
ଆଉ ସକଳଙ୍କୁ ଦେଇ ସା ରୁଚି,
ସର୍ବେ ହେଲେ କାନ୍ତିମନ୍ତ,
ସ୍ୱର୍ଣ୍ଣଲକ୍ଷ୍ମୀ କିବା ମର୍ତ୍ତ୍ୟେ ଅଛି ଜନ
ଉଦ୍ୟାନକୁ ଲୀଳାଳୟ ।୫।

ଯାହା କାନ୍ତି ଥିଲା ଅମୃତ ସମ,
ସ୍ମୃତିରୁ ହେଲା ମଧୁ ଅନୁରୋଧନ,

---

୩ । ଭାସ୍କର—ସୂର୍ଯ୍ୟ, ଭାସ୍ୱର—ଦୀପ୍ୟମାନ, ସୂର୍ଯ୍ୟବଂଶର ଗୌରବ ।
୪ । ଅବୟବ - ଶରୀର ।
୫ । ଷଟ୍‌ପଦ—ଭ୍ରମର, ରୁଚି—ସୌନ୍ଦର୍ଯ୍ୟ, ରୁଚି—ଇଚ୍ଛାନୁସାରେ ।

ମାର୍ଦ୍ଦବ ମାଞ୍ଜୁବ ଦେଖ ରୂପେ ଯାଇ
ହେଲେ ପୁଷ୍ପକୁଳ ଅଙ୍ଗରେ ସ୍ଥାୟୀ,
ସତୀ ଦେହୁଁ ତପସ୍ୱିନୀ
ନୀରସ ଜୀବନେ ନଷ୍ଟ ଭ ଶାଖରେ
ହେଲେ ଜନକଲାପିନୀ । ୬ ।

ଯତ୍ନ ସତ୍କାର କରିବା ଲାଗି
ଲୂତାଗଣ ଯାଇ ଶଙ୍ଖ ଜାଳି,
ସୂକ୍ଷ୍ମ ଚନ୍ଦ୍ରାତପ କରି ମଣ୍ଡନ
ରଚିଥିଲେ ହେମ ପ୍ରତିଷ୍ଠ ଲମ୍ବନ,
ଯହିଁ ନାଗରଙ୍ଗମାନ
ସୁବର୍ଣ୍ଣ ଗୋଲକ— ରୂପେ ଶତ ଶତ
ଦୋହଲୁଥିଲେ ନିମ୍ନମାନ । ୭ ।

ଉଭା ହୋଇଥିଲେ ରମ୍ଭା ସୁନ୍ଦରୀ
ପଂକ୍ତି ପଂକ୍ତି ପତ୍ର-ପତାକା ଧରି,
ଶ୍ୱେତ ମୁଚୁକୁନ୍ଦ କୁନ୍ଦ ବକୁଳ,
ଝଥାଳୀ ମାଧବୀ ବଲ୍ଲୀକୁଳ
ସ୍ତୁମ୍ଭି ଥିଲେ ଧରି ଫୁଲ
କବାଳ! ନବାଳ! ଥିଲ ତାଙ୍କ ପାଖେ
ଲୁହ୍ଲେମ ଗଜାଇ ତୂଳ । ୮ ।

---

୬ । ମାର୍ଦ୍ଦବ—ମୃଦୁତା, ମାଞ୍ଜୁବ ମନୋଜ୍ଞତା ।

୭ । ସତ୍କାର୍—ଅଭ୍ୟର୍ଥନା, ଚର୍ଚ୍ଚା, ଲୂତାଗଣ ବୁଢ଼ିଆଣୀମାନେ, ଶଙ୍ଖ ଜାଳି→ସୂତ୍ରଜାଳ, ସୂକ୍ଷ୍ମଚନ୍ଦ୍ରାତପ—ସୁନ୍ଦର ଚାନ୍ଦୁଆପରି ବୁଢ଼ିଆଣୀ ଜାଲ ।

୮ । ରମ୍ଭା ସୁନ୍ଦରୀ—କଦଳୀ ବୃକ୍ଷ, ମୁଚୁକୁନ୍ଦ-ବୃକ୍ଷବିଶେଷ, କୁନ୍ଦ-ଧଳାଫୁଲ ବିଶେଷ, ବକୁଳ—ବଉଳ ଗଛ, ଝଥାଳୀ—ଦଶମଲ୍ଲୀ, ମାଧବୀ—ପ୍ରସିଦ୍ଧ ପୁଷ୍ପଲତା, ନବାଳ—ରଜନୀଗନ୍ଧା ।

ସ୍ୱର୍ଗୀଗଣ ଯବେଁ ଜାନକୀ ସଙ୍ଗ
ତାଙ୍କ ଋଜକଣ୍ଠକୁ କରନ୍ତି ରତ,
ପୁଲକିତ ହୋଇ ମୃଦୁ ସମୀରେ
ଫୁଲମାନ ବର୍ଷି ସ୍ୱର୍ଗଙ୍କ ଶିରେ
କେ କଲା ଶିର ଚୁମ୍ବନ
କେ ଧରୁ ମର୍ଦ୍ଦନ      କେ ବା ଆଲିଙ୍ଗନ
କେହୁ ବା ପଦ ବନ୍ଦନ । ୯ ।

ସୁରଙ୍କ-ଚରଣ-ଲେହନ ପାଇଁ
ପାରିଜାତ ହେଲା କତ ଲମ୍ବାଇ,
ମୋହି କୋମଳ-କଣ୍ଠ ଚୁମ୍ବନ ଆଶେ
ତାଳମ୍ବୁ ରହିଲା ବିଚୁଳି ଆବେଶେ,
କରୁଣା-ରୁଣ-ଆଶାଶ୍ରୀ
ତଳଚମ୍ପା ହେଲା      ଦୁଃଖଭଦ୍ରଣ
ଶ୍ୟାମରୂପ ଅନୁଗାମୀ । ୧୦ ।

ସ୍ଥାନେ ସ୍ଥାନେ ଚନ୍ଦ୍ରକଳା କୋମଳ
ମନୋହର ବାଳକରୁ ସକଳ
ବାଡ଼ି ଉପରକୁ ମସ୍ତକ ଟେକି
ସଖୀଙ୍କ ସନ୍ତୋଷ ଆନ୍ତ ନିରେଖି
ପାଇଲା କାହିଁ ଯା ଶିର
ବାଡ଼ି ମଧ୍ୟେ ରହି      ରହି ପଦେ ପଦେ
ଦର୍ଶନେ ହେଲେ ଅସ୍ଥିର । ୧୧ ।

---

୧୦ । ଲେହନ—ଛୁଇଁବାପାଇଁ, ପାରିଜାତ ମନ୍ଦାର ଜାତୀୟ ପୁଷ୍ପ ବିଶେଷ (ଯାହାର ଗର୍ଭକେଶର ବାହାରକୁ ଲମ୍ବିଥାଏ), ଆସ୍ୟ-ମୁଖ, ତଳଚମ୍ପା-ଶାଗୁଆବର୍ଣ୍ଣ ପୁଷ୍ପବିଶେଷ ।

ଖଣ୍ଡୀ ଫୁଲଚୁଞ୍ଚି ପାଦପ ବାଡ଼େ
ବସି ଲୁଚିଥାନ୍ତି ପତ୍ରଙ୍କ ଆଡ଼େ,
ଜଣୁଥାନ୍ତି ଅବେର୍ ଅବେର୍ କାକଳି
ମୁଦେ ଯାଉଥାଏ ଲଜ୍ଜାଳୁ ଫୁଲ
ଯହିଁ, ତାଳଦେଲେ ପକ୍ଷ,
ମନେ କରୁଛନ୍ତି ଆଳବାଳେ ବସି
ଶିଖିବେ ଶ୍ଳୋକ ଲକ୍ଷ୍ୟ । ୧୨ ।

ଭୃଙ୍ଗରାଜ ଅବେର୍ ପତ୍ର-ପକ୍ଷରେ
ପକ୍ଷ ଘୂଣି ଉଡେ ତରୁ ଉପରେ,
ଲୁଣ୍ଠି ଭୂଷେ ଘୂଣି ଡେଇଁ ଚଞ୍ଚଳ
ଦେଖାଉଛୁ ନିଜ କାରୁ-କୌଶଳ,
ଯନ୍ତ୍ରୁ ହୋଇ ତଡ଼ିକର
ବିବିଧ ରଙ୍ଗରେ ରଞ୍ଜି ଦେଉଛନ୍ତି
ତା ସୃଷ୍ଟି ସୁନ୍ଦରକର । ୧୩ ।

ଦୁଲିବେ ପାଦପ ଶ୍ୟାମଳ ଦଳ,
ମରକତ ଜ୍ୟୋତି ଟିଣ୍ଟିଣୀଦଳ
ତରୁ ଶିରରୁ ବାହି ବସି ଚଞ୍ଚଳ
ଚଞ୍ଚୁ ମାଳନରେ ହୋଇ ଉଜ୍ଜ୍ୱଳ
ଦିଶୁଥାନ୍ତି ମନୋହର,
ଶ୍ୟାମ ଜଳଦସ୍ତୁ— ଭରନ୍ତେ ଲୁଣ୍ଠିତ
ସେବେଳୁ ଦିବାକର କର । ୧୪ ।

---

୧୨ । ଖଣ୍ଡୀ—ପକ୍ଷୀ ବିଶେଷ, ଫୁଲଚୁଞ୍ଚି—ପକ୍ଷୀ ବିଶେଷ, ଆଳବାଳେ-ଫୁଲ ମଞ୍ଚାରେ ।

୧୩ । ଭୃଙ୍ଗରାଜ—ଭୃଙ୍ଗିଆଣୀ ।

୧୪ । ଟିଣ୍ଟିଣୀ—ଶ୍ୟାମଳବର୍ଣ୍ଣ ପକ୍ଷୀ ବିଶେଷ ।

ପ୍ରେମ-ପ୍ରସ୍ରବଣ ରାମ-ହୃଦୟ
ରାଜ-ସିଂହାସନେ ହୋଇ ଅଥୟ
ଉଦ୍ୟାନକୁ କିବା ଆସିଛୁ ଧାଇଁ
ଋଷିଙ୍କ ଯାତନା ନାଶିବା ପାଇଁ,
ସେ ନେତ୍ର ପୁଲକ ଜ୍ୟୋତ
ସ୍ୱାତୀ-ଜଳ ପରି ପଶି ହୃଦୟରେ
ସୁଭଗ ଏ ପ୍ରେମ-ମୋତି । ୧୫ ।

କେଉଁ ଦିଗେ ଘନ ପନସ ବନ,
କାହିଁ ଭୂତବନ ଚମ୍ପକ ଶରଣ,
ବେତବନ ତଳ-ପ୍ରାନ୍ତେ ଆକାଶ
ଦକ୍ଷିଣେ ଦେବଖାତ ଜଳ-ପ୍ରକାଶ;
ତରୁସ୍କନ୍ଧ ଶତ ଶତ
ବାନ୍ଧି ବେଷ୍ଟନ ତୋଳନ୍ତି ବନ
ପଡେ ହୋଇ ଏକମତ । ୧୬ ।

ଶାନ୍ତ ସରୋବର ଶାଦ୍ୱଳ-କୂଳ
ଅଣ୍ଡି ଛନ୍ଦ କିବା ତାପସକୁଳ,
ଶୁଭ୍ର ବସ୍ତ୍ର ଭାର ମସ୍ତକେ ବହି
ନୀରବେ ଅଞ୍ଚଳେ ନୀରେ ରହି
ସହନ୍ତି କି ଅଶାନ୍ତ ବୃଷ୍ଟି,
ଶୀତ ଶୀତାତପ ତପନ-କିରଣ
ସନ୍ତାପ ଶମିବା ପାଇଁ । ୧୭ ।

---

୧୫ । ସ୍ୱାତୀ ନକ୍ଷତ୍ରରେ ବର୍ଷା ହେଲେ ମୁକ୍ତା ଜାତ ହେବା କଥା ପୁରାଣ ପ୍ରବାଦ । ସୁଭଗ—ସୁନ୍ଦର ।
୧୬ । ଦେବଖାତ—ଅକୃତ୍ରିମ ଜଳାଶୟ ।
୧୭ । ଶାଦ୍ୱଳ—ନବତୃଣ । ଶୀତାତପ—ଉଷ୍ମ ।

ପ୍ରିୟଙ୍ଗୁ ମଣ୍ଡିତ ଇଙ୍ଗୁଦୀ ବନ
କାନ୍ତି ତୋଳିଛନ୍ତି ଶ୍ୟାମ ସଦନ,
ଶ୍ୟାମା ଚଢ଼ାଇ ତହିଁ ନଗାନା ବଧୂ,
ଢାଳି ଦେଉଅଛୁ ସ୍ୱସ୍ୱର-ମଧୁ;
ଇନ୍ଦ୍ର ନାଚେ ସୁର ରତ
ଇନ୍ଦ୍ରାଦେବେଣ ନବଃ ପୂଜବାକୁ ଅୟି
ସତେକି ଡାକୁଛୁ ଶଚୀ ! ୧୮ ।

ଉଜ୍ଜ୍ୱଳ ଚିକ୍‌କଣ ନୀଳ ପଥର
ପୁନ୍ନାଗ-କାନନ ଶ୍ୟାମଳତର
ଘଞ୍ଚ ଛନ୍ଦିଣାକୁ ଥିଲୁ ନ ଯାଇ,
ଦେଉଥିଲୁ ସଶା ମନ ରଞ୍ଜାଇ;
ନୀଳାଚଳ ରୂପ ଧରି
ବନେ ଥିବା ରମ୍ୟ ଲଭିବାକୁ ସୀତା
ପ୍ରୀତି-ସାଗର-ଲହରୀ । ୧୯ ।

ସବେଁ ଦେଖ ଧଣ ହର୍ଷି ମନସେ
ଉଦ୍ୟାନରେ ଏବେ କଲେ ଭ୍ରମଣ
ଆର୍ଯ୍ୟାବର୍ତ୍ତ-ଉରେ କି ଭାଗୀରଥୀ
ଚଳେ ଲଭି ସର୍ବାଙ୍ଗ-ସଙ୍ଗତ !
ଅଳଂକୃତ ହେଲୁ ପଥ
ଭୂପଦ୍ୱାର କରି ଗନ୍ଧର୍ବ-ସ୍ତବଣ
ବିଳସିତ ଚୈତ୍ରରଥ । ୨୦ ।

---

୧୮ । ପ୍ରିୟଙ୍ଗୁ—ଲତା ବିଶେଷ । ଇଙ୍ଗୁଦୀ—ତାପସ ବୃକ୍ଷ । ଶ୍ୟାମା—ପକ୍ଷୀ ବିଶେଷ । ଶଚୀ—ଇନ୍ଦ୍ରଙ୍କର ପତ୍ନୀ ।

୧୯ । ପୁନ୍ନାଗ—ପୋଲଙ୍ଗ, ନୀଳାଚଳ—ଜଗନ୍ନାଥଙ୍କ ପୀଠ (ସମୁଦ୍ର କୂଳରେ ଅବସ୍ଥିତ) ।

୨୦ । ଆର୍ଯ୍ୟାବର୍ତ୍ତ—ହିମାଳୟ ଓ ବିନ୍ଧ୍ୟ ପର୍ବତର ମଧ୍ୟବର୍ତ୍ତୀ ଦେଶ, ଭାଗୀରଥୀ—ଗଙ୍ଗା, ଅଳଂକୃତ—ଶୋଭିତ, ଚୈତ୍ରରଥ—କୁବେରଙ୍କ ଉଦ୍ୟାନ ।

ତହୁଁ ଘଟେ ବହି ତମସା ଜଳ
ପୂର୍ଣ୍ଣ କଲେ ଆଲବାଲ ସକଳ;
ସ୍ୱର୍ଣ୍ଣଦୀ ସଲିଳ ସ୍ୱର୍ଗ-ସୁନ୍ଦରୀ-
କନ୍ୟାଏ ନନ୍ଦନେ ଢାଳନ୍ତ ଯଥା;
କି ଅବା ସାଗର-ନୀର
ଢାଳି କାଦମ୍ବିନୀ ପୂର୍ଣ୍ଣ କରୁଥାଏ
ଯଥା ବର୍ଷ ଅବସାରେ । ୧୧ ।

କଟିତଟେ ଭିଡ଼ି ବାସ-ଅଞ୍ଚଳ
ଗଢ଼ କରୁଥାନ୍ତି ଦୋହିଁ ଚଞ୍ଚଳ,
ଚୂର୍ଣ୍ଣ-କେଶ ଶିରେ କଳଶୀ ବହି
ସ୍ୱେଦ ଯାଉଥାଏ ଲଲାଟେ ବହି;
ଯେଉଁ ଦେଉଥାନ୍ତି କରେ
ମନ୍ଥର-ଗମନା ପୁଲକବଦନାଙ୍କୁ
ଟାକି ଟାକି ଅରେ ଅରେ । ୧୨ ।

ଅଳ୍ପକଣା ଏହି ସମୟେ ଆସି
ବୋଇଲେ ମଧୁର ବାକ୍ୟରେ ଭାଷି
"ସୀତା ମୋର ଜଳ ବହି ନ ଜାଣେ,
କଷ୍ଟ ହେଉଥିବ କୋମଳ ପ୍ରାଣେ,
ନ କରୁ ଅଧିକ ଶ୍ରମ,
ଉଦ୍ୟାନକୁ ଆରେ ଦେଖିବେନି ମାଏ
ଆସିଛୁ ତୋହରି ପ୍ରଥମ । ୧୩ ।

ଆସ ମା, ଶୀତଳ ଛାୟାକୁ ଆସ,
ବସିବା, ନ କର ଅନ୍ୟ ପ୍ରୟାସ,

---

୧୧ । ସ୍ୱର୍ଣ୍ଣଦୀ—ସ୍ୱର୍ଗର ଗଙ୍ଗା, ନନ୍ଦନ—ଇନ୍ଦ୍ରଙ୍କର ପ୍ରମୋଦ ଉଦ୍ୟାନ, କାଦମ୍ବିନୀ—ମେଘମାଳା, ଅବସାର—ସୁଖସାର ।

କହୁଦେବ କଣ୍ୱ ଆଶ୍ରମ ସ୍ଥିତ,”
ବୋଲି ସେଦିନଗଲେ ଦେଖାଇ ପ୍ରୀତ,
ଅନୁକମ୍ପା ସଙ୍ଗେ ସତୀ
ବସିଲେ ଗୁମ୍ଫାରେ ଜନ-ଅନସ୍ତରେ
ଲଗିଲେ ତାପସୀବ୍ରତେ । ୨୪ ।

ଅନୁକମ୍ପା ଭକ୍ତି ବୋଇଲେ, “ସୀତେ,
କାହିଁ କରେ ଲୋକ ଶ୍ରଦ୍ଧା ସମ୍ମତେ,
ଫୁଟୁଲି ଫୁଟୁଲି ଯଥା କଳିନ୍ଦ ବାସ,
ନୀରବେ ନୀରବେ ଶ୍ରଦ୍ଧା ନିବାସ,
ଶିରଧା ସ୍ୱସ୍ତିବଚନୁ
ଦରଶ ମାନସୀ ଅମୃଷ ଭେଦରେ
ଦେଖାଇଥାଏ ବାଳଗୁରୁ । ୨୫ ।

ଦେହେ ଅହଂକାରେ କାମ ପୋଷଣେ,
ସ୍ୱଭେ ଦେଖୁଥିଲେ ଅପ୍ସା-କର୍ଷଣେ,
ତପ କରୁଆନ୍ତୁ ଅସୁର ସୁରେ
ସମ୍ଭବ ନୁହେଁ ତା’ ତୋର ସ୍ୱଭେବ;
ଦେବ ଦ୍ୱିଜ ଗୁରୁ ବୁଧେ
ଶୌଚ ଆର୍ଜବ ଶ୍ରଦ୍ଧା ସମନ୍ୱିତେ
ପୂଜି ଆତ୍ମ ଶୁଦ୍ଧିଶୁଦ୍ଧେ । ୨୬ ।

ଶାନ୍ତିପ୍ରଦ ସତ୍ୟ ପ୍ରିୟଭାଷଣ,
ନୀରବର ତୋର ପ୍ରିୟ ଭୂଷଣ,

---

୨୪ । ସତୀ—ସୀତା, ତାପସୀ ବ୍ରତ—ଋଷିକୁମାରୀ ସମୂହ ।
୨୬ । ଆର୍ଜବ - ସରଳତା, ଦ୍ୱିଜ—ବ୍ରାହ୍ମଣ, ବୁଧ—ପଣ୍ଡିତ ।

ମନକୁ ତୋ ଛୁଇଁ ନାହିଁ କପଟ,
ମାୟା କି ପାରିବ ପଶି ନିକଟ ?
ତୋ ରମ୍ୟ ସୌମ୍ୟ ମୂରତ
କହୁ ଦେଉଅଛୁ ଭବସ୍ଥ ଗହନେ
ନାହିଁ ଆଉ ଅନୁରକ୍ତି । ୧୭ ।

ଦଇବ ସୁହୃଦେ ରୁ ତପସ୍ୱିନୀ,
ଦର୍ଶନମାତ୍ରେ ମୁଁ ପାଇଛି ଚିହ୍ନି,
ପବିତ୍ର ପ୍ରାଣ ତୋ ଅତି କୋମଳ,
ତୋହର ତପସ୍ୟାର ଦୁର୍ଲଭ ଫଳ,
ପୁଣ୍ୟ ଲତିକାର ଫୁଲ,
ନବ ତାପସୀଙ୍କ ଅତେଈତ ଶ୍ରମ
ନୁହଇ ତା' ଅନୁକୂଳ । ୧୮ ।

କୁମାରୀମାନଙ୍କ ସଙ୍ଗରେ ରହି
ଜଳ ଯାଉଥିବୁ କୁମ୍ଭରେ ବହି,
ତେଜୁଥିବୁ ତାଙ୍କ ଉଷ୍ମାଦୁ ଯାପ,
ତେଜୁ ନ ଶୁଣେ ସେ ତୋର ସମୀପ,
ଦେଖଇଛି ମୁଁ ତାଙ୍କୁ ଦଣ୍ଡ;
ପାନ-ଭୋଜନରେ ନିଦ୍ରା ନ କରନ୍ତି
ପିପାସା-ବୁଭୁକ୍ଷା ସହି । ୧୯ ।

---

୧୭ । ଭୂଷଣ—ଅଳଙ୍କାର, ଭବସ୍ଥ ଗହନେ — ସାଂସାରିକ ଜଞ୍ଜାଳ, ଅନୁରକ୍ତି—ଆକର୍ଷଣ ।

୧୯ । ସମୀପ—ପାଖ, ପିପାସା—ପିଇବାର ଇଚ୍ଛା, ବୁଭୁକ୍ଷା—ଖାଇବାର ଇଚ୍ଛା ।

କନ୍ୟାମାନେ କେବେ କେବେ ଆ.ଶ୍ରମେ
କାର୍ଯ୍ୟ ଥିଲେ ଲିପ୍ତ ଥିବୁ ଆଶ୍ରମେ
ଯେବେ ଯେଉଁ ଦ୍ରବ୍ୟ ଲୋଡ଼ିବ ତୋ' ମନ
ଅବଲମ୍ବେ ଦେବେ କୁମାରୀଗଣ,
ନିଜେ ଭ୍ରମି ଉପବନେ
ଇଚ୍ଛାମତ ଫୁଲ- ଫଳ ତୋଳିବାରେ
ଶଙ୍କା ନ ରଖିବୁ ମନେ" । ୩୦ ।

ଏତ ବୋଲାଇଗଲେ ସ୍ୱସ୍ତ ଘଟିକା,
କନ୍ୟାଗଣ ସେଣୁ ଶୂନ୍ୟ ଘଟିକା
ଅନୁକମ୍ପା-ପାଶେ ସିନ୍ଧୁ ଶରୀରେ
ଜଣ ଜଣ ହୋଇ ବସିଲେ ଧୀରେ,
ପ୍ରଫୁଲ୍ଲ ଧୂସ୍ତୁର ଫୁଲ
ପାଶେ ଯଥା ଫଳ- ଘଣ୍ଟି ତଣ୍ଡି ପାଶେ
କୁମାରୀ କୁଟ୍ମଳକୁଳ । ୩୧ ।

ତହୁଁ ଉଠି ସର୍ବେ ବିହିତ ସ୍ନାନ
କରି ବାହୁଡ଼ିଲେ ଆବାସସ୍ଥାନ,
ଫଳ-ମୂଳ ଯାହା ତାପସଗଣ
ଆଣିଥିଲେ, ସର୍ବେ କଲେ ଭୋଜନ,

---

୩୦ । ଆଶ୍ରମ—ଉପବନ, ଆ.ଶ୍ରମ— ଶ୍ରାନ୍ତିଯାଏ, ଅବଲମ୍ବେ— ତତ୍କ୍ଷଣାତ୍, ଶଙ୍କା—ସଂଶୟ ।

୩୧ । ଘଟିକା—ଦଣ୍ଡ, ଘଟିକା—କୁମ୍ଭ, ସିନ୍ଧୁ ଶରୀରେ—ସ୍ନାନ ଦେବାରେ, ଧୂସ୍ତୁର—ଧୂତୁରା, କୁଟ୍ମଳ—ମୁକୁଳ ଅର୍ଥାତ୍ କଢ଼ି ।

ଅଧ୍ୟୟନ ଅଧ୍ୟାପନ—
ନବ ସ୍ୱଧର୍ମରେ ତାପସ ତାପସୀ
ମଧ୍ୟାହ୍ନ କଲେ ଯାପନ । ୩୨ ।

ତାପସ-ତାପସୀ-ସେବନଜ-ସୁଖ
ତଡ଼ିଦେଲା ସତୀ-ମାନସ-ଦୁଃଖ,
ଶମ-ସୁଖ ତାଙ୍କ ଶୁଭ୍ର-ପଥରେ
ଭ୍ରମରେ ଦୁଃଖ ନ ପଡ଼ିଲା ଥରେ;
ନିର୍ମଳ ହୃଦୟ-ସରେ
ମନୋବୃତ୍ତି-ରୂପ ଶମ-ଶୁଭ୍ରହଂସ
ଖେଳୁଥାନ୍ତି ତରଙ୍ଗରେ । ୩୩ ।

---

୩୨ । ମଧ୍ୟାହ୍ନ—ଦ୍ୱିପ୍ରହର ।

# ଷଷ୍ଠ ସର୍ଗ

( ଚତୁର୍ଦ୍ଦଶାକ୍ଷର ଛନ୍ଦ )

ତିଷ୍ୟା ସହ ଶଶୀ ଯେବେ ଉଠିଲେ ଗଗନେ,
ପ୍ରକାଶିତ ହେଲା ନବ-ମାଳିକା ଗହନେ । ୧ ।

ଧୀରେ ଧୀରେ ଆଶ୍ରମର ମଲ୍ଲୀ-ବଲ୍ଲୀଚୟ,
ପ୍ରଫୁଲ୍ଲ-କୁସୁମ-ପୁଞ୍ଜ ହେଲେ ମୁଦମୟ । ୨ ।

ମାଧବୀ ବକୁଳ ମଲ୍ଲୀ ଶେଫାଳୀ ସୁଗନ୍ଧ—
ଘେନି ଗନ୍ଧବହ ଗତି କଲା ମନ୍ଦ ମନ୍ଦ । ୩ ।

ତମସା-ପୁଳିନେ ସ୍ୱଚ୍ଛ ଚନ୍ଦ୍ରମା-କିରଣ,
ଆଲିଙ୍ଗି ସ୍ୱଚ୍ଛନ୍ଦେ କରୁଥିଲା ବିଚରଣ । ୪ ।

ଜାନକୀ କୁଟୀର ପାଶେ ବିବିଧ ଆକାରେ
ଖଣ୍ଡ ଖଣ୍ଡ ଚନ୍ଦ୍ରକର ପାଦପ-ଛାୟାରେ । ୫ ।

ଧୀରେ ଧୀରେ ପ୍ରବାହରେ ହୋଇ ସଞ୍ଚର
କ୍ଷୁଦ୍ର, ବୃହତ୍, ଲୋପ କରୁଥିଲେ କଳେବର । ୬ ।

---

୧ । ତିଷ୍ୟା—ନକ୍ଷତ୍ର ବିଶେଷ, ଗହନେ—ବଣରେ, ପ୍ରକାଶିତ—ଫୁଟିଲା ।

୨ । ମୁଦମୟ—ହର୍ଷଯୁକ୍ତ ।

୩ । ଗନ୍ଧବହ—ପବନ ।

୬ । ସଞ୍ଚର—ଗମନ ।

କୁଶୀଙ୍କୁ ଅଳପ ଦୂରେ ଶୀତରଶ୍ମି-କରେ
ବସିଥାନ୍ତି ବନଦେବୀ ସଜନୀ ସଙ୍ଗରେ । ୭ ।
ଶଶୀ ପାଶେ ବସିଥିଲା ସୁଧାଂଶୁ କିରଣ
ଶଶୀ ଅଙ୍କୁ ହେଉଥିଲୁ ସେଠାରେ ବିକିରଣ । ୮ ।
ଖଦ୍ୟୋତ ଏଠିକି ଅଗ୍ନି କୋଟିଏ ପ୍ରକର
କାନ୍ତି କରୁଥାନ୍ତି ଚନ୍ଦ୍ରଠାରୁ ମଞ୍ଜୁତର । ୯ ।
ସୁଖି ତାଙ୍କୁ ବୋଲୁଥାନ୍ତି ସର୍ବ ମନେ ମନେ,
"ଧନ୍ୟରେ ଖଦ୍ୟୋତେ ! ତୁମ୍ଭେ ପରଜନବନେ । ୧୦ ।
ଅଗ୍ରଣ୍ୟ ଜଗତେ ଜ୍ୟୋତି ଚନ୍ଦ୍ରଠାରୁ ବଳି,
ଅନ୍ଧାର ରେ ଆଉ କାହା କାନ୍ତି ତୁମ୍ଭ ଭଳି । ୧୧ ।
ବଡ଼ ଭାଗ୍ୟେ ପାଇଥିଲ 'ବିଶ୍ୱପତି-ବର,
ତେଣୁ ତୁମ୍ଭ ଦ୍ୟୁତ ହେମ-ତେଜ-ସ୍ତୀକର ।" ୧୨ ।
ଏ ସମସ୍ତେ ଶ୍ରୁତ ହେଲା ତେଜବାନ ସ୍ୱନ,
ମୁହୁର୍ମୁହୁଃ ହେଉଥିଲା କରୁଣାବର୍ଷଣ । ୧୩ ।
କରୁଣା-ସଲିଳ ସ୍ତନ-କମଳ-ସଂପୃକ୍ତ—
କପୋଳ କୂଳକୁ ବଢ଼ିଲା ହେମ ପ୍ରସାରିତ । ୧୪ ।
ଚିହ୍ନିଲେ ଜାନକୀ କରି ଶଶୀକ ଶୋଭନ,
ଅଶ୍ରୁରେ ସରମ ଛଳେ ପୋଛିଲେ ଲପନ । ୧୫ ।
ଜାଣି ସତୀ ପଚାରିଲେ, "ଭଦ୍ର ତ ସୁଶୀଳେ,
କିମ୍ପା ତେଜବାନ ଦୁହେଁ ରଜନୀ ଆସିଲେ ? ୧୬ ।
ଥାନ୍ତି କି ଏ ବିହଙ୍ଗମ ନଗର ଭିତରେ ?
ଖେଳନ୍ତି କି ତହିଁ ମଧ୍ୟରାତ୍ରିରେ କାତରେ । ୧୭ ।

---

୭ । ଶୀତରଶ୍ମି—ଚନ୍ଦ୍ର, କରେ—କିରଣରେ ।
୯ । ଖଦ୍ୟୋତ—ଜୁଳୁଜୁଳିଆ ପୋକ, ମଞ୍ଜୁତର—ଅଧିକ ସୁନ୍ଦର ।
୧୨ । ବିଶ୍ୱପତି—ଭଗବାନ, ଦ୍ୟୁତ—ତେଜ ।
୧୫ । ସରମ—ଶୀଳ, ଲପନ—ମୁଖ ।

ସ୍ୱତନ୍ତ୍ର ସଦ୍ୟୋପି ଭାଗ୍ୟ ଜାଗରିତ ଜନେ;
ଆକର୍ଷିନ କର କଷ୍ଟ ସ୍ୱରଶାନ୍ତ୍ର ମନେ ?" ।୮।
ଶୁଣି ସତୀ ନ ପାରିଲେ ସମ୍ଭାଳି ରୋଦନ,
କଣ୍ଠସ୍ୱର ହେଲା ଭଙ୍ଗି ବଚନ-ରୋଧନ ।୯।
ତା' ଭଙ୍ଗି କହିଲା ସଖୀ, "କ୍ଷମ ସେବ୍ୟ ଜଆ,
ସ୍ୱପନ୍ନା ମୋ କ୍ଷମା କର, ବୃଥା ଦେଲି ବ୍ୟଥା ।" ୧୦।
ବୋଇଲେ ଜାନକୀ, "ସଖି, ଆତ୍ମପରିଚୟ
ନ ଦେଇ ପରୁଣ ମୋର ହେଉଛୁ ଅଥୟ ।୧୧।
ଭରସା କରୁଛୁଁ, ମୋର ଅନ୍ତିମ ଜୀବନ,
ତୁମ୍ଭ ସନ୍ନକାରେ ଏଥି କରିବ ଯାପନ ।୧୨।
ନ କହିବ ନିଜ କଥା ଯେବେ ତୁମ୍ଭ ପାଶ,
କରିବ କିରୂପେ ତୁମ୍ଭେ ମୋ ପ୍ରତି ବିଶ୍ୱାସ ? ୧୩।
କହିଦେଲେ ଲିପ୍ତ ହେବ ମୋର ଦୁଃଖଭର,
ବୁଝିବ ଭଙ୍ଗିରେ ତୁମ୍ଭେ କପର ସଂସାର ।୧୪।
ମୁଁ ରାଜନନ୍ଦନୀ ସଖି, ସମ୍ପଦର କୋଳେ
ବଢ଼ିଲି ସ୍ୱଜନ-ସ୍ନେହ-ମଧୁମୟ ବୋଲେ ।୧୫।
ମରାଳ ମୟୂର ପିକ ଶୁକ ଶାରୀ ସ୍ୱର—
ଭରୁଥାଏ ରାଜପୁର ମଧୁର ମୁଖର ।୧୬।
ସ୍ୱର୍ଗଥାଏ ଉଦ୍ୟାନ ରଜନୀ ସମୟେ,
ନୋହୁଥିଲି ଦୁଃଖ ଭଙ୍ଗି ମୋ ବାଲ୍ୟ-ହୃଦୟେ ।୧୭।
ଶୈଶବାନ୍ତେ ହେଲା ସଖୀ, ଯେବେ ମୋ ଯୌବନ
ଦେଖିବା ଆସିଲେ ଦେଶୁଁ ବିଦେଶୁଁ ରାଜାଗଣ ।୧୮।
ରତ୍ନମୟ ଅଳଙ୍କୃତ କନକ ମୋହର
ରଖିଥାନ୍ତି, ଦଶୁଥାଏ ଅତି ମନୋହର ।୧୯।

---

୧୨ । ସନ୍ନକାରେ—ସାହ୍ନାଯ୍ୟରେ, ଯାପନ—ଅତିବାହିତ ।
୧୪ । ଲିପ୍ତ—ଲୁପ୍ତା ।

କେଣେ କେଣେ ହୋଇ ଧନୁ ଧରି ନୃପଗଣ
ଟାଣି ଥରେ କରୁଥାନ୍ତି ଆପ୍ରକ ସନ୍ଧାନ । ୩୦ ।
ରତନ-କଙ୍କଣେ ତାଙ୍କ ଧବଳ କୁଣ୍ଡଳ
କେତେ ନରପତି ତହିଁ ଦେଖାଇଲେ ବଳ । ୩୧ ।
କେତେ ବା ଯୁବକ ନୃପ-କିଶୋର-କେଶରୀ
ଟାଣି ଧରି ଧନୁ ଛୁଇଁଗଲେ ଅପଯଶ । ୩୨ ।
ସଦର୍ପ ଗମନ ତାଙ୍କ ଜଷ୍ଟିଳ ପୌରୁଷ
ଲୁଣ୍ଡି ଯାଇ, ଯେତେବେଳେ ମାଡ଼ିଆସେ ଦୁଷ । ୩୩ ।
ପ୍ରସାଦ ଉପରେ ବସି ବନ୍ଧୁ କୁତୂହଳ
ଶଚୀଙ୍କ ପଦ୍ଧତି ଦେଖୁଥାଏଁ ସେ ସକଳ । ୩୪ ।

ଶେଷେ ଜଣେ ଯାଇଁ କୁଳ-ତୂଳ ଆଭରଣ,
ମରକତ-ବର-କାନ୍ତି-ଚନ୍ଦନ-ବରଣ । ୩୫ ।

ଧନୁ ସନ୍ନିଧାନେ ଆସି ହେଲେ ଶୋଭାକର
ସତେ ଯେସନ୍ତେ ଘନପୁଞ୍ଜ ରୂପେ ଦିବାକର । ୩୬ ।

ଦୃଷ୍ଟି ତାଙ୍କୁ ହୃଦ ମୋର ସ୍ୱତଃ ହେଲା ଦ୍ରବ
ତାପସ,—ଜୀବନେ ନାହିଁ ସେଭଳି ଅନୁଭବ । ୩୭ ।

ନୃପବୃନ୍ଦେ କରିଥିଲେ ଯେତେ ଉପହାସ,
ସବୁ ଚପଳତା କବେ ହୋଇଗଲା ହ୍ରାସ । ୩୮ ।

ସେପରି ସୁନ୍ଦର ରୂପ ପାଇବ ନୟନ,
କେବେ ତ ସମ୍ଭବ, ସ୍ୱପ୍ନ ନ ଥିଲା ମୋ ମନ । ୩୯ ।

ଭକ୍ତି-ପ୍ରୀତି-ସମ୍ଭୃତ ମୋ ନିର୍ମଳ ହୃଦୟ
ବନେ ବନ୍ଦିଲା ତାଙ୍କ ରଙ୍ଗ ପଦଦ୍ୱୟ । ୪୦ ।

---

୩୧ । ଧବଳ କୁଣ୍ଡଳୀ—ପାଚିଲା ବାଳ ।
୩୭ । ଦ୍ରବ—ବିଗଳିତ ହେଲା ।
୩୮ । କବେ—ଶୀଘ୍ର ।

ଯେ ଭାଙ୍ଗିବ ଧନୁ ତାକୁ ମୋ କର ଅର୍ପଣ,
କରିବାକୁ ପିତା ମୋର କରିଥିଲେ ପଣ । ୪୧ ।
ମୁଁ ଶୁଣିଲି, ସେହୁଦିନ ପଣ ହେଲା ଶେଷ,
ଉପେକ୍ଷିତା ହେବା ନେଲି ପିତାଙ୍କ ଆଦେଶ । ୪୨ ।
କେ ଭାଙ୍ଗିବ ଧନୁ, ତାହା କି ଅଛି ନିଶ୍ଚୟ ?
ଏ ବାତରିଦ୍ ନେବେଲିଣୀ ମୋ ମନ ଭରି ଭୟ । ୪୩ ।
ମନ ଥିବ ଏକେ, ଅନ୍ୟ ହେବ ସେବେ ପତି,
ଜୀବନେ ମରଣେ ହେବ ଭୀଷଣ ଦୁର୍ଗତି । ୪୪ ।
କମଳାକ୍ଷ ବର ଯାର ବୃଷଧନୁଧାରୀ,
ଏ ଧନୁ ଧରିବା ତାଙ୍କ ଅପମାନ ମାତ୍ର । ୪୫ ।
ମୋର ଭାଗ୍ୟ ବଳେ ବାର ସେ ଦୁର୍ଦ୍ଧର ଚାପ
ପତଙ୍ଗ ସଙ୍ଗେ ଭାଙ୍ଗି ଦେଲେ ମୋ ହୃଦ-ସନ୍ତାପ । ୪୬ ।
ବାଗେନ୍ଦ୍ର ସମ୍ମତ ହେଲେ ମୋର ପରିଣୟେ,
ଧନ୍ୟ ହେଲି ଲଭି ତାଙ୍କ ସ୍ୱର୍ଗୀୟ ପ୍ରଣୟ । ୪୭ ।
ଅନୁଜ ଏ ତିନି ଥିଲେ ବୀରମଣିଙ୍କର,
ଧରିଲେ ମୋହର ତିନି ଭଗିନୀଙ୍କ କର । ୪୮ ।
ପିତୃଗୃହୁ ପତିଗୃହ ଗମନ ପଥରେ
ତେଜୋମୟ ଧନୁଟିଏ ଘୂର୍ଣ୍ଣି ଜାନୁକରେ । ୪୯ ।
କ୍ଷତ୍ରିୟ କୁଳର କେତୁ ଭାର୍ଗବପ୍ରବର
ଆସିବାର ଦେଖି ମୋର ମନେ ହେଲା ଡର । ୫୦ ।

---

୪୪ । ଦୁର୍ଗତି—ଦୁର୍ଦ୍ଦଶା ।

୪୬ । ଚାପ—ଧନୁ, ଦୁର୍ଦ୍ଧର—ଯାହା ଧରି ରଖିବା କଷ୍ଟକର ।

୪୮ । ଅନୁଜତ୍ରିତୟ—ରାମ ତିନି ଭାଇ, ଊର୍ମିଳା, ମାଣ୍ଡବୀ, ଶ୍ରୁତକୀର୍ତ୍ତିଙ୍କୁ ସ୍ୱ'କ ତିନି ଭାଇ ଲକ୍ଷ୍ମଣ, ଭରତ ଓ ଶତ୍ରୁଘ୍ନ ବିବାହ କରିଥିଲେ ।

୫୦ । କେତୁ—ଶତ୍ରୁ, ଧୂମକେତୁ, ଭାର୍ଗବପ୍ରବର—ପରଶୁରାମ ।

ପୁଣି ବା ଲଭିବେ କାନ୍ତ ତେଜୋମୟୀ ନାରୀ,
ହେବ ଅବା ମୋହର ସେ ପ୍ରଣୟ-ଭଗାରି । ୫୧ ।
ଚନ୍ଦ୍ରାନନେ ମୋ କାନ୍ତ ଦେଖ ଶାସ୍ତ୍ରପଦେ ଶର,
ଶର୍ବା ସାରଣୀ ତାଙ୍କୁ କରିଲ ସତ୍ୱର । ୫୨ ।
ପଦ୍ମନାଭ ପ୍ରତି ଯଥା ଦ୍ୟୁମଣି-ଉଦିତ,
ସେ ସାରଣୀ କଢ଼ାଇଲା ମୋ ହୃଦୟ-ପ୍ରୀତି । ୫୩ ।
ଭାବିଥାଏ ମନ ଏକ, ଫଳ ହୁଏ ଆନ,
ବୁଝିଁ ନ ବୁଝେଁ ହସି, ଭବେ ବିଧିର ବିଧାନ । ୫୪ ।
ତେଜୋମୟୀ ସାର-ବାଣୀ ଶୁଣାଇ ସଘନେ
ଶାନ୍ତେ କଲେ ସାବନର ପ୍ରଫୁଲ୍ଲିତ ମନେ । ୫୫ ।
ସମ୍ପଦର ଧନ ମୋର ସ୍ୱଶୁର-ନିଳୟ,
ପ୍ରବେଶନ୍ତେ ତହିଁ ଶୁଭ-ଶଙ୍ଖାଦି-ମଳୟ; । ୫୬ ।

ଶୋଭା-ବୃନ୍ତେ ଫୁଟିଗଲା ଆନନ୍ଦ-ସୁମନ,
ସୁଖର ପଲ୍ଲବ ହସିଦେଲା ଜନମନ । ୫୭ ।

ନବ ପରିଣୀତ ସାଲଙ୍କୃତା ତନୁଜ୍ୟା
ରତନ ଭୂଷଣେ ଦେହ ଶୋଭାଇ ଧାତ୍ରେୟୀ । ୫୮ ।

ରତିରୁ ଅଧିକେ ସାଜି ବଧୂଙ୍କର ବେଶ
ମହୋଲ୍ଲାସେ ହେଲେ ସେହି ଭବନେ ପ୍ରବେଶ । ୫୯ ।
ବୁଢ଼ା ଏକ ଥିଲା ପକ୍ଷୀ, ସେ ରାଜଭବନେ
ସେକାଳେ ଶୋଭିଲା ସ୍ୱର୍ଣ୍ଣଦର୍ପଣ ବଦନେ । ୬୦ ।
ଋକ୍ଷରାଜି ବିଭ୍ରାଜିତ ସୌଦର-ଗଗନ
ମଣ୍ଡିଲେ ବାଣୀଙ୍କ ଅଙ୍କ ସ୍ୱର୍ଣ୍ଣେନ୍ଦୁ ପତନ । ୬୧ ।

---

୫୨ । ଶର୍ବା—ପାର୍ବତୀ, ଲକ୍ଷ୍ମୀ ।

୫୩ । ଦ୍ୟୁମଣି—ଉଦିତ, ସୂର୍ଯ୍ୟକିରଣ ।

୬୧ । ଋକ୍ଷରାଜି—ନକ୍ଷତ୍ର ସମୂହ, ବିଭ୍ରାଜିତ—ଶୋଭିତ ।

ଦେଖିଲି ମୋ ଭଗିନୀଙ୍କ ବଦନମଣ୍ଡଳ
ହୋଇଥିଲା ନବ ପ୍ରେମ-ମଦ୍ୟାବେଶେ ପାଟଳ । ୬୨ ।
ସ୍ଫୁରିଲା ଚକ୍ଷୁରେ ନମ୍ର ଦର୍ଶକଣାଭସ୍ମ
ଉଚିତ କର୍ତ୍ତବ୍ୟରେ ହୋଇଗଲା ତେଜୋଧର୍ମସ୍ୱ । ୬୩ ।
ତୋ ସ୍ନିଗ୍ଧ ଲଲାଟେ ଅଙ୍କି ସୁଧାଂଶୁକିରଣ
ଦେଖି ହସି, ହେଉଥିଲୁ ସେକଥା ସ୍ମରଣ । ୬୪ ।

ସ୍ୱର୍ଗର ସଙ୍ଗୀତ ଯାହା କହୁଥାନ୍ତି ଜନେ,
ପୁତ୍ର-ସଙ୍ଗ ମଣି ତାକୁ ହେଲା ଦିଏ ମନେ । ୬୫ ।
ସ୍ୱର୍ଗ ଲୋକେ ରାଜା ତେଜି ରାଜସିଂହାସନ,
ତପ କରେ ବନେ ବସି ଫଳମୂଳାଶନ । ୬୬ ।

ମୁଁ ଯାହା ଦେଖିଲି ଏଥି, ଶ୍ୱଶୁରଙ୍କ ଘରେ;
ଖୋଜିଲେ ନ ଥିବ ତାହା ସୁରେନ୍ଦ୍ର-ନଗରେ । ୬୭ ।

ଶ୍ୱଶୁର ଶାଶୁଙ୍କ ସ୍ନେହ, ସ୍ୱାମୀଙ୍କ ପୀରତି
ତୁଚ୍ଛ ଜ୍ଞାନ କରାଇଲା ମୋତେ ସ୍ୱର୍ଗ ସ୍ଥିତି । ୬୮ ।
କେତେ ହେଲା ନବ ନବ ମହୋତ୍ସବମାନ,
କେତେ ତା ହୁଏ ବୋଲି ନ ଥିଲା ମୋ ଜ୍ଞାନ । ୬୯ ।

ପଦ୍ମ-ପୀଠ-ରତ୍ନ ରାଜ-ଭବନ-ରତନ—
ଅନେକ ପୂର୍ବେ ଦେଖି ନାହିଁ ଧନରତନ । ୭୦ ।
ଶୁଣିବାକୁ ଚକ୍ଷୁ ଦାନ ଦେବତାଙ୍କ ସ୍ୱର
ଥିଲା ନାହିଁ ରାଜ ସଦନେ ମୋତେ ଅବସର । ୭୧ ।
ଭୁଲିଗଲି ଦେଖୁଦେଖୁ ଦ୍ୱାଦଶ ବତ୍ସର,
ବାରଦିନ ପରି ହେଲା ମୋ ମନେ ଗୋଚର । ୭୨ ।

---

୬୨ । ମଦ୍ୟାବେଶେ—ନିଶାରେ, ପାଟଳ—ଗୋଲାପୀ ରଙ୍ଗ ।
୬୭ । ସୁରେନ୍ଦ୍ର-ନଗରେ—ସ୍ୱର୍ଗପୁରରେ ।
୭୧ । ଅବସର—ବିଶ୍ରାମ ।

ଏବେ କାନ୍ତ ଆସି ମୋତେ କହିଲେ ସହାସେ,
'ଜାନକି, ରହିବା ଆଜି ରାତି ଅଧିବାସେ । ୭୩ ।

କରିବାକୁ ଆସେ କାଲ ତେଜ ଦୃଢ଼-ଆଭରଣ
ରାଜଲକ୍ଷ୍ମୀ କାଲି ମୋତେ କରିବେ ବରଣ ।' । ୭୪ ।

ମୁଁ କହିଲି, 'ନାଥ, ତୁମ୍ଭ ହୃଦ ଅନୁରାଗ
ପୂର୍ଣ୍ଣ ଥିଲା ମୋ ଠାରେ ଯା ନ ହେବ ତ ଭାଗ ? ୭୫ ।

ସେ କହିଲେ, 'ଶାସ୍ତ୍ରକାର କହିଲେଣି ସେ କଥା
ରାଜା-ପଦେ ଜାତ ହୁଏ ରାଜଲକ୍ଷ୍ମୀ-ମଥା । ୭୬ ।

ସାଗର-ଶମ୍ଭଳ ଛିଡ଼ି ଜନ ହୁଏ ଜଳେ
ଲୋକହିତ ସାଧି ଯିବେ ସାଗର-ଗରଭେ ।' ୭୭ ।

ମଙ୍ଗଳ ବାଦ୍ୟରେ ସେହୁ ରାତି ହେଲା ଶେଷ,
ମଙ୍ଗଳବାଜଣା ପ୍ରାତେ ପୂରିଲା ବିଶେଷ । ୭୮ ।

ସଚିବ ସଙ୍ଗତ କାନ୍ତ ଗଲେ ପିତା ପାଶେ,
ଲେଉଟି କହିଲେ ମୋତେ ଦୁଃଖ ଭରି ଶ୍ୱାସେ । ୭୯ ।

ଜନକନନ୍ଦିନି ! ରଖି ତୋ ପାଶେ ଜୀବନ,
ପିତାଙ୍କ ଆଦେଶେ ଆଜି ଯାଉଅଛୁ ବନ । ୮୦ ।

ଯୁବରାଜ ହେବେ ପ୍ରିୟ ଭାଇ ମୋ ଭରତ,
ରାଜଲକ୍ଷ୍ମୀ ହେବେ ତାଙ୍କ ପ୍ରଶସ୍ତରେ ରତ । ୮୧ ।

ନ ରଖି-ସାନ୍ତ୍ୱନା, ଜନ ଜୋଣାଶ୍ରୁ ଅନୁମାନ
ଭରତେ ଜାଣିଛୁ ରାଜ ମାନ୍ୟରେ ସମାନ ।' ୮୨ ।

ଦେଖିଲି ମୁଁ ସ୍ୱାମୀଙ୍କର ବଦନମଣ୍ଡଳ
ଦିଶୁଥିଲା ସୁରପନ୍ନ ଶାନ୍ତିରେ ଉଜ୍ଜ୍ୱଳ । ୮୩ ।

---

୭୩ । ଅଧିବାସ—ଶୁଭକର୍ମ ଆରମ୍ଭରେ ହେଉଥିବା ମାଙ୍ଗଳିକ କର୍ମ ।
୭୯ । ସଚିବ—ମନ୍ତ୍ରୀ ।

ହେଉଥାଏ ମନ ବନ-ଭ୍ରମଣେ ଚଞ୍ଚଳ,
ଲକ୍ଷ୍ମୁ ଦେଖିଲେ ମୋହ ପାଇଁ ହୃଦୟ ବିକଳ । ୮୪ ।
ସ୍ୱାମୀଙ୍କ ବଚନ ମଣିଅଛି ପରିହାସ,
ଛୁଟିଗଲା ଚଉଦବରଷ ସ୍ୱପନ ଉଲ୍ଲାସ । ୮୫ ।
ହାହାକାର ଉଠେ ହେଲା ନଗର କମ୍ପନ,
ବପୁରେ ସ୍ୱେଦିଲା, ଏ କି ଅଦ୍ଭୁତ ସ୍ୱପନ । ୮୬ ।
ଡାକେ ତେ ବୋଇଲି, 'ନାଥ, ତୁମ୍ଭେ ଗଲେ ବନ
ରାଜପୁରେ ଏ ଦାସୀର କିସ ପ୍ରୟୋଜନ ? ୮୭ ।

ହୋଇଥିଲି ରାଜରାଣୀ ହେବି ଭିକାରୁଣୀ
ଶ୍ରୀପଦ ସେବିବି ହୋଇ କାନନ ଭ୍ରମଣୀ । ୮୮ ।

ଶ୍ରୀଚରଣେ ମତି ମୋର, ଶ୍ରୀଚରଣେ ଗତି,
ତୁମ୍ଭ ବିନା ନ ବାଞ୍ଛଇ ସୁରଗ-ସମ୍ପତ୍ତି । ୮୯ ।
ତୁମ୍ଭ ପ୍ରିୟ ଅବରଜ ଯୁବରାଜ ହେବେ
ଋଷି ଋଷି ବନବାସୀ ତୁମ୍ଭେ ହେବ ଯେବେ । ୯୦ ।
ଯୁବରାଜ୍ଞୀ ହେବ ମୋର ମାଣ୍ଡବୀ ଭଗିନୀ,
ମୁଁ କାହିଁ ନ ହେବି ତୁମ୍ଭ ପଦାନୁଗାମିନୀ ? । ୯୧ ।

ସେ ସୁଖ ବହିଲା ହେଲେ ନ ବଢ଼ନ୍ତ ସୀତା,
ସ୍ୱାମୀପାଦ-ସେବା ବିନା ବାଞ୍ଛେ ତାକୁ ଚିତା । ୯୨ ।
ଯା' କହୁ ବିଷାଦ ଥିଲା ସ୍ୱାମୀଙ୍କର ମନେ,
ଦୂର ହୋଇଗଲା କବେ ମୋର ସେ ବଚନେ । ୯୩ ।
ପିତା ମାତା ଭ୍ରାତା ବନ୍ଧୁ ଭୃତ୍ୟ ପରିଜନ
ତେଜି ଯା'ନ୍ତି ମୋତେ ସଙ୍ଗେ ସେନିଗଲେ ବନ । ୯୪ ।

---

୮୫ । ପରିହାସ—ଥଟ୍ଟା ।

୯୩ । ଅବରଜ—କନିଷ୍ଠ ଭ୍ରାତା ।

୯୪ । ଭୃତ୍ୟ—ଚାକର, ପରିଜନ—ସ୍ୱଜନ ।

କେବଳ ଲକ୍ଷ୍ମଣ ନାମେ ଥିଲେ ମୋ ଦେବର
ହେଲେ ସ୍ୱାମୀଙ୍କର ବନବାସ ସହଚର । ୯୫ ।
ଛିଣ୍ଡି ଦେଇ ଗୃହସୁଖ ବିସ୍ମୃତିର ନଦେ
ଭ୍ରମିଲୁଁ ଗହନ ଗିରି ନଗର ଅଙ୍ଗନେ । ୯୬ ।
ସର୍ବାଙ୍ଗେ ଯାଇ ବସେ ମୃଗ ଶାବକଗଣ
ତାଙ୍କ ସ୍ନେହ-ସୁଧା-ଜଳେ ହେଲି ନିମଗନ । ୯୭ ।
ଅନେକ ଦିବସ ଥିଲୁଁ ପଞ୍ଚବଟୀ ବନେ,
ଗୋଦାବରୀ-ପୂତ-ତଟେ ପ୍ରଫୁଲ୍ଲ କାନନେ । ୯୮ ।
ନିଶାନ୍ତେ ପବନ ବନ-ପୁଷ୍ପବାସ ହରି,
ମନ୍ଦ ମନ୍ଦ ଆସି ଏଏ କୁଟୀରକୁ ଭରି । ୯୯ ।
ଶ୍ରବଣ-କୁହରେ ଢାଳେ ମନୋରମ ସ୍ୱର
ଶୁକ ବୈତାଳିକ ରୂପେ ଆସି ପିକବର । ୧୦୦ ।
ମୟୂର ମୟୂରୀ ହୋଇ ନୃତ୍ୟ ପରାୟଣ
ମଣ୍ଡନ୍ତି ପ୍ରଭାତେ ମୋର କୁଟୀର ପ୍ରାଙ୍ଗଣ । ୧୦୧ ।
ଆସିଥାନ୍ତି ଭଲ୍ଲୁକେ ମୃଗ ଶିଶୁଗଣ
କରିବାକୁ ମୋ ହସ୍ତୁଁ ନୀବାର ଭକ୍ଷଣ । ୧୦୨ ।
କାନନର କୋଳ ତେଜି କଳଭ କଳଭୀ
ଖେଳନ୍ତି ମୋ ପାଶେ ମୋର କରୁଁ ଖାଦ୍ୟ ନେଇ । ୧୦୩ ।
ବିବିଧ କୁସୁମେ ଗୁନ୍ଥି ମନୋହର ହାର
ଦେଉଥାଏ କାନ୍ତ ଗଳେ ପ୍ରୀତି-ଉପହାର । ୧୦୪ ।
କୌତୁକେ କୁସୁମେ କାନ୍ତ ମଣ୍ଡି ମୋର ବେଣୀ
ଭ୍ରମନ୍ତି କୁସୁମବନେ ସଙ୍ଗେ ମୋତେ ଘେନି । ୧୦୫ ।

---

୯୫ । ଦେବର—ଦିଅର ।
୧୦୦ । ବୈତାଳିକ—ସ୍ତୁତିପାଠକ ।
୧୦୨ । ନୀବାର—ବାଳୁଙ୍ଗା ଧାନ ।
୧୦୩ । କଳଭ କଳଭୀ—ହାତୀ ଛୁଆ ।

ବୋଲୁଥାନ୍ତି, 'ସଖି, ତୁ ମୋ' ପ୍ରଣୟ ପ୍ରତିମା,
ପ୍ରାଣର ସଙ୍ଗିନୀ ସ୍ୱର୍ଗ-ସୁଖର ଗରିମା । ୧୦୬ ।
ମୁଁ ବୋଲେଁ, 'ପ୍ରାଣେଶ, ତୁମ୍ଭ ପ୍ରେମ ଅଧିକାର
ସଙ୍ଗେ କରୁଥିଁ ତୁଳନୀୟ ସ୍ୱର୍ଗ-ସୁଖ ଛାର' । ୧୦୭ ।
ଏବେ ଫୁଟିଲ ଚନ୍ଦ୍ରାତପ ଫୁଲମସ୍ତ ତନ୍ତୁ
ସିଂହାସନ ରଚି ଦେଇ କୁସୁମ କଦମ୍ବ । ୧୦୮ ।
ଫୁଲମସ୍ତ ଛତ୍ର ଧରି ଫୁଲର ଭ୍ରମର
ହାତଧ ବ୍ୟଜନ ଫୁଟିଲ ଜଣି ଶୋଭାକର । ୧୦୯ ।
କେତକୀ ଦଳରେ କଲି କନ୍ଦୁକ ଅର୍ପଣ
ସାଥ ସହୁକୁପେ ରମ୍ୟ ରମ୍ୟ ଫୁଲମାନ । ୧୧୦ ।
ବନସ୍ତେ ବୋଇଲା, 'ନାଥ, ପୁଷ୍ପିତ ଏପୁର,
କୃପା କରି ସିଂହାସନେ ଅରେ ବସ ନର । ୧୧୧ ।
ସ୍ମିତେ ବୋଇଲେ ମୋତେ କାନ୍ତ ମନ୍ଦାମନା,
'ରାଜ-ଉପଯୁକ୍ତ ସଖି ଅଛୁ ମୋତେ ମନା । ୧୧୨ ।
ତୋତେ ମୁଁ କରିବି ଆଜ ବନ-ଫୁଲେଶ୍ୱରୀ
ବୋଲି ଫୁଲେ ସଜାଇଲେ କରେ କର ଧରି । ୧୧୩ ।
ତାଙ୍କ ପ୍ରଣ ସ୍ପର୍ଶେ ଶକ୍ତି ମୋହର ଆଖିରି
ଅବେଶ ଭାଷ ହୋଇ ଦୃଷ୍ଟି ଦେଲେ ମୋର ପ୍ରତି । ୧୧୪ ।
ମନ୍ଦହାସରେ ନେତ୍ର ମୋର ହେଲା ନିମୀଳିତ
ରହିଲି ସେ ସ୍ପର୍ଶେ ହୋଇ ଚିତ୍ରିତ । ୧୧୫ ।
ଆନନ୍ଦେ ବୋଇଲେ କାନ୍ତ ରସିକଜନେଶ,
'ଜଣୁଣୀ କଟାକ୍ଷପାତ କର ଫୁଲେଶ୍ୱରୀ !' ୧୧୬ ।
ଛୁରନ୍ତ ପ୍ରଫୁଲ୍ଲ ମୁଖ ଅନାଇ ତାଙ୍କର,
ବୋଲିଲି, ଅବଧି ହେଲା ବେବେକଶେଖର । ୧୧୭ ।

---

୧୦୬ । ଗରିମା—ଗୁରୁତ୍ୱ ।
୧୧୫ । ନିମୀଳିତ—ବୁଜି ହୋଇଗଲା, ଚିତ୍ରିତ— ଭରଳିତ ।

କଳ୍ପିଲ ଯା' ପ୍ରକୃତିର ଅର୍ଚ୍ଚନା'ର ଯୋଗ୍ୟ
ସେ ନରେ କି ତା' ହୋ'ଇଥାଏ ଦାସୀତ୍ୱର ଯୋଗ୍ୟ ? ୧୦୮ |
ସେ ବୋଇଲେ, 'ସ୍ୱଦେଶିନୀ ସ୍ୱଦେଶୀର ଯେତ
ବଢ଼ାଇ ଏକର ମାନ ଅନ୍ୟ କରେ ପ୍ରୀତ ।' ୧୦୯ |
ସ୍ୱାମୀଙ୍କ ବଦନୁ ତାଙ୍କ ପ୍ରୀତି କଥା ଶୁଣି
ନିଜ ଭାଗ୍ୟ ଧନ୍ୟ ମଣି ମୁଦେ ହେଲି ଲୀନା । ୧୧୦ |
ସନ୍ଧ୍ୟା ହେଲୁଁ ଯେମନ୍ତ ନଭେ ହେଲେ ସୁଧାକର;
ଦେଖିଲେ କାନ୍ତ ବଦନ ଧରି ମୋର କର । ୧୧୧ |
ଭଣିବାକୁ ପୁଣି ମୋର ମାନସ ଉତ୍ସୁକ
ଦେଖୁଥିଲେ ବନବାସ ସୁଖର ବର୍ଣ୍ଣନ । ୧୧୨ |
ସେ କାଳେ ଅଦୂରେ ଶୁଣି ଚକବାକ-ସ୍ୱନ
ସହସା ପ୍ରାଣେଶ କଲେ ମୋ ମୁଖ ଚୁମ୍ବନ । ୧୧୩ |

କହିଥିଲେ ପଶୁରତ୍ନେ ତନ୍ଦ୍ରାର କାରଣ,
ସେହି ଯାହା କହିଥିଲେ ଏବେ ହୋଇଅଛି ସ୍ମରଣେ । ୧୧୪ |
ବୋଇଲେ, 'ପ୍ରେୟସି' ଏହୁ କାନ୍ତାବିରହିତ
ଚକବାକ ଦୁଃଖାନଳେ ହେଉଛନ୍ତି ଦଗ୍ଧ । ୧୧୫ |
ଚକବାକ ଆଉ ପ୍ରିୟା ଉଭୟଙ୍କ ସଙ୍ଗ,
ତା ବିନା ମଣୁଛି ଏବେ ଜୀବନକୁ ଭଙ୍ଗ । ୧୧୬ |
ମୁଁ ନ ଥାନ୍ତି ଯଦି ମୋର ବନ-ସହଚରୀ,
ଦୁଃଖେ ଦଗ୍ଧ ହେଉଥାନ୍ତି ଭ୍ରମିତେ ବାହାରି । ୧୧୭ |
ଯାହା ଯାହା ବୋଲୁଥିଲେ ବନବାସ ସୁଖ,
ସେ ସକଳ କରୁଥା'ନ୍ତି ମୋ ଜୀବନ ଶୁଷ୍କ । ୧୧୮ |
ତାଙ୍କ ବିନା କାନ୍ତ-ପ୍ରାଣ ଯୁଗଳେ ଏକଲା,
ରକ୍ଷିଲ ଜୀବନ ମଧ୍ୟେ ଜଗତ ବ୍ୟାପିଲା । ୧୧୯ |
ଖୁଣ୍ଟୁଥାଏ ଜୀବ ଯେତେ ସଂସାର-ସାଗରେ,

---

୧୧୭ । ଭ୍ରମିତେ—ବାହାରେ, ବାହାରି—ଭ୍ରମଣ କରି ।

ତଣ୍ଟିବା ଲଭିଥା ଆଏ ବନିତା-ଜାତରେ । ୧୩୦ ।
ନ ଥିଲା ମୋ' ଅନୁଭବ ବିରହ-ବେଦନେ;
ତା' ଶୁଣି ଦୁଷିଲି ଲଜ୍ଜାବନତ ବଦନେ । ୧୩୧ ।
ହାୟ ! କିନ୍ତୁ କାଳ ପରେ ସେହି ଘୋର କଷଣ
ଜାଣନ୍ତେ ମୋ' ଅଧିକାର କଲି ସେ ଗାଳପଣ । ୧୩୨ ।
ଭୁକ୍ତଭୋଗୀ କରେ ପର ଦୁଃଖ ଅନୁଭବ,
ଅଶ୍ରୁ ଆଜି ବୁଝାଇଲା ମୋ ରଥାଙ୍ଗରବ ।" ୧୩୩ ।
ତାପସୀ ବୋଇଲେ 'ସଖି' ବୁଝିଲି ନିଶ୍ଚୟ,
ତବ କାନ୍ତ ହୃଦ-ପ୍ରେମ-ପୀୟୂଷ-ଜଳାଶୟ । ୧୩୪ ।
କାନ୍ଦୁଥିବେ ନିଶାମଣି ଚକ୍ରବାକ ପରି,
ପାଦୁରାଣ୍ଡି ବେଦରେ ଭୂମ-ସ୍ପଦ-ଶଷ୍ପ । ୧୩୫ ।
ଘୃଣାର ସଂସାର ଦେଖି ଅଛି ଛାରଖାର,
କାହିଁକି ଘଟିଲା ଏହୁ ଘୋର ଦୁର୍ବିଚାର ? ୧୩୬ ।
କରିଥିଲେ ରାଜା ଯାଙ୍କୁ ଜୀବନର ଧନ,
କେମନ୍ତେ ବଳିଲା ତାଙ୍କ ଛାଡ଼ିବାକୁ ମନ । ୧୩୭ ।
ବିଧିବସ୍ତୁରଙ୍କୁ ଧନ, କାହିଁ କଲା ରିଷ,
ଅମୃତ ଉପରେ ଆଣି ଢାଳିଦେଲା ବିଷ । ୧୩୮ ।

---

୧୩୩ । ରଥାଙ୍ଗ—ଚକ୍ରବାକ ।
୧୩୪ । ପୀୟୂଷ—ଅମୃତ, ଜଳାଶୟ—ସର ।
୧୩୫ । ଶଷ୍ପ—ଘାସ ।

## ସପ୍ତମ ସର୍ଗ

( ରାଗ—କଳହଂସ କେଦାର )

ବୋଇଲେ ସତୀ, "ପତି, ମୋ' ଦୁର୍ବିପାକ
ଘଟାଇ ଅଛି ଏବା ମୋ ଦୁଃଖପାକ;
ମୋ କର୍ମ ପାଇଁ ଦୋଷୀ କହନ୍ତୁ ବିଧି
କାନ୍ତ ତ ଶୁଣିବେ ମୋ କରୁଣାନିଧି ଗୋ ! ୧ ।

କାନ୍ତ ବଞ୍ଚିତେ ରହିପାରେ ଜୀବନ,
ଏମନ୍ତ ଛନ୍ଦେ ଶୁଣି ନ ଥିଲ ମନ;
ପଡ଼ିଲି ଦଣ୍ଡ, ଘୋର ଦୁଃସହ ଦୁଃଖ,
ଦେଖିବି ବୋଲି ଏବା ସ୍ୱାମୀ-ଶ୍ରୀମୁଖ ଗୋ ! ୨ ।

ଯେଉଁକାଳେ ଆଶା ମୋର କର୍ଣ୍ଣକୁହରେ
ଅଣ୍ଟାଏ ମନ୍ତ୍ର ଦେଇ ମୁମୂର୍ଷା ହରେ,
ଏବେ ସେ ଆଶା ନିଜେ ଯାଉଛି ମରି;
ଦଗ୍ଧ ହେଉଛି ପ୍ରାଣ ତାହାକୁ ହରି ଗୋ !" ୩ ।

---

୧ । ଦୁର୍ବିପାକ—ଦୁର୍ଘଟଣା, ମନ୍ଦ ପରିଣାମ; ବିଧି – ସୃଷ୍ଟିକର୍ତ୍ତା, କରୁଣାନିଧି— ଦୟାର ଅବତାର ।

୨ । ବଞ୍ଚିତେ—ବିରହରେ, ଦୁଃସହ—ଅସହନୀୟ ।

୩ । ମୁମୂର୍ଷା—ମରଣ ପାଇଁ ଇଚ୍ଛା, ହରେ—ହରଣ କରେ ।

ସୀତା ବୋଇଲେ: 'ସଖି', ଭୁଲିଲି ନାହିଁ,
କେମନ୍ତେ ଥିଲା ଆଶା ମନ ଲଗାଇଁ ?
ତୋ ପରି ସାଧ୍ୱୀ ପାଇ ଯାତନା ବ୍ୟଥା,
ନ ଜାଣୁ ବଧୂ, ଏଡ଼ ଅଘଟ କଥା ଗୋ !" ୪ ।

ବୋଇଲେ ସତୀ, "ମୋର ଦୁଃଖ-କାହାଣୀ
ଶୁଣି ସଜନ, ସବୁ ପାରିବୁ ଜାଣି,
ଯେମନ୍ତେ ଅନୁଭିଲି ମୋର କଷଣ,
ଯେମନ୍ତେ ଆଶାର ମୋ ହୋଇଲା ମରଣ ଗୋ ! * ।

ପଞ୍ଚବଟୀରେ ଥିଲେ କୁଟୀର ପାତିଣ
ଖେଳିଲା ସ୍ୱର୍ଣ୍ଣମୃଗ ଏକ ଉଲ୍ଲାସେ,
ଝଲକଣ ଚାରୁ ତାର ଚିତ୍ରିତ ଅଙ୍ଗ,
ଝଟକିଲା ଲକ୍ଷ-ରବି-କିରଣ ସଙ୍ଗ ଗୋ ! ୬ ।

ଦେହମାଳେ ପାଏହୁଁ ଦେଖିଲି କାନ୍ତି
କେବେ ଅଣିଲି ମୋର ରତନଭ୍ରାନ୍ତି,
ସେ କାଳ ମୃଗ ଦେଖି ନ ଥିଲି ଯେବେ
ନଗରେ, ରାଜପୁରେ ଅବା କଦିନେ ଗୋ ! ୭ ।

ଭାବିଲି, ବାସ୍ତବିକ ଯେବେ ନଗରେ
ମୁଣ୍ଡୁ ମୃଗଚର୍ମ ନେବ ଦଶରେ,

---

୪ । ସାଧ୍ୱୀ— ପତିବ୍ରତା ।

* । କଷଣ—ଦୁଃଖ ।

୬ । ଉଲ୍ଲାସ—ଆନନ୍ଦ, ପଞ୍ଚବଟୀ ଦଣ୍ଡକାରଣ୍ୟ ଅନ୍ତର୍ଗତ ଗୋଦାବରୀ ନଦୀକୂଳରେ ଜନସ୍ଥାନ ମଧ୍ୟବର୍ତ୍ତୀ ବନ ବିଶେଷ । ଏହିଠାରେ ରାମଚନ୍ଦ୍ରଙ୍କ ବନବାସ କାଳରେ ରାବଣ ମାୟାମୃଗ ପ୍ରଦର୍ଶନ କରି ସୀତାଙ୍କୁ ହରଣ କରି ନେଇଥିଲା । ଚାରୁ—ସୁନ୍ଦର, ଝଟକିଲା—ଶୋଭା ପାଇଲା ।

୭ । କଦିନେ—କଦରେ ।

ଚକିତ କରାଇବ ପୁରବାସୀଙ୍କି
ତା ସଙ୍ଗେ ବସ୍ତି ବନଦେଶ-ସ୍ମାରଣିକ ହୋ ! ୮ ।
ଅସ୍ମାର ଦେଖାଇଲି ଚରିବା ଅରଣେ
ତମକୁ ମୃଗବର ପାଖେ ନ ଆସିଣ,
ମନ ଢେଲୁଥିଲା ମୋର ଦେହଥ ଉତ୍ତାଇ
ପଶିଲା ବାରମ୍ବାର କରିବେ ଧାଇ ହୋ ! ୯ ।
ତା' ପାଇଁ ବସ୍ତୁ ହେବା ଦେଖି ମୋ ମନ
କାନ୍ତ ବୋଇଲେ ହେମବର୍ଣ୍ଣ ବଦନ,
'ସୁନ୍ଦର ମୃଗଟିକୁ ଅଣି ମୁଁ ଉଦ୍ଧୃତି
ଥବି, ତୋ କୁତୂହଳ କରିବ ପୂର୍ଣ୍ଣ ହୋ ! ୧୦ ।
ଧନୁ ଆଶୁଗ ଧରି ଆଶୁ ଗମନେ
ଚଳିଲେ କାନ୍ତ ତାର ଅନୁଧାବନେ,
ମୃଗାନୁଧାବ କାନ୍ତ ଅତି ସତ୍ୱର
ଦୃଷ୍ଟି-ସୀମାରୁ ମୋର ହେଲେ ଅନ୍ତର ହୋ ! ୧୧ ।
ଶୁଭିଲା ବନ ମଧ୍ୟେ "ହା ଲକ୍ଷ୍ମଣ"
ସେ ଡାକେ ଶଙ୍କିତ ହେଲା ମୋ ମନ,
ମନ ଧରିତ ତହିଁ ହେଲା ଭ୍ରମଣ !
ପୁଣି ଛୁଟିଲା ରବ 'ହା ଲକ୍ଷ୍ମଣ' ହୋ ! ୧୨ ।
ଲକ୍ଷ୍ମଣ ଘରେ ଥିଲେ ମୋର ନିକଟ
ଟେକାଇଲି, 'ଦେଖ ବତ୍ସ, ହେଲା ସଙ୍କଟ !'
ବୋଇଲେ କରିବାକୁ ମୋ ମନ ଥିର,
'ରାଘବ କୃପା କୁହେଁ ନ କର ଚିନ୍ତା ହୋ !' ୧୩ ।

---

୮ । ଚକିତ – ଆଶ୍ଚର୍ଯ୍ୟ ।
୧୦ । ବହନ—ଶାନ୍ତ, ଉଦ୍ଧୃତି – ଚଞ୍ଚଳ, କୁତୂହଳ—ଇଚ୍ଛା ।
୧୧ । ଆଶୁଗ – ଶର, ଆଶୁ— ତ୍ୱରିତ, ଅନୁଧାବନ—ଅନୁସରଣ ।
୧୩ । ଥିର—ସ୍ଥିର, ରାଘବ– ରାମଚନ୍ଦ୍ର ।

ଯାର ସ୍ୱଭାବ ପଶି, ଦୁର୍ଦ୍ଦମ୍ୟ ଯାର,
ଦେଖିଲ ଲକ୍ଷ୍ମଣଙ୍କୁ ଧୀର ଗମ୍ଭୀର ।
ନାରୀ-ହୃଦୟୁ ସତେ ଅତି ଦୁର୍ବଳ;
ଅଧିକ ହେଲା ତାଙ୍କ ବାକ୍ୟେ ବିକଳ ଗୋ ! ୧୪ ।

ବନସ୍ତୁ ପଶର ନାରୀ କନ୍ଦୁ ଶ୍ରୁପଣ
ସ୍ୱାମୀ ଧର୍ମରେ ତାଙ୍କୁ କଲ ପ୍ରେରଣ,
ମୋ ସୁଖ-ଐଶ୍ୱର୍ଯ୍ୟ ସର୍ବଦର୍ଶି
ଗଲେ ଲକ୍ଷ୍ମଣ ଗଙ୍ଗା-ସ୍ରୋତରେ ଭାସି ଗୋ ! ୧୫ ।

ବିପଦ ହୋଇ ଏଣେ ବିଗ୍ରହଧାରୀ
ଯୋଗୀନ୍ଦ୍ର ବେଶେ ଦ୍ୱାରେ ହେଲ ଉଭାସ୍ତି,
ସ୍ୱାମୀ ଆସିବା ଯାଏ ନ ଚାହିଁ ମନ୍ଦ
ଭିକ୍ଷା ମାଗନ୍ତେ କଲି ଘୋର ଅନର୍ଥ ଗୋ ! ୧୬ ।

ଭିକ୍ଷା ଦିଅନ୍ତେ ବଳେ ଧରି ମୋ କର
ବିମାନେ ବସାଇଲା ନେଇ ସତ୍ୱର,
ଗଲି ବନସ୍ତ କେତେ, କେତେ ତର୍ଜ୍ଜନ
ନ କଲା କର୍ଣ୍ଣପାତ ସେହି ଦୁର୍ଜ୍ଜନ ଗୋ ! ୧୭ ।

---

୧୪ । ବିକଳ—ଅଧୀର ।

୧୫ । ପ୍ରେରଣ—ପଠାଇବା ।

୧୬ । ବିଗ୍ରହଧାରୀ—ରୂପଧାରଣ କରି, ଯୋଗୀନ୍ଦ୍ର—ସୀତାଙ୍କୁ ହରଣ କରିବା ପାଇଁ ଲଙ୍କାର ରାଜା ରାବଣ ଯତି ବେଶରେ ଉପସ୍ଥିତ ହୋଇଥିଲା, ନ ଚାହିଁ—ଅପେକ୍ଷା ନ କରି, ମନ୍ଦ—ଦୁଷ୍ଟବୁଦ୍ଧି, ଅନର୍ଥ—ଜଞ୍ଜାଳ ।

୧୭ । ବିମାନ—ରଥ, ସତ୍ୱର—ଅତି ଶୀଘ୍ର, ବନସ୍ତ—ଜଙ୍ଗଲ, ତର୍ଜ୍ଜନ—ଭର୍ତ୍ସନ ଓ ଭୟ ପ୍ରଦର୍ଶନ, କର୍ଣ୍ଣପାତ—ଶୁଣିବା, ଦୁର୍ଜ୍ଜନ—ଦୁଷ୍ଟ ।

ନାଶିଲ ଯେଣ ଦୁଷ୍ଟ ଗୁଣର ଚିନ୍ତା
ବାଲ୍ମୀକିରେ ସାଧୁବେଶ, ଦସ୍ୟୁତିର ଲିପ୍ତ,
ମଣ୍ଡିତ କଲେକି ସର୍ବଶୁଭଦ ଧର୍ମ;
ସେ କାରଣ ଧର୍ମ ନାମ ବହିଲ ଯମ ହେ ! ୧୮ ।

ଦକ୍ଷିଣ-ମୁଖେ ଚଳି ବାହୁଲ ରଥ
ଜଣାଇ ଘନ ଘୋଷେ ଗଗନପଥ;
କାନ୍ଦିଲ ସେହିକ ଘୋଷେ ଗୁଞ୍ଜି ଆରବେ,
ବିଳାପ ହେଲା ରଥ-ଘୋଷ-ଗରବେ ହେ ! ୧୯ ।

ଦେଖିଲ ଭଡ଼କି ବନ ମୟୂରଗଣ
ଅନାଇ ମୋଡେ କରୁଥିଲେ ରୋଦନ;
ସ୍ୱର୍ଣ୍ଣ ଯୂଥ ଯୂଥ ଊର୍ଦ୍ଧ୍ୱେ ନୟନେ
ରକତ ଦୃଷ୍ଟି ଦେଉଥାନ୍ତି ସ୍ୟନ୍ଦନେ ହେ ! । ୨୦ ।

ପକ୍ଷୀଏ ପଥ ରୋଧି କଲା ସମର
ତା' ପକ୍ଷ ପକାଇଲା ଛେଦ ଚାମର;
ପବନ ପ୍ରତିକୂଳ ହୋଇ ଗହନ
ନିବାରି ନ ପାରିଲା ମଦମତ୍ତନ ହେ ! ୨୧ ।

---

୧୮ । ସର୍ବଶୁଭଦ—ସମସ୍ତ ମଙ୍ଗଳମୟ, ଯମ—ମୃତ୍ୟୁର ଦେବତା ।

୧୯ । ଘନ ଘୋଷେ—ମେଘ ଗର୍ଜନ ପରି, ଆରବେ—ସ୍ୱରରେ, ବିଳାପ—ବିଳାପ, ଘୋଷ – ଶବ୍ଦ ।

୨୦ । ରୋଦନ—କ୍ରନ୍ଦନ, ଯୂଥ ଯୂଥ—ଦଳ ଦଳ, ଊର୍ଦ୍ଧ୍ୱ ନୟନେ—ଉପରକୁ ଅନାଇ, ସ୍ୟନ୍ଦନେ—ରଥକୁ ।

୨୧ । ପକ୍ଷୀଏ—ସୂର୍ଯ୍ୟଙ୍କର ସାରଥି ଅରୁଣଙ୍କ ପୁତ୍ର ଜଟାୟୁ ପଞ୍ଚବଟୀରେ ବାସ କରୁଥିଲା । ପୂର୍ବରୁ ରାଜା ଦଶରଥଙ୍କ ସହିତ ତାର ମିତ୍ରତା ଥିଲା । ତାଙ୍କର କୁଳବଧୂ ସୀତାଙ୍କୁ ରାବଣ ଅପହରଣ କରି ନେଉଥିବାରୁ ସେ ଉଭୟଙ୍କର ଯୁଦ୍ଧ ହେଲା ରାବଣର ଗତିରୋଧ କଲା ଏବଂ ରାବଣର ଅସ୍ତ୍ରାଘାତରେ କ୍ଷତବିକ୍ଷତ ହୋଇ ପଡ଼ିରହିଲା । ଶେଷରେ ରାମଚନ୍ଦ୍ରଙ୍କୁ ସୀତାଙ୍କ ସମ୍ବାଦ ଦେଇ ଦେହତ୍ୟାଗ କଲା । ରାମଚନ୍ଦ୍ର ଏହି ପକ୍ଷୀରାଜଙ୍କର ଯଥାବିଧି ସତ୍କାର କରିଥିଲେ । ଚାମର—ଚାମିସ୍ତ ।

ଯଥା ପର୍ବତଶ୍ରେଣୀ ମସ୍ତକ ଟେକି
ପାରିଲେ ନାହିଁ ବ୍ୟୋମ-ବିମାନ ଛେକି,
ମନ୍ତ୍ରବାଦୀଙ୍କି ବାନ୍ଧି ଦେବାର ପାଇଁ
ଧାନ ନମ୍ରେ ଥାଏଁ ତଳକୁ ଝୁଙ୍କି ଗୋ ! ! ୧୨ ।

ରଥ-ଶବଦେ କ୍ଷୁଦ୍ର ଦେହ ବିଫଳ
କାଣ୍ଡି ପକାଇଲେ ଭୂଷା ସକଳ;
ଦେଖିଲି ନଦୀମାନେ ହୋଇ ବିକଳ
ଶୀର୍ଣ୍ଣ ଶଯ୍ୟରେ ଯେତେକୁ ହେଉଛି ଚଞ୍ଚଳ ଗୋ ! ୧୩ ।

ଭୟେ ସଙ୍କୋଚ ଭୃଙ୍ଗ ପାଦପଚୟ
ଛାଡ଼ିଲେ ପରାଣେ ଲଭି ତା' ଭୟ,
ଅବାକ ସବେ ହୋଇଗଲେ ନୀରବ;
ଲୁଚି ରହିଲେ ମୃଗ ପକ୍ଷୀ ସର୍ବ ଗୋ ! ! ୧୪ ।

ପୂର୍ବ ସହିତ ଯାମ୍ୟ କଳୁଷିତ
କ୍ରମେ ଧରିଲି ଗାଢ଼ ନୀଳିମାଭସ୍ମ,
ପଶ୍ଚି ଲକ୍ଷିତ ନାହିଁ ନ ହେଲା ଦୃଶ୍ୟ,
ଲଙ୍ଘି ମଧ୍ୟକୁ ରଥ ବାହୁଲା ଦୃଷ୍ଟ ଗୋ ! । ୧୫ ।

ଅଚିରେ ଦେଖିଲି ଦେଶମୂଳ ଉଜ୍ଜ୍ୱଳ,
କ୍ରମେ ମଣିଲି ତାକୁ ବନ-ଅଚଳ,
ସେତିକ ହେଲା ରଥ ତା ପାଖ ପାଶ,
ଅଧିକ ନେତ୍ରାନ୍ତଃପୁର ହେଲା ପ୍ରକାଶ ଗୋ ! ୧୬ ।

---

୧୩ । କ୍ଷୁଦ୍ର ଦେହ ବିଫଳ—ଶବ୍ଦ ଶୁଣିବ ନାହିଁ । ଭୂଷା—ଅଳଙ୍କାର, ଶୀର୍ଣ୍ଣ—ସରୁ, ଚଞ୍ଚଳ—ଉଦ୍ବେଳ ।

୧୪ । ଭୃଙ୍ଗ—ଅଳି ଗଣ, ନୀରବ—ଶବ୍ଦ ଶୂନ୍ୟ ।

୧୫ । ଯାମ୍ୟ—ଦକ୍ଷିଣ ଦିଗ, କଳୁଷିତ—ତମ ସ୍ୱର, ଦୃଷ୍ଟ—ଦେଖାଯିବା ।

ସ୍ୱନିଲି ନଭ ଭେଦି ତାର ସଜନି
ଦିବସେ ହସନ୍ତି ତନ୍ତି ପାଳିକୁ ଚନ,
ରାତ୍ର ବହୁଦେହ ଭେଜି ନକ୍ଷତ୍ରଗଣ
ମୁଦିବନ୍ତ କାନ୍ତିଛନ୍ତି ରଜମ୍ବାଳକ ଗୋ ! ।୧୭।

କଥା ମୋ ମନ୍ତ୍ରୀଙ୍କଲା ଶୁଣାଇଛି ଶେଷ,
ଶମନପୁରେ କେଣ୍ଣଅଛୁ ପ୍ରବେଶ ?
ଦେଖିଲି ମନୋହର ଅଟ୍ଟାଳିଶ୍ରେଣୀ
ଧଣନ୍ତି ରମ୍ୟ ହେମକଳସ ଶୋଭନ ଗୋ ! ।୧୮।

ଦିଶିଲା କ୍ରମେ ପୁର ଅଟ୍ଟାଳୀ ବାଣ୍ଠ
ନଗର ରଞ୍ଜିଛନ୍ତି ଖର-ଦୀଧିତି,
ପୁରରେ ସ୍ୱର୍ଣ୍ଣାଶିର କଳସମାନ
ଉପାଣି କରୁଛନ୍ତି ଜାଜ୍ୱଲ୍ୟମାନ ଗୋ ! ।୧୯।

ଦେଖାଇଲେ ମତେ ମୋର ଦେହ୍ଣ ବାହୁର
ଅଛଇ ଯୋଗୀ କଷ୍ଟେ ଶମନପୁର,
କୃତାନ୍ତ ପାଣ ଚିହ୍ନ ପାଦପେ ପଶି
ଦିଶାଇ ଦୀପ୍ତ ପଠ-ଇକଠ-ଆଁ ଗୋ ! ।୨୦।

ନଗର ସ୍ଥାନନ୍ତି ଶୋଭାଁ ଓଲ୍ଲାଳ ରଥ
ଚଳିଲା ପୁଣି ଏକ ଉଦ୍ୟାନ ପଥ,

---

୧୭ । ନଭ—ଆକାଶ ।

୧୮ । ଶମନପୁରେ—ଯମପୁରରେ, ମନୋହର—ସୁନ୍ଦର, ଅଟ୍ଟାଳୀଶ୍ରେଣୀ ଧାଡ଼ି ଧାଡ଼ି ପ୍ରାସାଦ, ହେମ କଳସ—ସୁବର୍ଣ୍ଣକୁମ୍ଭ ।

୧୯ । ବାଣ୍ଠ—ଧାଡ଼ି, ଖର-ଦୀଧିତି—ସୂର୍ଯ୍ୟ, ଉପାଣି—ଉଜ୍ଜ୍ୱଳୀ କରଣ, ଜାଜ୍ୱଲ୍ୟମାନ—ଶୋଭାଯୁକ୍ତ ।

୨୦ । କୃତାନ୍ତ—ଯମ, ଦୀପ୍ତ—ପ୍ରଜ୍ୱଳିତ ।

ମଣ୍ଡିତ ପଥ ସ୍ତୂପ ସର୍ବେଶ୍ରପଦଲ
ଉଦ୍ୟାନ ଶୋଭେଭ ନାନା କୁସୁମ ଫଳେକ ଗୋ ! ୩୧ ।
ଅଶୋକ ତରୁ ତହିଁ ଅଧିକତର
କୁସୁମ ପୁଞ୍ଜେ ପୁଞ୍ଜେ ବେଶ ସୁନ୍ଦର;
ଉଦ୍ୟାନ ମଧ୍ୟେ ଏକ ଉଚ୍ଚ ହର୍ମ୍ୟ
ସ୍ୱର୍ଣ୍ଣ ରତନରେ ଖଚିତ ରମ୍ୟ ଯେ ! । ୩୨ ।
ବୋଇଲ ଯୋଗୀ ମୋତେ; 'ସେଠାରେ ରହି
ଗଣିବୁ କାହିଁ ଚରେ କାନ୍ତ-ବିରହ;
କାନନବାସ_କ୍ଲେଶ ହେଲା ତୋ ଶେଷ,
ସ୍ମରତ ସୁଖ ଭୁଞ୍ଜି ମଣ୍ଡି ଏ ବେଶ ଗୋ । ! ୩୩ ।
ତ୍ରିଭୁବନେ ଯେଉଁ ଦ୍ରବ୍ୟ ଦୁର୍ଲ୍ଲଭ
ବାଞ୍ଛିଲୁ ମାତେ ଏବେ ହେବ ତୋ ଲଭ୍ୟ;
ସହସ୍ର ସୁକୁମାରୀ ସ୍ନେହ ପ୍ରକାଶି
ହେବେ ତୋ ଅରବିନ୍ଦ_ଚରଣେ ଦାସୀ ଗୋ । ' ୩୪ ।
ରତନ ଭୂଷିତ ସହସ୍ର ଦାସୀ
ଡାକି ବୋଇଲ ଅତି ଦୃଢ଼େ ଚଆଁଶି,
ଏହାଙ୍କୁ ଜାଣି ମୋର ହୃଦେଶ୍ୱରୀ
ସେବିବ ସହିତ ସୁଦେ ଭକତି ଭରି ଗୋ । ୩୫ ।

---

୩୧ । ଉଦ୍ୟାନ—ରାବଣର ବିହାର ଉଦ୍ୟାନ, ଏହି ବଣରେ ସୀତାଙ୍କୁ ବନ୍ଦୀ କରାଯାଇଥିଲା ।

୩୨ । ଉଦ୍ୟାନ - ବଗିଚା, ହର୍ମ୍ୟ—କୋଠାଘର ।

୩୩ । କାନନ-ବାସ—ବଣରେ ରହିବାର ଦୁଃଖ, ମଣ୍ଡି—ଶୋଭନ କରି ।

୩୪ । ଦୁର୍ଲ୍ଲଭ—ଯାହା ସହଜରେ ମିଳେ ନାହିଁ, । ବାଞ୍ଛିଲୁ—ଇଚ୍ଛା କଲୁ ମାତେ, ଲଭ୍ୟ—ପ୍ରାପ୍ତ ହେବ, ଅରବିନ୍ଦ—ପଦ୍ମ ।

୩୫ । ଚଆଁଶି—ସାବଧାନ କରାଇ, ହୃଦେଶ୍ୱରୀ - ମନର ରାଣୀ, ସେବିବ—ସେବା କରିବ ।

ସଞ୍ଚିବ ନିତ୍ୟ ଏକାନ୍ତ ମାନସ କାଶୀ
ଶୁଣାଉଥିବ ମୋର ମହିମା-ବାଣୀ,
ମୋର ସମ୍ପଦେ ଯେତେକ ମଜ୍ଜି ତା' ମନ;
ତୁଷ୍ଟିକି କରୁଥିବ ଅନ୍ତ ରଞ୍ଜନ ରେ । ୩୬ ।
ଏମନ୍ତ କହି ଯୋଗୀ ହେଲେ ଅନ୍ତର
ସ୍ୱପ୍ନ ଶେଷ ଘୁଞ୍ଚିଗଲା ମୋର ଅନ୍ତର,
କିଏ ସେ ଯୋଗୀ ମୋତେ ଆସିଲ କାହିଁ;
କେଉଁ ପୁର ତା କହୁ ନ'ଶିଲି କାହିଁ ରେ । ୩୭ ।
କେମନ୍ତେ ହେଲ ସେ ଶ୍ରୀ-ହୃଦେଶ୍ୱରୀ
ରହିଛି ରଘୁବଧୂ-ଶରୀର ଧରି,
ମନ ତ ନାହିଁ ମୁହିଁ, ଅଛି ସ୍ମରଣ;
କୌଶଲ୍ୟା-ସୁତ ପିତା ମୋର ଶରଣ ରେ । ୩୮ ।
ହୃଦେ ମୋ କଲ ପୁଣି ଦୃଢ଼ ନିଶ୍ଚୟ
ସେ କେହି ହେଉ ଯୋଗୀ ନ ଥାଉ ଭୟ ?
ପାଳିବି ଜୀବନେ ମୋ ଥିବ ସ୍ମରଣ;
କୌଶଲ୍ୟା-ସୁତ ଏକା ମୋର ଶରଣ ରେ । ୩୯ ।
ହେଉ ଏ ଯମାଳୟ ଅଥବା ସ୍ୱର୍ଗ
ରହୁଥାନ୍ତୁ ଏଥି ଦେବତା ବର୍ଗ,
କେ ଟଳାଇପାରିବ ମୋ ଚିତ୍ତ ହରଣ ?
କୌଶଲ୍ୟା-ସୁତ ଏକା ମୋର ଶରଣ ରେ । ୪୦ ।
ସହସ୍ର ଧାରାରେ ମୋ ନ ପ୍ରକ୍ଷାଳନ
ଆଉ କି ଅଛି ମୋର ସ୍ନାନ ଭୋଜନ,
କାନନେ ଭ୍ରମୁଥିବେ ମୋ ପ୍ରାଣଧନ;
ତାଙ୍କ ଚରଣେ ଏକା ରହିବ ମନ ରେ । ୪୧ ।

---

୩୬ । ସଞ୍ଚିବ—ସେବା କରିବ, ମାନସ କାଶୀ—ମନ ଅନୁସାରେ, ମହିମା—ଗୌରବ, ମଜ୍ଜି—ଲିପ୍ତ ହୋଇ ।
୩୮ । ରଘୁବଧୂ—ରଘୁବଂଶର ବୋହୂ, ରାମଚନ୍ଦ୍ରଙ୍କର ପତ୍ନୀ ।

ମଞ୍ଜୁଳ ବୀଣା ଧରି ଘଟିତ ଶାରଦା
ସଙ୍ଗୀତ ସୁଧା ମୋର ଯାଚଣ କରନ୍ତି,
ମୋ କର୍ଣ୍ଣେ ହେବ ନାହିଁ ତାହାର ମୂଲ;
କାନ୍ତ-ଶ୍ରୀମୁଖ-କଥା ସମାନ ତୁଲ ଗୋ ।୪୨।

ଏମନ୍ତ ଭାବ ଭାବି ଶ୍ରୀପଦ ଧ୍ୟାନ
ଦେଇ ଭୁଲାଇଦେଲି ଜୀବନଜ୍ଞାନ,
କେମନ୍ତେ କେତେ କାଳ ହେଲା ଅତୀତ;
କିଛୁ ନ ଜାଣେ ସତ୍ୟ ତନ୍ତ୍ର! ବ୍ୟସ୍ତ ଗୋ !୪୩!

କିନ୍ତୁ ସେ ସ୍ୱର୍ଗେ ମୋତେ ଦିନ-ଖଣ୍ଡ
ପ୍ରଗତ ହେଲା ଦେବ-ଅହସ୍ତ ପରି,
ଦେବଭୁବନ ଭାବୁ ମଣିଲି ମନେ;
ଦେବ-ସାହଚ୍ଯ ପୂର୍ଣ୍ଣ କଲି ଜୀବନେ ଗୋ ।୪୪।

ଛନ୍ଦରେ ମଜାଇଲି ଦେବ ସଙ୍ଗତ
ଦେବ-ହୃଦେ ସ୍ଥାପିତ ପତି-ଭକତି,
ପତି ଚରଣାମ୍ବୁଜେ ରଖିଲି ଆଶା;
ଜାଣିଲି ନାହିଁ ଆଉ କ୍ଷୁଧା ପିପାସା ଗୋ ।୪୫।

ସୁବାସ ଅଙ୍ଗରାଗ ବସ୍ତ୍ର ଭୂଷଣ
ସୁସ୍ୱାଦ ଖାଦ୍ୟ ପାଣି ସେବିକାଗଣ,
କହିଲେ କେତେମତେ ଚାଟୁବଚନ;
ବଳିଲା ନାହିଁ କାହିଁ ତହିଁ ମୋ ମନ ଗୋ ।୪୬।

---

୪୨ । ମଞ୍ଜୁଳ—ମନୋହର, ଶାରଦା—ସରସ୍ୱତୀ ।

୪୪ । ଦେବ ଅହସ୍ତ—ମନୁଷ୍ୟମାନଙ୍କର ଛଅ ମାସରେ ଦେବତାମାନଙ୍କର ଏକ ଦିନ, ପ୍ରଗତ—ଜଣାଗଲା, ଦିନ-ଖଣ୍ଡ—ଦିନ ଖଣ୍ଡ, ମଣିଲି—ଜ୍ଞାନ କଲି ।

୪୬ । ଅଙ୍ଗରାଗ—ଶରୀର ସଜାଇବାର ଉପକରଣ, ଚାଟୁବଚନ—ଖୋସାମଦ ବାକ୍ୟ, ବଳିଲା ନାହିଁ—ଆକୃଷ୍ଟ ହେଲା ନାହିଁ ।

ଦାସୀଙ୍କ ବଚନରୁ ଜାଣିଲି କ୍ରମେ
ରାବଣ ତ୍ରିଭୁବନ-ଜୟୀ ବିକ୍ରମେ,
ଡରନ୍ତି ସୁରପତି ଶୁଣି ତା' ନାମ;
ସିନ୍ଧୁ-ପରିଖୀକୃତ ଲଙ୍କା ତା' ଧାମ ଗୋ । । ୭୭ ।

ସେହି ରାଜ୍ୟରୁ ମୁହିଁ ହୋଇଛି ନୀତ
ନେଇଛି ଯୋଗୀବେଶେ ସେ ଦୁର୍ବିନୀତ,
ନବର ନଗର ତା' ଅତୁଳ ରମ୍ୟ;
ନର କିନ୍ନରଙ୍କର ଦୁରଧିଗମ୍ୟ ଗୋ । । ୭୮ ।

ଯହିଁ ନ ବଳଥାଏ ତାହାର ଗତି
ଭୟେ କରନ୍ତି ଦେବେ ତାହା ଭକତି,
ଦିଶିଲେ ଅରୁଣିମା ତାର ନୟନେ;
ଭୟଦାୟକ ଚିନ୍ତା କରନ୍ତି ମନେ ଗୋ ! ୭୯ ।

ରାବଣ ନାମ ଶୁଣି ପାରିଲି ଜାଣି
ପିନାକ ଯୂପେ ଭାଙ୍ଗିଥିଲା ତା ଅଣି,
ଇଚ୍ଛିଲି କି ପାଇବ କରିଛି ଶ୍ୱାନ;
କରିବା ପାଇଁ ଯଜ୍ଞ-ଅମୃତ ପାନ ଗୋ । ୮୦ ।

---

୭୭ । ତ୍ରିଭୁବନ—ସ୍ୱର୍ଗ ମର୍ତ୍ତ୍ୟ ପାତାଳ, ବିକ୍ରମେ – ପରାକ୍ରମରେ, ସୁରପତି—ସ୍ୱର୍ଗର ରାଜା ଇନ୍ଦ୍ର, ସିନ୍ଧୁ—ସାଗର. ପରିଖୀକୃତ ଗଡ଼ଖାଇ ପରି ।

୭୮ । ଦୁର୍ବିନୀତ—ଉଦ୍ଧତ, ନବର—ଭୁ.ଅ.ସ., ନଗର—ସହର, ନର—ମନୁଷ୍ୟ, କିନ୍ନର—ଦେବଯୋନି ବିଶେଷ, କୁବେରଙ୍କ ଅନୁଚର ଏବଂ ସଙ୍ଗୀତ ବିଦ୍ୟାରେ ନିପୁଣ, ଦୁରଧିଗମ୍ୟ—ଦୁର୍ଗମ ।

୮୦ । ପିନାକ ଯୂପ—ଶିବ ଧନୁ, ଅଣି—ଗର୍ବ, ସୀତା ସ୍ୱୟମ୍ବରରେ ରାବଣ ଶିବଧନୁ ଭାଙ୍ଗି ନ ପାରି ଅପଦସ୍ତ ହୋଇଥିଲା, ଶ୍ୱାନ—କୁକୁର ପରି ଲୁବ୍ଧ ।

ସତୀଙ୍କୁ ଶତ ଗଞ୍ଜନ ଆସି ଦୁର୍ମତି
ଅନଳ ଢେଳେକ ଥୁଇ ଦେଲା ମୋ ଦେହ,
ଘୋର-ବଚନେ ପାପ-ମାନସେ ପାପୀ;
ଦହନ୍ତା ଦେଲେ ଆତ୍ମଶରଣମା ଜ୍ଞାପି ଗୋ । ୫୧ ।
ମୋ ଦୁଃଖ ଘନଘଟା ଲୋତକ ଧାର
ବୃଷ୍ଟି ଘୁଞ୍ଚିଲା ବନ୍ଧୁ ସଙ୍ଗ-ଅନ୍ଧାର,
ଚମକଇଲା ମୋର ଦେଖ ଘନଘଟା—
ମଧ୍ୟେ ତା ଆଶା ଭୀମ ବିଦ୍ୟୁତ ଛଟା ଗୋ । ୫୨ ।
ସଖି, ମୁଁ ହେଲି ସେଥି ଚକଭୁଁ ଜାତ
ପାପୀ ଦାନବ ଲୁଣ୍ଠିଅଛି ମୋ ସ୍ୱାନ୍ତ,
ଛୁର୍ଦ୍ଦିଲା ଛୁଟୁଁ ଫୁଟି ବ୍ୟାଧି ଶରୀର;
ଦୁଃସହ ଜ୍ୱାଳା କରଇ ପ୍ରାଣ ଅସ୍ଥିର ଗୋ । ୫୩ ।
ମଣିଲି ବଂଶବୃଦ୍ଧ ଶରପଟଳ—
ସଦୃଶ ଅପଘନ ଲୋମ ସକଳ,
ବ୍ୟାଧ ବିହଗାତୁର ହରିଣୀଗଣ;
କି ଦୁଃଖ ଭୋଗୁଥିବେ ଖେଦେ ମୋ ମନ ଗୋ ! ୫୪ ।
ସତ୍ୟ ସେ ଦୁର୍ବିସହ ଦୁଃଖ ମର୍ମେ
ମନକୁ ଦୃଢ଼ କରିଥାଏ ଧରମେ,
ଦୃଢ଼ ଭରସା ମୋର ଥାଏ କେବଳ;
ଅବଳା ପାଇଁ ପତି ଧରମବଳ ଗୋ । ୫୫ ।
ନ ଜାଣି ପିତା ଅଛେ ସ୍ୱର୍ଗଧାମେ
ହସ୍ତ ବଢ଼ାଇ ଭିକ୍ଷା ଦେଲି ମୁଁ ଭ୍ରମେ,

୫୧ । ଜ୍ଞାପି—ଜଣାଇ ।
୫୨ । ଭୀମ—ଭୟଙ୍କର ।
୫୩ । ଦାନବ—ଅସୁର ।
୫୪ । ଅପଘନ—ଶରୀର, ବିହଗ—ପକ୍ଷୀ, ବ୍ୟାଧ—ଶବର ।

ଏବେ କରିବ ଉଗ୍ର ବଳ ପ୍ରକାଶ;
ମାରିବ ଅବା ହେବ ତା ହସ୍ତେ ନାଶ ଲୋ ।୫୬।
ଯଦ୍ୟପି ଉଚ୍ଚ ଏହୁ ଜଗତେ ଧର୍ମ
ଦେଖିବ ଜଗତ ମୋ ଅଦ୍ଭୁତ କର୍ମ,
ପାପ-କାର୍ଯ୍ୟର ହେବେ ସଙ୍ଗତ ଶମ;
ପୁଣ୍ୟାଗ୍ନି-କଣା ତାକୁ ଦହିବେ କ୍ଷମ ଲୋ ।୫୭।
ଦେଖ ସଜନି, ହୋଇ ଧରମ ବ୍ରତ
ମୋ ପ୍ରାଣେ ଢାଳିଦେଲୁ ଯେସନ୍ତ ଅମୃତ !
କପିଏ ଦେଇ ମୋତେ କାନ୍ତ ସମ୍ବାଦ,
ଶ୍ରବଣ ଘଟେ କରିଗଲା ତକାଦ ଲୋ ।୫୮।
ଅଚିରେ ରଘୁମଣି ବାନର ବଳେ
ସେତୁ ପ୍ରସ୍ତୁତ କରି ସାଗର-ଜଳେ,
ଲଙ୍ଘି ଦୁର୍ଲଂଘ୍ୟ ଦାରୁ ଅଗମ୍ୟ ଲଙ୍କା;
ରାକ୍ଷସପତି-ପ୍ରାଣେ ଦେଇଥିଲେ ଶଙ୍କା ଲୋ ।୫୯।
ଦୁଷ୍କର ରଣ-ରଙ୍ଗ କଲେ ଆରମ୍ଭ
କମ୍ପିଲା ଲଙ୍କା ଶୁଣି କପି-ଆରବ,
ରାକ୍ଷସ-ବଂଶେ ଥିଲେ ଯେତେକ ବଳୀ;
ସମସ୍ତେ ଆସି ହେଲେ ସେ ଯଜ୍ଞେ ବଳି ଲୋ ।୬୦।

---

୫୮ । ଭୂତ—ସତ୍ୟ, କପିଏ...ସମ୍ବାଦ—ପବନ ସୁତ ରାମଚନ୍ଦ୍ରଙ୍କ ଦୂତ ହନୁମାନ ଲଙ୍କାରେ ସୀତାଙ୍କୁ ଠାବ କରି ଲଙ୍କାପୁର ଦହନ କରିଥିଲେ ।

୫୯ । ବଳେ - ସେନାବାହିନୀ ସାହାଯ୍ୟରେ, ସେତୁ—ବନ୍ଧ, ଦୁର୍ଲଂଘ୍ୟ – ଯାହାକୁ ଅତିଶୟ କଷ୍ଟରେ ଅତିକ୍ରମ କରାଯାଏ, ରାକ୍ଷସପତି—ରାକ୍ଷସମାନଙ୍କର ରାଜା ରାବଣ ।

୬୦ । ଦୁଷ୍କର—ଅତି କଷ୍ଟସାଧ୍ୟ, ବଳୀ—ଯୋଦ୍ଧା, ବଳି—ହତ୍ୟା ହେଲେ ।

ଧରମ-ପଥେ ଥିଲେ କେବଳ ଜଣେ
ପଶିଲା ରଘୁପତି ପଦଶରଣେ,
ଅଚଳ ନୃପ ହେଲା ବଶ ମନ୍ଥାଧୂରେ;
ଅଭାଗ୍ୟ ଦୁଷ୍ଟମାନା ଧନ୍ୟ ଜଗତରେ ଗୋ ।୬୧।

ସେତିକି ବଳଥିଲେ ମୋ' ଦେଶ ନାରୀ
ତା ବୋଲି ଗୁଣ ହେଲା ରକ୍ଷ-ଭୂଧର,
ରାବଣ ବୁଡ଼ି ଶୋକସାଗରେ ଯାଏ;
ପଡ଼ିଲା ଦୁଷ୍ଟ-ବାଣ-କ୍ରୂରୀଭୂତ-ହାସେ ଗୋ ।୬୨।

ତା' ପରେ ରଘୁପତି ମୋତେ ଅଣାଇ
ଦେଖାଇଲେ ସ୍ବେଚ୍ଛା ଶୂନ୍ୟ କେବେ ଅବାଇ,
"ଭୂପଙ୍କୁ ଫଳି କାହିଁ କରଇବ ପାପ;
ଭୂମିକୀ ସଙ୍ଗେ ମିଳେ ଘୋର ସନ୍ତାପ ଗୋ ।୬୩।

ଆମାଙ୍କ ଦାନବର ପାପ-ଭବନେ
ଥିଲ, ସ୍ପର୍ଶିଥିବ ପାପ ତୋ ମନେ,
ନ ପାରେ ନର ତୋତେ ଅଣ୍ଡ ଚିହ୍ନେ;
ଛାଡ଼ିଣ କରେ ହେବ ଲୋକଗର୍ହଣେ ଭୋ ! ୬୪ ।

ଜଳଦ ଜଳ ଜଳେ ନାହିଁ ଗମନ
ଆହ୍ଵ କ ତାକୁ ରଖି ପାରଇ ପବ ?
ଅନଳ-ଶିଖା-ଘର ଅନେକ ଦଗ୍ଧ;
ହେଲେ ସେ ଜଳ ତୁଚ୍ଛ ଘନେ ମିଶଇ ଗୋ । ୬୫ ।

---

୬୧ । ନୃପ—ଅଯୋଧ୍ୟା ଅଧିପତି ଦଶରଥ, ମନ୍ଥାଧୂର—ମନ୍ଥାଦାସୀ, ଧରମ⋯ଜଣେ—ରାବଣର ଭ୍ରାତା ବିଭୀଷଣ ରାମଙ୍କ ଶରଣ ପଶିଥିଲେ ।

୬୨ । ରକ୍ଷ-ଭୂଧର—ରାକ୍ଷସମାନଙ୍କ ବଳ, ଯାଏ— ଅସୁରେ ।

୬୪ । ଲୋକ ଗର୍ହଣ – ଲୋକ ନିନ୍ଦା, ଅପବାଦ ।

୬୫ । ଜଳଦ—ମେଘ ।

ସ୍ମରିଲି, ଥିଲୁ ଯିବା ଧରି ଜୀବନ
ସେବିବି ବୋଲି ପ୍ରଭୁ ପଦ୍ମଚରଣ,
ନ ହେବ ଯେବ ପଦସ୍ପର୍ଶ ଭଜନ;
ଜୀବନେ ଆଉ ମୋର କି ପ୍ରୟୋଜନ ଗୋ ! ୬୬ ।

ଦର୍ଶନ ଦେଖି ଚୁମ୍ବି ଚୁମ୍ବି ଶ୍ରୀମୁଖ
ଏଥୁଁ ଅଧିକ ମୋର କି ଅଛି ସୁଖ ?
ଦଗ୍ଧ ହେଲେ ଦେହ, ଅବଶ୍ୟ ପ୍ରାଣୀ
ପ୍ରଭୁ ଶ୍ରୀଅଙ୍ଗେ ଯାଇ ପାଇବ ସ୍ଥାନ ଗୋ ! ୬୭ ।

ଧରମ-ବଳେ ଯେବେ ରହିବ ଦେହ
ଲଭିବ ପ୍ରଭୁଙ୍କର ଦ୍ୱିଗୁଣ ସ୍ନେହ !
ବୋଇଲି, 'ଜଳ ହେଉ ହବ୍ୟବାହନ;
କରିବ ଦାସୀ ତହିଁ ଅବଗାହନ ହେ !' ୬୮ ।

ଅଗ୍ନିଶୁ ଆଜ୍ଞାବହ ପ୍ରକୁଣ୍ଡ-ଶିଖେ
ଲହୁଣି ବର୍ତ୍ତି ଜାଳି ଦେଲେ ତ୍ୱରିତେ ।
ଅନଳଶିଖାମାନ ବାତ ଭଜିଲେ;
ଅଗ୍ନି ଚଞ୍ଚଳ ହେଲେ ନଭ ଲଙ୍ଘିଲେ ଗୋ ! ୬୯ ।

ସତୃଷ୍ଣ ଦୃଷ୍ଟି ଦେଇ ମୁଖ କମଳେ
ଅନଳ ପାଶ ଯାଇ ଦୃଢ଼ସ୍ୱରରେ,
ବୋଇଲି, 'ରବି-ଶଶି-ବାୟୁ-ଗଗନ;
ପାବକ ତୁମେ ଜାଣ ପ୍ରାଣୀଙ୍କ ମନ ହେ ! ୭୦ ।

ରାଘବ ବିନା ଅନ୍ୟେ ଯେବେ ମୋ ଚିତ୍ତ
ସ୍ୱପ୍ନେ ଆକୃଷ୍ଟ ହୋଇଥିବ କଳ୍ପିତ,

---

୬୮ । ହବ୍ୟବାହନ—ଅଗ୍ନି, ଅବଗାହନ—ସ୍ନାନ, ଅଗ୍ନିପ୍ରବେଶ ।
୬୯ । ବାତ—ପବନ ।
୭୦ । ସତୃଷ୍ଣ—ତୃଷ୍ଣାଯୁକ୍ତ, ପାବକ—ଅଗ୍ନି ।

ଅନଳ ପଙ୍କ ତୁମ୍ଭେ ସ୍ୱର୍ଣ୍ଣ ଭୂଷଣେ;
ଦଅ ହେ କରି ମୋତେ ଶୁଦ୍ଧ କଷଣେ ହେ ! ୭୧ ।

ହୋଇ ତ ଥିଲି ରକ୍ଷ-ନଗରେ ବନ୍ଦୀ
ସେ ଶଙ୍କ ଥିବ ମୋତେ ପାତକେ ଛନ୍ଦି,
କୋଟି ଜନମ ଧ୍ୟାଇ ପଦ-କମଳ;
ଘୁଞ୍ଚିବ ନାହିଁ, ମୋହର ଦୋଷ ଅଚଳ ହେ ! ୭୨ ।

ପାତକୀ ପୁଣ୍ୟବନ୍ତ ତୁମ୍ଭେ ନ ଜାଣ
ସୁଧର୍ମିଜନେ ଅଛ ଧରିଣ ପ୍ରାଣ,
ଧରମ ତର ସତ୍ୟ ପଥ କରନ୍ତେ;
ମୋ ଧର୍ମ ଅପବାଦୁଁ ରକ୍ଷିବ ସତେ ହେ ! ୭୩ ।

ହେ ଧର୍ମ ! ଯଦି ଶୁଦ୍ଧେ ରହୁ ମୋ ଅଙ୍ଗ
ନ ଡରି ଅନଳରେ ପଶି ମୋ ସଙ୍ଗେ,
ଜୀବନେ ନ ପାରିଲି ତୋଷି ମନରଙ୍ଗେ;
ସେବକା କରି ଦେବ ପ୍ରଭୁ ଚରଣେ ହେ ! ୭୪ ।

ମୋ ତନୁ ଦଗ୍ଧ ହେଲେ ହେବ ତ ଛାର
ତାହାକୁ କରିଥିବ ପାଦପେ ସାର,
ସେ ତନୁ କାଷ୍ଠ ଦେଇ ବର୍ଦ୍ଧକୀ ହସ୍ତେ;
କରାଇ ଦେବ ପ୍ରଭୁ ପାଦୁକା ସତେ ହେ ! ୭୫ ।

ପ୍ରଭୁ ଶ୍ରୀମୁଖ ପୁନଃ ପୁନଃ ଚନାଇ
ଜାନକୀ ଅନଳରେ ପଶିଲେ ଧାଇଁ ।
ଘୁଞ୍ଚି କାନ୍ଦିଲେ ରଘୁମଣି ଲକ୍ଷ୍ମଣ;
କାନ୍ଦିଲେ ଘୋର ରବେ ସୈନିକଗଣ ସେ ! ୭୬ ।

୭୧ । କଷଣ—ଜାଳିବ ମାଟି, ପଙ୍କ—ଦୋଷ ।
୭୫ । ସାର—ଗାଭ, ବର୍ଦ୍ଧକୀ—ବଢ଼େଇ, ପାଦୁକା—ଖଡ଼ମ ।
୭୬ । ଜାନକୀ—ଅଗ୍ନିଶୁଦ୍ଧ୍ୟ ମନରେ;

ଅସଂଖ୍ୟ ନେତ୍ରେ ହେଲା ଜଳ ପ୍ରବଳ
ମଜ୍ଜାଇ ଦେଲା ମୋତେ କାରୁଣ୍ୟଜଳ,
ଅନଳ ତହିଁ ବୋଧ ହେଲା ଶୀତଳ;
ସ୍ମରିଲି ସ୍ୱାହା ରବେ ନବେନ୍ଦୁମଣ୍ଡଳ ଗୋ ! ୭୭ ।
ମୋ ଅନୁକୂଳେ ହେଲା ଆକାଶ-ବାଣୀ
ଯହିଁରୁ ମୋର ପ୍ରଭୁ ପାରିଲେ ଜାଣି,
ଅନଳ ଧର୍ମ ବଶେ ହେଲା ନିର୍ବାଣ;
ବଞ୍ଚିଲା ଧର୍ମ-ବଳେ ତହିଁ ମୋ ପ୍ରାଣ ଗୋ ! ୭୮ ।
ଦଶରଥ ତୁଟାଇଲେ ମୋ ଦୁଃଖରାଶି
ଭଗ୍ୟେ ମୁଁ ହେଲି ପ୍ରଭୁପଦରେ ଦାସୀ,
ଖଣ୍ଡିଲି; କଷ୍ଟ ରହିଥିବାରୁ ଜୀବ;
ଲଭିଲି ପୁନା ପ୍ରଭୁ-ପଦ ରାଜୀବ ଗୋ । ୭୯ ।
ବସାଇ ମୋତେ ପ୍ରଭୁ ସ୍ୟନ୍ଦନବରେ
ବେଷ୍ଟି ବାନର ଋକ୍ଷଦଳ ସଙ୍ଗରେ,
ବାହୁଡ଼ା-ଦିନେ କଲେ ଅଯୋଧ୍ୟା ମୁଖେ;
ଗଗନ-ପଥେ ଜୟ-ଉଲ୍ଲାସ-ସୁଖେ ଗୋ । ୮୦ ।
ଦେଖାଇ ବିରହ-ମନ୍ଦ-ପ୍ରଦେଶ ସାରି
ପାଇଲି ଶୁଦ୍ଧ ପ୍ରାଣେ ପ୍ରେମାକୂପାର,
ଅପୂର୍ବ ସୁଖ ପ୍ରାଣେ ହେଲା ଉଦୟ;
ମଣିଲି ଜଗତକୁ ଆନନ୍ଦମୟ ଗୋ । ୮୧ ।

---

୭୭ । କାରୁଣ୍ୟ—ଦୟା ।
୭୮ । ନିର୍ବାଣ—ଲିଭିଗଲା ।
୭୯ । ରାଜୀବ—ପଦ୍ମ ।
୮୦ । ସ୍ୟନ୍ଦନବର—ବିମାନଶ୍ରେଷ୍ଠ, ଋକ୍ଷଦଳ—ଭାଲୁ ଦଳ, ଉଲ୍ଲାସ—ଆନନ୍ଦ ।
୮୧ । ପ୍ରେମାକୂପାର—ପ୍ରେମ ରୂପକ ସମୁଦ୍ର, ଉଦୟ—ଜାତ ।

ସନ୍ଧ୍ୟାରି ଦୂରେ ଯାଏ ନନ୍ଦ ଉପବନେ
ସୁଖ ନ ଦିଏ ଦେଖା ଏଣୁ କୁପବନେ,
ନନ୍ଦ ଉପବନେ ହେଲେ ସୁଖ ଆଗତ;
ସୁଖରେ ପରିପୂର୍ଣ୍ଣ ହରଣ କରନ୍ତି ହେ ଗୋ । ୮୨ ।

ଯେ ରଥେ ଚଢ଼ିଥିଲୁ ଉପଦ-କୂଳେ
ଚଢ଼ିଲି ସେହି ରଥେ ଶମ୍ଭଦ ସ୍ତୁପେ,
ଯା' ସୃଷ୍ଟି ବୃଷ୍ଟି କରିଥିଲୁ ଜନନ;
ତା' ସୃଷ୍ଟି ବୃଷ୍ଟି ହେଲା ମୁଦ ବର୍ଦ୍ଧନ ହେ ଗୋ । ୮୩ ।

ଉତ୍କୃଷ୍ଟ ରଥ ତା ଚଳପଥ
ଉପରେ ମେଘ ଭଳେ ଶରଭପଥ,
ଗଣିତ ଧନ୍ୟଧର ଧରଣୀରୁହ;
ହେଲେ ମୋ ନୟନର ପୀରୂପବୃନ୍ଦ ହେ ଗୋ । ୮୪ ।

ଦୁଷ୍ଟ ନଦୀର ବନସ୍ଥଳି ସକଳ
ବହ୍ନାର-କୁଞ୍ଜପୁଞ୍ଜ ରମ୍ୟ ଅଚଳ,
ଧୂମ-ଜଟିଳ ଋଷି-ଆଶ୍ରମମାନ;
ତୁମ୍ଭକୁ ମୋର କରୁଥିଲେ ଆହ୍ୱାନ ହେ ଗୋ । ୮୫ ।

ବାଂଶୁକୁଲୁଲା ମୃଗକୁମାରଗଣ
ରଥ-ଘର୍ଘର ଦୂରୁଁ କରି ଶ୍ରବଣ,
ଚକିତେ ଦୃଷ୍ଟିଆନ୍ତି ଊର୍ଦ୍ଧ୍ୱ ବଦନେ;
ଜାଗ୍ରତ ପୂର୍ବ-ସୁଖ-ସ୍ମୃତି ମୋ ମନେ ହେ ଗୋ । ୮୬ ।

---

୮୩ । ମୁଦ—ଆନନ୍ଦ ।

୮୪ । ଧନ୍ୟଧର—ପର୍ବତ, ପବିତ୍ର ପଥ—ଶ୍ରେଷ୍ଠ ନଦୀ, ଧରଣୀରୁହ—ବୃକ୍ଷ ।

୮୫ । ଅଚଳ—ପର୍ବତ, ଧୂମ-ଜଟିଳ—ଯଜ୍ଞହେତୁ ଧୂମ ଆଚ୍ଛନ୍ନ ଧୂଆଁରେ ଶୋଭାଯୁକ୍ତ ।

ପଙ୍କଜ କେଶର ତାଙ୍କ ସମୁଦାୟର
ମୃଦୁ ମଧୁର କଥା–ଲସିତାଧର,
ମମତାମୟ ଶାନ୍ତ ସରଳ ଦୃଷ୍ଟି;
କଲେ ମୋ ହୃଦ୍‌ଦେଶେ ପୀୟୂଷ ବୃଷ୍ଟି ଗୋ । ୮୭ ।

କ୍ରମଶଃ ତୁମାନଙ୍କ ନାମ ସକଳ
କମଳରୂପେ ଫୁଟି ହେଲେ ବିମଳ,
ଘୋର–ବିରହ–ନିଶା–ତମ–ଶେଷରେ;
ସୁଖ–ଉଦୟ–ମୁହୂର୍ତ୍ତେ, ମୋ ମନ ସରେ ଗୋ । ୮୮ ।

ତାଙ୍କ ବିଗତ ସୁଖ ସୌରଭରାଶି
ଆମୋଦେ ପ୍ରାଣକୁ ମୋ ଦେଲେ ଉଲ୍ଲାସି,
ବନଦର୍ଶନେ ମନ ନୋହୁଁ ଶୂନ୍ୟସ୍ଥ
ଏଣକୁ ରଥବର ଘୁଞ୍ଚିଲା ତୂର୍ଣ୍ଣ ଗୋ ! । ୮୯ ।

ସ୍ୱର୍ଗଶୋଭାଳୟ ସୁରମ୍ୟ ବନ
ବର୍ଜନ ନ ପାରିଲା କରି ମୋ ମନ,
ସେ ମନ ଥିଲା ପୂରି ନଭେ ସ୍ୟନ୍ଦନେ;
ଲଭିଲା ଚେତେଣେ ପୁଣି ଶ୍ୱଶୁରଚରଣେ ଗୋ ! ୯୦ ।

ଶ୍ୟାମସୁନ୍ଦର–କାନ୍ତି କାନ୍ତକୁ ସଙ୍ଗେ
ଘେନି ଖେଳନ୍ତେ ସ୍ଥଳତ୍ରୟ ସୁରଙ୍ଗେ,
ମନ ମୋ ହେଲା ଅନ୍ତର୍ମଣ୍ଡଳାକାଶ
ନବ ଜଳଦେ ଶକ୍ରଚାପ ପ୍ରକାଶ ଗୋ । ୯୧ ।

---

୮୭ । ଲସିତାଧର—ଉଲ୍ଲସିତ ଅଧର, ପୀୟୂଷ—ଅମୃତ ।
୯୦ । ସ୍ୱର୍ଗ— ସ୍ୱର୍ଗୀୟ, ବର୍ଜନ—ତ୍ୟାଗ, ନଭେ – ଆକାଶରେ ।
୯୧ । କାନ୍ତ—ସ୍ୱାମୀ, ସ୍ଥଳତ୍ରୟ—ବନ, ଅଯୋଧ୍ୟା, ଆକାଶ; ସୁରଙ୍ଗେ— ଅତ୍ୟନ୍ତ କୌତୁକରେ ନବଜଳଦେ—ନୂଆ ଜଳାଦ୍ରାଶ୍ରିତ ମେଘରେ, ଶକ୍ରଚାପ— ଇନ୍ଦ୍ରଧନୁ ।

ପ୍ରାଣ–ପ୍ରତିମ ପୁତ୍ର ବନ-ପ୍ରସ୍ଥାନ
ହେଲାରୁ ଶ୍ୱଶୁର ମୋ ଅଯୋଧ୍ୟା-ନାଥ,
ନିର୍ବାଣ ଲଭି ଦୁଃଖେ ଜୀବନ-ପାତ,
ଗୀର୍ବାଣପୁର ଗଲେ ଶକ୍ର ସମୀପ ଗୋ । ୧୨ ।

ଭରତ ରାଜ୍ୟ ଶୋକ-ବିହ୍ୱଳ ଶୁଣି
ବନେ ଆସିଲେ ସ୍ୱାମୀ ସମୀପ ଧାଇଁ,
କହିଲେ ଦୁଃଖେ ମୃତ୍ୟୁ କରପୁଟରେ:
ସେକାଳେ ଥିଲୁ ଆମ୍ଭେ ମାତୁଳପୁରେ ଗୋ । ୧୩ ।

ବହୁ ବିନୟ କରି କହିଲେ ବୀର
ସ୍ୱାମୀଙ୍କୁ ସ୍ୱାମୀ ହେବା ପାଇଁ ମହୀର,
ପ୍ରତ୍ୟାବର୍ତ୍ତନ କରି ପିତୃଭକତ;
ରାଘବ କଲେ ନାହିଁ ତହିଁ ସମ୍ମତ ଗୋ । ୧୪ ।

ବୋଇଲେ, ସେହି ରାଜ୍ୟ ନ କଲେ ଭଙ୍ଗ
ତେଜିଲେ ଯହିଁ ପିତା ସ୍ୱକୀୟ ଅଙ୍ଗ,
'ପିତୃପାଳିତ ଧର୍ମ-ରକ୍ଷଣୀ-ଦେହ;
କେମନ୍ତେ ମୋତେ ଦେବି ତେଜି ଏବେଳ ହେ । ୧୫ ।

ଭରତ କାନ୍ଦି କାନ୍ଦି ପଡ଼ି ଚରଣେ
ବୋଇଲେ; 'ରଖ ମୋତେ ପଦସ୍ମରଣେ,
ଯେବଣ ତେଜି ଅସ୍ତ–ନଗେ ଭାସ୍କର;
ଗଲେ କି ତାଙ୍କୁ ଛାଡ଼ି ଯାଇଛି କର ହେ । ୧୬ ।

---

୧୨ । ନିର୍ବାଣ—ମୃତ୍ୟୁ, ଗୀର୍ବାଣପୁର—ସ୍ୱର୍ଗପୁର, ଶକ୍ର—ଇନ୍ଦ୍ର ।
୧୪ । ସ୍ୱାମୀଙ୍କୁ—ରାମଚନ୍ଦ୍ରଙ୍କୁ, ସ୍ୱାମୀ—ରାଜା, ମହୀ—ପୃଥିବୀ ।
୧୬ । ଅସ୍ତ-ନଗେ—ଅସ୍ତପର୍ବତରେ, ଭାସ୍କର—ସୂର୍ଯ୍ୟ, କର—କିରଣ ।

ପ୍ରଭୁ କହିଲେ, 'ସ୍ୱଦେଶ ଅବଗାହୁଁଷ
ଖଣ୍ଡନ କରିଥାନ୍ତି ଶୀତମୟୂଖ ।'
ଭରତ ବଚନରେ ଦେଲେ ଉତ୍ତର;
'ଶଶୀଙ୍କ ପାଇଥାନ୍ତି ଖର-କର ହେ । ୯୭ ।

ରତ୍ନପାଦୁକା ଦେବ ମୋ ଶିରଦେଶ
ବହୁପାରିବ ମଣ୍ଡି ଯେସନେ ଶେଷ,
ମସ୍ତକେ ଶୋଭୁଥିଲେ ଫଣାମଣି;
ଅରାତିକୁଳ ମୋତେ ମଣିବେ ଫଣୀ ହେ ।' ୯୮ ।

ପାଦୁକା ଦେଲେ ପ୍ରଭୁ ଭରତ କରେ
ଘେନିଲେ ଧରି ତାହା ସ୍ୱ ମସ୍ତକରେ,
ବାଷ୍ପକ୍ତ ବାରମଣି ଅଶ୍ରୁ ନେତ୍ରରେ;
ଲଭିଲେ ରାଜଲକ୍ଷ୍ମୀ-ଦୁଃଖ-ମୋଚନେ ସେ । ୯୯

ଚଉଦ ବର୍ଷ ଶେଷେ ଅମ୍ବର ପଥ
ଅନାଉଥିଲେ ଉଡ଼ି ଲାଗିଲା ରଥ,
ଶାଶୂମାନଙ୍କ ପଦଧୂଳି ସ୍ପର୍ଶ—
କଲି ମୁଁ ରଥୁଁ କରି ଅବରୋହଣ ଗୋ । ୧୦୦ ।

ପାଦୁକ ସପତ୍ନୀକ ପ୍ରଭୁଙ୍କ ଦେଖି
ଭରତ ମୁଦ-ନଦେ ମନ ମଜ୍ଜାଇ,
ପାଦୁକା ପ୍ରତ୍ୟର୍ପଣ କରି ପଦରେ;
ପ୍ରଭୁଙ୍କୁ ପୂଜା କଲେ ଛାଡ଼ି ସ୍ୱମତେ ହେ । ୧୦୧ ।

---

୯୭ । ଶୀତମୟୂଖ—ଚନ୍ଦ୍ର, ହେତି—ବାସୁକୀ ।

୯୮ । ଅରାତିକୁଳ—ଶତ୍ରୁକୁଳ, ଫଣୀ—ସର୍ପ ପରି ଭୟଙ୍କର ।

୧୦୦ । ଅବରୋହଣ - ଓହ୍ଲାଇ ।

୧୦୧ । ସପତ୍ନୀକ—ପାବକ ମାଆର ସୂଅ, ପାଦୁକା—ପାଦ ଖଡ଼, ପ୍ରତ୍ୟର୍ପଣ - ଫେରାଇ ଦେଲେ ।

ମୋ କାନ୍ତ ରାଜା ହେଲେ, ମୁଁ ହେଲି ରାଣୀ
ଦେଖିଲି ପର ପ୍ରଭୁ-ମାନସ ଜାଣି,
ମୋ' ମନେ ଯେତେ ଯାହା ହୁଏ ଉଦୟ;
ସତ୍ୱରେ ହୁଏ ତାହା ସୁସମ୍ପାଦିତ ଗୋ ! ୧୦୨ ।
ରାଜ-ପୀଠ ବସି ପ୍ରୀତି-ନାବରେ
ବିହାର କରୁଥିଲୁଁ ସୁଖ-ସାଗରେ,
ସମ୍ପଦ-ତରଙ୍ଗରେ ନାଚୁ ବସୁଧା;
ମଜ୍ଜାଇଦେଲୁଁ ଶୋକ କୌତୁକପର ଗୋ ! ୧୦୩ ।
କେ ଜାଣିଥିଲା ମୋର ଲଲାଟେ ଗୁପ୍ତ
ଅସୀମ ଦୁଃଖ-ଲିପି ରହିଛି ଲିପ୍ତ,
ସମ୍ପଦରୂପୀ ଘୋର ବଡ଼ବାନଳ;
ସୁଖକୁ ଧ୍ୱଂସ କରି ଦେବ ସକଳ ଗୋ ! ୧୦୪ ।
ଦୁଃଖ-ଶୋକ-ରୋଷ-ରଞ୍ଜିତ ନଭ
ସରିଏ ସ୍ୱର୍ଗ ଶେଷେ ହେଲା ମୋ ଗର୍ଭ,
ଦୋହଦ ସ୍ଫୁରଣେ ମନ ହେଲା ତତ୍ପର;
ପ୍ରାଣେଶ ପ୍ରେମବଶେ ଅଧିକତର ଗୋ ! ୧୦୫ ।
ତପିନ ବାନ୍ଧବଙ୍କ ସଙ୍ଗେ ବସିବେ
ଶ୍ରୀକାନ୍ତ ବୋଲି କାନ୍ତେ କହିଲି ଯବେ,
ସେହି ରଜନୀ ସତ୍ତ୍ୱ, ନୋହୁ ପ୍ରଭାତ;
ଲକ୍ଷ୍ମଣ ଦ୍ୱାରେ ମୋତେ ପେଷିଲେ ନାଥ ଗୋ ! ୧୦୬ ।
ଲକ୍ଷ୍ମଣ ଆଣି ମତେ ଜାହ୍ନବୀ-ତୀରେ
ନାବୁଁ ଓହ୍ଲାଇ ଯାହା କହିଲେ ଧୀରେ—
ଶୁଣୁ ଜଳୁଛି ହେଲା ସତେ କର୍ଣ୍ଣ;
ଭାବିଲେ ହୃଦି ଅତି ଯାତନା ଜନ୍ମ ଦେଇ ! ୧୦୭ ।

---

୧୦୪ । ଲଲାଟେ—ଭାଗ୍ୟରେ, ଲିପ୍ତ—ଅଙ୍କିତ କରିଅଛି, ବଡ଼ବାନଳ—ସମୁଦ୍ର ଗର୍ଭର ଅଗ୍ନି ।

୧୦୫ । ଦୋହଦ—ଗର୍ଭବତୀର ଅଭିଳାଷ ।

ଘୁଷିଲେ ଅବଗାଳ କ୍ଷେତ୍ରକ-ଫୁଟର
ଧଇଲେ ମୁଣ୍ଡଚୂଡ଼ା ତାଙ୍କ ସହିତରେ,
ବାନ୍ଧିଲେ ଅଜେ ମୁଦେଶ ମୁଖ ଲଗାଇ;
ଶୁଣି ତାପସୀମାନେ ଆସିଲେ ଧାଇଁ ସେ ! ୧୦୮ ।

ଦେବଙ୍କି ସେହ ବେଶେ କୁଟୀରେ ସା.ଇ
କହିଲେ ନାନା କଥା ତାଙ୍କୁ ଉଦ୍ଧାଇ,
ପାଏସେ ଜଳଦାନ ସୁସ୍ନେହନ—
ଘୁଷ୍ଟର କଥା ନେଇ କଲେ ଶୟନ ସେ ! ୧୦୯ ।

---

୧୦୭ । ନିଷ୍କୁଷ୍ଣ—ଆବଦ୍ଧ ।
୧୦୮ । ଅବଗାଳ—ଅବକରଣ ।

# ଅଷ୍ଟମ ସର୍ଗ

## (କେଦାର-କାମୋଦ)

ଏବନେ ସମ୍ପଦ ବହ୍ନିନ୍ନ ଶମ
ବସନ୍ତ ଗତି ବନେ ହେଲ ଗ୍ରୀଷମ,
ସୁଧା-ଶକଟ ଯଥା ହୁଏ ପ୍ରଚଣ୍ଡ;
ପ୍ରଚଣ୍ଡତର ହୋଇ ଆସିଲା ଦଣ୍ଡ ।୧।

ଧୂଳି-ବାଷ୍ପ-ଶୋଭ ତୃଷ୍ଣାର ପଣ
ସଞ୍ଚାର କଲା ମୃଗତୃଷ୍ଣା ସୁପଣ୍ଡ,
ଜ୍ୱଳା ଝଡ଼ିଲା କେଜି ଶାଲ୍ମଳୀ ତରୁ;
କୃପଣ ଧନ କାଳେ ଝଡ଼େ ଶାଖରୁ ।୨।

ପଲାଶ ଅଙ୍ଗେ ନାହିଁ ପୁଷ୍ପ ସୁରଙ୍ଗ
ଅନିତ୍ୟ ଏଶ୍ୱର୍ଯ୍ୟ ଭବ-ପ୍ରସଙ୍ଗ,
ତାହେ ଅଧିକତର ମଲ୍ଲୀ ଫୁଟିଲା;
ଅଧିକ ବାସ ତାର ଅଙ୍ଗୁ ଛୁଟିଲା ।୩।

ସାଧୁ-ହୃଦୟ ତାହେ ହୁଏ ଅଚଳ
ବରଞ୍ଚ ହୁଏ ଶାନ୍ତି-ଗୁଣ ପ୍ରବଳ,

---

୧ । ପ୍ରଖର—ପ୍ରଚଣ୍ଡ—ପ୍ରବଳ ।

୨ । ମୃଗତୃଷ୍ଣା—ମରୀଚିକା ।

୩ । ଅନିତ୍ୟ—ଅଳ୍ପକାଳ ସ୍ଥାୟୀ, ଭବ-ପ୍ରସଙ୍ଗ—ପୃଥିବୀ ସମ୍ବନ୍ଧୀୟ ।

କୁଟଜ ଅନାଇଲା ତାକୁ ସ୍ୱଗଣେ;
ସାଧବ ପାଇଁ ସାଧୁ ଅବଶ୍ୟ ରକ୍ଷେ । ୪ ।

ଏକ ମୁଦବନ୍ଧୁ ମୁଦେଁ କଲେ ବକୁଳ
ଶ୍ରୀପଦେ କରୁଥିବା ବାସ ପ୍ରସାର,
ବଢ଼ିଲା ତେଜିଲେ ମଣ୍ଡ ତେଜବ ଶୀତଳ;
ଶାନ୍ତି ଲଭିବେ ଜୀବଜନ୍ତୁ ସକଳ । ୫ ।

କଦମ୍ବ କେତକୀ ଓ ବାସ କୁସୁମ
କୁନ୍ଦ୍ର, କରିବେ ଦେ ଲୋକତର୍ପଣ,
ଅର୍ପଣ କରି ଜନ-ରଞ୍ଜନ ସ୍ୱର
ଟେକିବା ସୁଧି ସୁଧି ତରୁ ସଂସାର ! ୬ ।

ପ୍ରଚଣ୍ଡ କମଳମା ଲୁଣ୍ଠାଇ ମଥା
ସ୍ୱର୍ଣ୍ଣେ ସମର୍ପଣ କରି ଦେ କଥା,
ବୋଲିଲା ମୁହିଁ ଆଜି ତୁମ୍ଭର ସଙ୍ଗେଁ,
ଯାଚିବି କାଳ-ସିନ୍ଧୁ-ତୁଙ୍ଗ-ତରଙ୍ଗେ । ୭ ।

ମହୀ ବୋଇଲା ତାକୁ ପାରିବୁ କାହିଁ ?
ତୋ କାନ୍ତ ସ୍ୱଳୁ ତୋତେ ଛାଡ଼ିବେ ନାହିଁ ।
ବୋଇଲା ତମଲଣୀ ଯୋଡ଼ିଲେ ପଦ,
ଗୁହିବେ ନାହିଁ କାନ୍ତ ମୋର ବଦନ । ୮ ।

ବସନ୍ତେ କରି କାନ୍ତ ଧନ ସ୍ଥାପନ
କରିବ ଲକ୍ଷ-କୁଞ୍ଜ ଉଦ୍ୟାପନ;
କାନ୍ତ ମୋ ଧନ ଭେଦପାରନ୍ତି କାହିଁ,
ସ୍ୱନ୍ତ୍ରୀ ଭୂଷେ ଲୋକମଙ୍ଗଳ ପାଇଁ । ୯ ।

---

୪ । କୁଟଜ—କୁଡ଼ଚିଙ୍କ ଫୁଲ, ଗିରି ମଲ୍ଲିକା ।
୬ । ଲୋକତର୍ପଣ—ଲୋକଙ୍କ ତୃପ୍ତି ସାଧନ ।
୭ । ପ୍ରଚଣ୍ଡ—ପ୍ରତାପୀ ।

ଅଧିକ ଧନ ନାଥ-ପ୍ରେମାନୁଭୂତ
ଲୋପ କରିବ କାହିଁ ? କାହିଁ ମୋ ସାଧ୍ୟ,
ତାଙ୍କ ଚରଣ କରୁଥିବ ସ୍ମରଣ;
ମରଣ ନେବ ମୋତେ କରି ବରଣ । ୧୦ ।

ଏ ଜନ୍ମେ ଜନ୍ମଦନ ଘଟିଲେ ଦୁଃଖ
ଖଣ୍ଡିବ ପର ଜନ୍ମେ ସ୍ୱାମୀ-ଶ୍ରୀମୁଖ,
ସେ କଥା ନା'କଣ୍ଠଙ୍କ ଜୀବ-ଗ୍ରହଣେ;
ଯତ୍ନେ ଆଚରଣ ମଣି ଜୀବନେ । ୧୧ ।

ବୋଇଲେ ପଦ୍ମଜା ଶୁଣ ଅଟୁ ସାଧବୀ
ଦେଖୁଛି ତୋ ହେତୁ ପୁଣ୍ୟମୟୀ ପଦବୀ,
ବନ୍ଧୁରେ ମୁହିଁ ତୋର ଅଟେ ଭଗିନୀ;
ତହିଁ ଉପରେ ପୁଣି ସଖ୍ୟ-ସଙ୍ଗିନୀ ! ୧୨ ।

ତୋ ଯଶ ସ୍ୱାମୀ-ପ୍ରେମ ଖେଳିଲ ବନେ
ସ୍ୱଚ୍ଛ ଅମୃତମୟ ସୁଖ ଭବନେ;
ତେଜା କାନ୍ତି ପ୍ରଭାକର ଉଦୟ-ନାଥ,
ସେ ବରଣ କାର ଧରାନାଥ ମୋ କାନ୍ତ । ୧୩ ।

କହୁଛି ଶାସ୍ତ୍ର ସତ ଭବିଷ୍ୟ ଗତି
ଆଗୁଁ ମୁଁ ଲଭିଲିଣି ଦେହ ପଦ୍ଧତି,
ଧନ୍ୟ ତୋ ବ୍ରତ, ଧନ୍ୟ ଧନ୍ୟ ତୁ ସତୀ,
ଯାବତେ ମୋର ଏଥି ହେଉ ଶ୍ରୁତି-ମତି । ୧୪ ।

---

୧୨ । ପଦବୀ—ପଥ ।
୧୩ । ସ୍ୱଚ୍ଛ—ନିର୍ମଳ, ଅମୃତ—ସୁଧା ଓ ଜଳ, ପ୍ରଭାକର—ସୂର୍ଯ୍ୟ ।
ଧରାନାଥ ପୃଥିବୀର ରାଜା ।
୧୪ । ପଦ୍ଧତି—ମାର୍ଗ ।

ମ୍ଲେଚ୍ଛ ବଚନେ କରୁ ଧୂଳି ଅର୍ଜନ
କରିଅଛନ୍ତି ଜାତ୍ୟ ମୋତେ ବର୍ଜନ;
ମୋ' ସ୍ୱତ୍ୱ ପ୍ରକାଶେ ସ୍ୱାମୀ-ଦର୍ଶନେ,
ଶମ ହେବ କି ? କହ ଧନ୍ୟ ଅର୍ଶିନେ ! ୧୫ ।

ଶୀତଳ-ଶତଦଳ-ଦଳରୁ ତଳେ
ଘନ ଶ୍ୟାମଳ-ବକ୍ଷ-ସରସୀଜଳେ,
ମଧ୍ୟାହ୍ନ କଟାଇଲେ କୋକ-ଦମ୍ପତି,
ରାଜହଂସୀକ ସଙ୍ଗେ ଚେଳ ତା' ପଛ । ୧୬ ।

ଚଞ୍ଚୁରୀ କାରଣ୍ଡବ କାଣ୍ଡରୁ ବଣ୍ଟି
କମଳ-ବନେ ନିମ୍ନ-ନୀଳ ରଚି,
ଛାଡ଼ି ବଶାଳ-ପଥ-ବସିଲେ ବଶା
ହୋଇ ଅନ୍ତେମ ହେଲ ବନ-ପାରଣା । ୧୭ ।

ଲୁଚନ୍ତି ଶତପଥ-ପଥ-ଛିଦରେ
ପଙ୍କ ଶମ୍ଭୁକା ଲାଗି ବସି ଛିଦରେ,
ମଣ୍ଡୂକ ବୁଦ୍‌ବୁଦ ଦକା ନାଭରେ;
ନ ବସୁଁ ଛୁଆଁ ମାରିବ ଢୁଣ୍ଢୁଭ ତରେ । ୧୮ ।

---

୧୫ । ମ୍ଲେଚ୍ଛ-ବଚନ—ମ୍ଲେଚ୍ଛାପବାଦ, ବର୍ଜନ—ପରିତ୍ୟାଗ ।

୧୬ । ଦଳ—ପତ୍ର, ମଧ୍ୟାହ୍ନ—ଦ୍ୱିପ୍ରହର, କୋକ-ଦମ୍ପତି—ଚକବାକ ଯୁଗଳ ।

୧୭ । କାରଣ୍ଡବ—ପାଣି କୁଆ, ବସିଲେ—ବସନ୍ତେ, ବଶା—ନାଶ ଭୂଲି, ଅନ୍ତେମ—ଶେଷରେ, ବନ-ପାରଣା—ବନର ଖାଦ୍ୟ ।

୧୮ । ଛିଦ୍ରେ—ଗର୍ଭରେ, ଛିଦରେ—ଜଳରେ, ମଣ୍ଡୂକ—ବେଙ୍ଗ, ଢୁଣ୍ଢୁଭ—ଧଣ୍ଡ ସାପ ।

ବଣାରେ ବସି କିଏ ରସାଳ-ଡାଳେ
ଆଜ କୁଳାୟ-ପାଶେ ପକ୍ଷ-ଝାଡ଼ିଲେ,
ପିପାସା ସଙ୍ଗ କ୍ଷୁଧା ନ ଜାଣିଲେ;
ଲୁଚନ୍ତି ସେବନ୍ତି ଅଧ ଭକ୍ଷ ଭକ୍ଷିଲେ । ୧୯ ।

ନମୃତ ନାହିଁ ଚଟା ସଙ୍ଗର ଯୁଦ୍ଧ
ମଲ୍ଲ-ମୂଳ-ଗୁରୁଙ୍କ-ପାଳକ-ଶୁଦ୍ଧ,
କହୁଛି ନାହିଁ ଭଙ୍ଗୀ ସ୍ୱଭାବ ପଣ
ସୋଦର ଶୁଦ୍ଧି କୋପେ ଦେଖାଇ ସ୍ୱପକ୍ଷ । ୨୦ ।

ଘୁଙ୍ଘାଉଅଛି ଦିନ ତାକୁ ଆହାର
କହୁଥା ଶୁଣି ସଖୀ ହୁଏ କାହାର ?
ବସିଛୁ ପୀନ କାଦମ୍ବ ପୁଷ୍ପ ହୃଦରେ,
କଣ୍ଟାଳ ଶାଳତରୁ-ଡାଳେ ମୁଦରେ । ୨୧ ।

ସ୍ୱଧିକ-ବଦନ ବସି ଶୁକ ସକଳେ
ଖେଚନ-ବ୍ୟାପକେ କାନ୍ତି ମଧୂକ ଫଳ,
ଦ୍ୱିଜ-ସ୍ୱଭାବେ କରୁଛନ୍ତି ଅର୍ଚ୍ଚନ,
ସୁଖ ପଣ୍ଡିତା ଭ୍ରମ-ବୁଦ୍ଧି ଲକ୍ଷଣ । ୨୨ ।

---

୧୯ । କୁଳାୟ—ପକ୍ଷୀମାନଙ୍କର ବସା ।

୨୦ । ଚଟା—ସମରଶୀଳ ପକ୍ଷୀବିଶେଷ । ଏହାର ଯୁଦ୍ଧ ଦେଖିବା ପାଇଁ ଲୋକେ ଆଗ୍ରହ ହୋଇଥାନ୍ତି । କଥିତ ଅଛି – ଏକ ଚଟା ପକ୍ଷୀ ଅନ୍ୟ ଚଟା ପକ୍ଷୀକୁ ଦେଖିଲେ ଯୁଦ୍ଧ ଉଦ୍ଦେଶ୍ୟରେ ପକ୍ଷ ସ୍ଫାଳନା କରି ସେହି ମଧୁର ରବ କରିଥାଏ ।

୨୨ । ମଧୂକ—ମହୁଲ, ଦ୍ୱିଜ – ପକ୍ଷୀ, ଶୁକପକ୍ଷୀ କାନ୍ତିଥିବାର ତୋଳିଲୁ (ମହୁଲ ଫଳ) ଦେଖି ଅନେକ ବୁଦ୍ଧି ଉଦ୍ଦିଷ୍ଟ କରିଥାନ୍ତି ।

ତମସା-ତଟ-ବଟ-ବିଟପୀ-ତଳ
ଶାଦ୍ୱଳ କିଶଳୟ-ଛାୟା-ଶୀତଳ,
ତହିଁ କୁଟଜ-ବାଟ-ମୂର୍ତ୍ତି-ଉଟଜେ
ସଜ୍ଜନେ ଶୀଘ୍ର ଶାନ୍ତ-ଚରଣେ ଭଜେ । ୨୩ ।

ବାଲ୍ମୀକି ବସି ତହିଁ ଜ୍ଞାନ-ନୟନ
ଫିଟାଇ ଦେଖୁଛନ୍ତି ଶ୍ରୀରାମାୟଣ,
ତାପସ-ବୃନ୍ଦ କାହିଁ କେ ଅଧ୍ୟୟନ;
କେ କାହିଁ କରୁଛନ୍ତି ବେଦ-ଗାୟନ । ୨୪ ।

ଶୁକ୍ଳ-ଶରଭ-ସ୍ୱରେ ଆକାଶୀ ଗୀତା
ତାପସୀ-ପରିବେଶେ ସ୍ୱୀୟା ବେଷ୍ଟିତା,
ନବଢ଼ ନିକୁଞ୍ଜରେ ପଲ୍ଲବାସନେ;
ଶାନ୍ତେ ସେବନ୍ତି ବସି-ସ୍ଥିର-ଦର୍ଶନେ । ୨୫ ।

ପରିଧି-ଯୁକ୍ତ କି ସେ ଚନ୍ଦ୍ରମଣ୍ଡଳ
ରାକା-ବଦାନ୍ୟେ ଉଦେ ଅସ୍ତ-ଅଚଳ,
ଘନ-ପାଣ୍ଡୁର-ଖଣ୍ଡ ଖେଦ-ପଟଳ;
ଶିଶିର ପଡ଼ୁ ଧୂମ ଜଳନ-ଜାଳ । ୨୬ ।

ତାପସୀ ମଧ୍ୟେ ରାଜ୍ଞୀ ଶ୍ରୀରାମ-ରାଣୀ
ଲଙ୍କା ରାକ୍ଷସୀ-ବୃନ୍ଦ ମଧ୍ୟରୁ ଆଣି,
ଭାବନ୍ତି ତାପସୀଙ୍କ ଦୃଷ୍ଟିରେ ଭାବ,
ରାକ୍ଷସୀ ନାରୀଙ୍କଠୁ ମନ ସ୍ୱଭାବ । ୨୭ ।

---

୨୩ । ଶାଦ୍ୱଳ—ଶ୍ୟାମ, କିଶଳୟ—ନବପଲ୍ଲବ, ଉଟଜ— କୁଡ଼ିଆ ।

୨୬ । ରାକା—ପୂର୍ଣ୍ଣିମା ।

୨୭ । ବୃନ୍ଦ—ବାନ୍ଧ, ଦେବକ ।

ମନେ ପଡ଼ନ୍ତେ ବୀର ବାତ ନନ୍ଦନ
ବାତଦେବଙ୍କୁ କଲେ ଅଭିନନ୍ଦନ,
ତାଳ-ବୃନ୍ତରେ ଦେବୀ ପାଦରେ ବସି;
ପ୍ରସାଦ ଲାଭ କଲେ ଶୀତଳ-ଶ୍ୱସି । ୨୮ ।

ଏକାଳେ ଆରେ ଆସି ଚନ୍ଦ୍ରା-ସୁନ୍ଦରୀ
ବୋଇଲା ବଚନରେ ବିନୟ ଭରି;
"ଦେବି ହେ ! ଦ୍ୱାରେ ଆସି କେତେକ ଜନ;
ବାଞ୍ଛନ୍ତି ଉତ୍କଣ୍ଠି ତୁମ୍ଭ ଦର୍ଶନ । ୨୯ ।

ବଳ୍କଳ ପିନ୍ଧି ଆସି ଅଛନ୍ତି ପରି
ଧନ୍ୟ ଦିଦୃକ୍ଷା ଗଣି ନାହିଁ ଏ ଦୂରି,
ଦେଖିଲେ ମନୋହର ରୂପ ତାଙ୍କର,
ହୃଦୟ ହୋଇଯାଏ ପ୍ରୀତି-ଆକର" । ୩୦ ।

ଦେବୀ ବୋଇଲେ, "ସଖୀ, ଆଣ ସତ୍ୱର
ଧନ୍ୟ ମୋ ଭାଗ୍ୟ ! ମୋତେ ଏତେ ଆଦର,
ତାଙ୍କ ଦର୍ଶନେ ମୋର ନୟନଦ୍ୱୟ:
କରିବେ ପାପ-ତାପ ଅବଶ୍ୟ କ୍ଷୟ" । ୩୧ ।

ଦେବୀ ଆଦେଶେ ଜଣେ ପ୍ରଥମେ ଆସି
ବୋଇଲା ମୃଦୁ-ମନ୍ଦ ହାସ ପ୍ରକାଶି,
ଶୁଭ୍ର-ପରିଚ୍ଛଦ ବାନ୍ଧବ ପରି;
ଶ୍ରବଣେ ବାକ୍ୟ ସୁଧା ସେଚନ କରି । ୩୨ ।

---

୨୮ । ବାତନନ୍ଦନ—ହନୁମାନ, ଶୀତଳ-ଶ୍ୱାସ—ଥଣ୍ଡା ପବନ, ତାଳବୃନ୍ତ—ତାଳପତ୍ର ପଙ୍ଖା ।

୩୦ । ଦିଦୃକ୍ଷା – ଦେଖିବାର ଇଚ୍ଛା, ଗଣି ନାହିଁ—ଗଣନା କରି ନାହିଁ, ଆକର—ଖଣି ।

୩୨ । ସେଚନ—ଢାଳି ।

“ଦେବ ଦେଖା, ଶୁଣ କଥା ଅଛି କି ମନେ ?
ତରୁଣ ଦେଇଥିଲ ମୋର ସଦନେ,
ଘୁଞ୍ଚି ଶ୍ରୀଅଙ୍ଗ ଚେତନେ ମୋ ଅବସ୍ଥ;
ଲଭିଥିଲି ଏହି ଧନ୍ୟ-ପୁଷ୍ପ-ବିଭବ । ୩୩ ।
ଦେଖ ପ୍ରଶ୍ନ-ବ୍ୟସନେଶ ମୋର ନିର୍ଝର
ଝରନ୍ତି ଆନନ୍ଦରେ ହୋଇ ଜର୍ଜର,
କୁସୁମକୁଳ ହୋଇ, ପ୍ରଫୁଲ୍ଲ-ଆସ୍ୟ
ନିନ୍ଦନ୍ତି ନନ୍ଦନକୁ ଦେଖାଇ ହାସ୍ୟ । ୩୪ ।
ଶରତ-ନିଶି ହୋଇ ଚନ୍ଦ୍ରବାସିତ
ଶରଦବାସୀଙ୍କି କରେ ସମୁଲ୍ଲାସିତ;
ପ୍ରୀତିପାଳିତ ତୁମ୍ଭ ମଣ୍ଡୁରଗଣ
ଘୁଟେ ବହନ୍ତି ନିତି ଗୁଣ ଗାୟନ । ୩୫ ।
ତୁମ୍ଭ ଦର୍ଶନ-ଆଶା ରଖି ଅଟଳ
ଅବକ୍ଷୁ ଅବ ଆଣି ମେଘପଟଳ,
ନେହନ୍ତି ଭ୍ରମି ଭ୍ରମି ବନ୍ଦିକ ପଣ;
କାହିଁ ଅଛନ୍ତି ବୋଲି ଗୀତା ସୁନ୍ଦରୀ । ୩୬ ।
ପୁଛନ୍ତି ମୋତେ ମନ୍ଦ୍ର-ତମ୍ବୁର ସ୍ୱରେ,
ମାନନ୍ତି କାହିଁ କେବେ ‘କାହିଁ’ ଉତ୍ତରେ ।
ଖୋଜନ୍ତି ପୁଣି ଶମ୍ପା-ଆଲୋକ ଧରି
ନିଶ୍ଚୟ ଅଛ ବୋଲି ଗୀତା ସୁନ୍ଦରୀ । ୩୭ ।

---

୩୩ । ସଦନ — ଘର, ଅବସ୍ଥ — ଶଯ୍ୟା, ବିଭବ — ସମ୍ପତ୍ତି ।

୩୪ । ଜର୍ଜର — ଜରଜର, ଆର୍ଦ୍ର । ନନ୍ଦନ — ଇନ୍ଦ୍ରଙ୍କ ପ୍ରମୋଦ ଉଦ୍ୟାନ ।

୩୫ । ସମୁଲ୍ଲାସିତ — ଅତ୍ୟନ୍ତ ଆନନ୍ଦ ଦାନ କରେ ।

୩୬ । ଅଟଳ — ସ୍ଥିର, ନିଶ୍ଚଳ । ପଟଳ — ସମୂହ ।

୩୭ । ଶମ୍ପା — ବିଜୁଳି ।

ତନ୍ତୁ କି ଦେବ, ଆଜି ଏ ସ୍ୱର୍ଗସ୍ଥଳେ ?
ଅର୍ପିଛ ଶ୍ରୀରାମଙ୍କୁ ଅନେକ ଧନେ,
ତୁମ୍ଭ ଚରଣ-ରଜେ ମଣ୍ଡି ମୁକୁଟ
ହୋଇଛୁ ଗର୍ବବାନ 'ମୁଁ ଚିତ୍ରକୂଟ' !" ୩୮ ।

ତା'ପରେ ଦିଶ ଏକ ନବ ରଙ୍ଗିଣୀ
ସ୍ୱଚ୍ଛ-ଉଜ୍ଜ୍ୱଳ-କାନ୍ତି ମନ୍ଦାକିନୀ,
ଜନ୍ତୁ ଆତପ-ତାପ-ଦର୍ପ-ଗଞ୍ଜିନୀ,
କାନନ-ସୁନ୍ଦରୀଙ୍କ କର-ସଙ୍ଗିନୀ । ୩୯ ।

ଶୀକରଶୋଭିତ ଶିରୀଷ-ମଲ୍ଲିକା-ମାଳେ,
ମଧୁକେ ମନୋହର ନିକ୍ୱଣ ଛଳେ,
କର୍ଣ୍ଣ-ଭୂଷଣ କମ୍ବୁ ନୀଳ ରତନ
ଶୁଦ୍ଧ କରିଛି କଟି-ଭୂଷା ରଚନ । ୪୦ ।

କାନନବାସୀ-ମୃଗ ମନମୋହନୀ
ସ୍ନିଗ୍ଧ-କୁଟିଳ-ନୀଳ-ବେଣୀ-ଶୋଭିନୀ,
କୋମଳ କଲସ୍ୱନେ ପ୍ରସନ୍ନ ମୁଖେ
ମଧୁରେ କହିଲା ସୀତା-ସମ୍ମୁଖେ । ୪୧ ।

"ଶୁଣିଲେ, କୃତଜ୍ଞତା ଯେବେ ମୋହର
ମୁଁ ଚିରଋଣୀ ହେବୁ ରହେ ତୋହର,
ସ୍ୱପ୍ନିକ ଋଣ କାହିଁ ! ନାହିଁ ମୋ ଶକ୍ତି;
କୃତାର୍ଥ କର ସତୀ, ଦେଇ ମୋ ଭକ୍ତି । ୪୨ ।

---

୩୮ । ରଜ—ଧୂଳି, ଚିତ୍ରକୂଟ ରାମଗିରି ପର୍ବତ । ବନବାସ କାଳରେ ରାମଚନ୍ଦ୍ର ଏହି ପର୍ବତ ଶିଖରରେ କିଛିକାଳ ଅବସ୍ଥାନ କରିଥିଲେ ।

ମନ୍ଦରେ ମୋ ପରି ନାହାନ୍ତି କେତେ ?
କେଉଁ କାହିଁ ପାଇଛୁ ତୋ କୃପା ଏତେ ?
ତୋ ଶୁଭ ଦୃଷ୍ଟିପାତ ଲଭିଲି ଯେଣୁ,
ମୋ ବାଲି ହୋଇଅଛି ସୁବର୍ଣ୍ଣ-ରେଣୁ । ୪୩ ।
ନୀଡ଼ାରେ ରଖିବାକୁ ତୋ ଦାନ୍ୟଶେଣୀ,
ମୋ ଉର କରିଦେଲୁ ହୀରକ-ଶ୍ରେଣୀ;
ଆଜି ଚିତ୍ରୋତ୍ପଳା-ସୁତା ଶ୍ରୀବତ୍ସ-ପଦା,
ତୋ ଦୟା ଗୁଣାଧିରେ ମୁଁ 'ମହାନଦୀ' ।" ୪୪ ।
ଅଲକା ଗୋଦାବରୀ ବରଦା-କାଞ୍ଚୀ
କବଳେ ପଡ଼ିଅଛି ବିଷାଦ-ଗ୍ରସ୍ତା,
ଭାବନେ ଗଣି ଗଣି ଅଶ୍ରୁ-ମୋଚନ,
ଅଛନ୍ତି ଯୋଛି ପୋଛି ପଦ୍ମ-ଲୋଚନ । ୪୫ ।
କଚଣ ଛଣମାନ ଉତ୍କଳ ରଙ୍ଗେ
ଗର୍ଭିତ କରି ଅଣିଥିଲା ତା ସଙ୍ଗେ,
ସୀତାଙ୍କ ଅନୁମତି ନେଇ ସତ୍ୱର
ଚିହ୍ନାଇ ଦେଖାଇଲା ପ୍ରବଳ ଧୁର । ୪୬ ।
କାହିଁ କୁସୁମାବଳୀ ବଲ୍ଲୀରୁ ଝଡ଼ି
ଝଞ୍ଝା-ଝଞ୍ଝାରେ ଯାଉଛି ସଢ଼ି,
ପାଦପମାନେ ଶୁଷ୍କ-ପତ୍ର-ଶେଷେ
ମଳିନ ବେଶେ ରହିଛନ୍ତି ନିସ୍ତେଜେ । ୪୭ ।

---

୪୩ । ମୋ ବାଲି···ମହାନଦୀର ବାଲିରେ ସ୍ୱର୍ଣ୍ଣରେଣୁ ମିଳେ । ଏହାକୁ ସ୍ଥାନୀୟ ଲୋକେ ସଂଗ୍ରହ କରନ୍ତି । ମୋ ଉର···ସମ୍ବଲପୁର ନିକଟରେ ହୀରାକୁଦ ଦ୍ୱୀପ ଅବସ୍ଥିତ । ଏଠାରେ ହୀରା ମିଳେ ବୋଲି ବିଶ୍ୱାସ କରାଯାଏ ।

୪୪ । ଚିତ୍ରୋତ୍ପଳା-ସୁତା— ହିମାଳୟ କନ୍ୟା, ଶ୍ରୀ ବତ୍ସ-ପଦା—ଗଙ୍ଗା ।

୪୭ । ଝଞ୍ଝା—ଘୂର୍ଣ୍ଣି, ଝଞ୍ଝା—ପ୍ରଚଣ୍ଡ କାରଣ, ସଢ଼ି—ନଷ୍ଟ ହୋଇଯାଇଛି, ନିସ୍ତେଜ—ତେଜୋହୀନ ।

ଯାହାର ଶାଖାଟିଏ ହୋଇ ଭୁଜଙ୍ଗ
ବରଜି ପାଶ କାହିଁ ପାଦପ-ଅଙ୍ଗ,
ତୃଣପଟଳେ ମାଗୁଅଛି ଶରଣ,
ତା' ଶିର ଚୁମ୍ବି, ଯାହା ପଦ ତରଣ, । ୪୮ ।
ପକ୍ଷୀ-ପୁରୀଷେ ଶୁଭ୍ର ପତ୍ର ସକଳ
ଯାହା ଶରୀର କରୁଅଛି ଧବଳ,
କେଉଁ ବା ଲୂତାଜାଲ୍ ମଳିନ-ବାସ
ବଦନେ ଢାଙ୍କି ନାଶିଅଛି ଉଲ୍ଲାସ । ୪୯ ।
ମସ୍ତକ ଦଳ ଯୁଝି ଘନ-ବ୍ରାତମ
ମୁହୁଃ-ପ୍ଲାବନେ ପାଉଛନ୍ତି କ୍ଲମ
କେତେକେ ବା ଲୁଠ ଲୁଠି ଉପରତଳେ;
ଉଦର ଦେଖାଉଛନ୍ତି ବସି ନଭଲେ । ୫୦ ।
ବନ୍ୟ ମହିଷ କାହିଁ ଦଳକୁ ଦଳ
ପଙ୍କିଳ କରୁଛନ୍ତି ସରସୀ-ଜଳ;
ଶୂକର-ଯୂଥ ହୋଇ କର୍ଦ୍ଦମ ଲିପ୍ତ
ଲୁଲାୟ-ପଦେ ହେଉଅଛନ୍ତି କ୍ଷିପ୍ତ । ୫୧ ।
କାହିଁ ବା ଅଜଗର ଆହାର ଅନ୍ୱେଷେ
ପଡ଼ିଛି ବାସ୍ତୁ ସମ ସ୍ଥୂଳ ପାଶେ,
ତା ପାଶେ ଯୁଝି ମୃଗଯୂଥ-ଅଗ୍ରଣୀ ।
ଶାର୍ଦ୍ଦୂଳ ଲୁଚି ଚାଟୁଅଛି ସୃକ୍କଣୀ । ୫୨ ।

---

୪୮ । ବରଜି—ତ୍ୟାଗକରି ।

୪୯ । ଘନତେ—ଜଳ ଦ୍ୱାରା, ମୁହୁଃ-ପ୍ଲାବନ—ବାରମ୍ବାର ଢେଉଁ ଜଳ । କ୍ଲମ—କ୍ଲାନ୍ତି ।

୫୧ । କର୍ଦ୍ଦମ—ପଙ୍କ, ଲୁଲାୟ—ମହିଷ, ସେ ସଦା ପଙ୍କରେ ଅଲଙ୍କୃତ ହୁଏ ।

୫୨ । ଶାର୍ଦ୍ଦୂଳ—ବାଘ, ସୃକ୍କଣୀ—ଓଷ୍ଠର ପ୍ରାନ୍ତଭାଗ ।

ପୁଣି ଦେଖିଲେ ଘୋର ଦାବ-ଦହନ
ଧୂମ-ତମିରେ ପୂର୍ଣ୍ଣ କରି ଗଗନ,
ଅଗଣ୍ୟ-ଶାଖା ଶିଖି-ଶିଖା ପ୍ରଚଣ୍ଡ
ତେଜେଁ ମିଶୁଛି ନଭେ ଦଣ୍ଡକୁ ଦଣ୍ଡ । ୫୩ ।

ଜ୍ୱଳନ୍ତ ପର୍ବତୁ ଛୁଟି ଗଗନ,
ଧୂମ-ବାହନେ କରୁଛନ୍ତି ଗମନ,
ଦୂର ପ୍ରଦେଶେ ଦର୍ଶି ସମ୍ବାଦ ଦହୁ
ତା ପରେ ଦେଉଛନ୍ତି ତାପରେ ଦହୁ । ୫୪ ।

କେତେ ପଶୁର ଉର୍ଦ୍ଧ୍ୱ ପଥେ ମରଣ
ହୋଇ ଗଗନେ ହେଉଅଛନ୍ତି ଲୀନ,
ପତତ୍ରୀ କେତେ ଖୋଜି ପଳାନ୍ତି ନଭେ
କେତେ ବା ପଡ଼ୁଛନ୍ତି ଅନଳ-ଗର୍ଭେ । ୫୫ ।

ମୃଗ ମହିଷ ଗଜ ଦଳକୁ ଦଳ
ଶଶ ଶୂକର ଶିବା ଭଲ୍ଲୁକ-ପଲ
ଧୂମପଟଳେ ମଗ୍ନ-ଘୂର୍ଣ୍ଣି-ଅନଳେ
ଅଛନ୍ତି କାନ୍ଦିଶୀକ ହୋଇ ସକଳେ । ୫୬ ।

---

୫୩ । ଶିଖି-ଶିଖା—ଅଗ୍ନିର ଶିଖା ।

୫୪ । ତା ପରେ—ତହିଁ ଉପରେ, ତାପରେ—ସନ୍ତାପରେ, ଦହୁ—ପୋଡ଼ିଦେବା ।

୫୫ । ପତତ୍ରୀ—ପକ୍ଷୀ, ଅନଳ—ଅଗ୍ନି ।

୫୬ । ଶଶ—ଠେକୁଆ, ଶୂକର—ବରାହ, ଶିବା—ବିଲୁଆ, ଭଲ୍ଲୁକ—ଭାଲୁ, କାନ୍ଦିଶୀକ—ଯେ ଭୟରେ ପଳାଇବାକୁ କୌଣସି ପଥ ନିର୍ଣ୍ଣୟ କରିପାରେ ନାହିଁ ।

ସୁପ୍ତ ଚକୋର ଚଞ୍ଚୁ ପୁଟକୋଷେ
ପଳାନ୍ତି ଚନ୍ଦ୍ରୁଁ ଚନ୍ଦ୍ର କର ପ୍ଲାବନ,
ଶାବକ ଧରି ପୁଚ୍ଛେ ଚେପୁ ବା କକ୍ଷେ
ଦଉଡ଼ିଛନ୍ତି ଧୂମେ ପଶନ୍ତି ଲକ୍ଷେ । ୫୭ ।
ସନ୍ତପ୍ତ-ସ୍ୱଚ୍ଛନ୍ଦ-ସ୍ରୋତ-ଅକୂଳ
ଭାସି ଅଛନ୍ତି ଜନ୍ତୁ ହୋଇ ଆକୁଳ,
ବୋଇଲା ଗୋଦାବରୀ, “ଦେଖିଲୁ ବତ୍ସେ;
ବନ୍ଧୁକା ଦଶା ତୋର ଛାଡ଼ିବା ପଛେ ।” ୫୮ ।
ବୋଇଲେ ସୀତା ପତି-ଦୁଃଖକାତର
“ହା ! ହା ! ବନ୍ଧୁକା ମୋର କେଳି-ପଞ୍ଜର,
ଧନ୍ୟ ତୁଅନ୍ତି ଜଳେ ସହିବ ଏଥି
ମୋ’ କେଳି-ଗୃହେ ରହି ଶାନ୍ତିର ବଧି ।” ୫୯ ।
ଅଯୋଧ୍ୟା ଚନ୍ଦ୍ରେ ଯଶ ଉତ୍ତମରେ ଦେଖା
ଜଣ ପଡ଼ିଲା ରାଜଲକ୍ଷ୍ମୀର ଲେଖା,
ଶୋକ-ଉଦବେଦ-ଦୁଃଖ-ବିକୃତ ସ୍ୱରେ
କହିଁ ତ ଉଦ୍ଦେଶ୍ୟ ଲକ୍ଷ୍ମୀଜନ ସ୍ୱପନରେ । ୬୦ ।
“ସଖି, ମୁଁ ଶଶୀ, ତୁହି ଥିଲୁ କୌମୁଦୀ
ଥିଲୁ ମୋ ନେତ୍ର-ଫୁଲ-କୁମୁଦ-ମୁଦ,
ତୋ’ ବିନା ନାହିଁ ଆଉ ମୋ’ ସୁଖ ଲେଶ;
ଧରିଛି ଭୂପ-ସ୍ୱଦା ଯୋଷାର ବେଶ । ୬୧ ।

---

୫୭ । ପୁଟକୋଷେ— ଯେଉଁ ବେଉଁ ଥିଲେ ଧାଏ, ମାଙ୍କଡ଼, ପ୍ଲାବନ—ବେଉଁ ଜଳ, ଶାବକ—ଛୁଆ, କକ୍ଷେ—କାଖରେ ।

୫୮ । ଅକୂଳ – କୂଳ ପର୍ଯ୍ୟନ୍ତ, ଆକୁଳ—ଉଦ୍ଦେଳରେ ।

୫୯ । କେଳି-ପଞ୍ଜର—କ୍ରୀଡ଼ାପଞ୍ଜୁରୀ :

୬୧ । ଶଶୀ – ଚନ୍ଦ୍ର, କୌମୁଦୀ—ଚନ୍ଦ୍ର କିରଣ, କୁମୁଦ—କଇଁଫୁଲ, ଯୋଷା—ସ୍ତ୍ରୀ ।

ସ୍ୱଜନ-ଭବନ ଆଜି ହୋଇଛି ବନ
ତୋହ୍ଲା ଶରଣ ତହିଁ ଦାବ-ଦହନ;
ସୁଦେବି, ଶତ୍ରୁ କର ଦେଉଛୁ ନାଶ
ଏଣୁ କି ଆଜି ସୁତ-ଶୋକ-ଅନଳାଏ ? ୬୨ ।

ପୋଷିଛୁ ସମ୍ଭାବ-ପଲ୍ଲବମୟ
ବିଶାଳ ସାଧୁ-ହୃଦ-ପାଦପଚୟ,
ସୁହାସ-ସୁବାସିତ କୁସୁମ-ବଣ
ଅଗ୍ନି ଯନ୍ତ୍ରକେ ତହିଁ ହୋଉଛୁ ଧ୍ୱଂସ ! ୬୩ ।

ଶାନ୍ତି-ସୁରଭି-ମୃଗ ଧର୍ମ-ଜନ୍ତୁ
ବିଷାଦ-ଧୂମେ ପ୍ରାଣ ଅସ୍ଥିର କରି,
ତିତିକ୍ଷା-ଶଙ୍କରର ହୃଦରେ ଥାଇ
ଅବଶ୍ୟ ଦେଉଛନ୍ତି ତନୁ ମଞ୍ଜାଇ । ୬୪ ।

ଖଳ-ହୃଦୟ ବଳବନ୍ତ-ଶ୍ୱାପଦ
ତାଙ୍କୁ କି ଭ୍ରଷ୍ଟ ନାହିଁ ସେଥି ଆପଦ,
ଏବେ ଖିନ୍ନ-ହୃଦ-ସିନ୍ଧୁ-ଅନଳ;
ସବଳେ ହୋଇଛୁ ତା'ର ବାଡ଼ବାନଳ । ୬୫ ।

ଯନ୍ତ୍ର ସ୍ଥାପିଲେ ଯଥା ଚନ୍ଦ୍ରମା ଶୋଷ
ତେବେ ହେବା ଅଛି ନୃପ ଆକାଶ ମାଡ଼,
ଘୁଞ୍ଚୁଛି ତମ ମହୀମଣ୍ଡ ଭବନେ;
ଜୀମୂତ ଯଥା ତାରମୂର୍ତ୍ତି ଗଗନେ । ୬୬ ।

---

୬୪ । ତିତିକ୍ଷା—ଧୈର୍ଯ୍ୟ, ସହିଷ୍ଣୁତା ।
୬୫ । ଶ୍ୱାପଦ—ହିଂସ୍ରଜନ୍ତୁ, ଆପଦ—ବିପଦ ।
୬୬ । ତମ—ଦୁଃଖର ଅନ୍ଧକାର, ଜୀମୂତ—ମେଘ ।

ବଦାନ୍ତ୍ରି ତୁଦେ ଛନ୍ତି ଶାଣୁଏ ବପି-
ଯଲ୍କ ଶୁଷିରରେ ଯଥା ଶରଣୀ,
ଫଣିନ ସ୍ତ୍ରୀଶ୍ୟନ ସେଶ୍ୱନ ମଣି;
ତତ୍ପ ଅଧିକ ତୋରେ ଆଅନ୍ତି ମଣି । ୫୭ ।

କପାଟ ପଢ଼ିଅଛୁ ପ୍ରମଦ-ବଦନ
ଫୁଲ ବା ପଡ଼ୁଅଛୁ କାହ୍ନା ନୟନ ?
ମୁସ୍ତକେ ଭଟି ଘନ-ବଣିକ ପାଙ୍କ;
ଶୁଖାଇଛନ୍ତି ଚ୍ୟୁତ-କୁସୁମ ସ୍ତବ । ୫୮ ।

ବଲ୍ଲୀ ବିଟପି-ଶାଖ ହୋଇ ଅସୁଖୀ
ତୋରେ ପ୍ରମଣ ଯାଉଅଛନ୍ତି ଶୁଖି;
ଶର-ମର୍ମର-ମଗ୍ନ ରମ୍ୟ ପଥରେ;
ଅଧ୍ୱନ କରୁଛନ୍ତି ଶୁଷ୍କ ପତରେ । ୫୯ ।

ଦେବରମାନେ ମାଜ ପ୍ରକୃତି କଥା
ବସାଦଭରେ ଛନ୍ତି ନୁଆଁଇ ମଥା,
ମନ୍ଦେ ନକୁତ-ଯାର୍ଣ୍ଣ ଯଥା ଭୁଜଙ୍ଗ;
ଅଥବା ତାଡ଼ନ-ଶୃଣି-ପୀଡ ମାତଙ୍ଗ । ୬୦ ।

---

୫୭ । ବଦାନ୍ତ୍ରି—ଅଶେଷ ସ୍ଥାନରେ ଖଣ୍ଡିତ, ଶରଣୀ—ପଦ୍ମ, ଫଣିନ - ସର୍ପ ।

୫୮ । ପ୍ରମଦ—ଆନନ୍ଦ, ହର୍ଷ, କପାଟ – ଦାଣ୍ଡ, କବାଟ, ମୁସ୍ତକ — ଭୂଦଳାଖ, ଘନ-ବଣିକ—ଶୁଷ୍କ ବସ୍ତୁର ବେପାରୀ, ଚ୍ୟୁତ-କୁସୁମ — ଝାଡ଼ିଯିବା ଫୁଲ ।

୫୯ । ବଲ୍ଲୀ- ଲତା, ବିଟପି-ଶାଖ—ପଲ୍ଲବ ସମୂହ ।

୬୦ । ଦେବର—ଦାଣ୍ଡର, ମନ୍ଦେ—ମନ୍ଦ ପ୍ରଭାବରେ, ନକୁଳ-ଯାର୍ଣ୍ଣ – ବଳଶୂନ, ଭୁଜଙ୍ଗ—ସର୍ପ, ଶୃଣି - ଅଙ୍କୁଶ, ମାତଙ୍ଗ – ହସ୍ତୀ ।

ଭଗିନୀମାନଙ୍କର ଗଣ୍ଡ-ମଣ୍ଡଳ
ଧଇଁର୍ କରୁଅଛୁ କର-କମଳ,
ଦେଖୁଛୁ ଦିନୁଦିନ ତାହାଙ୍କ ତନୁ
ଅସିତ-ପକ୍ଷ-ଚନ୍ଦ୍ର ସଦୃଶ ତନୁ । ୭୧ ।

ସଙ୍ଗୀତ-ସଙ୍ଗିନୀ ମୁରଜ ମୃଦଙ୍ଗ
ନ ଭୁଞ୍ଜି ଲଜେ ହୋଇଅଛନ୍ତି ମୂକ,
ଦାସୀଏ ତୋର ବାସି-କୁସୁମ ସମ
ଶୁଖାଉ ଦୁଃଖେ ନିଜ ଯୌବନ ଧନ । ୭୨ ।

ନ ଶାରି ସହପାଠ ମୁଗ୍ଧ-ଲୁଣ୍ଠଣୀ
ଅଯୋଧ୍ୟା ଅବଶରେ ପଡ଼ିଲା ବସି,
ଜାନକୀ ଉଦ୍ବେଗ ଦେଖି ତା' ଦଶା;
ଶୋକ ସନ୍ତାପେ ଆପେ ହୋଇଲେ ବିବଶା । ୭୩ ।

ହୋଇ ଆସିଲା ଏବେ ଦିବାବସାନ
ଅଣ୍ଡଜ ବାହୁଡ଼ିଲେ ଯେ' ଯାହା ସ୍ଥାନ,
ତାପସୀମାନେ ହୋଇ ସଙ୍ଗିନୀ ରଙ୍ଗେ;
ନିରତ ହେଲେ ନିଜ ନିଜ ପ୍ରସଙ୍ଗେ । ୭୪ ।

---

୭୧ । ତନୁ—ଶରୀର, ତନୁ—କ୍ଷୀଣ, ଅସିତ-ପକ୍ଷ-ଚନ୍ଦ୍ର—କୃଷ୍ଣପକ୍ଷର ଚନ୍ଦ୍ର, ପକ୍ଷ ।
୭୨ । ମୁରଜ—ବାଦ୍ୟବିଶେଷ ।
୭୩ । ବିବଶା—ଅବଶ, ଶ୍ରାନ୍ତା ।
୭୪ । ଦିବାବସାନ—ସନ୍ଧ୍ୟା, ନିରତ—ନିଯୁକ୍ତ, ନିଜ ନିଜ ପ୍ରସଙ୍ଗେ—ନିଜ ନିଜ କାର୍ଯ୍ୟରେ ।

# ନବମ ସର୍ଗ

( ନଟ୍ଟଭାଣୀ )

ସଘନ-ଗର୍ଜ୍ଜନର ଝଝର ଝଝର,
ଗୁରୁତମ ହେଲା ଲଙ୍ଘି ସୁଦୂରର । ୧ ।
ବସିଥିଲେ ହେଲା ଛାଡିବା ଦୁସ୍ତର,
ଛାଡିଲେ ଦୁର୍ବହ ହେଲା କଳେବର । ୨ ।
ଏହାରେ ସଖୀଙ୍କି ହେବ ବୋଲି ଭସ୍ମ,
ବର୍ଷା ଆସି କଲା ନିଦାଘ ନିରସ୍ତ । ୩ ।
ଅବସନ୍ନ-ପ୍ରାଣେ ଦେବାପାର୍ଦ୍ଧେ ବଳ
ଦୌଡ଼ନ୍ତେ ଛୁଟିଲେ ଜଳଧାରାଦଳ । ୪ ।
ଉର୍ଦ୍ଧ୍ୱ ଅଙ୍ଗେ ଗ୍ରୀଷ୍ମକର ସୂର୍ଯ୍ୟାତପ,
ଟାଣିଦେଲେ ନଭେ ଶ୍ୟାମ-ଚନ୍ଦ୍ରାତପ । ୫ ।
ଚନ୍ଦ୍ରାତପ ଗୁଚ୍ଛ ବିଦ୍ୟୁତ-ଝାଲରେ,
ଚମକାଇଦେଲେ ନୟନ-ପଲକେ । ୬ ।

---

୧ । ଝଝର ଝଝର—ଅଧିକରୁ ଅଧିକ ।
୨ । ଦୁସ୍ତର—ଅତି କଷ୍ଟସାଧ୍ୟ, ଦୁର୍ବହ—ସାହା ସହିବା କଷ୍ଟ, କଳେବର—ଶରୀର ।
୩ । ନିଦାଘ—ଗ୍ରୀଷ୍ମକାଳ ।
୪ । ଅବସନ୍ନ—କ୍ଳାନ୍ତ ।
୫ । ଶ୍ୟାମ-ଚନ୍ଦ୍ରାତପ—ମେଘର କଳା ଚାନ୍ଦୁଆ ।

ଦିଗଙ୍ଗନାମାନେ ଗାନ୍ଥି ମନ ବେଣୀ,
ମଣ୍ଡିଦେଲେ ତଣ୍ଟି ହୀର-ମୁକ୍ତା ଶ୍ରେଣୀ । ୭ ।
ରତ୍ନାକରଙ୍କୁ ରତ୍ନ-ରେଣୁ ଉଦ୍‌ଗୀରଣ,
ନେଇ ଦିଗପାଳେ ମଣ୍ଡିଲେ ତୋରଣ । ୮ ।
ସ୍ୱର୍ଣ୍ଣପରବତେ ନିଷ୍ଠା ତେଜି ମନ୍ଦ,
ବାସବ ବୋଇଲେ ତାହା ମୋର ଧନ୍ଦ । ୯ ।
ନ ସହୁ ବୋଇଲେ ରତ୍ନାକରପତି,
ମୋ ରତ୍ନେ ନିର୍ମିତ ରହିବ ମୋ' କତି । ୧୦ ।
ଅନ୍ୟ ଦିଗପାଳେ ସାଧୁଧର୍ମ ପାଳି,
କରିଦେଲେ ତାଙ୍କୁ ହେଲେ ନେଲେ ଘାଲି । ୧୧ ।
ସୁଖ-ଦୁଃଖ-ତାପେ ତପ୍ତ ଅବନୀର,
ମସ୍ତକେ ବରଷା ଢାଳିଦେଲା ନୀର । ୧୨ ।
ନଦୀ ଗିରି ବନ ପର୍ବତ ନ ବାଛି
ସମସ୍ତଙ୍କ ଶିରେ ଢାଳିଗଲା ବାରି । ୧୩ ।
ତୃଣ ଶସ୍ୟାଙ୍କୁର ନବୀନ-ବିକାଶ,
ରୂପେ ହେଲା ମଣ୍ଡ-ପୁଳକ-ପ୍ରକାଶ । ୧୪ ।
ବସୁମତୀ-ବକ୍ଷ ହେଲା ଜଳମୟ,
ଉମଗ୍ନ ବହିଲା ମାତ୍ର କୂଳଦ୍ୱୟ । ୧୫ ।
ନାଚେଣ୍ଡି ବୃଦ୍ଧି ଆମୋଦ-ପ୍ରସବା
ହୃଦେ ତାଙ୍କ ମୁଦ ଉଛୁଳିଲା ଅବା । ୧୬ ।

୮ । ରତ୍ନାକର—ସମୁଦ୍ର, ତୋରଣ—ସିଂହଦ୍ୱାର, ଦିକପାଳ—ଦିଗ-ମାନଙ୍କର ରକ୍ଷକ ।
୯ । ବାସବ—ଇନ୍ଦ୍ର (ପୂର୍ବ ଦିଗପାଳ)
୧୦ । ରତ୍ନାକର ପତି—ବରୁଣ (ପଶ୍ଚିମ ଦିଗପାଳ)
୧୪ । ମଣ୍ଡ—ପ୍ରସନ୍ନ, ପୁଳକ—ଆନନ୍ଦ ।
୧୬ । ମୁଦ—ଆନନ୍ଦ ।

ଦବ-ବହ୍ନି ଦେଲା ସକଳ କାନନ,
ତନୁ ମାଜି ଦେଉଛି ସ୍ୱପନ୍ନ-ଆନନ ।୧୭ ।

କେତକୀ କଣ୍ଟକ-ଦୁର୍ଗ-ନିବାସିନୀ,
କଣ୍ଟକ-ବନ୍ଧନେ ହୋଇ ସୁବାସିନୀ ।୧୮ ।

କହୁଛି ପତ୍ର ତଳ, ବଧୂ-ବନରେ
ଭ୍ରମରା ବୈଦେହୀ, ନ ଭାବ ମନରେ ।୧୯ ।

କଣ୍ଟକ ବଚନ ମୁଁ ଜନେ କଣ୍ଟକିତ,
ବାପ ଯୋଗୁଁ ମୁଁ ଏ ଭୁବନ ପୂଜିତ ।୨୦ ।

ତାପସୀ-ଗଣରେ ହୋଇ ତପସ୍ୱିନୀ,
ଲୋକପୂଜନୀୟା କେଶ୍ରୁ ମନସ୍ୱିନୀ ! ୨୧ ।

ନ କରବ ଲୋକ-ଲୋଚନ-ଦୂଷଣୀ,
ନିଜ ଗୁଣ ସେସବ ସ୍ୱର୍ଗ ଭୂଷଣୀ ।୨୨ ।

କଣ୍ଟା ଦେଖିଁ ଅଳି ନ କରେ ଗରଧା,
ମୁଁ ଜଳ ଛାଡ଼ିବି ସୌରଭ-ସମ୍ପଦ ? ୨୩ ।

ସ୍ୱପ୍ନ କୃଷ୍ଣଚୂଡ଼ା ଫୁଟି ପୁଣୋଜନ
ଦେଖେଣ କଳ୍ପ ମନ-ନେତ୍ର ପ୍ରଲୋଭନ ।୨୪ ।

ବସନ୍ତ କାଳରୁ ଆଉ ଶରଦାନ୍ତ,
ପ୍ରାବୃଟରୁ ଦେଲା କୁସୁମ-ହେମନ୍ତ ।୨୫ ।

କମଳ ମଲ୍ଲିକା ଲୁଟେ ତପସ୍ୟ,
ପ୍ରୀତପ୍ରଦ ହେଲା ତଳ୍ପି ଅନ୍ତଶସ୍ୟ ।୨୬ ।

---

୧୭ । ଦବ-ବହ୍ନି—ଗ୍ରୀଷ୍ମକାଳରେ ପାହାଡ଼ରେ ଜଳୁଥିବା ଅଗ୍ନି ।
୧୯ । ଭ୍ରମରା—ଆବଦ୍ଧ ।
୨୧ । ଲୋକ ପୂଜନୀୟା—ଜଗତ ବନ୍ଦନୀୟା, ମନସ୍ୱିନୀ—ଉଦାରଚେତା ।
୨୩ । ଅଳି—ଭ୍ରମର, ସୌରଭ—ସୁବାସ ।
୨୫ । ଶରଦାନ୍ତ—ଶରତ୍‌ଶେଷ, ପ୍ରାବୃଟ—ବର୍ଷାକାଳ, ହେମନ୍ତ—ଶୀତ୍ୱାଦ ।

ରହୁ ମଣି ତାଙ୍କ ଯହୁଁ କଲ ବଶ;
ଜନ୍ତୁ ଦେଖ ଲକ୍ଷିବ ସୁଧାଭାର ଲୀଳ ? ୨୭ ।
ରଶ୍ମି କ ଧାରଣା ବର୍ଷା ଜଳ ଦଳେ,
ଜନକେଁ ପଡ଼ିଲେ କାଳର କବଳେ ! ୨୮ ।
ଏଥି ଦେଖ ଏହା ସନ୍ତାଙ୍କର ଶ୍ରେଷ୍ଠ,
ଆଗବନ ସାଧୁ କୁଟେଁ ଅବଜ୍ଞେୟ । ୨୯ ।
କୁସୁମ ମଣ୍ଡନେ ବାଣିଜ ସୌରଭ,
ଅନୁଷ୍ଠାନ କଲେ ଯୁଇ ଲତା ସର୍ବ । ୩୦ ।
ଶରତ କି ସନ୍ତ ଚନ୍ଦ୍ର-ବିନୋଦନ
ନମିତ୍ତ ଭଜିଲ ଯୂଥିକା-ବଦନ ; ୩୧ ।
ଘନ-ନୀଳାମ୍ବର ଶ୍ରାବଣୀ ରଜନୀ,
କବରୀ ଶିରେ ଧରୁ ଯୂଥିକା ରଜନୀ । ୩୨ ।
ଲକ୍ଷହୋଇ ସତୀ କୁଟୀର-ପ୍ରାଙ୍ଗଣେ
ଲୀଳାଗରେ ଥାଏ ବେଦନା ସ୍ମରଣେ । ୩୩ ।
ବଇଦେହିଙ୍କର ପ୍ରସବ-ଲକ୍ଷଣ,
ପ୍ରକାଶିତ ହେଲା ଆସି କ୍ଷଣ କ୍ଷଣ । ୩୪ ।
ସତୀ କଷ୍ଟ ବହୁ ଭୁଞ୍ଜିଲେ ଅଦୂରେ,
ଅନ୍ତ ଆର୍ତ୍ତିସ୍ୱରେ ବାଜିଲେ ବନ୍ଧୁରେ । ୩୫ ।

---

୨୯ । ଅବଜ୍ଞେୟ—ଖାତିରର ଅଯୋଗ୍ୟ ।

୩୧ । ବିନୋଦନ—ଆନନ୍ଦ ପ୍ରଦାନ, ନମିତ୍ତ—ପାଇଁ ।

୩୨ । ଶ୍ରାବଣୀରଜନୀ—ବର୍ଷାକାଳର ରାତି, ରଜନୀ—ରଜନୀଗନ୍ଧା ପୁଷ୍ପ, ଯୂଥିକା – ଯୂଇଫୁଲ ।

୩୩ । ଲୀଳାଗର—ଅନ୍ୟମନସ୍କ ହୋଇ, ସ୍ମରଣ—ଦୂରକରିବା, ବେଦନା – ଦୁଃଖ ।

୩୫ । ଅଦୂରେ—ଅନତିଦୂରରେ, ଆର୍ତ୍ତିସ୍ୱରରେ—ବିକଳ ସ୍ୱରରେ, ବନ୍ଧୁରେ—ବେଣୁମାନେ ।

ସଙ୍ଗ କୃଷ୍ଣା ଦେଇ ସ୍ତନ ଗଗନେ,
ଘନ ଘନ ଜଳ ସ୍ନାନ କଲ ଘନେ । ୩୬ ।

ତୃଷା ଚାତକୀଏ ଶଗ ସନ୍ନିଧାନେ,
ଲଭିଅ'ନ୍ତି ବାରି-ଅମୃତ ସୁଧାନେ । ୩୭ ।

ନିଶୀଥରେ ନିଶାମଣି-ଦ୍ୟୁତିଭର,
ଜନ୍ମିଲେ ସୀତାଙ୍କ ଯମଜ କୁମର । ୩୮ ।

କୁମାରଙ୍କ ତେଜ ଅଦ୍ଭୁତ ସଦ୍ଧୃତ.
ମିଶି ଦଶ ଦିଗ କଲା ଆଲୋକିତ । ୩୯ ।

ସ୍ୱରଗେ ବାସବ-କରେ ରୋପ ସ୍ଥାନ,
ନ ଜାଣିଲି କେବେ ହୋଇଲେ ଅଶନି । ୪୦ ।

ବସୁନ୍ଧରାଙ୍କର ହୃଦ ସୁଖ ସଙ୍ଗେ,
ଘନ ଘଡ଼ଘଡ଼ି ମିଶିଗଲା ରଙ୍ଗେ । ୪୧ ।

ଗିରି ବନ ହେଲେ କୁସୁମ-ବରଷୀ,
ନାଚିଲେ କେଦାର, ସରିତ, ସରସୀ । ୪୨ ।

ସଙ୍ଗ କୁମାରଙ୍କ ଦର୍ଶନଲୋଲୁପ,
ଅଦୃଷ୍ଟେ ଶମିଲେ ଧନ୍ୟ ଧାତ୍ରୀ-ଭୂପ । ୪୩ ।

ଦରଶନ-ଲୁବ୍ଧ-ଦୃଗ-ସୁଦେବଙ୍କେ,
କୂଳକୁ ଉଠିଲେ ନଦୀକୂଳ ବେଗେ । ୪୪ ।

---

୩୬ । ଘନ ଘନ—ବାରମ୍ବାର, ଘନେ—ମେଘମାନଙ୍କୁ ।
୩୭ । ସନ୍ନିଧାନେ—ନିକଟରେ ।
୩୮ । ନିଶୀଥ—ଅର୍ଦ୍ଧରାତ୍ରି, ନିଶାମଣି—ଚନ୍ଦ୍ର, ଦ୍ୟୁତି—ତେଜ ।
ଯମଜ—ଯାଆଁଳା ।
୪୦ । ବାସବ—ଇନ୍ଦ୍ର, ଅଶନି—ବଜ୍ର ।
୪୧ । ବସୁନ୍ଧରା—ବସୁମତୀ ।
୪୨ । କେଦାର—ଶସ୍ୟକ୍ଷେତ୍ର, ସରିତ—ନଦୀ, ସରସୀ—ପୁଷ୍କରିଣୀ ।

ଘାତର ବଦନ ସୁଷେଣମାରଣ
ନଦୀ ସଙ୍ଗେ ହେଲେ ନୃତ୍ୟପରାୟଣ । ୪୫ ।
ଶୁଦ୍ଧ-ସରୋବର-ଶେଷ-ଜଳ-ଗୁଚ୍ଛେ,
ଛଟି ମୀନଗଣ ନୃତ୍ୟ କଲେ ଦୁଚ୍ଛେ । ୪୬ ।
ସମସ୍ତଙ୍କ ବଳ ଦର୍ଶନେ ଅତୁଳ,
କେଉଁ ଛଟିଗଲୁ ତାଳଭକ୍ଷୁ ତୂଳ । ୪୭ ।
ବାଲ୍ମୀକ ମନ୍ତ୍ରୀ ଆସି ତତ୍କ୍ଷଣ,
କୁମାରସୁତଙ୍କୁ କଲେ ସନ୍ଦର୍ଶନ । ୪୮ ।
ଖଟଲେ ଏ ଗୁରୁ-ଶିଷ୍ୟ-ଶବ୍ଦ-ଦୃଶ୍ୟ,
ଏକଥି ଅସ୍ତମ ଆକାଶେ ଉଦୟେ । ୪୯ ।
ମନ୍ତ୍ରୀ ଦୁଦବ୍ଦ ପୂଷତର ପରି,
ଅନନ୍ଦ-କୁସୁମ-ବାଟେ ଗଲ ଭରି । ୫୦
କୁଶଗୁଚ୍ଛ ମୁଖ-ବର ସୁଚେ ଯେନ,
ମନ୍ତ୍ରୀ ଅଗ୍ର ଅଧ ବଳେ ପୁଣ୍ଡ୍ର ଦେଶ । ୫୧ ।
ଅଳୁକର୍ଷା କରେ କରି ସମର୍ପଣ,
ହୋଇଲେ, ଶିଶୁଙ୍କ କର ସମ୍ମାର୍ଜନ । ୫୨ ।
ଅଗ୍ରଜେ ପ୍ରୟୋଗ ଅଗ୍ରସର କର,
ଅଧୋମୁଖରେ ତନୁ ମାଜ ଅନୁଜର । ୫୩ ।
ଭଲେ ଅନୁକର୍ଷା ମୁଖ ଅକ୍ଷମତେ,
ଲୁଚି-ବନାଶିଳା ରକ୍ଷା ଯେଷ୍ଣମତେ । ୫୪ ।

---

୪୫ । ସୁଷେଣା — ମନ୍ତ୍ରୀ ।
୪୬ । ଦୁଚ୍ଛେ — ଆନନ୍ଦରେ ।
୪୯ । ଗୁରୁ — ବୃହସ୍ପତି ।
୫୨ । ସମାର୍ଜନ — ଶୋଧନ ।
୫୩ । ଅଗ୍ରଜ — ଯେ ଆଗ ଜନ୍ମ ହୋଇଛି, ବଡ଼, ଅନୁଜ — ପଛରେ ଯେ ଜନ୍ମ ହୋଇଛି, ସାନ ।

କୁଶୀ ନିଜ ଯୋଗେ ପ୍ରମାର୍ଜିତ ତନୁ,
ସମୁଜ୍ଜ୍ୱଳ ହେଲା ଶାଣିତ ରତନ । ୫୫ ।
ତୃଣ ଶସ୍ୟଯୋଗେ ଯଥା କୃଶାନୁ,
ଅବା ସିନ୍ଧୁ-ଜାତ ମୁକ୍ତ ନବ ଭାନୁ । ୫୬ ।
ଜାନକୀ ଅନାନ୍ତେ କୁମରଙ୍କ ମୁଖ,
ହୃଦେ ଆସି ହେଲେ ସୁଖ ସଙ୍ଗେ ଦୁଃଖ । ୫୭ ।
ସୁଖ ହୋଇଲା, ଏ ପୂର୍ଣ୍ଣ ଚନ୍ଦ୍ର ସମ,
ନନ୍ଦନଦ୍ୱୟର ବେଶ ଗର୍ଭେ ଥିଲା ଧନ । ୫୮ ।
ଧନ୍ୟ ଧନ୍ୟ ସେହୁ ଶାଳିବାର ଅନ୍ନ,
ଏଥୁ ଫଳି ଭାଗ୍ୟ ଭବେ ନାହିଁ ଧନ୍ୟ । ୫୯ ।
ଦୁଃଖ ହୋଇଲା, ଏ ନରେନ୍ଦ୍ର କୁମରେ,
ଶୋଭୁଥାନ୍ତେ ଆଜ ମଣିମୟ ଘରେ । ୬୦ ।
ହୋଇଥାନ୍ତେ, ନୃପ-ବୃନ୍ଦ-ଆନନ୍ଦନ,
ଦୀନ ଦୁଃଖୀଙ୍କର ଦାରିଦ୍ର୍ୟ-ଖଣ୍ଡନ । ୬୧ ।
କେତେ ଧନ ରତ୍ନ ବସନ ଭୂଷଣ,
ପାଇଥାନ୍ତେ, ଆଜ ପୁରବାସୀ ଜଣ । ୬୨ ।
ପୁର ପୂରୁଥାନ୍ତା ମଙ୍ଗଳ ନାଦରେ,
ନଭ ପୂରୁଥାନ୍ତା ମଙ୍ଗଳ ବାଦ୍ୟରେ । ୬୩ ।
ଭାଗ୍ୟ-ଦୋଷେ ଆହା ତାପସ-ତନୟ—
ରୂପେ ଆଶ୍ରା କଲେ ତାପସ-ଆଳୟ । ୬୪ ।
ସ୍ନିଗ୍ଧ-ଦେହେ ଦେବ-ଧାର ଜଳ ଦେଇ,
ପୁଲକ ଦୁଃଖ ସୁତ-ଚେନ୍ନ ଦେଇ । ୬୫ ।

---

୫୫ । କୁଶଗୁଚ୍ଛକୁ ଦୁଇଖଣ୍ଡ କଲେ ଅଗ୍ରଭାଗକୁ କୁଶମୁଷ୍ଟି ଏବଂ ଅନ୍ୟଖଣ୍ଡକୁ ଲବ ବୋଲୁଥାଏ ।
୫୬ । କୃଶାନୁ—ଅଗ୍ନି ।
୬୩ । ପୁର — ଅଯୋଧ୍ୟାର ରାଜପ୍ରାସାଦ ।
୬୪ । ତାପସ-ଆଳୟ — ବାଲ୍ମୀକିଙ୍କ ଆଶ୍ରମ ।

କୁମାରଙ୍କ ରୂପେ ପଡ଼ଙ୍କ ହୃଦୟ,
ହୋଇଗଲା ତହିଁ ଶୁଭ ପୁଣ୍ୟମୟ । ୬୬ ।

କୁମାରଙ୍କ ବାଣୀ ଅମୃତ ବର୍ଷଣ,
ଶୁଣିବାକୁ କେଉଁ ହେବ ନାହିଁ ମନ । ୬୭ ।

କନକ-କେତକୀ-ହେମହୋତୁଳ ରଙ୍ଗ,
ଭଙ୍ଗି ମୁଗ୍ଧମୂର୍ତ୍ତି କୁମାରଙ୍କ ଅଙ୍ଗ । ୬୮ ।

ସେ ଦେଶେ ଦିଶିଲେ ପ୍ରଶାନ୍ତ ଏମନ୍ତ,
ସତେ ଆବିର୍ଭୂତ ନବ ପୂର୍ଣ୍ଣଚନ୍ଦ୍ର । ୬୯ ।

ମନରେ ଆନନ୍ଦ ଛାପି ସିଂହାସନ,
ବସାଇଲେ ଜନ ସାର୍ବଭୌମ ପଣ । ୭୦ ।

କୁମାରଙ୍କ ନାହିଁ ଚେତନ ସତ୍ଵର,
କଲେ ଅନୁକମ୍ପା ହୋଇ କୃପାଭର । ୭୧ ।

ତପସ୍ୱୀରେ ମନ୍ତ୍ର-ପୂତ ଜଳେ ସ୍ନାନ,
କରାଇ ଦେଲେ ସକଳ ବିଧାନ । ୭୨ ।

କୁମାରଙ୍କୁ ଘେରି ତାପସୀ ମଣ୍ଡଳ,
ଆନନ୍ଦ ଉଚ୍ଛ୍ୱାସେ କଲେ କୋଳାହଳ । ୭୩ ।

ଏକ ଏକ ମୁନି-କୁମାର ନର୍ତ୍ତନେ,
ଗାଇଲେ ଶ୍ରୀରାମ-ନାମ ସଙ୍କୀର୍ତ୍ତନେ । ୭୪ ।

ଦୁର୍ଦ୍ଧର୍ଷ-ଦୁର୍ଜ୍ଜୟ-ଲବଣ-ଅସୁର,
ବିନାଶନ ଅର୍ଥେ ଶତ୍ରୁଘ୍ନ ଶୂର । ୭୫ ।

---

୬୯ । ପ୍ରଶାନ୍ତ – ବିଶ୍ୱାସ, ଜ୍ଞାନ, ପୂର୍ଣ୍ଣଚନ୍ଦ୍ର—ଚନ୍ଦ୍ରମୁଖୀ ।

୭୦ । ସାର୍ବଭୌମ—ଚକ୍ରବର୍ତ୍ତୀ ।

୭୫ । ଦୁର୍ଦ୍ଧର୍ଷ—ଦୁର୍ଜ୍ଜୟ- ପ୍ରବଳ ପରାକ୍ରାନ୍ତ ଓ ଅସାଧ୍ୟ, ଲବଣ ଅସୁର— ଲବଣାସୁର ମଧୁରାକ୍ଷସର ପୁତ୍ର । ଶିବଙ୍କଠାରୁ ତ୍ରିଶୂଳ ପ୍ରାପ୍ତ ହୋଇ କ୍ଷତ୍ରିୟକୁଳ ଧ୍ୱଂସ କଲା ଏବଂ ମୁନିଋଷିମାନଙ୍କୁ ପୀଡ଼ା ପ୍ରଦାନ କଲା । ରାମଚନ୍ଦ୍ରଙ୍କ ଆଜ୍ଞାରେ ଶତ୍ରୁଘ୍ନ ସେହି ରାକ୍ଷସକୁ ମଧୁବନରେ ନିହତ କଲେ । ଲବଣାସୁର ପ୍ରତିଷ୍ଠା କରିଥିବା ମଧୁପୁରୀ ପରେ ମଥୁରା ହେଲା ବୋଲି କୁହାଯାଇଥାଏ । ଦ୍ରଷ୍ଟ- ରାମ ।

ଯିବାପଥେ ଦେଖନ୍ତି ସୁରେଶ ଦେବଗଣେ,
ରହିଥିଲେ ପୂତ ବାଞ୍ଛା-ଜ-ଅନ୍ତରେ ।୭୬।
ଅନ୍ତରର ସେହି ଆନନ୍ଦ-ନାଦରେ,
ମଜ୍ଜି ଗଲେ ଅଶେଷ ଆନନ୍ଦ-ନଦରେ ।୭୭।
ଯଜ୍ଞଭୂ ପ୍ରଣମି ବୋଇଲେ ଭକ୍ତିଯୁକ୍ତେ,
“ଅୟି ମା, ପାବନୀ ତୁମ୍ଭେ ଉଦକୂଳେ ।୭୮।
ଜନନୀ ତୁମ୍ଭର ଦେଖୁ ସର୍ବଂସହା,
ଜାଣେ ଅୟି ମା ଗୋ, ତେଣୁ ସର୍ବଂସହା ।୭୯।
ବସୁମତୀ-ସୁତେ, ଜଳ ଗର୍ଭେ ବସୁ,
ଶୋଭୁଥିଲ ଏକ ଅଷ୍ଟ ସୁରାବଶୁଁ ।୮୦।
ସେହି ବସୁ ଆଜି ହେଲା ରଘୁକୁଳେ,
ଶୋଭିବ ଅଯୋଧ୍ୟା-ରାଜଲକ୍ଷ୍ମୀ ଚୂଳେ” ।୮୧।

ମୁନି-କୁମାରଙ୍କ ଆନନ୍ଦ ଉଚ୍ଛଳେ,
ଯୋଗଦେଲେ ଏହି ମୁଗ୍ଧ ପକ୍ଷୀ ଦଳେ ।୮୨।

ଶ୍ରାବଣୀ ବାର୍ତ୍ତିକା ଶ୍ୟାମା କଳ୍ପବଶା,
ଶେଷେ ଦେଖାଇଗଲେ ମୂର୍ତ୍ତିକ ପରି ।୮୩।

ଲକ୍ଷଣ ହୃଦେଶେ ସୁମିତ୍ରା-ନନ୍ଦନ,
ସତେ ଜଲେ କର ମୁନିଙ୍କି ବନ୍ଦନ ।୮୪।

ଧ୍ରୁବେଷ ଭୋଗିବାକୁ ଭାଗସ୍ତୀ-ଭାଗଧ,
ସ୍ୱଚ୍ଛେବେ ଚଳିଲ୍ ସଖାଙ୍କ ମାନସ ।୮୫।

---

୭୬ । ପୂତ—ପବିତ୍ର ।
୭୮ । ପାବନୀ—ପବିତ୍ରକାରିଣୀ ।
୭୯ । ସର୍ବଂସହା—ପୃଥିବୀ, ସର୍ବଂସହା—ଯେ ସବୁ ସହ୍ୟ କରେ ।
୮୦ । ବସୁମତୀ—ପୃଥିବୀ, ବସୁ - ଗଣଦେବତା ବିଶେଷ ।
୮୧ । ବସୁ—ରତ୍ନ ।
୮୩ । କଳ୍ପବଶା - ଶ୍ରେଣି ।

ଯତିଙ୍କର ମନ-ଅନୁକୂଳ ଧନ,
କାହିଁ ? ସେ ତ ଅଛି ଅଗ୍ରିଛନ୍ତି ବନ । ୮୬ ।

ତସ୍କା ବାସ୍ତିଲ ତୋଷିବ ଜଗତ,
କିନ୍ତୁ ଶରତରେ ମେଘ ଉପଗତ । ୮୭ ।

ଯେତେବେଳେ ଘନ ଆସିଲେ ଭୁବନ୍,
ମନେ ସୁଖ କଲେ ବାସୁଦେବ ବନ୍ । ୮୮ ।

ମୃଗ-ଭୂମାନଙ୍କ ପାଇଁ ଉପହାର,
ଆଣିଥିଲେ ଶତ୍ରୁ ବାଦ୍ୟ ଅଳଙ୍କାର । ୮୯ ।

ତା' କର-ଚାଳନେ ବିନତେ ବାଣ୍ଟନ,
ତୋଷିଲେ ତାପସ-ତାପସୀଙ୍କ ମନ । ୯୦ ।

ବୃଦ୍ଧ-ଶିଶୁ ତାଙ୍କ ବନ୍ଧୁ-ଜନ ଘର,
ଲଭି ତା ମେଳକୁ ଆନନ୍ଦ ଲହର । ୯୧ ।

ଶସ୍ୟଥିଲେ ଯାଞ୍ଚା ଫଳ ତୃଣ-ଧାନ୍ୟ,
ଭୁରଙ୍ଗ ବିହଙ୍ଗ କଲେ ସମ୍ମାନ । ୯୨ ।

ଭୁଞ୍ଜିଲେ ସେମାନେ ଝଣାଝଣି କରି,
କେତେ ପକ୍ଷୀ ଉଡ଼ିଗଲେ ଅନ୍ନ ଧରି । ୯୩ ।

ଯାଉ-ଶାବେ ଥିଲେ ସଙ୍ଗେ ମେଣ୍ଢ ପାଳି,
ଜନନୀ ଅଗ୍ରାରେ ଦେଖି ତାଙ୍କୁ ବାଣି । ୯୪ ।

ମୟୂର-ମୟୂରୀ ଧରି ହର୍ଷ-ରବ,
ପାଦପ ଉପରେ ରଚିଲେ ତାଣ୍ଡବ । ୯୫ ।

---

୮୬ । ଅଗ୍ରିଛନ୍ତି—ଅଗ୍ରସ୍ଥ ଗ୍ରହଣ କରିଛନ୍ତି ।

୮୭ । ଉପଗତ—ଉପସ୍ଥିତ ।

୯୨ । ତୃଣଧାନ୍ୟ—ନୀବାର, ବାଳୁଙ୍ଗଧାନ, ଭୁରଙ୍ଗ—ହରିଣ, ବିହଙ୍ଗ—ପକ୍ଷୀ ।

୯୫ । ତାଣ୍ଡବ—ନୃତ୍ୟ ।

ଦ୍ୱୀପ-ଦ୍ୱୀପାନ୍ତରେ କୋକିଳ ପ୍ରସ୍ୱର—
କଲ୍ୟାଣ ବେଶେ ଶୁଭ-ସମାଚାର ।୯୬ ।
କୈଳାସେ ଦେବାଙ୍କୁ ଦେଇ ଶୁଭ-ସମ୍ବାଦ,
ସ୍ୱନନ୍ଦଂସ ଗଣ କରି ହର୍ଷ-ନାଦ ।୯୭ ।
ଜନମାଇବାକୁ ଗନ୍ଧର୍ବ-ପ୍ରଶଂସ୍ୟ,
ପଦ୍ମ ଅଣିଥାଏ ବିସ କଣିଳସ୍ୱ ।୯୮ ।
ସେ ସମ୍ବାଦ ଶୁଣି ହୃଦେଶ୍ୱ ଉଲ୍ଲାସ,
ସ୍ୱରଙ୍କୁ ଜଣାଇ ଦେଲେ କଇଲାସ ।୯୯ ।
ଘଣ୍ଟ-ଛତ୍ର-ଧ୍ୱଜା ଦେଖିବା ଜଳଦେ,
ଷଷ୍ଠୀଦେବୀ ଲୁଚେ ଗୋଷ୍ଠି ବିହାୟସେ ।୧୦୦ ।
କାଦମ୍ବିନୀ ସଙ୍ଗେ ଇନ୍ଦ୍ରଧନୁ-ଛଳେ,
ବାଲ୍ମୀକି ଆଶ୍ରମେ ଆସିଲେ ଚଞ୍ଚଳେ ।୧୦୧ ।
ସପତ ତାପସ-କୁମାରୀଙ୍କ ପାଶେ,
ବାସ୍ତକି ସପତ ମାତୃକା ପସିଏ ।୧୦୨ ।
ଷଷ୍ଠ ଦିବସରେ ପଞ୍ଚ-ଛତ୍ର ପୂଜା,
ସାଗରେ ଗନ୍ଧର୍ବ ଗଣ ଦରଶିକା ।୧୦୩ ।
କୁମାର-ସ୍ୱାଗତ-ଅଶିଷ୍ଟ ସକଳ,
ଭାଙ୍ଗି ଦେଇଗଲେ ମୃଗରାଜ-ଦଳ ।୧୦୪ ।

---

୯୭ । କୈଳାସ— ହିମାଳୟରେ ଶିବଙ୍କର ଅଧିଷ୍ଠାନସ୍ଥଳୀ ।

୯୮ । ଗନ୍ଧର୍ବ—ପ୍ରଶଂସ୍ୟ—ପାର୍ବତୀଙ୍କ ମନରେ ହର୍ଷ ଜନ୍ମାଇବା ପାଇଁ, ବିସ—ମୃଣାଳ, ପଦ୍ମନାଡ଼, କଣିଳସ୍ୱ—କଅଁଳିଆ ପତ୍ର ।

୧୦୦ । ବିହାୟସ—ଆକାଶ ।

୧୦୧ । ଇନ୍ଦ୍ରଧନୁ—ବଜ୍ରୁକା ବା ବଜାଗ୍ରି ।

୧୦୨ । ସପତ—ମାତୃକା—ବ୍ରାହ୍ମୀ, ମାହେଶ୍ୱରୀ, କୌମାରୀ, ବୈଷ୍ଣବୀ, ବାରାହୀ, ଇନ୍ଦ୍ରାଣୀ, ଚାମୁଣ୍ଡା ।

୧୦୪ । ଅଶିଷ୍ଟ— ଅମଙ୍ଗଳ, ମୃଗରାଜ—ସିଂହ ।

ସେହି ହେଲା ଏକ ସଂଗୀତ ବାସର,
ନାମ-କଲେବର-ଶୁଭ-ଅବସର । ୧୦୫ ।
ଶୁଣିବାକୁ ସଙ୍ଗୀ-ସୁତଙ୍କର ନାମ,
ଅମରେ ଆସିଲେ ତେଜି ସ୍ୱର୍ଗଧାମ । ୧୦୬ ।
ଅମର୍ତ୍ତ୍ୟ ମଣ୍ଡଳୀ ଦେଖି କୁତୂହଳେ,
ଶୋଭାଇଲେ ତାଙ୍କ ପଛେ ଦଳେ ଦଳେ । ୧୦୭ ।
ଶରତର ଶୁଭ୍ରଘନ ସଙ୍କାଶେ,
ପଥ ଛାଡ଼ିଦେଲା ଜଳଦ ଆକାଶେ । ୧୦୮ ।
ସପ୍ତ-ଋଷି ସଙ୍ଗ ସମ୍ଭବେ ଯେ ସତେ,
ଆସିଲେ ସମସ୍ତେ କେଶାରବର୍ଣ୍ଣ ରଥେ । ୧୦୯ ।
ଆସି ଆଶ୍ରମରେ କୁସୁମ ସ୍ତୂପରେ,
ମନୋମୁଗ୍ଧକର ସୌରଭ ରୂପରେ । ୧୧୦ ।
ବସିଗଲେ ଦେବ-ସୁଷମା ପ୍ରକାଶି,
ବିକାଶ-ବ୍ୟାଜରେ ହୋଇ ବନବାସୀ । ୧୧୧ ।
କେତେ ବା ତାପସ-ତାପସୀ-ହୃଦୟ—
ମଧ୍ୟେ ପଶିଗଲେ ହୋଇ ମୁଦମୟ । ୧୧୨ ।
ବାଲ୍ମୀକି-ଜଦେବେଶ ତାପସ ତାପସୀ,
ଦ୍ୱିଗୁଣ ମୁଦରେ ଉପବନେ ପଶି । ୧୧୩ ।
ଗନ୍ଧର୍ବ କିନ୍ନର ନବପଞ୍ଚମାନ
ଆଣି କଲେ ମଞ୍ଜୁ-ମଣ୍ଡପ ଗର୍ଜନ । ୧୧୪ ।
ଋକଙ୍କ ପ୍ରଥମ ସ୍ତବରେ ଅଶ୍ରମ,
ପ୍ରଦୀପ ମାଳରେ ହେଲା ମନୋରମ । ୧୧୫ ।
ପ୍ରଦୀପେ ବୈଦୁର୍ଯ୍ୟ ଉଜ୍ଜ୍ୱଳ ପ୍ରଚୁର
ତାପସଙ୍କ ଶିରୁ ଝରୁଥାନ୍ତି ନୂର । ୧୧୬ ।

---

୧୦୬ । ଅମର—ଦେବତାମାନେ ।
୧୧୬ । ବୈଦୁର୍ଯ୍ୟ—ଈଷତ୍ ଉଜ୍ଜ୍ୱଳ, ନୂର—ଜ୍ୟୋତି ।

ନୌକାରେ ସ୍ଥିତ ପାଦପ-ବଲ୍ଲରୀ,
ହସୁଅଛନ୍ତି ପାଇ ଅନେକ-ଲହରୀ । ୧୧୭ ।

ଖେଳ ଦେଖ ସମସ୍ତ ପ୍ରସୂନଙ୍କ ଦଳ,
ବନ୍ଦୁଅଛି ଉପବନ୍ଦୀମାନ, ଉଙ୍ଗ । ୧୧୮ ।

ସାଗରସମ୍ଭୂତ ଯଥା ଶୀତରଶ୍ମିଵ,
ବୃନ୍ଦାରକବୃନ୍ଦେ ଯେମନ୍ତ ବାସବ । ୧୧୯ ।

ଅବା କୁଳାଚଳ-ସମୂହ-ଶିଖରେ—
ମଣ୍ଡଳେ ଯେମନ୍ତ ରତ୍ନଶଙ୍କର । ୧୨୦ ।

ମୁନିବୃନ୍ଦ ମଧ୍ୟେ ମହା ତପୋଧନ,
ବିଶୋଭିଲେ ବସି ମଣ୍ଡପେ ଆସନ । ୧୨୧ ।

ଅଣ୍ଡି ନାଳୁମାନେ ଶୁଭ୍ରା ଧଳା ଯତ,
କୁମାରେ ଧୂଇଲ କର-ପଦ୍ମ ଅଞ୍ଜ । ୧୨୨ ।

ସତୀ ଅନୁକମ୍ପା ଅର୍ପିଲେ ମଣ୍ଡପେ,
ଶୋଭା ଉଠି ଭୁଷା ହୋଇଗଲା ଦର୍ପେ । ୧୨୩ ।

କୃଷ୍ଣା ତ୍ରୟୋଦଶୀ ପୂଥାବର ପାଶେ,
ପ୍ରସୂତ ତାରକା ଉଦିତ ଆକାଶେ । ୧୨୪ ।

ସୁନ୍ଦରୀ ତାଙ୍କ ସରୋବର ଶୋଭେ,
ଦେଖ ପ୍ରାଚୀ ଯେସନ୍ତେ ରତ୍ନପାତ୍ର ତଳେ । ୧୨୫ ।

ଶରଲ-ହୃଦୟା ପ୍ରସନ୍ନ ବଦନା,
ସତୀ ସନ୍ଦର୍ଶ ତାପସ ନନ୍ଦନା । ୧୨୬ ।

ଶରୀର ପ୍ରଦକ୍ଷ ସତୀ-ଦକ୍ଷ ବାଜେ,
ସନ୍ଦରେ ବସିଲେ ସତୀ ପାଶେ । ୧୨୭ ।

୧୧୮ । ଉପବନ୍ଦୀଗଣ—ରାଜଦଣ୍ଡ ପ୍ରାପ୍ତ ।
୧୧୯ । ବୃନ୍ଦାରକ—ଦେବତା ।
୧୨୭ । ସନ୍ଦ—ଆନନ୍ଦ ।

ଲଭିଲ ତୃଷା-ଶାନ୍ତି ନବୀନ କରଣି,
ତୃଷା ପାରଣେ ଯଥା କମଳିନୀ ବନ । ୧୨୮ ।

ବେଦମତେ ହେଲା ବେଦ ଆରାଧନା,
ବାଜିଗଲା ଶଙ୍ଖ ଘଣ୍ଟାର ବାଜଣା । ୧୨୯ ।

ଜ୍ୟେଷ୍ଠ କୁମାରଙ୍କୁ ଦେଇ ଶୁଭାଶୀଷ,
ପ୍ରସନ୍ନେ ବୋଇଲେ ମୁନିକୁଳାଧୀଶ । ୧୩୦ ।

କୁଶାଗ୍ରେ ମାର୍ଜିତ ହୋଇଅଛୁ "କୁଶ"—
ନାମେ ହେବ ଶିଶୁ-କଳୁଷ-ଅଙ୍କୁଶ । ୧୩୧ ।

ସେହିରୂପେ କନିଷ୍ଠ କୁମାରଙ୍କୁ "ଲବ"—
ନାମ ଦେଲେ ମୁନି ମନୀଷୀ-ପୁଙ୍ଗବ । ୧୩୨ ।

ମୁନିଗଣ କଲେ ରାମ-ନାମ-ଧ୍ୱନି,
ବଜାଇ ମୁରଜ ମନ୍ଦିରା ଖଞ୍ଜଣି । ୧୩୩ ।

ତାପସ-କୁମାରୀମାନେ ତାଳି ମାରି,
ଗାଇଲେ ମଧୁର-ଗୀତ ସୁଧା-ଝରି । ୧୩୪ ।

ସୁରମ୍ୟ ସ୍ୱରୂପୀ ଶବର ଅଙ୍ଗନା,
ନୃତ୍ୟ କଲେ ଚିତ୍ତ ପ୍ରମୋଦେ ମଗନା । ୧୩୫ ।

ତପୋବନେ ଆଉ ମୃଗ-ମୃଗୀଗଣ,
କୁଦି ଆସି ହୋଇ ଚକିତ-ନୟନ । ୧୩୬ ।

ଆଶ୍ରମର ସଖ୍ୟ-ଆନନ୍ଦ-ଉଚ୍ଛଳେ,
ଦେଖାଇଲେ ବନ ପୁଷ୍ପବୃଷ୍ଟି-ଛଳେ । ୧୩୭ ।

ଶୁଣିଲେ ରତ ବା ତମ୍ବୁଲତା ଶବ୍ଦେ,
ହେଲେ ଶ୍ରଦ୍ଧାଧର ବିଦ୍ୟାଧର ସର୍ବେ । ୧୩୮ ।

---

୧୩୨ । ମନୀଷୀ—ପୁଙ୍ଗବ—ଜ୍ଞାନିଶ୍ରେଷ୍ଠ ।

୧୩୩ । ମୁରଜ—ମୃଦଙ୍ଗ, ମନ୍ଦିରା – ଝାଞ୍ଜ, ଖଞ୍ଜଣି—ଖଞ୍ଜଣୀ ।

୧୩୮ । ବିଦ୍ୟାଧର—ଗନ୍ଧର୍ବ ଜାତିର ପ୍ରସିଦ୍ଧ ସ୍ୱର୍ଗର ଗାୟକଗଣ ।

ଆଶ୍ରମ ଉତ୍ଫୁଲ୍ଲ ହୋଇଗଲା ମୁଦେ,
ତମ କନ୍ତୁ ଶଶୀ ବଦନ—କୁମୁଦେ । ୧୩୯ ।
ରହିଗଲା ଏକା ରାମଚନ୍ଦ୍ର କଥା,
ଯେବେ ତାଙ୍କର ଅମାବାସ୍ୟା ଦିନ; । ୧୪୦ ।
ତମ ବଢ଼ାଇଲା ମହିମା ତାଙ୍କର,
ତମ ଘୋଟୁଁ ଦିନା ଚନ୍ଦ୍ରିକା-ଆଦର । ୧୪୧ ।
ଦଶୁଥିଲେ ମୃତ-ଲକ୍ଷଣେ ମୃଦର,
ଯଥା ରତ୍ନ-ସ୍ଥାନ ତଣ୍ଟିର ନନ୍ଦର । ୧୪୨ ।
ଭୃତି ଦେବେ ମିଳି ଏତାଙ୍କ ଗୌରବ,
ବୃଦ୍ଧି କଲେ କଥ ଆନନ୍ଦ-ଉତ୍ସବ । ୧୪୩ ।
ମନୁଷଙ୍କ ଏହା ନୈସର୍ଗିକ ଗତ,
ସୁଧାରେ ସମ୍ମାନ-ଦାନେ ତାଙ୍କ ପ୍ରୀତି । ୧୪୪ ।
ଶେଷେ କୁମାରଙ୍କ କମଳ-କାମନା,
କରି ଆଶିଷିଲେ ମୁନି ମହାମନା । ୧୪୫ ।
ତାପସଙ୍କ ହୃଦ-କମଳେ ଆସନ,
କରି ଦେବେ କଲେ ତଥାସ୍ତୁ ସ୍ଥାପନ । ୧୪୬ ।
ବନ-ବନ୍ଧୁ-ଲତା ସୁଗମ୍ଭୀର ରବେ,
ଉଚ୍ଚାରିଲେ ମୁଦେ ତଥାସ୍ତୁ ସରବେ । ୧୪୭ ।
ହର ସ୍ୱଦରୁ ଦଶଯାନତଣ,
ତଥାସ୍ତୁ ଶବଦ କଲେ ଉଚ୍ଚାରଣ । ୧୪୮ ।

---

୧୪୦ । ଅଷ୍ଟମୀ, ଚତୁର୍ଦ୍ଦଶୀ, ଅମାବାସ୍ୟା, ପୂର୍ଣ୍ଣିମା ଓ ସଂକ୍ରାନ୍ତି—ଏମାନଙ୍କୁ ପର୍ବ କୁହାଯାଏ ।

୧୪୫ । ଆଶିଷିଲେ—ଆଶୀର୍ବାଦ କଲେ ।

## ଦଶମ ସର୍ଗ

### ( କଲ୍ୟାଣ ପଞ୍ଚତାଳ )

ସଙ୍ଗ ପାଇ ବୃଦ୍ଧ ସୂତ-ଭବନ
ଗ୍ରାମରୁ ଅଧିକ କରି ଯତନ,
ଲଳନ ପାଳନେ କଷ୍ଟୁଲେ ମନ
ଲଭିଗଲା ବୃଦ୍ଧ ସ୍ନେହବନ୍ଧନ,
ଭୁଲିଲେ, ନାହିଁ ଜନମିତେ ପାଣ
ମଣିଲେ ଜୀବନ-ଗ୍ଳୁର ଉଲ୍ଲାସ । ୧ ।
ସ୍ନାନ ପାଇଁ ଚଳେ ଅବେଶ ମା'ଭର
କୁଅକୁ ସଙ୍ଗେ ପାଣ୍ଡୁ ଅଙ୍କୁର,
ଜଳ-କଲକଳ ବହନେ ଦେବସେ
ଧାଇଁ ଅସିଆନ୍ତି ଅଣ୍ଠ ହଦ୍‌ଦେବେଶ,
ସଘନ, ଦେଖିଥାଏ ଚଞ୍ଚଳ
ଲୁହିବାକୁ ମୁଖ-ମୃଦୁ-କମଳ । ୨ ।
ଶଶି-କଳା-ଗର୍ବ କରି ମର୍ଦ୍ଦନ
ଦେଖିଲା କୁମାରଙ୍କ ଅଙ୍ଗ-ବର୍ଦ୍ଧନ,
ପୂର୍ଣ୍ଣ-ସୁଧାକର ପ୍ରାୟେ ବଦନ
ଦିନୁ ଦିନ ହେଲା ଲୋଚନ-ନନ୍ଦନ,
ଚାହିଁଲେ ତୋଷି ଜନନୀ-ମୁଖ
କୋଳେ ଉଠିବାକୁ ହେଲେ ଉନ୍ମୁଖ । ୩ ।

---

୧ । ଝଡ଼ୁଲେ—ସଂଯୁକ୍ତ ହଲେ, ଜନମିତେ — ଅଠ ଅଲକ୍ଷଣ ପାଇଁ ମୂଳ,
ଉଲ୍ଲାସ—ହର୍ଷ ।
୩ । ମର୍ଦ୍ଦନ - ଖଣ୍ଡନ; ପୂର୍ଣ୍ଣ—ସୁଧାକର—ପୂର୍ଣ୍ଣିମାର ଚନ୍ଦ୍ର, ଉନ୍ମୁଖ
— ଉଦ୍ୟତ, ପ୍ରବୃତ୍ତ ।

ଛୁରନ୍ତୁ ଅନାଭି ମାତା-ବନ୍ଧନ
ଟେକିଲେ ଟେକ୍ତି ଦେବଦୂତୀ ଜନନ,
ସ୍ନେହଭରେ ମାତା ଧଇଲେ କୋଳେ
ଦୋହଲୁଥାନ୍ତି ତହିଁ ଆନନ୍ଦ-ଦୋଳେ,
ଅଇଲୁ ଅଲ୍ ବଚନ ଶୁଣି
ଛୁଇଁ ଛୁଇଁ ଦେଉଥାନ୍ତି ଛୁଆଇ । ୪ ।

ନ ଥିଲା ସତୀଙ୍କ ମନେନ ସ୍ୱପନେ
ଆଶ ଅଙ୍କୁରିବ ଦାରୁଣ ଲଗନେ,
ଅପୂର୍ବ ସୁଖର ଅପୂର୍ବ ହାସ
ସୁତା ଆସି ହୋଇଯାଏ ପ୍ରକାଶ,
ନ ଦେଲେ, ଜାଣନ୍ତି ସେ ସୁଖସାର
ବୋଲି ସତ ଅଡ ଅନନ୍ତ ସ୍ୱର୍ଗ । ୫ ।

ବଦନ-କମଳେ ରଦନ-ଛଟେଳ
ବିରଜି ସ୍ୱଭାବୀ ଦେଖା ଦିଲ୍ଲେଲେ
ପ୍ରକାଶିଲେ ଜଗ ଅପର୍ଣ୍ଣ-ଜ୍ୟୋତି,
ନବ କୁନ୍ଦ-ଇନ୍ଦୁ ରୂପାର ମୋତି,
ବାଇଲେ, ବାଣୀ ଆଦ୍ୟ ମୃଦୁରେ
ମା ମା ମା ମା ମା ମା ସ୍ୱର ମଧୁରେ । ୬ ।

ମନସ୍କ ରୂପେ ସେ ସର୍ଗୀସ୍ୱ ସ୍ତନ
ସମ୍ଭବିତ କରେ ମାତା-ଜୀବନ,
ପ୍ରବାଳ-ପାଟଳ-ବର୍ଣ୍ଣ ସନ୍ଧ୍ୟରେ
ସ୍ଫୁଟିପଙ୍କ୍ତ ମାତା-ଓଷ୍ଠ ଅଧରେ,

---

୫ । ଅନନ୍ତ—ଧ୍ୱନିକାର, ଅଡ—ପ୍ରଣବନ ।
୬ । ରଦନ—ଦାନ୍ତ, ବିରଜି — ଶୋଭା ପାଉନ୍ତି, ମା ମା···ସା, ରି, ଗା, ମା, ପା, ଧା, ନି ମଧ୍ୟରୁ 'ମା' ସ୍ୱର ।

ଉର୍ଦ୍ଧ୍ୱରେ, ଚନ୍ଦ୍ର-କୁସୁମ-କଳି
କୌମୁଦୀ-ଜାଲରେ ଉଠଇ ଝଳି ।୭।
ସ୍ୱର୍ଗର ପଶୁଏ ସ୍ୱପ୍ନର ମନ
ଅଧିକାର କରି ଇନ୍ଦ୍ର-ଆସନ
ଅଗ୍ରସର ହୋଇ କୁବେର-କୋଷେ
ବଦନ-ପ୍ରଖର ବଢ଼ାଏ ତୋଷେ,
ମଣଇ, ନିଜ କରେ ଜଗତ
ସୁଖ ସମ୍ଭାର ସମୁପାଗତ ! ୮ ।
ବର-ବିକଶିତ କମଳ ଜାଣି
ଶୁଣିଲେ କୁମାରେ ଅସ୍ପଷ୍ଟ ବାଣୀ
ସେ ଶରଣ ଭାବ ଶିଶୁ-ଶୁଷ୍କାଣୀ,
ମନୋହର-ବେଶ ଲବଣୀ-ଠାଣି
ଦର୍ଶନେ, ପ୍ରାଣ ପୁଲକେ ପୂରେ,
ସ୍ନେହ ନାଚଇ ଆନନ୍ଦ-ଧୂରେ ।୯।
ସମରେ କୁମାରେ ଅବଶ ତନେ
ବସିଲେ ଶୁଭକେ ଜାନୁ ପତନେ;
ଦୂରେ ଥାଇ ତାକୁ ଆହ୍ଲାଦେ ଶଶୀ
ବଢ଼ାଇଲେ ସ୍ନେହ ଗଣ୍ଡ-ଶକଟ;
କୁମାରେ, କୁତୂହଳେ ସହାସେ
ଦେଖ ଦେଖ ମାନ୍ତ ନନ୍ଦାନୀ ପାଶେ ।୧୦।

---

୭। ମଳୟ—ବସନ୍ତକାଳୀନ ଧୀର ସମୀରଣ, ପ୍ରବାଳ—ପୋହଳା, ପାଟଳ—ଗୋଲାପି ରଙ୍ଗ ।

୮। ସ୍ୱର୍ଗ—ସ୍ୱର୍ଗ, ସ୍ୱପ୍ନ—ସ୍ୱପ୍ନକଳ, ଇନ୍ଦ୍ର-ଆସନ—ସ୍ୱର୍ଗପଦ, କୁବେର କୋଷ—ଧନର ଘର, ସମୁପାଗତ—ଉପସ୍ଥିତ ।

୯। ଅସ୍ପଷ୍ଟ ବାଣୀ—ଶିଶୁର ଅସ୍ପଷ୍ଟ କଥା, ଠାଣି—ଅଙ୍ଗଭଙ୍ଗୀ ।

୧୦। ଶକଟ—ବସ୍ତୁ ଟାଣିବା ଯନ୍ତ୍ର (ଗାଡ଼ି), ସୁପରା ।

କେତେବେଳେ କରେ ମୃତ୍ତିକା ଧରି
ବଅନ୍ତି ରଚନା ପଙ୍କିଳ କରି
ମାତା ଧରାଇଲେ ସୁନ୍ଦର ଫଳ,
ଚିଙ୍ଗନ୍ତି ଫୁଲାଇ ମୁଖମଣ୍ଡଳ
ଘୁଞ୍ଚୁ, ଚୂର୍ଣ୍ଣକୁନ୍ତଳ ଦଳ
ଧରଣେ ସେବନ୍ତି କଞ୍ଜ-କ୍ରୀଡ଼ିତ ଅଳି । ୧୧ ।
ଭୁଖ ହେଲେ ଧରି ଜନନୀ-କର,
ଉହୁଁ ଜଳ ପଦେ କରି ଜର୍ଜର
ଘଉ କଲେ କରି କର ଧାରଣ,
ଝଟେ ଝଟେ ପୁଣି ଦୁଲି ଚରଣ,
ଭମତେନ, ପଡ଼ି କଲେ ରୋଦନ,
ତୋଷନ୍ତି ଜନନୀ ଚୁମ୍ବି ବଦନ । ୧୨ ।
ଡାକନ୍ତି କୁମାରେ ବନ-ବିହଙ୍ଗ
କୁତୂହଳେ ଭୁଞ୍ଜି ସୁରମ୍ୟ ରଙ୍ଗ,
ମୟୂର-ପୁଚ୍ଛରେ ମନ ବଳାଇ
ଧାଉଁଥାନ୍ତି ତାକୁ ଧରିବା ପାଇଁ,
ଖେଳନ୍ତି, ମୃଗ-ଶାବକ ଧରି
କୁସୁମେ ତା' ବେଣୀ ରଚନା କରି । ୧୩ ।
ତାପସ-ତାପସୀ ପ୍ରଫୁଲ୍ଲ ମନେ
କୁମାରଙ୍କୁ ନେଇ ବୁଲନ୍ତି ବନେ,
ପୁଷ୍ପମାଳ ମଣ୍ଡି ଶିରେ ଲଟପାଟେନ
ଦୋଳାନ୍ତି ପୁଷ୍ପିତ-ଲତିକା-ଦୋଳେ,
ଫୁଟାଇ, ସେପାଏ ଆନନ୍ଦ କଳି,
ଆଧି ଅଛୁ ବୋଲି କରନ୍ତି ଥଳି । ୧୪ ।

---

୧୧ । ମୃତ୍ତିକା—ମାଟି, ରଚନା—ଗଠନ, ପଙ୍କିଳ—ମାଟିଆ, କଞ୍ଜ—କ୍ରୀଡ଼ିତ, ଅଳି—ପଦ୍ମରେ ଖେଳୁଥିବା ଭ୍ରମର ସଦୃଶ, ଚୂର୍ଣ୍ଣକୁନ୍ତଳ—ଚୂନ୍ନ ଚୂନ୍ନ କେଶ ।

କୁମାରଙ୍କ ତନୁ ଉଜ୍ଜ୍ୱଳ ଶ୍ୟାମ
ପୃଷ୍ଠ-ଦୋଳେ ଧୁଏ କେଶଦାଣ୍ଡସମ,
ବନଲକ୍ଷ୍ମୀ ଯେସନ୍ତେ ସୁରମ୍ୟ ବେଣୀ
ଦେଇଛନ୍ତି ଗୁନ୍ଥେ ହରିନ୍ମଣିରେ ମଣ୍ଡି,
ପାଦପ ଶାଖା ନଇଁ ଯା' ଅଙ୍ଗେ
ଅନ୍ୟ ଶୋଭାପ୍ରଦ ହୁଏ ଭ୍ରୂଭଙ୍ଗେ । ୧୫ ।

ପଞ୍ଚବର୍ଷ ପଶୁ ବଧ-ବିକ୍ରମେ
ଶ୍ରୀଜ କୁମାରଙ୍କୁ ଡାକିଲେ ଏମେ,
ଯଜ୍ଞେ କୁମାରେ କଲେ ଭ୍ରମଣ
ଶଙ୍କିତ ଶାର୍ଦ୍ଦୂଳ ପଞ୍ଚାନନ ଗଣ,
ଶ୍ୱାପଦ, ଆପଦକୁ କୁଣ୍ଠିତ
ନ ଗଣନ୍ତି ତାଙ୍କ ଦର୍ଶନ ଚିତ୍ତ । ୧୬ ।

କୁମାରଙ୍କ ଚୂଡ଼ାକର୍ମ ସବିଧି
ସମାଧି ବାଲ୍ମୀକି ଜ୍ଞାନ-ବାରିଧି,
ଅତି ସୁଦୁର୍ଗମ ବନ୍ୟ-କାନନ—
ମଧ୍ୟେ କରିଦେଲେ ପଞ୍ଚ-ଆନନ,
କୁମାରେ, ତହିଁ କରି ସଞ୍ଚାର
ଅଞ୍ଜନ-ମାତଙ୍ଗ କଲେ ସଂହାର । ୧୭ ।

---

୧୫ । ହରିନ୍ମଣି—ମରକତ ମଣି, ସବୁଜବର୍ଣ୍ଣ ପ୍ରସ୍ତର ବିଶେଷ ।

୧୬ । ପଞ୍ଚାନନ—ସିଂହ, ଶାର୍ଦ୍ଦୂଳ—ଜଦବନ୍ତ ଦ୍ୱୀପୀ ଧୂମ୍ରବର୍ଣ୍ଣ ଶ୍ୱାନ ।

୧୭ । ଚୂଡ଼ାକର୍ମ—କେଶମଣ୍ଡନରୂପ ସଂସ୍କାର, ସବିଧି—ସାମାଜିକ ନିୟମ ଅନୁସାରେ, ସମାଧି—ସାଧନ କରି, ବାରିଧି—ସାଗର, ସଞ୍ଚାର—ଭ୍ରମଣ, ମାତଙ୍ଗ—ହସ୍ତୀ, ପଞ୍ଚ—ଆନନ—ଏଠାରେ ଲବ କୁଶଙ୍କୁ ପଞ୍ଚାନନ ଅର୍ଥାତ ସିଂହ ବୋଲି ବର୍ଣ୍ଣନା କରାଯାଇଛି ।

ରୂପ୍ୟ-ରଜ୍ଜୁ-ମଣ୍ଡ କାନ୍ତ-ଶିଖରୀ
ବିରାଜନ୍ତି ଯହିଁ ରମ୍ୟ-ବେଶରୀ,
ସ୍ୱଚ୍ଛ-ବାରଣ-ରଜତ-ଧାର
ଝରଇ ଝର୍ଝର-ନର୍ତ୍ତ୍ୟକାର,
ଭାସନ୍ତି, ସିଂହ କଣ୍ଠରେ ରକ୍ତ
ଦନ୍ତ-ଦନ୍ତାଘାତ-ବେଦନା ଶକ୍ତ । ୧୮ ।
କୁମାରଙ୍କ ସେଥୁ ଚିର-ଶିଖର
ତଡ଼ାଇ କୌଶଳେ ଦୃପ୍ତ-କେଶର,
ଖେଳାନ୍ତେ ହରିଣ-ଶାବକ-ଜଣ,
ଦେଖନ୍ତେ କୁମାରେ ଶାର୍ଦ୍ଦୂଳ ପଣ,
ଶ୍ରମନ୍ତି, କଳେ ମୃଗେନ୍ଦ୍ର-କୀଳ,
ଜନକ ନ ଭନ୍ତି ସିଂହ ସନ୍ତାନ । ୧୯ ।
କରନ୍ତି ଜନନୀ ପାଶେ ଗାୟନ
ମହର୍ଷି ରଚିତ ସେ ରାମାୟଣ,
ଭାବ-ଲସ୍ତ ସ୍ୱରେ ବୀଣା ବଜାଇ,
ରାମ-ଭକ୍ତି-ରସେ ମନ ମଜ୍ଜାଇ,
ଦ୍ରବନ୍ତି, ଝୁଲ ନୟନ ନୀର
ପ୍ରେମ-ତରଙ୍ଗରେ ହୋଇ ଅସ୍ଥିର । ୨୦ ।
ତର୍ଜନ, ଗର୍ଜନ, ବିଳାପ, ହାସ
ଗାନେ ଗାନେ ହେଉଥାଏ ପ୍ରକାଶ,
ଫୁଲ୍ଲହୁଏ ବକ୍ଷ ବାହୁ-ଯୁଗଳ,
ବେଳେ ବେଳେ ବହେ ନୟନ-ଜଳ;
ପ୍ରାଣରେ, କାବ୍ୟ-ରସ ଜଡ଼ିତ
ହୋଇ ରହୁଥାଏ ଗାଢ଼େ ଜଡ଼ିତ । ୨୧ ।

---

୧୮ । ଶିଖରୀ—ପର୍ବତ, ବିରାଜନ୍ତି—ଶୋଭା ପାଉଛନ୍ତି, ବାରଣ—ହସ୍ତୀ ।
୨୧ । ଜଡ଼ିତ – ଲାଗି ରହୁଥାଏ ।

କାଳ-ରସନାରେ ନବୀ ସ୍ୱରଣି
ବର୍ଣ୍ଣିଲା ଛନ୍ଦିଲା ମନ୍ତ୍ର ମୂରତି
କବିତ ଉଚ୍ଛ୍ୱାସ ମଧୁର ଲହରୀ
ବିତରଣ କରୁଥାନ୍ତି ଉଲ୍ଲାସ,
ଉଲ୍ଲାସ, ଯେହ୍ନେ ଜୀମୂତଜାହାରି!
ପ୍ରାଣେ ପ୍ରାଣେ ନୃତ୍ୟ ଅମୃତାସାର । ୧୧ ।
ଜାନକୀ ସହିତ ତାପସୀମାନେ
ବସନ୍ତେ ସଙ୍ଗୀତ-ପୀୟୂଷ-ପାନେ,
ବିରସ, ବିଷାଦ, ଶାନ୍ତି, ସନ୍ତାପ
ସୁଖ, ଦୁଃଖ ଲଭୁଥାନ୍ତି ଅମାପ;
ଆନନ୍ଦ, ସେପରି ହୃଦୟ ଦ୍ରବ
ନେତ୍ରରୁ ନେତ୍ରଜ ପଡ଼ଇ ସ୍ରବ । ୧୩ ।
ସେହି ଗୀତା ରାମାୟଣ-ନାୟକ —
ରାଘବ-ହୃଦୟ-ହାର-ନାୟକ,
ସେ ଯେ କୁମାରଙ୍କ ଗର୍ଭ-ଧାରିଣୀ,
ଭାଗୀରଥୀ-ତୀର-ବନ-ଭ୍ରମଣୀ,
କୁମାରେ, ତାହା ଜାଣନ୍ତି ନାହିଁ
ମହର୍ଷି-ନିଦେଶ ଥିଲା ଲୁଚାଇ । ୧୪ ।
ରାମ-ସୀତା-ଗୁଣ-ଗୌରବମାନ
ଏଥି ଶିଶୁଦ୍ୱୟେ କରନ୍ତି ଗାନ,
ଶୁଣି ସଜନଣି ହୋଇ ଲଜ୍ଜିତ
କରୁଥାନ୍ତି ସୁଖେ ମନ ମଜ୍ଜିତ;
ସତର୍କେ, ଆତ୍ମଗୋପନ କରି
ରହନ୍ତି ସମସ୍ତ ତାପସୀ ପରି । ୧୫ ।

---

୧୧ । ଜୀମୂତ—ମେଘ ।

୧୩ । ସ୍ରବ—ବହିଯାଏ । ଦ୍ରବ—ବିଗଳିତ ହୋଇଯାଏ ।

୧୪ । ନାୟକ—ହାର ମଧ୍ୟସ୍ଥ ମଣି, ନିଦେଶ—ମନା ।

ରମ୍ୟ ରାମାୟଣ କରି ଶ୍ରବଣ
ମୁଗ୍ଧ ମୃଗେ ଥାନ୍ତି ତେଜି ଚର୍ବଣ,
ନିଶ୍ଚଳ ଲୋଚନେ ଓଦକ୍ଷୁଅ ପରି
ଆହାର ବିହାର ତୃଷା ବିସ୍ମରି,
ବିହଙ୍ଗ ବୃନ୍ଦ ହୋଇ ନୀରବ,
ସୁଖେ ଲଭୁଥାନ୍ତି ଶ୍ରୁତି-ବୈଭବ । ୧୬ ।
ବିଟପୀଏ ପର୍ଣ୍ଣ-ଖଣ୍ଡ-କମ୍ପନ—
ସରସେ କୁସୁମ-ସ୍ତବକ ଭରି,
ଅନୁରାଗେ ଦେଉଥାନ୍ତି ନିରତ
ଅଭିନନ୍ଦେ ଫୁଲ ବର୍ଷା-ସୂତ୍ର;
ପ୍ରମୋଦେ ଝୁରି,ରହିଯାଏ ତମସା
ଅତୁଳ ପ୍ରମୋଦେ ହୋଇ ବିବଶା । ୧୭ ।
ବହିଯାଏ ମନ୍ଦ-ଛନ୍ଦେ ଅମୃତ
କରି ଧନ୍ୟବାଦ-ନାଦରେ ନୃତ୍ୟ,
ଆସି ଚଉଦିଗ କାନନବାସୀ
ଯାନ୍ତି ସେ ଅମୃତ-ସ୍ରୋତରେ ଭାସି,
ଅଶେଷେ, ଶ୍ରୁତି-ବାଦରେ ମୂଳ
ଶ୍ରୋତ ସ୍ମାରଣ୍ୟ ଅମର-ଲୁଣ୍ଠ । ୧୮ ।
ବ୍ରହ୍ମା, ଇନ୍ଦ୍ର, ରୁଦ୍ର ଶୁଣି ସେ ଗାନ
କରୁଥାନ୍ତି ଧନ୍ୟବାଦ ପ୍ରଦାନ,
ଉଦୀଚୀ ପ୍ରତୀଚୀ ପ୍ରାଚୀ ଅବାଚୀ
ଦଶ ସୀମନ୍ତିନୀ ଉଠନ୍ତି ନାଚି;
ପକାଇ, ଗାନ ସ୍ୱର୍ଗ-ସଭାରେ
ନାଚନ୍ତି ଗନ୍ଧର୍ବ ସଙ୍ଗେ ଅପ୍ସରୀ । ୧୯ ।

---

୧୬ । ଶ୍ରବଣ—କର୍ଣ୍ଣ, ଓଦକ୍ଷୁଅ—କାଷ୍ଠମଣ୍ଡ ମୁଖ । ବିସ୍ମରି—ଭୁଲିଯାଇ ।
୧୮ । ମନ୍ଦ-ଛନ୍ଦେ—ମୃଦୁଳ ବେଗରେ ।
୧୯ । ଉଦୀଚୀ—ଉତ୍ତର ଦିଗ; ପ୍ରତୀଚୀ—ପଶ୍ଚିମ ଦିଗ; ପ୍ରାଚୀ—ପୂର୍ବଦିଗ; ଅବାଚୀ—ଦକ୍ଷିଣଦିଗ; ଦଶ ସୀମନ୍ତିନୀ—ଦଶସୁନ୍ଦରୀଗଣ

ଲୋକେ ଲୋକେ ଭ୍ରମି ଭ୍ରମି ନାରଦ
ମୁକ୍ତକଣ୍ଠେ ବ୍ୟକ୍ତ କଲେ ଆନନ୍ଦ,
ପ୍ରଶଂସି ବାଲ୍ମୀକି-କବିତା-ରସ
ଶ୍ରୀରାମ-ଜାନକୀ-ଚରିତ୍ର-ଯଶ;
ଗାୟନ, ତାଙ୍କ କୁମାରଙ୍କର
ପୀୟୂଷ-ବର୍ଷୀ ବଲ୍ଲକୀ-ସ୍ୱର । ୭୦ ।
ନିଜ ବୀଣା ଧରି ବର୍ଣ୍ଣ-ବିତତ
ବାଲକ-ଗୀତାରେ ଯୋଗାଇ ମୋଦତ,
ପ୍ରଶଂସିଲେ ତାଙ୍କୁ ବୋଲି ଉତ୍ତମ
ଧନ୍ୟ ଧନ୍ୟ ବୋଲି ମୁନି-ସତ୍ତମ;
ପ୍ରଫୁଲ୍ଲେ, ପର-ପ୍ରଶଂସା ଗାଇ
ସ୍ୱକୀୟ ମହିମା ଦେଲେ ବଢ଼ାଇ । ୭୧ ।
ନିଜ ଗୁଣ ଆଉ ପର-ସଦ୍‌ଗୁଣ—
ପ୍ରଶଂସାରେ ଜନ ହୋଇ ନିପୁଣ,
ନିଜ ଗୁଣ ତହୁଁ କରେ ଫଳିତ
ଧନ୍ୟ ସେ ଯିନା ଗର୍ବ ଗଳିତ;
ପବନ, ବନ୍ଧୁ ପ୍ରସୂନ-ବାସ
ଜଗତେ ଅଧିକ ଦିଏ ଉଲ୍ଲାସ । ୭୨ ।
କୁମାରଙ୍କ ଏକାଦଶ ହାୟନ
ବୟସରେ ହେଲା ଉପନୟନ,
ତହିଁପରେ କରି ବେଦାଧ୍ୟୟନ
ଲଭିଲେ କୁମାରେ ଜ୍ଞାନ-ନୟନ,
ଦେବଙ୍କ, ପୁତ୍ର-ପ୍ରଗତି ଦେଖି
ବୈଦେହୀ ବଥନ୍ତି ଦୁଃଖ ଉପେକ୍ଷି । ୭୩ ।

---

୭୦ । ଲୋକେ ଲୋକେ—ପ୍ରତିଲୋକ ପରି ଭିନ୍ନ ଭୁବନରେ,
ବଲ୍ଲକୀ—ବୀଣା ।
୭୩ । ହାୟନ - ବର୍ଷ, ଉପନୟନ—ବ୍ରତ ଅନୁଷ୍ଠାନ ।

ତପନ-ତନୟା-ଜନିତ ଅରୁଣ—
କିରଣ ପରଶେ ନବ ତରୁଣ—,
ମନୋହର ଛବି, ଅଣି ବରୁଣ—
ଭଣ୍ଡାରି-ରଚନ-ମଞ୍ଜୁଷ-ଭୂଷଣ,
କୁମାରି-ମୁଖ, ଶ୍ୟାମ-ଶରୀରେ
ସରସ କୌଶଳେ ମଣ୍ଡିଲ ଧୀରେ । ୩୪ ।
ଜ୍ଞାନ-ଦୀପ୍ତିଜିତ ଶୋଭା ତାଙ୍କର
ହେଲା ଶ୍ରୁତି-ବୃନ୍ଦ-ପଦାର୍ଥ-କର,
ବ୍ୟବହାର ହୋଇ ଶାସ୍ତ୍ରାନୁଗତ
ଜଗତେ ଉଚିତ ହେଲା ଦେବତ୍ୱ,
ପ୍ରଦାତ୍ର, ମନ-ବଚନ-ଅଙ୍ଗ
ପୂଜିଲେ ଜୀବନେ ପ୍ରଭୁ-ଚରଣ । ୩୫ ।
ଜନନୀ ଜୀବନ ପୂର୍ଣ୍ଣ-ଅଙ୍କେନେ
ଘୁରୁଥାଏ ପୁଷ୍ପ-ଘଟିତ ଶ୍ଳୋକେ,
ଅଧିକୁ ଅଧିକ ମନୋରଞ୍ଜିନୀ
ହେଉଥାଏ ଶୋକ-ମୃତ୍ୟୁ-ଭଞ୍ଜନା,
ଭୁଞ୍ଜିଲ, ଭୂଇଁଶୀ ପୁତ୍ରର ମୂଳ
ଭର-ପୂର୍ତ୍ତି-ପୁଣ୍ୟ ତଥ୍ୟ ଅତୁଳ । ୩୬ ।
କୁମାରଙ୍କ ନବ ପ୍ରଫୁଲ୍ଲ ରୂପ
ମାତା-ନୟନ ମଣେ ରତନ-ସ୍ତୂପ,
ପୁତ୍ର-ପରଶଂସା ମାତା ଶ୍ରବଣେ
ପରଶିତ ହୁଏ ସୁଧା-ସ୍ରବଣେ,
ତହିଁକ, ସ୍ୱାମୀ-ପ୍ରଶଂସା-ଶ୍ରେଣୀ
ଦତ୍ତ-ପଦେଶ ହେଲା ସ୍ୱର୍ଗ-ନିଃଶ୍ରେଣୀ । ୩୭ ।

---

୩୪ । ତପନ ତନୟା—ଯମୁନା, ମୟୂଖ-କିରଣ ।
୩୭ । ସ୍ରବଣ—କ୍ଷରଣ ।

ଯେଉଁ ଦିନୁ ସୁତେ ଜନନୀ-ଅଙ୍କ
ଶୋଭନ କରୁଥିଲେ ହୋଇ ନିଃଶଙ୍କ,
ସେଦିନୁ ଜାନକୀ ତପସ୍ୟା-ବ୍ରତ
ଅନୁଷ୍ଠାନ କଲେ ଅନବରତ;
ସମର୍ପି, ମନ ସ୍ୱାମୀ-ଚରଣେ
ଲଭିଲେ ଜୀବନ ଶେଷ କାରଣେ । ୩୮ ।

ନିଦାଘ ସରିତ-ସ୍ରୋତ ସଦୃଶ
ସତୀପ୍ରାଣ ହୋଇ ଆସିଲା କୃଶ,
ଅସିତ ପକ୍ଷର ଶଶୀଙ୍କ ସରି
ଲକ୍ଷ୍ୟ କଲା ମୃତ୍ୟୁ-ଅମା-ଶର୍ବରୀ,
ସ୍ୱାମୀଙ୍କି ମଣି ତପନେଶ ସମ,
ଆଶା କଲା ତହିଁ ହେବ ସଙ୍ଗମ । ୩୯ ।

କହୁଥାନ୍ତି "ଅରେ ଦେଉଁ ଉପାସ୍ୟ
ଦୃଷ୍ଟି ଦେଇ ସ୍ୱାମୀ-ପଦାବ୍ଜ-ପାଏ
ସମର୍ପଣ କରି ଦୃଷ୍ଟି-ଯୁଗଳ
ଦଅନ୍ତି ଖୋଲି ମୋ ତନୁ-ଅର୍ଗଳ;
ପଶୁଣ ମୁଁ ଯାଇ ସତ୍ୱର
ସେ ମୁକ୍ତି-ମନ୍ଦିରେ କରନ୍ତା ଘର" । ୪୦ ।

---

୩୯ । ଅମାବାସ୍ୟାରେ ସୂର୍ଯ୍ୟ ଚନ୍ଦ୍ର ସଙ୍ଗମ ହୁଏ, ଏହି ହେତୁ ତାକୁ ସୂର୍ଯ୍ୟେନ୍ଦୁସଙ୍ଗମ କହନ୍ତି ।
୪୦ । ପାଏ—ପାଦରେ, ସମର୍ପଣ—ପ୍ରଦାନ, ଅର୍ଗଳ—ବାନ୍ଧ ।

# ଏକାଦଶ ସର୍ଗ

ଏକ ଦିନ ଦିନନାଥ ପୃଥ୍ୱୀ-ପ୍ରଦକ୍ଷିଣ—
ଶ୍ରମ-କ୍ଲାନ୍ତେ ଅବସନ୍ନ-ତେଜ ଜଣ୍ଡ କ୍ଷୀଣ । ୧ ।
ପଶ୍ଚିମ- ଜଳଧି-ନୀଳ ଅଞ୍ଚଳରେ ମ୍ଳାନ—
ନିଳୟରେ ଯାଇ ଶାନ୍ତେ ହେଲେ ଶୟମାନ । ୨ ।
ସୁବୁଦ୍ଧି ନ ପାଇ କାହିଁ ହୋଇ ଅଧ ପାନ,
ମୁଗ୍ଧ ବୃନ୍ଦେ ନ ଦିଶୁ ତାଙ୍କ ପଛେ ଗଲା ଦିନ । ୩ ।
ନ ଜାଣିଲୁ ପଦ୍ମ ନଦୀ ପଡ଼ୀର ସେ ଦଶା-
ସରଳା ନଳିନୀ ବାଳା ନ ଗୁଡ଼ାଇଲା ବସା । ୪ ।
ଖଦିମାନେ ଲୁଚି ତାର ଭଙ୍ଗିବାର କୋଟି,
ଭଜନ ଗାଇତ୍ରୀ କଲ୍ ଗଗନେ ପ୍ରଦୋଷ । ୫ ।
ସୁନ୍ଦରୀ ନଳିନୀର ସ୍ୱର୍ଣ୍ଣ ଅପମାନ,
ଶଧାରେ ଶିରୀଷ-ତରୁ ହେଲା ମ୍ରିୟମାଣ । ୬ ।
ସ୍ୱାମୀ-ଅସ୍ତେ ଚିତ୍ରଭାନୁ କରି ଆରାଧନା,
ପୂରିଲେ ମହେଶ-କୃପା ସୁନ ମହାମନା । ୭ ।

---

୧ । ଦିନନାଥ—ସୂର୍ଯ୍ୟ ।
୨ । ଜଳଧି—ସମୁଦ୍ର ।
୫ । ପ୍ରଦୋଷ - ସନ୍ଧ୍ୟା, ଗାଇତ୍ରୀ—ଗାଏତ୍ରୀ, ଦେବତା ଓ ଋଷିମାନେ ବନ୍ଦେ ହେବା ସମୟରେ ପୂଜାରେ ପ୍ରଚାରିତ ଗସ୍ତ ।
୬ । ଶଧା—ଲଜ୍ଜା, ମ୍ରିୟମାଣ—ଝାଉଁଳି ପଡ଼ିଲା ।
୭ । ସ୍ୱାମୀ—ସୂର୍ଯ୍ୟ, ଚିତ୍ରଭାନୁ—ଅଗ୍ନି, ଆରାଧନା—ପୂଜା, ମହେଶ—ଶିବ ।

କରିଥାନ୍ତେ ଅନ୍ତିମରେ ମନ୍ତ୍ରି କୁଶାସନ,
ଲକ୍ଷୁଥାନ୍ତି ମନେ ମନେ ଶ୍ରୀପ-ସୂର୍ଣ୍ଣାସନ ।୮।
ତହିଁ ସଙ୍ଗେ କୁମାରଙ୍କ ଯୋଗ୍ୟତା ବୟସ,
କି ରୂପେ ଘଟିବ ପିତା-ପୁତ୍ର-ପରିତୋଷ ।୯।
ଧନୁର୍ବେଦ ରାଜଧର୍ମ ଶିକ୍ଷାର ଦୁଆରେ,
ଛୁପଟତ ହୋଇଛନ୍ତି ଏକୋଳେ କୁମାରେ ।୧୦।
ତାପସଙ୍କ ସଙ୍ଗେ ଯେବେ ବନେ ଥିବେ ରହି,
ମୂଳମନ୍ତ୍ର ଶମସ୍ଥିତି ବୃଥା ଶିଖ ବହି ।୧୧।
ରାଜପୁତ୍ର ରାଜ ଧର୍ମେ ନ ହେଲେ ନିପୁଣ,
ବନ୍ଧ୍ୟ ତରୁ ପରି ବ୍ୟର୍ଥ ହେବ ସର୍ବଗୁଣ ।୧୨।
ବୀରଧୂଳି ନ ଲଭିଲେ ବୀରକୃତି-ଭୂଷଣ,
ବୀରବଂଶ ପୁତ୍ର ହେବ ଦୁଃସହ ଦୂଷଣ ।୧୩।
କେ କରିବ କୋଶଳର ରାଜସିଂହାସନ,
ନ ଶୋଭିବ ଧନେ ରାମ-ଦାଶ୍ୱାଦି-ରଚିତ ।୧୪।
ତେତେବେଳେ କୁଳମାନ ରକ୍ଷଣ-କ୍ଷମତା,
ନ ଥିଲେ ପଡ଼ିବ ଫୁଟି ଜାଡ୍ୟ-ଅଧମତା ।୧୫।
ଆଦର୍ଶବାଳକେ ତହିଁ କେମନ୍ତେ କୁଶଳ,
ହେବେ ଆଉ କାନନରେ କୁମାରଯୁଗଳ ? ।୧୬।
ବିଶେଷତଃ ରଘୁବଂଶ-ନୃପେ ଦାନ-ବୀର,
ସେ ଆଦର୍ଶ ହେବ କାହିଁ ରକ୍ଷିତ କୁଟୀର ? ୧୭ ।
ଅବନଳ ରାମରୂପ, ସ୍ୱର୍ଣ୍ଣବମ୍ବୁ ପରି,
କୁମାର ଯୁଗଳ ଛନ୍ତି ଅବସ୍ଥୂତ ଧରି ।୧୮।

---

୧୨ । ବନ୍ଧ୍ୟ ତରୁ—ଅଫଳନ୍ତ ବୃକ୍ଷ ।
୧୩ । ଦୂଷଣ—ନିନ୍ଦା ।
୧୪ । କୋଶଳ—ଅଯୋଧ୍ୟା, ଦାଶ୍ୱାଦି—ଇକ୍ଷ୍ୱାକୁଧ୍ୱଜାସ୍ତ ।
୧୮ । ସ୍ୱର୍ଣ୍ଣବମ୍ବୁ—ଶୁଦ୍ଧା ।

ଘୁଞ୍ଚିଲେ ଶଙ୍କିବେ ପ୍ରଜା ନିଜର ଜନନ,
ଶତ୍ରୁ ଧନ କରିଦେବେ ସନ୍ଦେହ ଖଣ୍ଡନ । ୧୯ ।
କୁମାରଙ୍କୁ ନେଇ ଦେଲେ କରିବେ ତର୍ପଣ,
ତା' ହେଲେ ନ ହେବ ଆଉ ଅନ୍ତର ଘର୍ଷଣ । ୨୦ ।
କିନ୍ତୁ ସେ ତ ଏକମାତ୍ର ଅପବାଦ ଭୟେ,
ସତ୍ୟବ୍ରତା ଜାଣି ଜାଣି ନିଷ୍ଠୁର ହୃଦୟେ । ୨୧ ।
ଦୋହଦିନୀ ଦୟିତାଙ୍କୁ ବିପିନେ ପ୍ରେରଣ,
କରିଛନ୍ତି ଛଳ କରି ଦୋହଦ-ପୂରଣ । ୨୨ ।
ସନ୍ତାନ-ମମତା ତାଙ୍କ ହୃଦୟେ ସମ୍ଭବ,
ବାର ବର୍ଷ ପରେ ହେବା କୁମର ସମ୍ଭୂତ । ୨୩ ।
ପୁତ୍ର-ସ୍ନେହ ଅର୍ପିଛନ୍ତି ପ୍ରକୃତିଙ୍କ ପ୍ରତି;
ନିଶ୍ଚୟେ ଲୋଡ଼ିବେ ତାଙ୍କ ସମ୍ମତି ସମ୍ପ୍ରତି । ୨୪ ।
ନିଜର ବିଶ୍ୱାସ ପ୍ରତି ଆସ୍ଥା ନାହିଁ ଯାର,
ନ ହେବ ଭୁଷ୍ଟାଳି ଅନ୍ୟେ କହିଲେ ବୁଝାଇ । ୨୫ ।
ଏ ବିଷୟେ ବ୍ରହ୍ମସୁତ ଲକ୍ଷ୍ମଣ ସମ୍ମତ,
ପରାମର୍ଶ କରିବାର ଅବଶ୍ୟ ଉଦ୍ୟତ । ୨୬ ।
ଏ ସମୟେ ରାଜଦୂତ ଯୋଡ଼ି କରପୁଟ,
ପ୍ରଣମି ବାଲ୍ମୀକି କରେ ଦେଲା ଏକ ପଟ । ୨୭ ।
ପାଠ କରି ମୁନିବର ହେଲେ ଅବଗତ,
ଆବଶ୍ୟ ତ ହୋଇଅଛି ବାଞ୍ଛାସିଦ୍ଧି-ପଥ । ୨୮ ।

---

୨୦ । ଘର୍ଷଣ—ଝଗଡ଼ା ।
୨୨ । ଦୋହଦିନୀ—ଗର୍ଭବତୀ, ଦୟିତା—ସ୍ତ୍ରୀ, ଛଳକରି—କପଟ କରି ।
ଦୋହଦ—ଗର୍ଭିଣୀର ଇଚ୍ଛା ।
୨୩ । ସମ୍ଭୂତ—ଜାତ ।
୨୪ । ପ୍ରକୃତି—ପ୍ରଜା ।
୨୬ । ବ୍ରହ୍ମସୁତ—ବଶିଷ୍ଠ, ଉଦ୍ୟତ—ରତତ ।
୨୮ । ଅବଗତ—ଜାଣିପାରିଲେ ।

କରିଛନ୍ତି ରାମଚନ୍ଦ୍ର ରାଜା ନିମନ୍ତ୍ରଣ,
ଅନୁଷ୍ଠିତ-ଅଶ୍ୱମେଧ-ଯଜ୍ଞର କାରଣ । ୨୯ ।

ଆସିଲେ ମୁନୀନ୍ଦ୍ର-ବାଧ୍ୟ ହୋଇ ଅନୁକୂଳ,
ସୁତକା-ବାଳକ ଯାଜ୍ଞେ ଦେଖାଇଲେ କୂଳ । ୩୦ ।

ଯଜ୍ଞ-ଦରଶନ ପାଇଁ ମୁନିପୁଙ୍ଗବ ବେଶେ,
କୁମାରଙ୍କୁ ଘେନଯିବା ଶିଷ୍ୟ-ବ୍ୟପଦେଶେ । ୩୧ ।

କୁଶ ଲବ ଯଜ୍ଞକ୍ଷେତ୍ର ବୁଲି ସ୍ଥାନ ସ୍ଥାନ,
କରିବେ କବାନ ଧାରା ରାମାୟଣ ଗାନ । ୩୨ ।

ରାମ-କଥା କରି ଗୀତ-ମାଧୁର୍ଯ୍ୟ-ବର୍ଷଣ,
ନିଶ୍ଚୟ କରିବ ଜନ-ମନ ଆକର୍ଷଣ । ୩୩ ।

ଶ୍ରୀରାମ ସଦୃଶ ଦେଖି କୁମାରଙ୍କୁ ଜନେ
ରାମ-ପୁତ୍ର ବୋଲି ସର୍ବେ ଅନୁମିବେ ମନେ । ୩୪ ।

ଏବେ ରାମଚନ୍ଦ୍ର ନିଜ ପୁତ୍ରଦ୍ୱୟ ରୂପେ,
ଦୁହିଙ୍କୁ ମଗାଇ ନେବେ ପ୍ରୀତି-ପ୍ରଥା-ରୂପେ । ୩୫ ।

ରାମ ହେଲେ କୁମାରଙ୍କ ଅଙ୍କରେ ବୁଣିତ,
କଉଶଲ୍ୟା ନ ହେବେ କି ଅବନୀ-ଲୁଣ୍ଠିତ ? ୩୬ ।

କରୁ ବାନ୍ଧି ବୈଦେହୀଙ୍କି ସ୍ୱବଂଶ ହରଣ,
ରାମାୟଣେ ଶୁଣି ସତୀ ଲଭିବେ ସ୍ମରଣ । ୩୭ ।

ଅନଳରେ ହୋଇଛନ୍ତି ସତୀ ପରୀକ୍ଷିତ,
ଶୁଣିଲେ ନ ହେବ କାହା ତନୁ କଣ୍ଟକିତ ? ୩୮ ।

ପ୍ରକାଶିବ ରାମାୟଣ ଚରିତ୍ର-ଆଲେଖ୍ୟ,
ଅପବାଦ-ତମ ଘୁଞ୍ଚି ଦେବ ଶୁଣି ଲୋକ । ୩୯ ।

---

୩୮ । ଅନଳ – ଅଗ୍ନି ।

ଏହି ରୂପେ ମନେ ମନେ ସ୍ମରି ମୁନିବର,
ଆଗାର ଦ୍ୱାରଦେଶେ ହେଲେ ପ୍ରଫୁଲ୍ଲ-ଅନ୍ତର । ୪୦ ।
ବିଶ୍ରାମ ଆଦେଶେ ଦେଇ ଦୂତେ ମିଷ୍ଟସ୍ୱରେ,
ଶିଷ୍ୟଗଣେ ନିଦେଶ୍ୟାକଲେ ତରସ୍ୱୀ ପ୍ରକାଶେ । ୪୧ ।
ଜାନକୀ ନିକଟେ ଯାଇ ହର୍ଷେ ମୁନିବର,
ଜଣାଇଲେ ଅଶ୍ୱମେଧ-ଯଜ୍ଞର ଖବର । ୪୨ ।
ଆସିଅଛି ରାମଦୂତ ଧରି ନିମନ୍ତ୍ରଣ,
ଶିଷ୍ୟଗଣ ହେବେ କାଲି କରିବେ ଗମନ । ୪୩ ।
ତାଙ୍କ ସଙ୍ଗେ କୁଶ ଲବ ଯିବେ ଯଥାଶିଷ୍ୟ,
ଦେଖିବେ ବହୁତ ମୁଖ ଲଭିବେ ଆଶିଷ । ୪୪ ।
ମହର୍ଷି ପ୍ରସ୍ତାବ ସୀତା କଲେ ସମର୍ଥନ,
କୁମାରଙ୍କ ଭାର ହାତେ କଲେ ସମର୍ପଣ । ୪୫ ।
ତହୁଁ ଋଷି ଅନ୍ତେବାସୀମାନଙ୍କୁ କହିଲେ,
ଅଶ୍ୱମେଧ ଦେଖିଯିବା ଯାମିନୀ ପାହିଲେ । ୪୬ ।
କୁଶ ଲବ ସଙ୍ଗେ ହେବେ ସାର୍ଥ ସକଳ,
ସଜ ହୋଇ ଧରିଥିବ ପାଥେୟ ସମ୍ବଳ । ୪୭ ।
ବାବା କୁଶ ଲବ ବୀଣା ସଙ୍ଗେ ଥିବ ଧରି,
କୁଶଳ ଜଣିବ ଶିକ୍ଷା ସୁସଙ୍ଗୀତ କରି । ୪୮ ।
ଯେଉଁ ରାମ ରାମାୟଣ-କାବ୍ୟର ନାୟକ,
ହୋଇଛନ୍ତି ଭୂମି ଭୂପ ଆନନ୍ଦ ଦାୟକ । ୪୯ ।
ସେହି ରାମ କରୁଛନ୍ତି ଏହି ମହାଯାଗ,
ଆସିବେ ବହୁତ ଦେଶୁ ବହୁ ମହାଭାଗ । ୫୦ ।

---

୪୧ । ନିଦେଶ୍ୟାକଲେ — ନିଯୁକ୍ତ କଲେ, ତରସ୍ୱୀ — ଅଶ୍ୱାର୍ଥିନୀ ।
୪୬ । ଅନ୍ତେବାସୀ — ଶିଷ୍ୟ, ଯାମିନୀ — ରାତ୍ରି ।
୪୭ । ସାର୍ଥ — ସହଯାତ୍ରୀ, ପାଥେୟ — ପଥିକର ବାଟରେ ଆବଶ୍ୟକ ପଦାର୍ଥ ।
୫୦ । ମହାଭାଗ — ଗୁଣଯୁକ୍ତ ବ୍ୟକ୍ତି ।

ଆସିଥିବେ ବିଭୀଷଣ ଲଙ୍କା-ଅଲଙ୍କାର,
ଅସୁର-ସନ୍ତତି ସଙ୍ଗ ସିନ୍ଧୁ ହୋଇ ପାର । ୫୧ ।
ଭଲି ଭଲ ସଜ୍ଜ କରି ଅଙ୍ଗଦ-ପ୍ରମୁଖ,
ଆସିବେ ସୁଗ୍ରୀବ ସଙ୍ଗେ ହୃଦେ ମାନି ସୁଖ । ୫୨ ।
ସଙ୍ଗେ ତେଣେ ଜାମ୍ବବନ୍ତ ସମ ସାନୁମାନ,
ଅମିତ-ବିକ୍ରମ-ଶାଳୀ ବୀର ହନୁମାନ । ୫୩ ।
ମୁଦିତ ହୃଦେ ଯେଣେ ସୀତାପତି ମୋଦହାର,
କହୁଥିବେ ଭକ୍ତି ସିଂହ ସତ୍ତ୍ୱଣ ବାହାର । ୫୪ ।
ସୁବେଷ ପାଳକ-ମାନେ ନର୍ତ୍ତି ଦଳେବର,
ଆସିଥିବେ ଗୁହ ସଙ୍ଗେ ଅଗଣ୍ୟ ଶବର । ୫୫
ସେ ଦୁର୍ଲଭ ରାଜଲକ୍ଷ୍ମୀ-ପ୍ରେମ ଆଲିଙ୍ଗନ,
ସ୍ୱଭକ୍ତି ବଳେ ହେଲେ କରି ଉଲ୍ଲଘନ । ୫୬ ।
ଅଗ୍ରଜ-ପାଦୁକା ଥୋଇ ରାଜ-ସିଂହାସନେ,
ଯାପିଲେ ଚଉଦ ବର୍ଷ ଫଳମୂଳାସନେ । ୫୭ ।
ଶାସନ ଚାଳିତ କଲେ ବାନ୍ଧି ଜଟାଜୁଟ,
ଭକ୍ତ ମୁଖେ ଶୁଭେଁ ଯାହା ହିମାଚଳ କୂଟ । ୫୮ ।
ସେ ଭରତ ଥିବେ ତହିଁ ରାମ ଅନୁରାଗ,
ଶତ୍ରୁଘ୍ନ ସହେ ସ୍ୱଭ୍ରାତ୍ରା କୀର୍ତ୍ତିକାନ୍ତି ଧନ୍ୟ । ୫୯ ।

---

୫୨ । ଅଙ୍ଗଦ—କିଷ୍କିନ୍ଧ୍ୟା ରାଜା ବାଳୀଙ୍କ ପୁତ୍ର, ସୁଗ୍ରୀବ—ବନବାସ କାଳରେ ରାମଚନ୍ଦ୍ରଙ୍କର ମିତ୍ର, ପରେ କିଷ୍କିନ୍ଧାର ରାଜା ।

୫୩ । ଜାମ୍ବବନ୍ତ—ପଥର ଶ୍ରେଷ୍ଠ, ସାନୁମାନ—ପର୍ବତ, ହନୁମାନ—ରାମଙ୍କ ଦୂତ ।

୫୫ । ପାଳକ—ପକ୍ଷିବିଶେଷ, ଗୁହ—ଗୁହକ ଶୃଙ୍ଗବେରପୁରର ଶବର ରାଜା । ସେ ଥିଲେ ରାମଚନ୍ଦ୍ରଙ୍କର ପରମ ବନ୍ଧୁ । ବନବାସ କାଳରେ ଗୁହକ ରାମଚନ୍ଦ୍ରଙ୍କୁ ଆଶ୍ରୟ ପ୍ରଦାନ କରି ଗଙ୍ଗା ପାରିହେବା ପାଇଁ ସାହାଯ୍ୟ କରିଥିଲେ ।

ସଖୀକନ୍ୟା ଲକ୍ଷ୍ମଣଙ୍କୁ ଦେଖିବ ତହିଁରେ,
ଯା' ଶ୍ରମ ଦ୍ରୁତେସ୍ୱ ଜଣେ ନାସ୍ତାନ୍ତ ମସ୍ତରେ । ୬୦ ।
ଦବେ ବଜ୍ରଧର ଯାର ଭୟରେ ଚଳିତ,
ତା' ଦର୍ପ ଦେଖ କରିଲନ୍ତୁ ପଦ୍ମରେ ଦଳିତ । ୬୧ ।
ମେଘନାଦ-ବଧ-ବାର୍ତ୍ତା ହୋଇ କାଳାନଳ,
ରାବଣ-ହୃଦୟେ ପଶି କଲା ସ୍ତୁ ପ୍ରବଳ । ୬୨ ।
ତହିଁ ସଙ୍ଗେ ଅଙ୍ଗ-ଜଳ ଅସ୍ତୁଛ ପ୍ରଦାନ,
ତାର ଭ୍ରାତାର କଲୁ ସ୍ମରଣ-ପ୍ରଧାନ । ୬୩ ।
ତହିଁ ତତ୍ତ୍ୱ କରି ତାର ପ୍ରତାପ୍ତ ଶକତ,
ଚୋଷେ ଲିଖି ଧରି ଦୋଷେ ସଉମିତ୍ର ସୁତ । ୬୪ ।
ଶକତି-ଆଘାତ-ଜାତ କ୍ଷତର ଲକ୍ଷଣ
ଦେଖି ପୁତ୍ରେ ବକ୍ଷ ସାର୍ଥକାମୀ ସେ ଲକ୍ଷ୍ମଣ । ୬୫ ।
ଏଥିରେ ଦେଖିବ ସୀତା ଦେଖିଛ ଏଥରେ,
ଶୋଭିବ ପ୍ରଭୁଙ୍କ କଥା ସଙ୍ଗ ଶ୍ରମରେ । ୬୬ ।
ସଙ୍ଗୀତ ଶୁଣିବେ ଶତ ଶତ କରପତ,
ତପୋବ୍ରତପୂର୍ଣ୍ଣତନୁ ଶତ ଶତ ଯତ । ୬୭ ।
କେବଳ ପଣ୍ଡୁ ଶରେ ତହିଁ ଭୂମ୍ଭ ପଶତନ୍ତୁ,
ବୋଲିବ, "ବାଲ୍ମୀକି-ଶିଷ୍ୟ ଆମ୍ଭେ ଦୁଇ ଭ୍ରାତୃ" । ୬୮ ।
ରାଜା ରାମଚନ୍ଦ୍ର ସେବେ କରିବେ ଆହ୍ୱାନ,
କରିବ ଗୁମ୍ଫରେ ତାଙ୍କ ରାମାୟଣ ଗାନ । ୬୯ ।
ପଚାରିଲେ ପରିଚୟ ଦେବ କୌତୂହଳ,
ବୋଲିବ, "ବାଲ୍ମୀକି-ଶିଷ୍ୟ ସୋଦର ଯୁଗଳ ।" ୭୦ ।

---

୬୧ । ବଜ୍ରଧର – ଇନ୍ଦ୍ର, ଯାର ଭୟରେ --ରାବଣର ଜ୍ୟେଷ୍ଠପୁତ୍ର ଇନ୍ଦ୍ରଜିତ ଭୟରେ; ମେଘନାଦ – ଇନ୍ଦ୍ରଜିତ ।
୬୪ । ସଉମିତ୍ର—ଲକ୍ଷ୍ମଣ ।
୬୫ । ଲକ୍ଷଣ—ଚିହ୍ନ ।

ଧନ ଦେଲେ ଲୋଭ କେଜି ବୋଲିବ ଜନରେ,
"କି କରନ୍ତୁ ଧନ ନେଇ ତାପସ-ନିଳୟେ ?" ୭୧ ।

କେତେଣେ ଶୁଣି ମୁନି-ମୁଖୁ ଅଶ୍ୱମେଧ-କଥା,
ବୈଦେହୀ-ହୃଦୟେ ହେଲା ଆକସ୍ମିକ ବ୍ୟଥା । ୭୨ ।
ଭାବିଲେ କିଶୋର ରଘୁକୁଳ ଚୂଡ଼ାମଣି,
ଅଙ୍କେ ବସାଇଲେ ଅଛି ଦ୍ୱିତୀୟା ରମଣୀ । ୭୩ ।

ଧନ୍ୟ ସେହି ଭାଗ୍ୟବତୀ ଟାଳିଲେ ତା, ତପ,
ପାଦପେ ପାଷାଣ-ବକ୍ଷ-ସିକ୍ତ-ଶୀତାତପ । ୭୪ ।
କାହିଁ କେଉଁରୂପେ କଲା କି ଘୋର ତପସ୍ୟା,
ତପସ୍ୟାକୁ ତାର ମୋର ବଳନ୍ତି ଲାଳସା । ୭୫ ।
କିଏ କହି ଦେବ ସେହି ତପର ନିୟମ,
କିମ୍ପା କରନ୍ତି ତହିଁ ତପ ସୁପ୍ରଭୂତମ । ୭୬ ।

କେ ଜାଣିବ ନାହା ! ସୁଂତପ ଭକ୍ଷଣ,
ଜାଣିଥିବେ ବଶିଷ୍ଠାଦି ମହାଋଷିଗଣ । ୭୭ ।

ନ ହେଲେ କି କଲେ ତାକୁ ସ୍ୱାମୀ ମନୋନୀତ ?
ତାଙ୍କମତେ ହୋଇଥିବେ ପ୍ରଭୁ ପରିଣୀତ । ୭୮ ।
ଭୁପାଦେ ଅଛିବ ସେହି ନଗ୍ରୁତ ମନ୍ତ୍ରର,
ବଲ୍କଳ ନେଇଛିଲେ ଯହିଁ ଜଗତ ପରିର । ୭୯ ।

---

୭୧ । ନିଳୟେ – ଘରେ ।

୭୩ । ଅଙ୍କେ – କୋଳରେ, ଦ୍ୱିତୀୟା ରମଣୀ – ଦ୍ୱିତୀୟଥର ବିବାହ କରିବା ।

୭୪ । ଶୀତାତପ– ଶୀତଳତା ଓ ଉଷ୍ଣତା ।

୭୫ । ଲାଳସା—ଇଚ୍ଛା, ଅଭିଳାଷ ।

୭୮ । ପରିଣୀତ—ବିବାହ କରିବା ।

୭୯ । ନଗ୍ରୁତ—ରୋପଣୀୟ ।

"ଶରଣ-ବତ୍ସଳ-ଧ୍ୱଜା ଶତ୍ରୁ-ଗଜାଙ୍କୁଶ,
ଦୁଃଖ-ନିଶା-ଚନ୍ଦ୍ର ଯହିଁ ତେଜନ୍ତି ବିବୁଧ । ୮୦ ।
ଯଜ୍ଞେଶ୍ୱରଙ୍କ ସେ ପାଦପଦ୍ମ ସ୍ମରେ,
ଦୀନ ଭିକାରିଣୀ ଦୂରୁ କଟିଣିରେ ବସେ । ୮୧ ।
ଜଗବନ୍ଧୁ ମଧୁ-ଆଶା-ଭ୍ରମର-ମୋହନ,
କାତରେ କାନ୍ତାରେ ଥାଇ କରେ ନିବେଦନ । ୮୨ ।
ମହାରାଜ ମହାରାଣୀଙ୍କ ହୋଇଲେ ସହିତ,
ନନ୍ଦ-ଦାରା ହେଉଥିବ ସ୍ୱାମୀଙ୍କ ଦୁଃଖିତ । ୮୩ ।
ମୁଗ୍ଧ-ବଧୂ ମୁଗ୍ଧ ହେବ ହୋଇ ଶତ ଗୁଣ,
ବଢ଼ି ଯାଉଥିବ ତୁମ୍ଭ ସକଳ ସଦ୍‌ଗୁଣ । ୮୪ ।
ଆଜଣିକ ମହାରାଣୀ କରିବ ପ୍ରଦାନ,
ଅଶେଷ ରତନ ଧନ କ୍ଷୌମ ବସ୍ତ୍ରମାନ । ୮୫ ।
ସିଦ୍ଧ-କାମ ହେବେ ଭକ୍ତି ଅର୍ଥୀ ସମୁଦୟ,
ମୋ ମାନସ ଇଚ୍ଛା ଏକ ହୋଇଛି ଉଦୟ । ୮୬ ।
ଏ ଶୁଭ ଉତ୍ସବେ ନାଥ, ନ ହେବ କୃପଣ,
ଦୟା-ରତ୍ନମୟ-ଦାନ-ବାରିଧି ଆପଣ । ୮୭ ।
ମୁଁ କିଏ, ତା, କହିବାରେ ନୁହେଁ ଆବଶ୍ୟକ,
ସଦା ତୁମ୍ଭେ ତାପସଙ୍କ ଅଶାନ୍ତି-ନାଶକ । ୮୮ ।
ତାପସଙ୍କୁ କଷ୍ଟ ତୁମ୍ଭ ନ ଥାଏ ଅଦେୟ,
ମୁହିଁ ତପସ୍ୱିନୀ ମୋତେ ନ କରିବ ହେୟ ! ୮୯ ।

---

୮୦ । ବିବୁଧ—ପଣ୍ଡିତ ।
୮୨ । କାତରେ—ଅତ୍ୟନ୍ତ ଭୟରେ, କାନ୍ତାରେ—ଦୁର୍ଗମ ପଥ, ନିବେଦନ—ପ୍ରାର୍ଥନା ।
୮୩ । ଦୁଃଖିତ—ଦୁଃଖୀ ।
୮୫ । କ୍ଷୌମ—ପଟ୍ଟବସ୍ତ୍ର ।
୮୬ । ଅର୍ଥୀ—ପ୍ରାର୍ଥୀ ।

ସେ ଦେଖାଇଛୁ ଆଜି ତୁମ୍ଭ ଅଙ୍କର ସ୍ୱଜନ,
ଇନ୍ଦ୍ରିୟରେ ଦେଖିଥିବ ଜଗତର ଜନ । ୯୦ ।
ପୂର୍ବେ ସେମାନ୍ତ କରିଥିଲେ କେଉଁ ଘୋର ତପ,
କେଉଁଠାରେ କେତେକାଳ କେଉଁ ମନ୍ତ୍ର ଜପ । ୯୧ ।

ଏହା ମାତ୍ର ପ୍ରଶ୍ନ, ମୋତେ ଦେବଟି ଜଣାଇ,
ଅନ୍ୟ କିଛି ଧନେ ମୋର ପ୍ରୟୋଜନ ନାହିଁ । ୯୨ ।

କୋଟି ଅଶ୍ୱମେଧେ ଯେତେ ଧନ ହୁଏ ଦାନ,
ତହିଁରୁ ଅଧିକ ତାହା ହେବ ମୋର ଜ୍ଞାନ । ୯୩ ।

ଆଉ ଏକ କଥା ମାତ୍ର ଅଛି ଅନୁରୋଧ,
ଦୁଃଖିନର ପୁତ୍ର ପୁଣ ଅତ୍ୟନ୍ତ ଅବୋଧ । ୯୪ ।
ନାହିଁ ତାଙ୍କ ପିତୃ-କୋଳ ଆଶ୍ଳେଷଣ ସ୍ପର୍ଶ,
ନ ଜାଣନ୍ତି ଜନ୍ମଦାତୃ ପିତୃ-ଅନୁରାଗ । ୯୫ ।

ଜାଣିଛନ୍ତି ଜନନୀର ଜୀବନ କଟାଇ,
ଶୀର୍ଣ୍ଣ-ଚର୍ମ୍ମ-ହସ୍ତକାରେ ସମାଦ୍ରଣ ଖାଇ । ୯୬ ।
କିଏ ନ କାନ୍ଦିବ କହ ମାନବ-ହୃଦୟ ?
ଚହ୍ନିଭାବସ୍ଥ ଯାହିଁ ଦୁଃଖନ୍ତ ଅସହ୍ୟ । ୯୭ ।

ତୁମ୍ଭର ଚରଣେ ଏବେ ଦେଖାଇ ବିମୋହିତ,
ଯାଉଛନ୍ତି ଶିଶୁ ଦୁଇ ମହର୍ଷି ସହିତ । ୯୮ ।

କରିବାକୁ ତୁମ୍ଭ ପଦ-ପଙ୍କଜ ଦର୍ଶନ,
ମନ ତାଙ୍କ କେତେଅଛି କରି ଆକର୍ଷଣ । ୯୯ ।

ଶୁଣାଇବେ ତୁମ୍ଭ ଗତ ଦୁଃଖର କାହାଣୀ,
ଯା' ଶୁଣିଲେ ଦୁଃଖିମାନ ହୃଦ ହୁଏ ପାଣି । ୧୦୦ ।
ନ ଶୁଣିଲେ ତହିଁ ପ୍ରତି ଧାଇଁଥାଏ ମନ,
ନ ପୁଛଇ କିଛି ତାର ଔତ୍ସୁକ୍ୟ-ଦମନ । ୧୦୧ ।

---

୧୦୧ । ଔତ୍ସୁକ୍ୟ—ଆଗ୍ରହ ।

ଧୀରବର, ସେ କଥାକୁ ଦେଇ ତୁମ୍ଭ ଶ୍ରୁତି,
ଶୁଣିବ ଯଦ୍ୟପି ଧନ୍ୟା ବୈଦେହୀର ସ୍ତୁତି । ୧୦୨ ।

ବୈଦେହୀର ପ୍ରଶସ୍ତିକୁ ମଣିବ ସ୍ୱପନ,
ଶୁଣି ନବ ସୁଯୋଗ-ପ୍ରଫୁଲ୍ଲ-ନୟନ । ୧୦୩ ।

ଲେଖୁଥାନ୍ତି ଯଶ ସତ୍ତ୍ୱ ହୃଦସ୍ଥ ବଲ୍କଳେ,
ଯଶ ଧୌତ ହେଉଥାଏ ନୟନର ଜଳେ । ୧୦୪ ।

ଆଉ କି ଲେଖିବ ବୋଲି ଝୁରୁଥିଲେ ବସି,
ଆସିଗଲେ କୁଶ ଲବ ମୁଦେ ଖୁସି ଖୁସି । ୧୦୫ ।

ବୋଇଲେ, "ଗୋ ମାତଃ, ଧନ୍ୟ ଧନ୍ୟ ରଘୁପତି,
ଧନ୍ୟ ତାଙ୍କ ପ୍ରଣୟିନୀ ଦଶା ସର୍ବଗତି । ୧୦୬ ।

ଅଶ୍ୱମେଧ କରୁଛନ୍ତି କୌଶଲ୍ୟା-ନନ୍ଦନ,
ଦୂତ ଏକ ଆସିଅଛି ଧରି ନିମନ୍ତ୍ରଣ । ୧୦୭ ।

ଦୂତକୁ ପଚାରି ଯାହା ହେଲୁ ଅବଗତ,
ରାମଚନ୍ଦ୍ର ଯୋଗୁଁ ଆଜି ଧନ୍ୟ ଏ ଜଗତ । ୧୦୮ ।

ଜନ-ଅପବାଦ ରାମ କରିଲେ ବିଭଞ୍ଜନ,
ପ୍ରାଣ-ପ୍ରଣୟିନୀ ସୀତା କରି ବିସର୍ଜନ । ୧୦୯ ।

ଅଶ୍ୱମେଧ-ଯଜ୍ଞେ ସହଧର୍ମିଣୀ ସକାଶେ,
କାଞ୍ଚନୀ ଜାନକୀ ରାମ ରଖିଛନ୍ତି ପାଶେ । ୧୧୦ ।

ଥିଲା କି କଳଙ୍କ, ତାଙ୍କୁ ଦୟିତା ଦୁର୍ଲଭ ?
ଅନ୍ୟ ଜାୟା ନ ଇଚ୍ଛିଲେ ଜାନକୀ-ବଲ୍ଲଭ । ୧୧୧ ।

---

୧୦୯ । ବିଭଞ୍ଜନ—ଭଙ୍ଗ ।
୧୧୦ । କାଞ୍ଚନୀ—ସ୍ୱର୍ଣ୍ଣମୟୀ ।
୧୧୧ । ଦୟିତା—ସ୍ତ୍ରୀ, ଜାୟା—ସ୍ତ୍ରୀ ।

କାହିଁ ଗଲେ ଜାନକୀ ମା ନ ଶୁଣେ ସାଦରେ ?
ନ ପାଇଲୁଁ କାହିଁ ଦେଖି କଥା ସୁମାସ୍ତରେ । ୧୧୨ ।
ପିଲୁଁ ମା, ଦେଖିବୁ ରାମ କମଳ-ପୟର,
ସଙ୍ଗେ ନେବ ବୋଲି କହୁଛନ୍ତି ମୁନିବର । ୧୧୩ ।
କୁମରଙ୍କ ବାଣୀ-ସୁଧା-ସାଗର-ଲହରୀ,
ସନ୍ତ-ଜୀବନକୁ ଦେଲା ଆନନ୍ଦିତ କରି । ୧୧୪ ।
ହୃଦ ହୋଇଥିଲା ଯେତେ ତପ୍ତ ବାଲିମୟ,
ପ୍ଲାବିଦେଲା ରାମ-ପ୍ରୀତି-ପୟୋଦର ପୟ । ୧୧୫ ।
ମନେ ମନେ ବୋଇଲେ, 'ହା ! ମୁଁ ଶରଣାଗିଣ,
କେତେଥିଲି ଘୃଣା ପ୍ରଭୁ-ହୃଦୟ-ଭାଗିନୀ । ୧୧୬ ।
ମୁଁ ପିନା ଅବଳା ଅତି ଦୁର୍ବଳ ହୃଦୟା !,
ଅନନ୍ତ ଅଗାଧ ମୋର ପ୍ରଭୁଙ୍କର ଦୟା ! ୧୧୭ ।
ଅପରାଧ କ୍ଷମ ନାଥ, କ୍ଷମାର ସାଗର,
ବାନ୍ଧି ନେଲ ମୋତେ ତୁମ୍ଭ ହୃଦୟର ଗର । ୧୧୮ ।
ବୋଇଲେ ଲୁଚାଇ ପଛ ପ୍ରକାଶି ଭରତ,
'ଯାଅ ବତ୍ସେ ! ଦେଖି-ରାଜ-ପୟର-ଶୋଭସ । ୧୧୯ ।
କହୁଥିଲେ ତାତ, କଣ୍ଠ କରିବ ସଙ୍ଗୀତ,
ସୁଖେବ ଅଟଇ ତା' ତ ଶୀଘ୍ର-ସନ୍ନିତ । ୧୨୦ ।
ଶୁଣୋନବୁ ଯଜ୍ଞ-ବେଦୀ ହୋଇ ସୁଧା-ସ୍ରୋତ,
ହୃଦୟେ ହୃଦୟେ ହୋଇଯିବ ଓତପ୍ରୋତଃ । ୧୨୧ ।
ଡାକିଲେ ସୁଚନ୍ଦ ଯିବ ତାଙ୍କ ସନ୍ନିଧାନେ,
କଳାବ ଚରଣେ ଭକ୍ତିପୂର୍ଣ୍ଣ ପ୍ରଣିଧାନେ । ୧୨୨ ।

---

୧୧୫ । ପୟୋଦର—ମେଘ, ପୟ—ଜଳ ।

୧୧୮ । ଗର—ବିଷ ।

୧୨୦ । ସନ୍ନିତ—ସମାନ ।

୧୨୧ । ଓତପ୍ରୋତଃ—ସମ୍ପୂର୍ଣ୍ଣ ବ୍ୟାପ୍ତ ।

୧୨୨ । ସନ୍ନିଧାନେ—ନିକଟକୁ, ପ୍ରଣିଧାନ—ନମସ୍କାର ।

ଦେଖିବ ଭକ୍ତିରେ ତାଙ୍କ ଅବଭୃଥସ୍ନାନ,
ତାଙ୍କ ପଦେ ଶୁଣିବ ଦେଶାଇ ବଚନ । ୧୨୩ ।

ରାଜମାତାଙ୍କର ପୂତ-ଚରଣ କମଳ,—
ରଜନୀରେ ସେବି ପ୍ରାଣ କରିବ ସଫଳ । ୧୨୪ ।

ଜାନକୀ-ଭଗିନୀ ତିନି ଥିବେ ତାଙ୍କ ପାଶେ,
ବନ୍ଦିବ ଚରଣ ତାଙ୍କ ଜାନକୀ ବିଶ୍ୱାସେ । ୧୨୫ ।

ସସ୍ନେହେ ଦେଖି ସେତେବେ କାନ୍ଦିଲେ ନନ୍ଦନ,
ଖୁସିରେ ବୋଲିବ 'ଅମ୍ଭେ ତପସ୍ୱିନୀ-ଧନ । ୧୨୬ ।

କୁମାରଙ୍କୁ ତୁଷ୍ଟ କଲା ମାତାଙ୍କ ବଚନ,
ନବ କୌତୂହଳେ ତାଙ୍କ ପୂର୍ଣ୍ଣ ହେଲା ମନ । ୧୨୭ ।

ଦେଖିଲେ ଶୀଘ୍ରେ ଆଉ ନ ହେଲା ଅନ୍ତର ।
ଦୁହେଁ ନିତ୍ୟ ହେଲେ ରାମ-ପ୍ରଶଂସା-ସାଦର । ୧୨୮ ।

ରାମ-କଥା କୁହାକୁହି କରି ପରସ୍ପର,
ନେତ୍ର-ଅଶ୍ରୁପ୍ଲୁତ ହେଲେ ଉଭୟ ସୋଦର । ୧୨୯ ।

ଜାନକୀ-ଜୀବନ ପଦ-ଭକ୍ତି-ରସ-ଉତ୍ସେ,
ଖୋଲୁଥାଏ, ଛୁଟୁଥାଏ ଅବିଶ୍ରାନ୍ତେ ଅବଶେ । ୧୩୦ ।

କୋଟିଲେ ଲେଖିବାକୁ ତାକୁ ଜିହ୍ୱାର ଶକତି
ନ ହେବାରୁ ଜଣାଇଲେ ଯୋଗମାୟା ଗତି । ୧୩୧ ।

ବୋଇଲା, 'ଦେଖ ଦେଖ, ଆଜି ଜାନକୀ ଜୀବନ,
କରନ୍ତି ମାନବ-ହୃଦ-ସୀମାକୁ ଲଙ୍ଘନ । ୧୩୨ ।

---

୧୨୩ । ଅବଭୃଥ—ଯଜ୍ଞସ୍ନାତା ।
୧୨୯ । ଅଶ୍ରୁପ୍ଲୁତ—କନ୍ଦନ; ସୋଦର—ଭାଇ ।
୧୩୦ । ଉତ୍ସ—ସ୍ରୋତ, ଅବିଶ୍ରାନ୍ତି— ଅହର୍ନିଶ ।

ବାର ବର୍ଷ ହେଲା ଶଯ୍ୟା ପ୍ଲାବି ନେତ୍ରନୀରେ,
ଥରେ ହେଲେ ଆସୁଥିଲୁ ମୋ କୋଳକୁ ଧୀରେ । ୧୩୩ ।

ଆଜି ଯେତେବେ ସୁମଧୁରେ କରୁଛୁ ଆହ୍ୱାନ,
ନ ଶୁଣି କରୁଛୁ ସ୍ୱର୍ଗ ରାଜ୍ୟକୁ ପ୍ରୟାଣ । ୧୩୪ ।

ନନ୍ଦନ-ସୁଷମା ତା'ର ସେ ହେବ ଭ୍ରମର,
ଏହୁକ୍ଷଣି ହୋଇଯିବେ ନୟନୁ ଅନ୍ତର । ୧୩୫ ।

ଦଶ ଦିଗ ହେବ ତାକୁ ଅନ୍ଧକାରମୟ,
ଏ ଜୀବନେ ନାହିଁ ତା'ର ସୁଖ ସୂର୍ଯ୍ୟୋଦୟ । ୧୩୬ ।

ପୁତ୍ର-ପ୍ରାଣା ହୋଇ ତାର ହେଲା ଦେହେ ଝାଳ,
ଦେଖୁ ତ ଦୁର୍ଦ୍ଦିନା କର ଅଦୃଷ୍ଟ ଜଞ୍ଜାଳ । ୧୩୭ ।

ପ୍ରାଣ-ଅଳିବାଳେ ନେତ୍ର-ଜଳ କରି ଦାନ
ଅଞ୍ଜଳି ଲଭିଲୁ ଯତ୍ନ-ରକ୍ଷିତ-ଉଦ୍ୟାନ । ୧୩୮ ।

ନ ଫୁଟିଲୁ ଫୁଲ ତହିଁ ନ ଫଳିଲୁ ଫଳ ,
ଶସ୍ତ ତ ଜୀବନ ଦେବ କି ପୋଡ଼ି ବିକଳ । ୧୩୯ ।

ଶୋକମାତ୍ରା ଆଜ୍ଞାଦେଲେ, 'ଶୁଣ ଲୋ ସଜନୀ,
ଶେଷ ହୋଇ ଆସିଲାଣି ଶୀତଳା-ରଜନୀ । ୧୪୦ ।

ଏବେ ଯାଇଁ ଦେବେ ତୁହେଁ ପତି-ସନ୍ନିକଟ,
କରିଦେବୁ ତା, ଅଦୃଷ୍ଟ ରହସ୍ୟ- ପ୍ରକଟ । ୧୪୧ ।

କହି ଏହା ଶୋକମାତ୍ରା ଉଠିଲେ ସତ୍ୱରେ,
ପଶିଲେ କାନନ-ପର୍ଣ୍ଣ-କୁଟୀର-ଭିତରେ । ୧୪୨ ।

---

୧୩୮ । ଉଦ୍ୟାନ—ଉପବନ ।

୧୪୧ । ପ୍ରକଟ—ପ୍ରକାଶ କରିଦେବା ।

'ସ୍ୱର୍ଗୀୟ-କୋଳରେ ହେଲା ଆନନ ଉଚ୍ଛଳ
ସ୍ୱର୍ଗୀୟ ସୌରଭେ ପୂର୍ଣ୍ଣ ହେଲା ମହୀତଳ । ୧୪୩ ।

ସୌରଭେ ଜାନକୀ-ପ୍ରାଣ ହେଲା ପୁଲକିତ,
ପ୍ରଭୁ ପ୍ରଣୟରେ ହେଲା ଦେହ ଉନ୍ମୀଳିତ । ୧୪୪ ।

ଦେଖିଲା ଜାନକୀ ହୋଇଛନ୍ତି କୋଶଳେଶ୍ୱରୀ,
ତାଙ୍କ କୋଳ ଅଲଙ୍କୃତ କରୁଅଛି ମଣି । ୧୪୫ ।

କୋଶଳେଶ୍ୱର ରାମଚନ୍ଦ୍ର ରତ୍ନ ସିଂହାସନେ,
ବସିଛନ୍ତି ତାଙ୍କ ଦେବ ପ୍ରସନ୍ନ ଆନନେ । ୧୪୬ ।

ରାମଚନ୍ଦ୍ର-କୋଳେ କୁଶ, ସୀତାକୋଳେ ଲବ,
ଛତ୍ର ଧରି ପାଶେ ଭାଇ ଊର୍ମିଳା-ବଲ୍ଲଭ । ୧୪୭ ।

ଚନ୍ଦ୍ରମା-ଧବଳ-ଶୁଭ୍ର-ଚାମର ଚାଳନ,
କରନ୍ତି ଭରତ କରି ସ୍ୱଧର୍ମ-ପାଳନ । ୧୪୮ ।

ଶିଖଣ୍ଡି-ଶିଖଣ୍ଡ-ଜାଲେ ରଚିତ ବ୍ୟଜନ,
କରେ ଧରି ଶତ୍ରୁଘ୍ନ କରନ୍ତି ବ୍ୟଜନ । ୧୪୯ ।

ସଭିଙ୍କ ଜୀବନ-କୋଳ ଗଣନୀୟ-ମୁଖରେ,
ସ୍ତୋତ୍ରପାଠ ସ୍ତୋତ୍ରଗୀତ ବହୁଛି ପ୍ରବାହରେ । ୧୫୦ ।

କୋଟି କୋଟି ନର-ନାରୀ ମହାହର୍ଷ-ଜନ,
ନଭି ଦେଖ ଯତନେ ସ୍ତୋତ୍ରେ କରୁଛନ୍ତି ସ୍ନାନ । ୧୫୧ ।

---

୧୪୬ । ଆନନ—ମୁଖ ।
୧୪୭ । ଊର୍ମିଳା—ବଲ୍ଲଭ—ଲକ୍ଷ୍ମଣ ।
୧୪୮ । ଚାମର—ଚଅଁର ।
୧୪୯ । ଶିଖଣ୍ଡି—ମୟୂର, ବ୍ୟଜନ—ପଙ୍ଖା ବଣ୍ଡା ।

ଘୁଞ୍ଚିଛି ସୁଦୂର-ଦାନ-ପିଣ୍ଡ ପଡ଼ ଧାରେ,
ଦେଖନ୍ତୁ ଦେବ ଭଣି ଭଜ ଅକାର ପ୍ରସାର । ୧୫୨ ।
ଉପରୁ ଅମରଗଣ ବିଦ୍ୟାଧରଗଣ,
କରୁଥାନ୍ତି ମନୋହର କୁସୁମ-ବର୍ଷଣ । ୧୫୩ ।
ଅମର ଅସୁର ନାଗ ନର ଅପସରା,
'ଜୟ ସୀତା-ରାମ' ନାଦେ ପୁରାଇଲେ ଧରା । ୧୫୪ ।
ଘରେ ପରେ ପ୍ରାଣେ ପ୍ରାଣେ ନଗରେ ନଗରେ,
ବନ-ନାଦେ ଗିରି-ଘୋଡ଼-କନ୍ଦରେ ଉଦରେ । ୧୫୫ ।
ରଜନୀ ବାସରେ ସନ୍ଧ୍ୟା ପ୍ରଭାତ ସମୟେ,
ଦୁଃଖେ ସୁଖେ ଧନୀ ଧନ-ହୀନର ହୃଦୟେ । ୧୫୬ ।
ଉଚ୍ଚାରିତ ହେଉଥିଲା 'ଜୟ ସୀତା ରାମ',
ଶୁଣି ମୁଗ୍ଧ ହେଲେ ସର୍ବ-ଲୋକ-ଲଲାମ । ୧୫୭ ।

* ସମାପ୍ତ *

---

୧୫୨ । ପ୍ରସାର—ବିସ୍ତାରିତ ।
୧୫୫ । ଉଦରେ—ପର୍ବତର ଗୁହା ବା ଖୋଲ ।
୧୫୭ । ଲଲାମ - ଶ୍ରେଷ୍ଠ ।


ଉତ୍କଳ ଲକ୍ଷ୍ମୀ
ଗଙ୍ଗାଧର ମେହେର